

ପ୍ରିୟଙ୍କାଙ୍କ ସର୍ଭ

▶ପୃଷ୍ଠା-୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-221 •FRIDAY •6 FEBRUARY 2026 •PAGE-12 •₹ 7.00 | SAMBALPUR | •ବର୍ଷ-୪୩ •ସଂଖ୍ୟା-୨୨୧ •ଶୁକ୍ରବାର •୬ ଫେବୃଆରୀ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦


# କୋଇଲା ଖଣିରେ ବିସ୍ଫୋରଣ; ୧୬ ଶ୍ରମିକ ମୃତ

■ ଶିଲଂ, ୫।୨ (ଏଜେନ୍ସି): ମେଘାଳୟର ଏକ କୋଇଲା ଖଣିରେ ଆଜି ସକାଳେ ଶକ୍ତିଶାଳୀ ବିସ୍ଫୋରଣ ଘଟିଛି। ବେଆଇନ ଭାବେ ଚାଲିଥିବା ଏହି ଖଣି ଭିତରେ ବିସ୍ଫୋରଣ ଯୋଗୁଁ ୧୬ ଜଣ ଶ୍ରମିକ ପ୍ରାଣ ହରାଇଛନ୍ତି। ଜଣେ ଗୁରୁତର ଶ୍ରମିକଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଖଣି ଭିତରେ ଏବେ ବି ଅନେକ ଶ୍ରମିକ ଫସି ରହିଥିବା କୁହାଯାଉଛି। ସେମାନଙ୍କୁ ଉଦ୍ଧାର କରିବା ଲାଗି ୧୨ ଘଣ୍ଟା ଧରି ସ୍ୱତନ୍ତ୍ର ଅଭିଯାନ ଚାଲିଛି।

ମେଘାଳୟର ପୂର୍ବ ଜୈନ୍ତିଆ ହିଲ୍ସ ଜିଲ୍ଲାରେ ଏହି ବିସ୍ଫୋରଣ ଘଟିଛି। ଖଣି ବେଆଇନ ଭାବେ ଚାଲିଥିବାରୁ ଏହା ଭିତରେ କେତେ ଶ୍ରମିକ ଥିଲେ, ତାହା ଜାଣିବା କଷ୍ଟକର ବୋଲି କହିଛନ୍ତି ଜଣେ ବରିଷ୍ଠ ପୁଲିସ ଅଧିକାରୀ। ସେ କହିଛନ୍ତି

**ଖଣି ଭିତରେ ଏବେ ବି ଫସିଛନ୍ତି ଅନେକ ଶ୍ରମିକ**

ଯେ କୋଇଲା ଖୋଳିବା ସମୟରେ ଖଣି ଭିତରେ ଶକ୍ତିଶାଳୀ ବିସ୍ଫୋରଣ ହୋଇଥିବାର ଖବର ମିଳିଛି। ତେବେ ପ୍ରକୃତ କାରଣ ତଦନ୍ତ ପରେ ହିଁ ଜଣାପଡ଼ିବ। ବିସ୍ଫୋରଣ ଖବର ମିଳିବା ପରେ ପୁଲିସ ଟିମ୍ ଘଟଣା ସ୍ଥଳରେ ପହଞ୍ଚିଥିଲା। ବର୍ତ୍ତମାନ ସୁଦ୍ଧା ଖଣି ଭିତରୁ ୧୬ ଜଣ ଶ୍ରମିକଙ୍କ ଶବ ଉଦ୍ଧାର କରାଯାଇଛି। ଖଣି ଭିତରେ ଆଉ କେତେ ଶ୍ରମିକ ଅଛନ୍ତି, ତାହା ଜଣାପଡ଼ିନାହିଁ। ଉଦ୍ଧାର କାର୍ଯ୍ୟ ଶେଷ ହେବା ପରେ ଶ୍ରମିକମାନଙ୍କର ପ୍ରକୃତ ସଂଖ୍ୟା ଜଣାପଡ଼ିବ। ଅନେକ ଶ୍ରମିକ ଖଣି ଭିତରେ ପୋତି ହୋଇ ରହିଥିବା ଆଶଙ୍କା କରାଯାଉଛି। ମୃତକଙ୍କ ମଧ୍ୟରୁ ସମସ୍ତ ଶ୍ରମିକ ଆସାମର ବୋଲି କୁହାଯାଇଛି। ଯଦିଓ ପ୍ରଶାସନ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବେ କୌଣସି ସୂଚନା ଦେଇନାହାନ୍ତି। ପୁଲିସ ସମେତ ଏସ୍‌ଡିଆରଏଫ୍, ଫରେନସିକ ଟିମ୍ ଓ ବୋମା ନିଷ୍କ୍ରିୟକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଛି। ▶ପୃଷ୍ଠା-୭



### ରାଜ୍ୟସଭାରେ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ପ୍ରସ୍ତାବ ଗୃହୀତ

# ମୋଦୀଙ୍କ ନିଶାଣରେ କଂଗ୍ରେସ

## ରାଜ୍ୟସଭାରେ ବିରୋଧୀଙ୍କ କକ୍ଷତ୍ୟାଗ, ଲୋକସଭା ଅଚଳ

■ ନୂଆଦିଲ୍ଲୀ, ୫।୨ (ଏଜେନ୍ସି): ଲୋକସଭା ଆଜି ମଧ୍ୟ ଅଚଳ ରହିଥିବା ବେଳେ ରାଜ୍ୟସଭାରେ ରାଷ୍ଟ୍ରପତିଙ୍କ ଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଗୃହୀତ ହୋଇଛି। ଧନ୍ୟବାଦ ପ୍ରସ୍ତାବ ଆଲୋଚନାର ଆଜି ରାଜ୍ୟସଭାରେ ଉତ୍ତର ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଲୋକସଭାରେ ବିରୋଧୀ ଦଳ ଧନ୍ୟବାଦ ପ୍ରସ୍ତାବ ଆଲୋଚନା କରାଇ ଦେଉନଥିବାରୁ ଏହା ରାଷ୍ଟ୍ରପତିଙ୍କ ପ୍ରତି ଅପମାନ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ। ସେ ବିଭିନ୍ନ ପ୍ରସଙ୍ଗରେ ତାଙ୍କର ଉତ୍ତର ରଖିବା ସହିତ ବିରୋଧୀ ଦଳ ଓ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କର ତୀବ୍ର ସମାଲୋଚନା କରିଛନ୍ତି। ହଟ୍ଟଗୋଳ ଯୋଗୁଁ ଗତକାଲି ଲୋକସଭାରେ ଉତ୍ତର

**ରାଷ୍ଟ୍ରପତିଙ୍କୁ ଅପମାନିତ କରାଯାଇଛି: ପ୍ରଧାନମନ୍ତ୍ରୀ**

**ପ୍ରଧାନମନ୍ତ୍ରୀଙ୍କ ବିରୋଧରେ 'ଅଦୃଶ୍ୟ କାଣ୍ଡ' ପାଇଁ ଯୋଜନା କରିଥିଲେ କଂଗ୍ରେସ ସାଂସଦ: ବାଚସ୍ପତି**

ରଖିପାରିନଥିବା ପ୍ରଧାନମନ୍ତ୍ରୀ ଆଜି ରାଜ୍ୟସଭାରେ ଉତ୍ତର ରଖିଥିଲେ। ସେ କହିଥିଲେ ଯେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଲୋକସଭାରେ ଆଲୋଚନା ହୋଇପାରୁନାହିଁ। ବିରୋଧୀଙ୍କୁ ଏଥିପାଇଁ ସମାଲୋଚନା କରି ସେ କହିଲେ ଯେ ଏହା ରାଷ୍ଟ୍ରପତିଙ୍କ ପ୍ରତି ଅମପାନ। ମୁଖ୍ୟ ବିରୋଧୀ ଦଳ କଂଗ୍ରେସକୁ ସମାଲୋଚନା କରି ସେ କହିଲେ ଯେ ଏହି ଦଳ କେବଳ ପ୍ରକଳ୍ପରେ ବିଶ୍ୱାସ କରେ, ଏହାର ରୂପାୟନ କିପରି ହେବ, ସେଥିନେଇ ଟିକିଏ ହେଲେ ଚିନ୍ତା ନାହିଁ। ନେହେରୁ ହୁଅନ୍ତି କି ଇନ୍ଦିରା ଏପରିକି ସମଗ୍ର କଂଗ୍ରେସ ସାଧାରଣ ନାଗରିକଙ୍କୁ ସମସ୍ୟା ବୋଲି ଭାବୁଛନ୍ତି। ସେମାନେ କେବଳ ନିଜ ପରିବାରର ସ୍ୱାର୍ଥ ସେବାରେ ଲାଗିପଡିଛନ୍ତି। ପ୍ରଧାନମନ୍ତ୍ରୀ ଉତ୍ତର ରଖୁଥିବା ବେଳେ ବିରୋଧୀ ଦଳ ବିଭିନ୍ନ ସ୍ଲୋଗାନ ଦେଇ ୱାକ୍ ଆଉଟ୍ କରିଥିଲେ। ତେବେ ପ୍ରଧାନମନ୍ତ୍ରୀ ତାଙ୍କର ଭାଷଣ ଜାରି ରଖି କହିଥିଲେ ଯେ ଦେଶରେ ମୁଦ୍ରାସ୍ଫୀତି ହ୍ରାସ ପାଇଛି ଏବଂ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ▶ପୃଷ୍ଠା-୭

# ବଦଳିବ ୭ ଜିଲ୍ଲା, ୨୪ ସ୍ଥାନର ଇଂରାଜୀ ବନାନ

## 'ଖୋର୍ଦ୍ଧା' ବଦଳରେ ହେବ 'ଖୋରଧା'

■ ଭୁବନେଶ୍ୱର, ୫।୨ (ସମିସ): ରାଜ୍ୟର ବିଭିନ୍ନ ଜିଲ୍ଲା ଓ ସ୍ଥାନର ନାମ ଶୁଦ୍ଧିକରଣ କରିବେ ରାଜ୍ୟ ସରକାର। ଏବେ ଅନେକ ଜିଲ୍ଲାର ନାମ ଇଂରାଜୀ ବନାନ ଓ ଓଡ଼ିଆ ଉଚ୍ଚାରଣରେ ପାର୍ଥକ୍ୟ ରହିଛି। ଏହାକୁ ସଂଶୋଧନ କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ଏହି କ୍ରମରେ ଓଡ଼ିଶାର ୭ ଜିଲ୍ଲାର ଇଂରାଜୀ ନାମର ଉଚ୍ଚାରଣ ସମେତ ୧୧ ଜିଲ୍ଲାର ୨୪ଟି ସ୍ଥାନର ଇଂରାଜୀ ନାଁରେ ସଂଶୋଧନ କରିବାକୁ ରାଜସ୍ୱ ବିଭାଗ ପଦକ୍ଷେପ ନେଇଛି।

୧୧ ଜିଲ୍ଲା ମଧ୍ୟରୁ ୭ଟି ଜିଲ୍ଲା ଓ କିଛି ଉପବିଭାଗ, ବ୍ଲକ, ତହସିଲ ଏବଂ ପୌରପାଳିକାର ମୂଳ ଓଡ଼ିଆ ନାମଗୁଡ଼ିକୁ ସଠିକ କରିବା ପାଇଁ ଓଡ଼ିଶା ସରକାର ନିଷ୍ପତ୍ତି ନେଇଛନ୍ତି। ରାଜସ୍ୱ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଓଡ଼ିଆ ନାଁ ଅନୁସାରେ ସ୍ଥାନଗୁଡ଼ିକର ଇଂରାଜୀ ନାମ ମଧ୍ୟ ସମାନ ରହିବ। ଏହି ଆଧାରରେ ଖୋର୍ଦ୍ଧା ଜିଲ୍ଲାକୁ ଓଡ଼ିଆ ନାମ ଅନୁସାରେ ଖୋରଧା ଲେଖାଯିବ। ଏହାସହିତ

**'ଡ଼' ପାଇଁ ବ୍ୟବହୃତ 'ଆର୍' ଉଚ୍ଛେଦ ହେବ**

**ଆପତ୍ତି ଅଭିଯୋଗ ପାଇଁ ୧୫ ଦିନ ସମୟ**

ଦେବଗଡ଼ ଜିଲ୍ଲାକୁ ଆଉ ଇଂରାଜୀରେ ଦେଓଗଡ଼ ଲେଖି ଦେବଗଡ଼ ଲେଖାଯିବ। ସେହିପରି କେନ୍ଦ୍ରାପଡ଼ା, ନୟାଗଡ଼, ମହାକାଳପଡ଼ା, କେନ୍ଦୁଝର ଆଦିର ଇଂରାଜୀ ବନାନ ପରିବର୍ତ୍ତନ ହେବ। ଅନୁରୂପ ଭାବରେ ଦେବଗଡ଼, କନ୍ଧମାଳ, ଅନୁଗୋଳ, କଟକ, ସମ୍ବଲପୁର, ବାଲେଶ୍ୱର ଏବଂ ମାଲକାନଗିରିର ଇଂରାଜୀ ବନାନ ବଦଳିବ। ଏହାସହିତ କନ୍ଧମାଳ ଜିଲ୍ଲାର ଖଣ୍ଡମାଳ ତହସିଲ, ଖୋର୍ଦ୍ଧା ଜିଲ୍ଲାର ବୋଲଗଡ଼, ବାଣପୁର, ଜଟଣୀ, ଅନୁଗୋଳ ଜିଲ୍ଲାର ଦୁଇଟି ସବଡିଭିଜନ ଅନୁଗୋଳ ଓ ପାଲଲହଡ଼ା, କଟକ ଜିଲ୍ଲାର ଆଠଗଡ଼ ସବଡିଭିଜନ, ବ୍ଲକ ଓ ତହସିଲ, ସାଲେପୁର ବ୍ଲକ ଓ ତହସିଲ, ବଡମ୍ବା ବ୍ଲକ, ବାଲେଶ୍ୱର ଜିଲ୍ଲାର ନୀଳଗିରି ସବଡିଭିଜନ, କେନ୍ଦ୍ରାପଡ଼ା ଜିଲ୍ଲାର ଆଳି ତହସିଲ, କେନ୍ଦୁଝର ଜିଲ୍ଲାର ବଡ଼ବିଲ ତହସିଲ ଓ କେନ୍ଦୁଝରଗଡ଼ ମ୍ୟୁନିସିପାଲିଟି, ସମ୍ବଲପୁର ଜିଲ୍ଲାର ରେଢାଖୋଲ ତହସିଲ, ନୟାଗଡ଼ ଜିଲ୍ଲାର ଦଶପଲ୍ଲାର ଇଂରାଜୀ ବନାନରେ ପରିବର୍ତ୍ତନ କରାଯିବ ବୋଲି ପ୍ରସ୍ତାବ ▶ପୃଷ୍ଠା-୭

### ଆଇଏଏସ୍ ସ୍ତରରେ ବଡ଼ଧରଣର ଅଦଳବଦଳ

# ଇସ୍ପାତ ଓ ଖଣି ବିଭାଗରୁ ହଟିଲେ ସୁରେନ୍ଦ୍ର କୁମାର, ଦେଓରଞ୍ଜନଙ୍କୁ ମିଳିଲା ଦାୟିତ୍ୱ

■ ଭୁବନେଶ୍ୱର, ୫।୨ (ସମିସ): ରାଜ୍ୟ ସରକାର ବୁଧବାର ଆଇଏଏସ ସ୍ତରରେ ଏକ ବଡ଼ ଧରଣର ଅଦଳବଦଳ କରିଛନ୍ତି। ମୋଟ ୨୧ ଜଣ ବରିଷ୍ଠ ତଥା କନିଷ୍ଠ ଆଇଏଏସଙ୍କୁ ନୂଆ ଦାୟିତ୍ୱ ପ୍ରଦାନ କରାଯାଇଛି। ଏ ସଂପର୍କରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଅନୁଯାୟୀ ଉନ୍ନୟନ କମିଶନର ତଥା ଯୋଜନା ଓ ସଂଯୋଜନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ୧୯୯୩ ବ୍ୟାଚ୍ ଆଇଏଏସ୍ ଦେଓରଞ୍ଜନ କୁମାର ସିଂଙ୍କୁ ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି। ସେହିପରି ୧୯୯୩ ବ୍ୟାଚ୍ ଆଇଏଏସ୍ ସୁରେନ୍ଦ୍ର କୁମାରଙ୍କଠାରୁ ଇସ୍ପାତ ଓ ଖଣି ବିଭାଗ ଏବଂ ଓଏମସି ଅଧ୍ୟକ୍ଷ ଦାୟିତ୍ୱ କାଢ଼ି ନିଆଯାଇ କେବଳ

**ବିଷ୍ଣୁପଦ ସେଠୀ ହେଲେ ଓଡ଼ିଶା ବନ ଉନ୍ନୟନ ନିଗମର ଅଧ୍ୟକ୍ଷ**

**ହାତରୁ ଗଲା କୃଷି, ଅରବିନ୍ଦ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ**

**ଦିଲ୍ଲୀରୁ ଫେରି ମୃଣାଳିନୀ ହେଲେ ମହିଳା ଓ ଶିଶୁ ବିକାଶ ବିଭାଗ ସଚିବ**

ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଭାବେ ଦାୟିତ୍ୱ ଦିଆଯାଇଛି। ଏହାସହ ସେ ଅତିରିକ୍ତ ଭାବେ ସଂସଦୀୟ ବ୍ୟାପାର ବିଭାଗ ଦାୟିତ୍ୱ ତୁଲାଇବେ। ୧୯୯୫ ବ୍ୟାଚ୍ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କୁ ଓଡ଼ିଶା ବନ ଉନ୍ନୟନ ନିଗମର ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଛି। ସେହିପରି ସେ ଅତିରିକ୍ତ ଭାବେ କେବିକେ ପ୍ରଶାସକ ଦାୟିତ୍ୱ ମଧ୍ୟ ତୁଲାଇବେ। ୧୯୯୫ ବ୍ୟାଚ୍ ଆଇଏଏସ୍ ଚିତ୍ରା ଅରୁମୁଗମ୍‌ଙ୍କୁ ଶ୍ରମ ଓ ଇଏସଆଇ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଦାୟିତ୍ୱ ସହ ଅତିରିକ୍ତ ଭାବେ ବିଜ୍ଞାନ ଓ କାରିଗର କୌଶଳ ବିଭାଗ ଏବଂ ଭୁବନେଶ୍ୱରସ୍ଥିତ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ମହାନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ▶ପୃଷ୍ଠା-୭

# ନିଜକୁ ଗୁଳି କରିଦେଲେ କନ୍‌ଷ୍ଟେବଲ



■ ନୟାଗଡ଼,୫।୨(ସମିସ): ଜଣେ କନଷ୍ଟେବଲ ନିଜକୁ ଗୁଳି କରି ଆତ୍ମହତ୍ୟା କରିଛନ୍ତି। ନୟାଗଡ଼ ପୁଲିସ ବାରାକରେ ଏହି ଅଘଟଣ ଘଟିଛି। ମୃତକ ହେଲେ, ଓଡ଼ଗାଁ ଥାନା ବେରୁହାଁବାରୀ ଗ୍ରାମର ସୁନୀଲ ସେଠୀ। ସୁନୀଲ ଦୁଇ ବର୍ଷ ହେଲା ପୁଲିସ ଚାକିରି କରିଥିଲେ। ଏସପି ଅଫିସ୍ ନିକଟ ରିଜର୍ଭ ବାରାକ୍‌ରେ ରହୁଥିଲେ। ସେ ବହୁଚର୍ଚ୍ଚିତ ନୟାଗଡ଼ ପରୀ ହତ୍ୟାକାଣ୍ଡ ମାମଲାରେ ପରୀଙ୍କ ବାପା ଅଶୋକ

**ବାରାକ୍ ଛାତରୁ ମୃତଦେହ ଉଦ୍ଧାର**

ସାହୁଙ୍କ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ(ପିଏସଓ) ଭାବେ କାର୍ଯ୍ୟ କରୁଥିଲେ। ଗୁରୁବାର ସକାଳେ ସେ ରହୁଥିବା ବାରାକ୍‌ର ଛାତ ଉପରେ ଥିବା ପାଣିଟାଙ୍କି ପାଖରୁ ତାଙ୍କ ରକ୍ତଜୁଡ଼ୁବୁଡ଼ୁ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ନିକଟରେ ତାଙ୍କ ସର୍ଭିସ୍ ରିଭଲଭର୍ ମଧ୍ୟ ପଡ଼ିଥିଲା। ବନ୍ଧୁକରୁ ସୁନୀଲ୍ ନିଜ ମୁଣ୍ଡର ଡାହାଣ ପଟକୁ ଗୁଳି କରିଛନ୍ତି। ଗୁଳି ମୁଣ୍ଡର ବାମପଟେ ବାହାରି ଯାଇଛି।

ଗତ ଜାନୁଆରୀ ୨୫ ତାରିଖରେ ପ୍ରେମିକାଙ୍କ ସହ ସନୀଲଙ୍କ ନିର୍ବନ୍ଧ ହୋଇଥିଲା। କିଛି ଦିନ ପରେ ବାହାଘର ହୋଇଥା'ନ୍ତା। ▶ପୃଷ୍ଠା-୭

# ମହାନଦୀ ବିବାଦର ହେବ ଆପୋସ ବୁଝାମଣା !

## ସଂସଦରେ କେନ୍ଦ୍ର ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀଙ୍କ ଉତ୍ତରକୁ ନେଇ ପ୍ରଶ୍ନବାଚୀ

■ ଭୁବନେଶ୍ୱର, ୫।୨ (ସମିସ): ମହାନଦୀ ଜଳ ବିବାଦ ମାମମାଲରେ ଉଭୟ ଓଡ଼ିଶା ଏବଂ ଛତିଶଗଡ଼ ଆପୋସ ବୁଝାମଣା ଚାହାନ୍ତି। ଏନେଇ ଉଭୟ ରାଜ୍ୟ ଟ୍ରିବ୍ୟୁନାଲଙ୍କୁ ଅବଗତ କରିଛନ୍ତି ବୋଲି କେନ୍ଦ୍ର ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ରାଜ ଭୂଷଣ ଚୌଧୁରୀ ବୁଧବାର ଲୋକସଭାରେ ସୂଚନା ରଖିଛନ୍ତି। ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତଙ୍କ ପ୍ରଶ୍ନରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀଙ୍କ ଏହି ଉତ୍ତର ଏବେ ଓଡ଼ିଶାରେ ସନ୍ଦେହ ସୃଷ୍ଟି କରିଛି। ୪୯ଟି ଶୁଣାଣି ପରେ ବି ଟ୍ରିବ୍ୟୁନାଲ କୌଣସି ରିପୋର୍ଟ ଦାଖଲ ନ କରିବା, ଛତିଶଗଡ଼ ସରକାର ଉପଯୁକ୍ତ ସହଯୋଗ ନ କରିବା ଓ କୌଣସି ମଧ୍ୟବର୍ତ୍ତୀ ନିର୍ଦ୍ଦେଶ ଜାରି ନ ହେବା ମହାନଦୀ ବିବାଦକୁ ଅଧିକ ଜଟିଳ କରିଛି।

**୪୯ଟି ଶୁଣାଣି ପରେ ବି କୌଣସି ରିପୋର୍ଟ ଦାଖଲ କରିନାହାନ୍ତି ଟ୍ରିବ୍ୟୁନାଲ**

କେନ୍ଦ୍ର ମନ୍ତ୍ରୀ ସଂସଦରେ ରଖିଥିବା ତଥ୍ୟ ଅନୁସାରେ ମହାନଦୀ ବିବାଦର ସମାଧାନ ସହମତି ଭିତ୍ତିରେ କରିବା ନିମନ୍ତେ ଉଭୟ ଛତିଶଗଡ଼ ଓ ଓଡ଼ିଶା ରାଜି ହୋଇଛନ୍ତି। ଉଭୟ ରାଜ୍ୟ ଟ୍ରିବ୍ୟୁନାଲଙ୍କୁ ଏ ସଂକ୍ରାନ୍ତରେ ଅବଗତ କରାଇଛନ୍ତି। ଏଥିପାଇଁ ବିଭିନ୍ନ ସ୍ତରରେ ଆଲୋଚନା ଜାରି ରହିଛି। ଏବେ ସୁଦ୍ଧା ଟ୍ରିବ୍ୟୁନାଲ ୪୯ଟି ଶୁଣାଣି କରିଥିବା ବେଳେ ସାକ୍ଷ୍ୟ ଗ୍ରହଣ ପ୍ରକ୍ରିୟା ଏବେ ଜାରି ରହିଛି। ତେବେ ▶ପୃଷ୍ଠା-୭






# ଓଡ଼ିଶାରେ ବଢୁଛି ଡ୍ରପ୍‌ଆଉଟ୍ ହାର

## ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ ଶ୍ରେଣୀ ସବୁଠି ସଙ୍କଟଜନକ ସ୍ଥିତି

■ ଭୁବନେଶ୍ୱର, ୫।୨ (ସମିସ): ରାଜ୍ୟରେ ବଢୁଛି ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା। ପୂର୍ବ ସରକାର ସମୟ(୨୦୨୩-୨୪) ଶିକ୍ଷାବର୍ଷରେ ରାଜ୍ୟରେ ଡ୍ରପହାଉଟ ହାର ୧୨.୮୦ ପ୍ରତିଶତ ଥିବାବେଳେ ୨୦୨୪-୨୫ ଶିକ୍ଷାବର୍ଷରେ ଏହା ବୃଦ୍ଧି ପାଇ ୧୪.୯୬ ପ୍ରତିଶତରେ ପହଞ୍ଚିଛି। ବିଡ଼ମ୍ବନା ହେଉଛି ରାଜ୍ୟର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ସହ ଉପକୂଳ ଓଡ଼ିଶାରେ ମଧ୍ୟ ଡ୍ରପଆଉଟ ସଂଖ୍ୟା ବୃଦ୍ଧି ପାଇଛି। ବିଶେଷକରି ମାଧ୍ୟମିକ ଶ୍ରେଣୀରେ ଛାତ୍ରଛାତ୍ରୀମାନେ ଅଧିକ ସଂଖ୍ୟାରେ ପାଠ ଛାଡୁଥିବା ଦେଖାଯାଉଛି। ସରକାରଙ୍କ ମଧ୍ୟାହ୍ନ ଭୋଜନ, ହାତଧୁଆ ଆଦି କାର୍ଯ୍ୟକ୍ରମ ପିଲାମାନଙ୍କୁ ସ୍କୁଲମୁହାଁ କରିପାରୁ ନାହିଁ। ବିଶେଷକରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ

**୨୦୨୩-୨୪ରେ ୧୨.୮ ପ୍ରତିଶତ, ୨୦୨୪-୨୫ରେ ୧୪.୯୬ ପ୍ରତିଶତ**

**ବୌଦ୍ଧରେ ୨୩.୮୨%, ଭଦ୍ରକରେ ୨୧.୮୫%, ମାଲକାନଗିରିରେ ୨୧.୪୭%**

**ନବରଙ୍ଗପୁରରେ ମାଧ୍ୟମିକ ପାଠ ଛାଡ଼ିଛନ୍ତି ସର୍ବାଧିକ ୨୯.୭୫ ପ୍ରତିଶତ ଛାତ୍ରଛାତ୍ରୀ**

ପିଲାଙ୍କ ପାଇଁ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ବୃତ୍ତି ପ୍ରଦାନରେ ଟାଳଟୁଳ ନୀତିର ପ୍ରଭାବ ପିଲାଙ୍କ ଉପରେ ପଡ଼ିଥିବା ଅଭିଯୋଗ ହୋଇଛି। ଖୋଦ୍ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ରକୁ ସଂସଦରେ ପ୍ରଦାନ କରିଛନ୍ତି।

ଓଡ଼ିଶାରେ ଡ୍ରପଆଉଟ୍ ସଂକ୍ରାନ୍ତରେ ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଚୌଧୁରୀ ପ୍ରଦାନ କରିଥିବା ତଥ୍ୟ ଅତ୍ୟନ୍ତ ଉଦ୍‌ବେଗଜନକ। କେବଳ ମାଧ୍ୟମିକ ବା ଉଚ୍ଚପ୍ରାଥମିକ ଶ୍ରେଣୀ ନୁହେଁ; ପ୍ରାଥମିକ ଶ୍ରେଣୀରେ ଡ୍ରପଆଉଟ ସଂଖ୍ୟା ନାମମାତ୍ର ରହିଥିଲା। ୨୦୨୩-୨୪ ଶିକ୍ଷାବର୍ଷରେ ରାଜ୍ୟର ୧୪ଟି ଜିଲ୍ଲାର ପ୍ରାଥମିକ ବିଦ୍ୟାଳୟରେ ଡ୍ରପଆଉଟ ଅନୁପାତ ଥିଲା ଶୂନ। ଅନ୍ୟ ୯ଟି ଜିଲ୍ଲାରେ ଏହି ସଂଖ୍ୟା ୧ ପ୍ରତିଶତରୁ କମ୍ ରହିଥିଲା ଓ ଅବଶିଷ୍ଟ ଜିଲ୍ଲାର ବିଦ୍ୟାଳୟରେ ଏହି ଅନୁପାତ ୧%ରୁ ୨% ମଧ୍ୟରେ ସୀମିତ ରହିଥିଲା। ମାତ୍ର ୨୦୨୪-୨୫ ଶିକ୍ଷାବର୍ଷରେ ରାଜ୍ୟର ସବୁ ଜିଲ୍ଲାର ପ୍ରାଥମିକ ବିଦ୍ୟାଳୟରେ ଡ୍ରପ୍‌ଆଉଟ ସଂଖ୍ୟା ବୃଦ୍ଧି ପାଇଛି। ▶ପୃଷ୍ଠା-୭



# ଦେଶ ବିଦେଶ





## ଟ୍ରମ୍ପଙ୍କୁ ହତ୍ୟା ଉଦ୍ୟମ କରିଥିବା ବ୍ୟକ୍ତିଙ୍କୁ ଆଜୀବନ ଜେଲ

ୱାଶିଂଟନ, ୫ ।୨(ଏଜେନ୍ସି): ଆମେରିକାର ଫ୍ଲୋରାଡ଼ାରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ହତ୍ୟା କରିବାକୁ ଉଦ୍ୟମ କରିଥିବା ବ୍ୟକ୍ତି ରୟାନ ରାଉଥ୍ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଫେଡେରାଲ କୋର୍ଟ ତାଙ୍କୁ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ବୁଧବାର କୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି । ଏହି ଘଟଣା ୨୦୨୪ ସେପ୍ଟେମ୍ବର ୧୫ରେ ଘଟିଥିଲା । ସେତେବେଳେ ଟ୍ରମ୍ପ ନିର୍ବାଚନ ପ୍ରଚାର କରୁଥିଲେ । ରାଉଥ ଏକ ଏକେ-୪୭ ଶୈଳୀର ରାଇଫଲ ଓ ଏକ ବଡ଼ି ଆର୍ମର ସହ ଟ୍ରମ୍ପଙ୍କ ଗଲ୍ କୋର୍ସ ନିକଟସ୍ଥ ଏକ ବୁଦା ପଛରେ ଲୁଚି ରହିଥିଲା । ରାଇଫଲର ନଳୀ ଓ ରାଉଥଙ୍କ ମୁହଁ ଦେଖାଯିବା ପରେ ଜଣେ ସୁରକ୍ଷାକର୍ମୀ ଗୁଳି କରିଥିଲେ । ସେଠାରୁ ଫେରାର ହୋଇଥିଲେ ମଧ୍ୟ ପୁଲିସ ତାଙ୍କ ଗାଡ଼ିର ନମ୍ବର ପ୍ଲେଟ ସାହାଯ୍ୟରେ ତାଙ୍କୁ ଗିରଫ କରିଥିଲା । ଏବେ ଆଜୀବନ କରାଦଣ୍ଡ ସହିତ ରାଉଥ ଅସ୍ତ୍ରଶସ୍ତ୍ର ରଖିବା ପାଇଁ ୮୪ ମାସ, ଜଣେ ଅଧିକାରୀଙ୍କୁ ଆକ୍ରମଣ କରିବା ପାଇଁ ୨୪୦ ମାସ, ପୂର୍ବରୁ ଅପରାଧୀ ହୋଇଥିଲେ ମଧ୍ୟ ଅସ୍ତ୍ର ରଖିଥିବାରୁ ୧୮ ମାସ ଓ ସିରିଏଲ ନମ୍ବର ଲିଭାଯାଇଥିବା ଅସ୍ତ୍ର ରଖିଥିବାରୁ ୬୦ ମାସ ଜେଲ ଭୋଗିବେ ବୋଲି କୋର୍ଟ କହିଛି ।

## ୭ ଲକ୍ଷ ସେଓ ଗଛ ପାଇଁ ୩ ରେଳ ପ୍ରକଳ୍ପ ସ୍ଥଗିତ

ଶ୍ରୀନଗର, ୫ ।୨(ଏଜେନ୍ସି): ରେଳ ମନ୍ତ୍ରଣାଳୟ ଜମ୍ମୁ-କଶ୍ମୀରରେ ପ୍ରସ୍ତାବିତ ୩ଟି ରେଳ ପ୍ରକଳ୍ପ ବର୍ତ୍ତମାନ ପାଇଁ ରୋକି ଦେଇଛି । ୨୦୨୩ ଡିସେମ୍ବରରେ ରେଳବାଇ କଶ୍ମୀରର ୩ଟି ରେଳ ଲାଇନ୍‌ର ସର୍ଭେ ପାଇଁ ମଞ୍ଜୁରୀ ପାଇଥିଲା । ସେଗୁଡ଼ିକ ହେଲା ସୋପୋର- କୁପୱାଡ଼ା (୩୩.୭ କିମି), ଅବନ୍ତୀପୋରା-ଶୋପିଆନ (୨୭.୬ କିମି) ଓ ଅନନ୍ତନାଗ- ବିଜବେହାରା-ପହଲଗାମ (୭୭.୫ କିମି) । ସ୍ଥାନୀୟ ବାସିନ୍ଦା ଓ ରାଜ୍ୟ ସରକାରଙ୍କ ଆପତ୍ତି ପରେ ଏହି ସର୍ଭେ କାର୍ଯ୍ୟ ବନ୍ଦ କରାଯାଇଛି । ଏହି ୩ଟି ରେଳ ଲାଇନ୍ ଉପତ୍ୟାକାର ପ୍ରମୁଖ କୃଷି ଉଦ୍ୟାନ ଶୋପିଆନ, ପୁଲୱାମା ଓ ଅନନ୍ତନାଗ ଦେଇ ଯାଇଥାନ୍ତା । ଏହି ୩ ରେଳ ଟ୍ରାକ୍ ନିର୍ମାଣ ହୋଇଥିଲେ, ୭ ଲକ୍ଷରୁ ଅଧିକ ସେଓ ଗଛ ନଷ୍ଟ ହୋଇଥାନ୍ତା । ଚାଷ ଜମିର କ୍ଷତି କାରଣରୁ ହଜାର ହଜାର ପରିବାର ଜୀବିକା ହରାଇବାର ସଙ୍କଟ ସୃଷ୍ଟି ହୋଇଥିଲା । ସେଥିପାଇଁ କୃଷକମାନେ ମଧ୍ୟ ଏହି ପ୍ରକଳ୍ପକୁ ତୀବ୍ର ବିରୋଧ କରିଥିଲେ । କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ, ଜମ୍ମୁ-କଶ୍ମୀର ସରକାର ଓ ସାଂସଦମାନଙ୍କ ସୁପାରିସ ପରେ ଏହି ୩ଟି ପ୍ରକଳ୍ପକୁ ସ୍ଥଗିତ ରଖାଯାଇଛି ।

## ହ୍ୱିଲ୍ ଚେୟାରରେ ବସି ସଂସଦକୁ ଆସିଲେ ଥରୁର୍



ନୂଆଦିଲ୍ଲୀ, ୫ ।୨(ଏଜେନ୍ସି): ସାଂସଦ ତଥା ବରିଷ୍ଠ କଂଗ୍ରେସ ନେତା ଶଶି ଥରୁରଙ୍କ ପାଇଁ ଖରାପ ସମୟ ଚାଲିଛି । ତାଙ୍କ ପୁଅ ଇଶାନଙ୍କୁ 'ୱାଶିଂଟନ ପୋଷ୍ଟ'ରୁ ଚାକିରିରୁ ବାହର କରି ଦିଆଯାଇଥିବା ବେଳେ ବୁଧବାର ସନ୍ଧ୍ୟାରେ ସଂସଦ ସିଡ଼ିରେ ତଳକୁ ଓହ୍ଲାଇବା ବେଳେ ସେ ପଡ଼ିଯାଇଥିଲେ ଓ ତାଙ୍କ ଗୋଡ଼ ଭାଙ୍ଗିଯାଇଥିଲା । ଫଳରେ ସେ ହ୍ୱିଲ ଚେୟାରରେ ବସି ଗୁରୁବାର ସଂସଦକୁ ଆସିଥିଲେ । ପାହାଚରେ ଓହ୍ଲାଉଥିବା ବେଳେ ସେ ଫୋନ୍‌ରେ କଥା ହେଉଥିଲେ ଓ ଗୋଡ଼ ଖସି ଯାଇଥିଲା ଓ ସେ ପଡ଼ି ଯାଇଥିଲେ । ତେବେ ସେ ନିଜର ସଂସଦୀୟ କାର୍ଯ୍ୟ ଓ କେରଳ ବିଧାନସଭା ନିର୍ବାଚନରେ ପ୍ରଚାର ଜାରି ରଖିବେ ବୋଲି କହିଛନ୍ତି । ସାମ୍ବାଦିକଙ୍କ ସହ କଥା ହେବା ବେଳେ ସେ କହିଛନ୍ତି ଯେ, ମୁଁ ମୋର କାମ ଜାରି ରଖିବି । କିନ୍ତୁ ବଜେଟ ସେସନର ଅବଶିଷ୍ଟ ସମୟ ପାଇଁ ମୋତେ ହୁଇଲ ଚେୟାରରେ ଆସିବାକୁ ପଡ଼ିବ । ସୂଚନାଯୋଗ୍ୟ ଯେ, ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଫେବୃଆରୀ ୧୩ରେ ଶେଷ ହେବ । ସୁସ୍ଥ ହେବାକୁ ତାଙ୍କୁ ୪ରୁ ୬ ସପ୍ତାହ ସମୟ ଲାଗିବ । ଥରୁର କେରଳର ତିରୁଅନନ୍ତପୁରମର କଂଗ୍ରେସର ସାଂସଦ ଅଛନ୍ତି । ତାଙ୍କ ଡାହାଣ ଗୋଡ଼ରେ ହେଆରଲାଇନ ଫ୍ରାକ୍‌ଚର ହୋଇଛି ଓ ପ୍ଲାଷ୍ଟର ହୋଇଛି ବୋଲି ଜଣାପଡ଼ିଛି ।

## ପୁଲିସ ହାଜତରେ ଅଲ୍ ଫଲ୍‌ହା ଅଧ୍ୟକ୍ଷ

ଫରିଦାବାଦ୍, ୫ ।୨(ଏଜେନ୍ସି): ଫରିଦାବାଦ୍‌ସ୍ଥିତ ଅଲ ଫଲ୍‌ହା ବିଶ୍ୱ ବିଦ୍ୟାଳୟର ଚେୟାରମ୍ୟାନ ତଥା ଅଧ୍ୟକ୍ଷ ଜୱାଦ ଅହମ୍ମଦ ସିଦ୍ଦିକିଙ୍କୁ ଦିଲ୍ଲୀ ପୁଲିସର କ୍ରାଇମ ବ୍ରାଞ୍ଚ୍ ଗୁରୁବାର ଗିରଫ କରିଛି । ଗିରଫଦାରୀ ପରେ ତାଙ୍କୁ ତୁରନ୍ତ କୋର୍ଟରେ ହାଜର କରାଯାଇଥିଲା । କୋର୍ଟ ସିଦ୍ଦିକିଙ୍କୁ ୪ ଦିନିଆ ପୁଲିସ ହେପାଜତକୁ ପଠାଇଛି । ୟୁଜିସି (ୟୁଜିସି) ପକ୍ଷରୁ ଦାୟର କରାଯାଇଥିବା ଦୁଇଟି ଏଫ୍‌ଆଇଆର୍ ଆଧାରରେ ପୁଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ବିଶ୍ୱବିଦ୍ୟାଳୟ ପରିଚାଳନାରେ ଅନିୟମିତତା ଓ ଜାଲିଆତି ଅଭିଯୋଗରେ ଏହି ମାମଲା ରୁଜୁ ହୋଇଥିଲା । ପୁଲିସ ତାଙ୍କୁ ପ୍ରଶାସନିକ କାର୍ଯ୍ୟ, ଆର୍ଥିକ କାରବାର ଓ ଅନ୍ୟାନ୍ୟ କାର୍ଯ୍ୟକଳାପ ସମ୍ପର୍କରେ ପଚରା ଉଚରା କରିଥିଲା । ପୂର୍ବରୁ ଏହି ବିଶ୍ୱ ବିଦ୍ୟାଳୟର କିଛି ଡାକ୍ତର ଆତଙ୍କବାଦୀ କାର୍ଯ୍ୟକଳାପ ଅଭିଯୋଗରେ ଗିରଫ ହେବା ପରେ ଏହି ବିଶ୍ୱ ବିଦ୍ୟାଳୟ ତଦନ୍ତ ପରିସରକୁ ଆସିଥିଲା । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମନି ଲଣ୍ଡରିଂ ମାମଲାରେ ସିଦ୍ଦିକି ଓ ଅନ୍ୟମାନଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି । ଏହି ମାମଲାରେ ପ୍ରାୟ ୫୪ ଏକର ଜମି ଓ ସେଥିରେ ନିର୍ମିତ ୧୩୯.୯୭ କୋଟି ଟଙ୍କାର ସମ୍ପତ୍ତିକୁ ମଧ୍ୟ ଇଡି ଜବତ କରିଛି । ଦିଲ୍ଲୀ ବିସ୍ଫୋରଣ ପରେ ୟୁଜିସି ପକ୍ଷରୁ ଦୁଇଟି ଏଫ୍‌ଆଇଆର ରୁଜୁ କରାଯାଇଥିଲା । ଏହି ଚାର୍ଜସିଟ୍‌ର ଶୁଣାଣି କରି ଦିଲ୍ଲୀର ସାକେତ କୋର୍ଟ ଜାନୁଆରୀ ୩୧ରେ ଗ୍ରୁପ୍‌ର ୫୪ ଏକର ଜମି ଜବତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଦିଲ୍ଲୀ ପୁଲିସର ଏକ ଟିମ ଅଲ- ଫଲହା ଗ୍ରୁପ୍‌ର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି ।

## ଶେଷ ହେଲା ରୁଷ-ଆମେରିକା ଚୁକ୍ତି

# ବିଶ୍ୱକୁ ଏବେ ପରମାଣୁ ବିପଦ

ନୂଆଦିଲ୍ଲୀ, ୫ ।୨(ଏଜେନ୍ସି): ବିଶ୍ୱର ଦୁଇ ମହାଶକ୍ତି ଆମେରିକା ଓ ରୁଷିଆ ମଧ୍ୟରେ ଏକମାତ୍ର ପରମାଣୁ ଚୁକ୍ତିର ଅବଧି ଆଜି ଶେଷ ହୋଇଛି । ଏହି ଚୁକ୍ତିର ନବୀକରଣ ପାଇଁ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏବଂ ରୁଷ ରାଷ୍ଟ୍ରପତି ପୁଟିନ ରାଜି ହେଉ ନଥିବାରୁ ବିଶ୍ୱ ପ୍ରତି ପୁଣି ପରମାଣୁ ବିପଦ ଦେଖାଦେଇଛି । ଚୁକ୍ତିର ନବୀକରଣ ନହେଲେ ସେମାନଙ୍କ ମଧ୍ୟରେ ପରମାଣୁ ଅସ୍ତ୍ର ନିର୍ମାଣ ପ୍ରତିଯୋଗିତା ପୁଣି ଆରମ୍ଭ ହୋଇଯିବ । ୟୁକ୍ରେନରେ ରୁଷିଆର ଆକ୍ରମଣ ଏବଂ ଅନ୍ୟ ଦେଶଗୁଡ଼ିକୁ ଆମେରିକାର ନାଲି ଆଖି ଯୋଗୁଁ ପରମାଣୁ ଯୁଦ୍ଧ ଆଶଙ୍କା ସୃଷ୍ଟି ହୋଇପାରେ । ଏଭଳି ଆଶଙ୍କା ଭିତରେ ଏବେ ପ୍ରଶ୍ନ ଉଠିଲାଣି ବିଶ୍ୱ କଣ ଆଉ ଏକ ସଙ୍କଟ ଭିତରକୁ ଚାଲିଯିବ କି?

ଆମେରିକା ଓ ରୁଷିଆ ମଧ୍ୟରେ ପରମାଣୁ ଅସ୍ତ୍ର ନିୟନ୍ତ୍ରଣ ଚୁକ୍ତି ଅବଧି ଶେଷ ହେବା ସହିତ ପରମାଣୁ ଅସ୍ତ୍ର ମୁତୟନ ଉପରେ କଣକଣା ମଧ୍ୟ ହଟିଯିବ । ଏହା ଦୁଇ ମହାଶକ୍ତି ମଧ୍ୟରେ ଏକ ଅନିୟନ୍ତ୍ରିତ ପରମାଣୁ ଅସ୍ତ୍ର ଦୌଡ଼ ଆଶଙ୍କା ବଢ଼ାଇ ଦେଇଛି । ୟୁକ୍ରେନ ଯୁଦ୍ଧକୁ ନେଇ ଚାଲିଥିବା ତିକ୍ତତା ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏହି ଚୁକ୍ତିର ଅବଧିକୁ ବଢ଼ାଇବାକୁ ଅନିଚ୍ଛା ପ୍ରକାଶ କରିବା ଏବେ ଚିନ୍ତାର ବିଷୟ ହୋଇଛି ।

ବିଶ୍ୱର ୮୭ ପ୍ରତିଶତ ପରମାଣୁ ଅସ୍ତ୍ର କେବଳ ଆମେରିକା ଓ ରୁଷିଆ ପାଖରେ ରହିଛି । 'ନ୍ୟୁ ଷ୍ଟାର୍ଟ' ନାମରେ ପରିଚିତ ଏହି ରଣନୈତିକ ଅସ୍ତ୍ର କମାଇବା ଚୁକ୍ତି ୨୦୧୦ରେ ଏହା ନବୀକରଣ ହେବା ସହ ସ୍ୱାକ୍ଷରିତ ହୋଇଥିଲା । ଏହି ଚୁକ୍ତି କେବଳ ଅସ୍ତ୍ର ସଂଖ୍ୟା ସୀମିତ ରଖିନଥିଲା, ବରଂ ଏହା ଯାଞ୍ଚ ପାଇଁ ବ୍ୟବସ୍ଥା ରଖିଥିଲା । ଏହି ଚୁକ୍ତିର ନିୟମ ଅନୁସାରେ, ଉଭୟ ଦେଶ ନିଜର ରଣନୈତିକ ପରମାଣୁ ଶକ୍ତିର ଗତିବିଧି ସୂଚନା ପରସ୍ପରକୁ ପ୍ରଦାନ କରୁଥିଲେ । ୨୦୨୧ରେ ସେତେବେଳର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କ ଦ୍ୱାରା ଏହି ଚୁକ୍ତିର ଅବଧି ଆଉ ୫ ବର୍ଷ ପାଇଁ ବୃଦ୍ଧି କରାଯାଇଥିଲା । ସେତେବେଳେ ଉଭୟ ଦେଶର ପରମାଣୁ ଅସ୍ତ୍ର ସଂଖ୍ୟା




ଚାଲିବ ମହାଶକ୍ତିଙ୍କ ପରମାଣୁ ପ୍ରତିଯୋଗିତା

୧,୫୫୦ରେ ସୀମିତ ଥିଲା । ବର୍ତ୍ତମାନ ଏହି ଚୁକ୍ତି ଶେଷ ହେବା ପରେ ଆମେରିକା ଓ ରୁଷ ନିଜ ଇଚ୍ଛା ଅନୁସାରେ ପରମାଣୁ ଅସ୍ତ୍ର ଓ ମିସାଇଲ୍ ତିଆରି କରିବାକୁ ସ୍ୱାଧୀନ । ଏହି ଚୁକ୍ତିର ଅବସାନ ପରେ ଭୟାବହ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି । ସାରା ବିଶ୍ୱରେ ପରମାଣୁ ଅସ୍ତ୍ର ଉପରେ କୌଣସି ସୀମା ରହିବ ନାହିଁ । ସରଳ ଭାଷାରେ କହିବାକୁ ଗଲେ ଆମେରିକା ଓ ରୁଷିଆ ଏବେ ନିଜ ଇଚ୍ଛା ଅନୁସାରେ ପରମାଣୁ ଅସ୍ତ୍ର ତିଆରି କରିବେ ଓ ଏହା ଉପରେ ଲଗାମ ରହିବ ନାହିଁ ।

ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ, 'ଯଦି ଏହା ଶେଷ ହେଉଛି, ତେବେ ହେଉ' । ଅନ୍ୟପଟେ ରୁଷ୍ କହିଛି ଯେ, ସେମାନେ ଆଉ ଏହି ସୀମା ମାନିବାକୁ ବାଧ୍ୟ ନୁହନ୍ତି । ଯେକୌଣସି ନୂତନ ଚୁକ୍ତିରେ ଚୀନ୍‌କୁ ସାମିଲ କରାଯାଉ ବୋଲି ଆମେରିକା ଚାହୁଁଛି । ଚୀନର ପରମାଣୁ ଅସ୍ତ୍ର ସଂଖ୍ୟା ପ୍ରାୟ ୬୦୦ ବୋଲି ଅନୁମାନ କରାଯାଉଛି । ଏହା ଭାରତ ପାଇଁ ମଧ୍ୟ ଚିନ୍ତା ସୃଷ୍ଟି କରୁଛି । କାରଣ ଚୀନ୍ ସହିତ ଭାରତର ସୀମା ବିବାଦ ରହିଛି ଓ ଏଥିପାଇଁ ଏକାଧିକ ବାର ଦୁଇ ଦେଶର ସୈନ୍ୟ ମୁହାଁମୁହିଁ ହୋଇଛନ୍ତି । ଏହି ଚୁକ୍ତି ଅବଧି ଶେଷ ହେବା ଯୋଗୁଁ ସାରା ବିଶ୍ୱ ଉପରେ ପ୍ରଭାବ ପକାଇବ ଓ ଏହାର ପ୍ରାସଙ୍ଗିକତା ମଧ୍ୟ ରହିବ । ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରେସ ଚେତାବନୀ ଦେଇଛନ୍ତି ଯେ, ବର୍ତ୍ତମାନ ଓ ଆଗାମୀ ଦଶନ୍ଧିରେ ପରମାଣୁ ଅସ୍ତ୍ର ବ୍ୟବହାରର ବିପଦ ସବୁଠାରୁ ଅଧିକ ରହିଛି । ଏହା ୧୯୭୦ରେ ପରମାଣୁ ଅସ୍ତ୍ର ଚୁକ୍ତିକୁ ମଧ୍ୟ ଦୁର୍ବଳ କରିଦେବ । ଯଦି ବଡ଼ ଦେଶଗୁଡ଼ିକ ଅସ୍ତ୍ର ବଢ଼ାଇବେ, ତେବେ ଅଣ- ପରମାଣୁ ରାଷ୍ଟ୍ରଗୁଡ଼ିକ ମଧ୍ୟ ନିଜକୁ ସୁରକ୍ଷିତ ରଖିବା ପାଇଁ ପରମାଣୁ ଅସ୍ତ୍ର ହାସଲ କରିବାକୁ ପ୍ରୟାସ କରିବେ । ଭାଟିକାନ୍ ସିଟିର ପୋପ୍ ମଧ୍ୟ କହିଛନ୍ତି ଯେ, ଦୁଇ ଦେଶ ମଧ୍ୟରେ ପରମାଣୁ ଅସ୍ତ୍ରର ଦୌଡ଼କୁ ରୋକିବାକୁ ସବୁ ପ୍ରକାର ପ୍ରୟାସ କରାଯିବା ଉଚିତ । ଉଲ୍ଲେଖଥାଉ କି, ୨୦୧୦ରେ 'ନ୍ୟୁ ଷ୍ଟାର୍ଟ' ନାମରେ ପରିଚିତ ଏହି ରଣନୈତିକ ଅସ୍ତ୍ର କମାଇବା ଚୁକ୍ତି ସେତେବେଳର ଆମେରିକୀୟ ରାଷ୍ଟ୍ରପତି ବାରାକ ଓବାମା ଓ ରୁଷିଆର ରାଷ୍ଟ୍ରପତି ଦିମିତ୍ରି ମେଦଭେଦେଭଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଥିଲା ।

## ନିର୍ବାଚନ ସମୟରେ ମାଗଣା ଉପହାର ଘୋଷଣା ମାମଲାର ଶୁଣାଣି କରିବାକୁ ସୁପ୍ରିମ୍‌କୋର୍ଟ ରାଜି

ନୂଆଦିଲ୍ଲୀ, ୫ ।୨(ଏଜେନ୍ସି): ନିର୍ବାଚନ ସମୟରେ ବା ପୂର୍ବରୁ 'ଅଯୌକ୍ତିକ ମାଗଣା ଉପହାର' ପ୍ରତିଶ୍ରୁତି ଦେଉଥିବା କିମ୍ବା ବଣ୍ଟନ କରୁଥିବା ରାଜନୈତିକ ଦଳଗୁଡ଼ିକ ସମ୍ପର୍କରେ ସୁପ୍ରିମକୋର୍ଟ ଆସନ୍ତା ମାସରେ ଶୁଣାଣି କରିବେ । ଏଥିପାଇଁ ଦଳଗୁଡ଼ିକର ନିର୍ବାଚନ ସଙ୍କେତ ଜବତ କରିବା କିମ୍ବା ପଞ୍ଜୀକରଣ ବାତିଲ କରିବା ପାଇଁ ଦାୟର ହୋଇଥିବା ଏକ ଜନସ୍ୱାର୍ଥ୍ୟ ମାମଲ (ପିଆଇଏଲ୍)ର ଶୁଣାଣି ଆସନ୍ତା ମାର୍ଚ୍ଚରେ କରିବାକୁ ସୁପ୍ରିମକୋର୍ଟ ଗୁରୁବାର ସହମତି ପ୍ରକାଶ କରିଛନ୍ତି । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଓ ବିଚାରପତି ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବେ । ପିଆଇଏଲ୍ ଆବେଦକ ଅଶ୍ୱିନୀ ଉପାଧ୍ୟାୟ କହିଛନ୍ତି ଯେ, ନିର୍ବାଚନ ସମୟରେ ରାଜନୈତିକ ଦଳଗୁଡିକ ମତଦାତାଙ୍କୁ 'ସୂର୍ଯ୍ୟ ଓ ଚନ୍ଦ୍ର ଛଡ଼ା ବାକି ସବୁକିଛି' ଦେବାକୁ ପ୍ରତିଶ୍ରୁତି ଦେଉଛନ୍ତି । ଏହା ଏକ ଦୁର୍ନୀତିଗ୍ରସ୍ତ ଅଭ୍ୟାସ । ପୂର୍ବରୁ ଏହି ପ୍ରସଙ୍ଗକୁ ସୁପ୍ରିମକୋର୍ଟ ଗୁରୁତର ବୋଲି କହିଥିଲେ ଓ ମତ ଦେଇଥିଲେ ଯେ, କେତେକ କ୍ଷେତ୍ରରେ ମାଗଣା ଉପହାର ବା ଘୋଷଣାର ବଜେଟ୍ ନିୟମିତ ବଜେଟକୁ ମଧ୍ୟ ଟପି ଯାଉଛି । ଏହି ପିଆଇଏଲ୍ ପ୍ରଥମେ ୨୦୨୨ରେ ଦାୟର କରାଯାଇଥିଲା । ସେତେବେଳେ ତତ୍କାଳୀନ ପ୍ରଧାନ ବିଚାରପତି ଏନ୍‌ଭି ରମନ୍ନାଙ୍କ ନେତୃତ୍ୱରେ ଏକ ଖଣ୍ଡପୀଠ ଏହି ବିଷୟରେ କେନ୍ଦ୍ର ସରକାର ଓ ନିର୍ବାଚନ କମିସନଙ୍କଠାରୁ ଜବାବ ମାଗିଥିଲେ । ଏହି ପିଆଇଏଲ୍‌ରେ ମୁଖ୍ୟତଃ ୪ଟି ଦାବି ରହିଛି । ସେଗୁଡିକ ହେଲା ସର୍ବସାଧାରଣ ପାଣ୍ଠିରୁ ଅଯୌକ୍ତିକ ମାଗଣା ଉପହାର ପ୍ରତିଶ୍ରୁତି ଦ୍ୱାରା ଭୋଟର ପ୍ରଭାବିତ ହୁଅନ୍ତି ନିର୍ବାଚନର ସ୍ୱଚ୍ଛତା ନଷ୍ଟ ହୁଏ । ଏହା ମଧ୍ୟ ସମ୍ବିଧାନର ଧାରା ୧୪ ସମେତ ଅନେକ ଧାରାକୁ ଉଲ୍ଲଂଘନ କରୁଛି । ଏହାକୁ ରୋକିବା ପାଇଁ ଆଇନ ପ୍ରଣୟନ ହେଉ କିମ୍ବା ନିର୍ବାଚନ ନିୟମରେ ପରିବର୍ତ୍ତନ କରାଯାଉ । ନିର୍ବାଚନ ସର୍ତ୍ତରେ ଏକ ନୂଆ ନିୟମ ଯୋଡ଼ା ଯାଉ, ଯାହାଦ୍ୱାରା କୌଣସି ଦଳ ସରକାରୀ ପାଣ୍ଠିରୁ ମାଗଣା ସାମଗ୍ରୀ ବାଣ୍ଟିବାକୁ ପ୍ରତିଶ୍ରୁତି ଦେଇପାରିବେ ନାହିଁ ।



## ୮ ଜଣ ଭାରତୀୟ ନାବିକଙ୍କୁ ମୁକ୍ତ କଲା ଇରାନ

ତେହେରାନ, ୫ ।୨(ଏଜେନ୍ସି): ଗତବର୍ଷ ଇରାନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏକ ଜାହାଜ ଜବତ ହେବା ପରେ ଅଟକ ରଖାଯାଇଥିବା ୧୬ଜଣ ଭାରତୀୟ ନାବିକଙ୍କ ମଧ୍ୟରୁ ୮ ଜଣଙ୍କୁ ମୁକ୍ତ କରାଯାଇଛି । ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଏ ନେଇ ସୂଚନା ଦେଇଛି । ବାକି ନାବିକଙ୍କ ମୁକ୍ତି ପାଇଁ ପ୍ରୟାସ ଜାରି ରହିଛି ବୋଲି ମନ୍ତ୍ରଣାଳୟ ତରଫରୁ କୁହାଯାଇଛି । ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ବନ୍ଦର ଆବାସ ସ୍ଥିତ ଭାରତୀୟ ଦୂତାବାସ ଜରିଆରେ ସମସ୍ତ ୧୬ ଜଣ ନାବିକଙ୍କ ପାଖକୁ ପହଞ୍ଚିବା ପାଇଁ (କନସୁଲାର ଆକସେସ୍) ଅନୁମତି ମିଳିଥିଲା । ୧୬ ଜଣଙ୍କ ମଧ୍ୟରୁ ୮ ଜଣଙ୍କୁ ମୁକ୍ତ କରାଯାଇଛି ବୋଲି ଇରାନ କର୍ତ୍ତୃପକ୍ଷ ଜଣାଇଛନ୍ତି । ଆବଶ୍ୟକ ପ୍ରକ୍ରିୟା ଶେଷ ହେବା ପରେ ସେମାନେ ନିଜ ଘରକୁ ଫେରିବେ ବୋଲି ସେ କହିଛନ୍ତି । ବାକି ନାବିକଙ୍କୁ ମୁକ୍ତ କରିବାକୁ ତେହେରାନ ସହ ଯୋଗାଯୋଗ ରକ୍ଷା କରାଯାଇଛି । ଉଲ୍ଲେଖଥାଉ କି, ୨୦୨୫ ଡିସେମ୍ବର ମଧ୍ୟଭାଗରେ ଇରାନ 'ଏମ୍‌ଟି ଭାଲିଆଣ୍ଟ ରୋର୍' ନାମକ ଏକ ଜାହାଜକୁ ଅଟକ ରଖିବା ପରେ ନାବିକଙ୍କୁ ଗିରଫ କରିଥିଲା ।

## ଅହମଦାବାଦ୍‌ରେ ସିଲ୍‌ଭର୍ ଜୁବୁଲି ପାର୍ଟିରେ ଚଢ଼ଉ

ଅହମଦାବାଦ, ୫ ।୨(ଏଜେନ୍ସି): ଅହମଦାବାଦ୍‌ରେ ପୁଲିସ ସାନନ୍ଦ ଅଞ୍ଚଳରେ ଏକ ହାଇପ୍ରୋଫାଇଲ ସିଲଭର ଜୁବୁଲି ପାର୍ଟି (୨୫ତମ ବିବାହ ବାର୍ଷିକୀ ପାଳନ ଉତ୍ସବ)ରେ ଚଢ଼ାଉ କରିଛି । ଏହି ଉତ୍ସବ ବଡ଼ ବଡ଼ିଆ ଲୋକଙ୍କ ପାଇଁ ଶେଷରେ ଦୁଃସ୍ୱପ୍ନ ପାଲଟିଥିଲା । ଏହି ଉତ୍ସବ ଉପରେ ଚଢ଼ାଉ କରି ପୁଲିସ ୮୧ ଜଣଙ୍କୁ ଅଟକ ରଖିଛି । ଏମାନଙ୍କ ମଧ୍ୟରେ ସହରର ପ୍ରମୁଖ ବିଲ୍ଡର, ଡାକ୍ତର, ବିଶିଷ୍ଟ ବ୍ୟବସାୟୀ ସହ କେତେଜଣ ପ୍ରତିଷ୍ଠିତ ବ୍ୟକ୍ତି ସାମିଲ ଥିଲେ । 'ନିର୍ଭାନା ଗ୍ରୀନ୍ସ ଉଇକେଣ୍ଡ ହୋମ୍ସ'ରେ ଚାଲିଥିବା ଏହି ପାର୍ଟିରେ ବେଆଇନ ବିଦେଶୀ ମଦ ଓ ହୁକ୍କାର ବ୍ୟବସ୍ଥା କରାଯାଇଥିଲା । ପୁଲିସ ସେଠାରେ ପହଞ୍ଚିଲା ବେଳେ, ଭବ୍ୟ ଆୟୋଜନ ଦେଖିବାକୁ ପାଇଥିଲା, ଯେଉଁଠାରେ ଖାଦ୍ୟ ସହ ୧୧ଟି ଟେବଲରେ କେକ୍, ଦାମୀ ବିଦେଶୀ ମଦ ଓ ହୁକ୍କା ପରାଷା ଯାଉଥିଲା । ପୁଲିସକୁ ଦେଖି ପାର୍ଟିରେ

**ବିଦେଶୀ ମଦ, ହୁକ୍କା, ବିଳାସପୂର୍ଣ୍ଣ କାର୍ ଜବତ, ୮୧ ଅଟକ**

ଯୋଗ ଦେଇଥିବା ଲୋକଙ୍କ ମଧ୍ୟରେ ଛନକା ପଶିଯାଇଥିଲା । ଅଟକ ରଖାଯାଇଥିବା ବ୍ୟକ୍ତିମାନଙ୍କ ବୟସ ୩୫ରୁ ୪୫ ବର୍ଷ ମଧ୍ୟରେ । ପୁଲିସ ପାର୍ଟିରୁ ଅନେକ ବିଦେଶୀ ମଦ ବୋତଲ, ୧୦ରୁ ଅଧିକ ହୁକ୍କା ପାଇପ୍ ଓ ୨୦ରୁ ଅଧିକ ବିଳାସପୂର୍ଣ୍ଣ କାର୍ ଜବତ କରିଛି । ସାନନ୍ଦ ପୁଲିସ ଅନୁଯାୟୀ ଅଟକଥିବା ୮୧ ଜଣଙ୍କ ମଧ୍ୟରୁ ୪୩ ଜଣ ପୁରୁଷ ଓ ୩୮ ଜଣ ମହିଳା । ପୁରୁଷମାନଙ୍କୁ ହେପାଜତକୁ ନିଆଯାଇ ମେଡିକାଲ ଟେଷ୍ଟ ପାଇଁ ସରକାରୀ ଡାକ୍ତରଖାନକୁ ପଠାଯାଇଛି । ମହିଳାମାନଙ୍କୁ ଆଇନଗତ ନୋଟିସ ଦିଆଯାଇ ଛାଡ଼ି ଦିଆଯାଇଛି । ରାତିରେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପରିବାର ଲୋକଙ୍କ ଭିଡ଼ ଯୋଗୁଁ ଥାନା ନିକଟରେ ଉତ୍ତେଜନା ଦେଖାଦେଇଥିଲା । ଜବତ ହୋଇଥିବା ନିଷିଦ୍ଧ ସାମଗ୍ରୀ କେଉଁଠାରୁ ଆସିଲା ଓ ଏହାର ଆୟୋଜକ କିଏ ସେ ନେଇ ପୁଲିସ ତଦନ୍ତ କରୁଛି । ସାନନ୍ଦ ଅଞ୍ଚଳରେ ଏଭଳି ବେଆଇନ୍ ପାର୍ଟି ବିରୋଧରେ ପୁଲିସ କଠୋର ଆଭିମୁଖ୍ୟ ଗ୍ରହଣ କରିଛି । ପାର୍ଟିରେ ଯୋଗ ଦେଇଥିବା ଅତିଥିଙ୍କ ବିରୋଧରେ 'ପ୍ରୋହିବିସନ ଆକ୍ଟ' ଅନୁଯାୟୀ ମାମଲା ରୁଜୁ ପାଇଁ ପ୍ରସ୍ତୁତି ଚାଲିଛି ବୋଲି କୁହାଯାଇଛି ।

## ସ୍ତ୍ରୀର 'ହନିମୁନ୍' ଷଡ଼ଯନ୍ତ୍ର: 'ଗାଡ଼ି ଚଢ଼ାଇ' ସ୍ୱାମୀଙ୍କୁ ହତ୍ୟା

ଶ୍ରୀଗଙ୍ଗାନଗର, ୫ ।୨(ଏଜେନ୍ସି): ବହୁ ଚର୍ଚ୍ଚିତ ମେଘାଳୟ ହନିମୁନ ମର୍ଡର ପରେ ଆଉ ଏକ ସମାନ ଢଙ୍ଗରେ ଜଣେ ବ୍ୟକ୍ତିଙ୍କୁ ତାଙ୍କ ପତ୍ନୀ ଷଡଯନ୍ତ୍ର ପୂର୍ବକ ସୁଚିନ୍ତିତ ଭାବେ ହତ୍ୟା କରିଛନ୍ତି । ରାଜସ୍ଥାନର ଶ୍ରୀ ଗଙ୍ଗାନଗରରେ ଏହି ଘଟଣା ଘଟିଛି ଓ ଏହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ସ୍ଥାନୀୟ ଅଞ୍ଚଳର ନବବିବାହିତ ଦମ୍ପତି ଆଶିଷ ଓ ଅଞ୍ଜୁ ଶୁକ୍ରବାର ବୁଲିବାକୁ ବାହାରକୁ ଯାଇଥିଲେ । ଏହି ସମୟରେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ଆଶିଷ ମୃତ୍ୟୁବରଣ କରିଥିଲେ । ଏହାକୁ ପ୍ରଥମେ ଏକ ଦୁର୍ଘଟଣା ବୋଲି ବିବେଚନା କରାଯାଉଥିଲା । କିନ୍ତୁ ପୁଲିସର ତଦନ୍ତ ପରେ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି ଓ ମେଘାଳୟର ହନିମୁନ ହତ୍ୟାକାଣ୍ଡ ଘଟଣାକୁ ମନେ ପକାଇଦେଇଛି । ଯେଉଁଠାରେ ସୋନମ ରଘୁବଂଶୀ ନାମକ ଜଣେ ମହିଳା ନିଜ ସ୍ୱାମୀଙ୍କୁ ଷଡ଼ଯନ୍ତ୍ର ପୂର୍ବକ ହତ୍ୟା କରିଥିଲା ।

ଶ୍ରୀଗଙ୍ଗାନଗର ଏସ୍‌ପିଙ୍କ କହିବା ଅନୁଯାୟୀ, ଜାନୁଆରୀ ୩୦ ପ୍ରାୟ ରାତି ୯ଟା ସମୟରେ ରାସ୍ତା କଡ଼ରେ ଏକ ଦମ୍ପତି ଅଚେତ ଅବସ୍ଥାନରେ ପଡ଼ିଛନ୍ତି ବୋଲି ପୁଲିସକୁ ସୂଚନା ମିଳିଥିଲା । ହସ୍ପିଟାଲକୁ ନିଆଯିବା ପରେ ଡାକ୍ତର ଆଶିଷଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ଆହତ ପତ୍ନୀ ୨୩ ବର୍ଷୀୟା ଅଞ୍ଜୁ ପୁଲିସକୁ କହିଥିଲେ ଯେ, ସେମାନେ ବୁଲୁଥିବା ବେଳେ ଏକ ଗାଡ଼ି ଆସି ଧକ୍କା ଦେଇଥିଲା ଓ କେହି ଜଣେ ତାଙ୍କ ସୁନା ଅଳଙ୍କାର ଲୁଟି ନେଇଛି । କିନ୍ତୁ ତଦନ୍ତ ସମୟରେ ପୁଲିସ କିଛି ଅସଙ୍ଗତି ଦେଖିବାକୁ ପାଇଥିଲା । ବାସ୍ତବତା ଓ ଅଞ୍ଜୁଙ୍କ ବୟାନରେ ତାଳମେଳ ରହୁ ନଥିବା ପୁଲିସ ଜାଣିବାକୁ ପାଇଥିଲା ।

ମେଡିକାଲ ରିପୋର୍ଟ ଅନୁସାରେ ଆଶିଷଙ୍କ ଶରୀରରେ ଆଘାତ ଚିହ୍ନ ସହ ତଣ୍ଟି ଚିପି ହତ୍ୟା କରାଯାଇଥିବାର ପ୍ରମାଣ ମଳିଥିଲା । କିନ୍ତୁ ଅଞ୍ଜୁଙ୍କ ଶରୀରରେ କୌଣସି ଆଘାତ ଲାଗି ନଥିଲା । ଫୋନ ରେକର୍ଡରୁ ଜଣାପଡ଼ିଥିଲା ଯେ, ଅଞ୍ଜୁ ନିଜ ଘର ପାଖରେ ଥିବା ସଞ୍ଜୁ ସହ ବରାବର ସମ୍ପର୍କରେ ଥିଲା । ମାତ୍ର ୩ ମାସ ପୂର୍ବେ ଆଶିଷ ଓ ଅଞ୍ଜୁ ବିବାହ କରିଥିଲେ । କିନ୍ତୁ ଅଞ୍ଜୁ ବିବାହରେ ଖୁସି ନଥିଲେ । ନିଜ ବାପଘରକୁ ଯାଇଥିବା ସମୟରେ ସେ ପୁଣିଥରେ ପ୍ରେମିକ ସଞ୍ଜୁଙ୍କ ସହ ସମ୍ପର୍କ ବଢ଼ାଇଥିଲେ ଓ ସ୍ୱାମୀଙ୍କୁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲେ । ଘଟଣା ଦିନ ଅଞ୍ଜୁ ଆଶିଷଙ୍କୁ ଏକ ନିଛାଟିଆ ରାସ୍ତାକୁ ନେଇଯାଇଥିଲେ, ସେଠାରେ ସଞ୍ଜୁ ଓ ତାଙ୍କର ଦୁଇ ସହଯୋଗୀ ବୁଦାମୂଳେ ଲୁଚିକରି ଥିଲେ । ସେମାନେ ଆଶିଷଙ୍କୁ ନିର୍ମମ ଭାବେ ଆକ୍ରମଣ କରିବା ସହ ତଣ୍ଟି ଚିପି ହତ୍ୟା କରିଥିଲେ । ଏହାପରେ ଲୁଟ୍‌ର ନାଟକ କରିବା ପାଇଁ ଅଞ୍ଜୁ ନିଜ ଫୋନ ଓ କାନଫୁଲ ସେମାନଙ୍କୁ ଦେଇଥିଲେ ଓ ଅଚେତ ହେବାର ଅଭିନୟ କରିଥିଲେ । ପୁଲିସର ପଚରା ଉଚରା ପରେ ଅଞ୍ଜୁ ସବୁକଥା ମାନିଥିଲା । ପୁଲିସ ଏବେ ଅଞ୍ଜୁ, ସଞ୍ଜୁ ଓ ଅନ୍ୟ ସହଯୋଗୀଙ୍କୁ ଗିରଫ କରିଛି ।

## ୱାଙ୍ଗଚୁକ୍‌ଙ୍କ ଜାମିନ ଉପରେ କେନ୍ଦ୍ର ବିଚାର କରୁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୫ ।୨(ଏଜେନ୍ସି): ସୁପ୍ରିମକୋର୍ଟ ବୁଧବାର ଦିନ କେନ୍ଦ୍ର ସରକାରଙ୍କୁ ବିଶିଷ୍ଟ ପରିବେଶବିତ୍ ତଥା ବୈଜ୍ଞାନିକ ସୋନମ ୱାଙ୍ଗଚୁକଙ୍କୁ ଜାମିନ ଦେବା ନେଇ ବିଚାର କରନ୍ତୁ ବୋଲି କହିଛନ୍ତି । କେବଳ ଆଇନଗତ ଯୁକ୍ତି କିମ୍ବା ଦଲିଲ ନୁହେଁ, ମାନବିକତା ଦୃଷ୍ଟିକୋଣରୁ ବିଚାର କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସେ ଗତ ୫ ମାସ ହେବ ଜେଲ୍‌ରେ ଅଛନ୍ତି ଓ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନାହିଁ । ତେଣୁ ସରକାର ତାଙ୍କୁ ହେପାଜତରେ ରଖିବା ନେଇ ପୁନର୍ବିଚାର କରନ୍ତୁ । ଜଷ୍ଟିସ ଅରବିନ୍ଦ କୁମାର ଓ ପିବି ବରାଲେଙ୍କ ଖଣ୍ଡପୀଠ କହିଛନ୍ତି ଯେ, ୱାଙ୍ଗଚୁକଙ୍କ ଉପରେ ଦଲିଲ ବାହାରକୁ ଯାଇ କେନ୍ଦ୍ର ନିଷ୍ପତ୍ତି ନେଉ । ୱାଙ୍ଗଚୁକ୍ ୨୦୨୫ ସେପ୍ଟେମ୍ବର ୨୬ରୁ ଗିରଫ ହୋଇ ଜେଲ୍‌ରେ ଅଛନ୍ତି । ଲେହରେ ହୋଇଥିବା ହିଂସାକୁ ଉସୁକାଇବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଥିଲା । ସେବେଠାରୁ ସେ ଯୋଧପୁର ଜେଲ୍‌ରେ ଅଛନ୍ତି । ତାଙ୍କ ବିରୋଧରେ କଠୋର ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ) ଲଗାଯାଇଥିଲା । ସୁପ୍ରିମକୋର୍ଟଙ୍କ ଏହି ଟିପ୍ପଣୀ ଦର୍ଶାଉଛି ଯେ, କେବଳ ଆଇନଗତ ଦିଗ ନୁହେଁ, ବରଂ ବ୍ୟକ୍ତିର ସ୍ୱାସ୍ଥ୍ୟ ଓ ମାନବିକ ଅଧିକାରକୁ ମଧ୍ୟ ପ୍ରାଧାନ୍ୟ ଦେଉଛନ୍ତି । ଏନ୍‌ଏସ୍‌ଏ ଭଳି କଠୋର ଆଇନ ଲାଗୁ ହୋଇଥିଲେ ମଧ୍ୟ କୋର୍ଟ ସରକାରଙ୍କୁ ୱାଙ୍ଗଚୁକଙ୍କ ମୁକ୍ତି ସମ୍ପର୍କରେ ପୁନଃବିଚାର କରିବାକୁ ପ୍ରୋତ୍ସାହିତ କରିଛନ୍ତି ।

## ଗାଜିଆବାଦ୍‌ର ୩ ଭଉଣୀଙ୍କ ଆତ୍ମହତ୍ୟା ମାମଲା

# ଦୁଇ କୋଟି ଟଙ୍କାର ଋଣ, ଗଭୀର ଆର୍ଥିକ ସଙ୍କଟରେ ବାପା

ଗାଜିଆବାଦ୍, ୫ ।୨(ଏଜେନ୍ସି): ଗାଜିଆବାଦ୍‌ରେ ମଙ୍ଗଳବାର ଘଟିଥିବା ହୃଦୟବିଦାରକ ୩ ଭଉଣୀଙ୍କ ଆତ୍ମହତ୍ୟା ମାମଲାରେ ନୂଆ ତଥ୍ୟ ସାମ୍ନାକୁ ଆସିଛି । ମିଳିଥିବା ସୂଚନା ଅନୁଯାୟୀ ମୃତ ଭଉଣୀଙ୍କ ବାପା ଚେତନ କୁମାର ଗଭୀର ଆର୍ଥିକ ସଙ୍କଟରେ ଥିଲେ ଓ ତାଙ୍କ ଉପରେ ପ୍ରାୟ ଦୁଇ କୋଟି ଟଙ୍କାର ଋଣ ଥିଲା । ଏହି ୩ ଭଉଣୀ ଗତ ୨-୩ ବର୍ଷ ହେବ ସ୍କୁଲ ଯାଉ ନଥିଲେ । ଏହାଦ୍ୱାରା ବାପାଙ୍କ ଆର୍ଥିକ ସ୍ଥିତି ଖରାପ ଥିବା ସୂଚନା ମିଳିଥିଲା ବୋଲି କୁହାଯାଉଛି । ଏହି ଅଭାବନୀୟ ଘଟଣାରେ ମୃତ ଭଉଣୀମାନଙ୍କ କୋରିଆନ ସଂସ୍କୃତି ପ୍ରତି ଅତ୍ୟଧିକ ଆସକ୍ତି ଓ ମୋବାଇଲ ବ୍ୟବହାରକୁ ନେଇ ନୂଆ ତଥ୍ୟ ମଧ୍ୟ ସାମ୍ନାକୁ ଆସିଛି । ୧୬, ୧୪ ଓ ୧୨ ବର୍ଷର ଏହି ୩ ଭଉଣୀ ନିଜ ଆପାର୍ଟମେଣ୍ଟର ନବମ ମହଲାରୁ ଡେଇଁ ଆତ୍ମହତ୍ୟା କରିଛନ୍ତି । ଏହି ୩ ଜଣ ନିଜ ଡାଏରୀରେ କେ-ପପ୍ ସଙ୍ଗୀତ, କୋରିଆନ ଡ୍ରାମା ଓ ଚଳଚ୍ଚିତ୍ର ପ୍ରତି ସେମାନଙ୍କର ଭଲପାଇବା ଓ ଆଶକ୍ତି



ବିଷୟରେ ଲେଖିଥିଲେ । ଏପରିକି ସେମାନେ ନିଜ ନାମ ବଦଳାଇ ଆଲିଜା, ସିଣ୍ଡି ଓ ମାରିଆ ରଖିଥିଲେ । କିନ୍ତୁ ଏମାନଙ୍କ ପ୍ରକୃତ ନାମ ଥିଲା ନିଶିକା, ପ୍ରାଚୀ ଓ ପାଖୀ । ଏମାନେ ୟୁଟ୍ୟୁବରୁ କୋରିଆନ ଭାଷା ଶିକ୍ଷା କରିଥିଲେ । ଭାରତୀୟ ପୁଅପିଲାଙ୍କୁ ଏମାନେ ପସନ୍ଦ କରୁ ନଥିଲେ । ସେମାନେ କୋରିଆର ପିଲାଙ୍କୁ ବିବାହ କରିବେ ଓ କୋରିଆରେ ହିଁ ରହିବେ ବୋଲି କହୁଥିଲେ ।

ଫଳରେ ପିତା ଚେତନ ସେମାନଙ୍କଠାରୁ ମୋବାଇଲ

### ପ୍ରକୃତ କାରଣ ଖୋଜୁଛି ପୁଲିସ

ଛଡ଼ାଇ ନେଇ ସେମାନଙ୍କ ସୋସିଆଲ ମିଡିଆ ଆକାଉଣ୍ଟକୁ ଡିଲିଟ୍ କରିଥିଲେ । ଯାହା ୩ ଜଣଙ୍କୁ ଆତ୍ମହତ୍ୟା କରିବାର ଚରମ ନିଷ୍ପତ୍ତି ନେବାକୁ ବାଧ୍ୟ କରିଥିଲା । ଅନ୍‌ଲାଇନ ଟ୍ରେଡିଂ କ୍ଷେତ୍ରରେ କାମ କରୁଥିବା ଚେତନ ସ୍ୱୀକାର କରିଛନ୍ତି ଯେ, ତାଙ୍କର ୨୦-୩୦ ଲକ୍ଷ ଟଙ୍କାର କ୍ଷତି ହୋଇଛି । କିନ୍ତୁ ସେ ୨ କୋଟି ଟଙ୍କା ଋଣରେ ବୁଡ଼ିଥିଲେ । ଏପରିକି ସେ ନିଜ ମୋବାଇଲ ବିକି ଘରର ବିଦ୍ୟୁତ ବିଲ ପୈଠ କରିଥିଲେ । ୩ ଝିଅଙ୍କ ଆତ୍ମହତ୍ୟା ତାଙ୍କୁ ଦୁଃଖିତ ଓ ମ୍ରିୟମାଣ କରିଛି ବୋଲି ଚେତନ କହିଛନ୍ତି । ଏହି ୩ ଭଉଣୀ କୋରିଆ ଯିବାକୁ ଜିଦ୍ କରୁଥିଲେ ଓ ଭାରତ ବିଷୟରେ ଶୁଣିଲେ ରାଗି ଯାଉଥିଲେ । ସୁସାଇଡ୍ ନୋଟ୍‌ରେ ଏହି ୩ ଭଉଣୀ ଅବଶ୍ୟ ମାତାପିତାଙ୍କୁ କ୍ଷମା ମାଗିଛନ୍ତି । ଚେତନ ଦୁଇଟି ବିବାହ କରିଥିଲେ ଓ ଉଭୟ ପତ୍ନୀ ଭଉଣୀ ଥିଲେ । ସମସ୍ତେ ଏକାଠି ରହୁଥିଲେ । ମୃତକଙ୍କ ମଧ୍ୟରୁ ଜଣେ ପ୍ରଥମ ପତ୍ନୀଙ୍କର ଓ ଆଉ ଦୁଇଜଣ ଦ୍ୱିତୀୟ ପତ୍ନୀଙ୍କର ଝିଅ ଥିଲେ ।

## ମଣ୍ଡି ଅବ୍ୟବସ୍ଥାକୁ ନେଇ ବର୍ଷିଲା ନବ ନିର୍ମାଣ ସଂଗଠନ

# ଧାନ କିଣାରେ ୧୨୦୦ କୋଟିର ମହାଘୋଟାଲା

ଭୁବନେଶ୍ୱର,୫।୨(ସମିସ): ଧାନ କିଣାରେ ଓଡ଼ିଶାରେ ଜଙ୍ଗଲ ରାଜ୍ ଚାଲିଛି। ଆଇନ ଶାସନର ଅନ୍ତ ଘଟିଛି। ଶାସନର ଛତ୍ରେ ଛତ୍ରେ ଶୋଷଣ ଦୁର୍ନୀତି ଦେଖାଦେଉଛି। ବିଧାୟକ, ଅମଲାତନ୍ତ୍ରୀ, ମନ୍ତ୍ରୀ, ଜିଲ୍ଲାପାଳ, ଯୋଗାଣ ଅଧିକାରୀ, ସମବାୟ ସମ୍ପାଦକ ଏହି ବ୍ୟବସ୍ଥାରେ ପୂରା ହାତ ଟେକି ଦେଇଛନ୍ତି। କେବଳ ରାଜନୈତିକ ଦୃଷ୍ଟିରୁ ଉପାନ୍ତ ଅଞ୍ଚଳ ନୁହେଁ; ବରଂ ଖୋଦ୍ ରାଜଧାନୀରେ ଯାଉଥିବା ଖୋର୍ଦ୍ଧା, ପଡ଼ିଶା ଜିଲ୍ଲା ନୟାଗଡ଼, ରାଜନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଭଦ୍ରକ, ସମବାୟ ମନ୍ତ୍ରୀଙ୍କ ଅଞ୍ଚଳ ଯାଜପୁର, ଯୋଗାଣ ମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀ ଢେଙ୍କାନାଳ ଅଞ୍ଚଳରେ ମିଲର୍‌ଙ୍କ ପ୍ରଭାବରେ ଶାସନ କଳ ଅଚଳ ହୋଇପଡ଼ିଛି ବୋଲି ନବ ନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କହିଛନ୍ତି।

ଗୁରୁବାର ଏକ ପ୍ରେସ୍‌ବାର୍ତ୍ତାରେ ଶ୍ରୀ ନନ୍ଦ କହିଛନ୍ତି, ଯେଉଁଠି ଚାଷୀ ପ୍ରତିବାଦଶୂନ୍ୟ, ସେଠି ମିଲର୍-ଏଜେଣ୍ଟ ମନଇଚ୍ଛା କଟ୍‌ନୀଛଟ୍‌ନୀ କରି ମଣ୍ଡି ଚଳାଉଛି। ମାନ ପରୀକ୍ଷା କଥା କହିଲେ ଓ କାଟ୍ ନ ଦେଲେ ଗାଡ଼ି ଆସିବ ନାହିଁ। ମିଲର୍ ଗାଡ଼ି ନ ପଠାଇଲେ ଆପଣଙ୍କ ଟୋକନ ତାରିଖ ଗଡ଼ିଯିବ ବୋଲି ସମବାୟ ସମ୍ପାଦକମାନେ ଚାଷୀଙ୍କୁ ଭଡ଼କାଉଛନ୍ତି। ଏଭଳି କୃତ୍ରିମ ଭୟ ଦେଖାଇ ସମବାୟ ସମ୍ପାଦକ ଓ ସ୍ଥାନୀୟ ଧାନ ବ୍ୟବସାୟୀମାନେ ଦୁର୍ନୀତିକୁ ସ୍ଥାୟୀ କରିସାରିଲେଣି। ତେଣୁ ରାଜ୍ୟରେ ଧାନ କିଣାରେ ସର୍ବନିମ୍ନ ୧,୦୦୦ରୁ ୧୨୦୦ କୋଟି ଟଙ୍କାର ମହାଘୋଟାଲା ହେଉଥିବା ନେଇ ସେ ଅଭିଯୋଗ କରିଛନ୍ତି। ଏହି ମହାଦୁର୍ନୀତିର ତଦନ୍ତ ଦାବି କରି ଶ୍ରୀ ନନ୍ଦ ମୁଖ୍ୟମନ୍ତ୍ରୀ ଓ ବାଚସ୍ପତିଙ୍କୁ ସ୍ମାରକପତ୍ର ଦେଇଛନ୍ତି।

ଏହାସହିତ ଶ୍ରୀ ନନ୍ଦ କହିଛନ୍ତି ଯେ ଯେଉଁ ମିଲର୍‌ମାନେ କ୍ଷତି ହେଉଛି ବୋଲି କନ୍ଦାକଟା କରି ସଂଘ କରି ରାଜନେତାଙ୍କୁ କୋଟି କୋଟି ଟଙ୍କା ଲାଞ୍ଚ ଦେଇ ନିଷ୍ପ୍ରଭ କରାଇଛନ୍ତି; ସେମାନଙ୍କ ସଂପତ୍ତି କାହିଁ କେତେ ଗୁଣ ବଢ଼ିଛି। ଖୋଦ୍ ବିଜେପି ସାଂସଦ ପ୍ରଦୀପ ପୁରହିତ କହିଛନ୍ତି ଯେ ମିଲ୍ ମାଲିକମାନଙ୍କ ଯଦି ଲାଭ ହେଉନାହିଁ, ସେମାନେ ଜଣଙ୍କ ପିଛା ଗୋଟେରୁ ଦଶଟି ମିଲ୍ କାହିଁକି ଓ କିପରି କଲେଣି ? ଏହାସତ୍ତ୍ୱେ ଶାସକ ଦଳ ବରିଷ୍ଠ ଅମଲାଙ୍କୁ ବଶ କରି ୫ରୁ ୭ କେଜି କାଟ୍ କରିବା ବେଳେ ଲବି କରି ସଫଳ ହୋଇଛନ୍ତି। ବିଜେପିର ଜଣେ ବିଧାୟକ ମିଲର ସଂଘର ସଭାପତି ଥିବାରୁ ତାଙ୍କ ଜିଲ୍ଲାରେ ମନଇଚ୍ଛା କ୍ୱିଣ୍ଟାଲ ପିଛା ୮ କେଜି କାଟ୍ ହେଉଛି। ଏହା ଜଙ୍ଗଲ ରାଜ ନୁହେଁ ତ ଆଉ କ'ଣ ବୋଲି ଶ୍ରୀ ନନ୍ଦ ପ୍ରଶ୍ନ କରିଛନ୍ତି। ବର୍ଷ ବର୍ଷ ଧରି କଟ୍‌ନୀଛଟ୍‌ନୀ ଆନ୍ଦୋଳନ କରିଥିବା ବିଜେପି ଦଳ ଏବେ ସରକାରକୁ ଆସିବା ପରେ ଅସମ୍ଭବ ନିରବତା ଅବଲମ୍ବନ କରିଛି। ଫଳରେ ରାଜ୍ୟର ଲକ୍ଷ ଲକ୍ଷ ଚାଷୀଙ୍କୁ ମିଲର୍‌ମାନେ ଲୁଟିବାରେ ସଫଳ ହୋଇଛନ୍ତି। ନବ ନିର୍ମାଣ କୃଷକ ସଂଗଠନ ତରଫରୁ ଏ ନେଇ ଓଡ଼ିଶା ବନ୍ଦ ପାଳନ ହେଲା ପରେ ଯୋଗାଣ ମନ୍ତ୍ରୀ କେବଳ କଟ୍‌ନୀଛଟ୍‌ନୀ କଲେ ମିଲ୍ ସିଲ୍ ହେବ ବୋଲି ମିଛ ବୟାନ ଦେଇ ନିରବ ରହିଛନ୍ତି ବୋଲି ଶ୍ରୀ ନନ୍ଦ କହିଛନ୍ତି।



ନବୀନ ନିବାସରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟି ଜିଲ୍ଲାରେ ଦଳୀୟ ସଂଗଠନ, ଧାନକିଣା, ମହିଳା ହିଂସା ଓ ଆଇନଶୃଙ୍ଖଳା ସମ୍ପର୍କରେ ଅବଗତ କରାଉଛନ୍ତି ନବନିଯୁକ୍ତ ଜିଲ୍ଲା ବିଜେଡି ସଭାପତି ବ୍ୟୋମକେଶ ରାୟ ଓ ଅନ୍ୟ ନେତୃବୃନ୍ଦ

■ ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

# ରାଷ୍ଟ୍ରୀୟ ପ୍ରତୀକର ଅପବ୍ୟବହାର ରୋକ

କଟକ, ୫ ।୨ (ସମିସ): ବିଭିନ୍ନ ସମୟରେ ଓ ବିଭିନ୍ନ ସ୍ଥାନରେ ରାଷ୍ଟ୍ରୀୟ ପ୍ରତୀକ ବା ଚିହ୍ନର ଅପବ୍ୟବହାର କରାଯାଉଥିବା ଅଭିଯୋଗ ନେଇ ଦାୟର ମାମଲାର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇବା ସହ ହାଇକୋର୍ଟ ଆଜି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜାରି କରିଛନ୍ତି। ରାଷ୍ଟ୍ରୀୟ ପ୍ରତୀକର ଅପବ୍ୟବହାର ରୋକିବା ପାଇଁ ରାଜ୍ୟସ୍ତରୀୟ ଟାସ୍କଫୋର୍ସ ଗଠନ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ମାନସ ରଂଜନ ପାଠକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏଲୋନ୍ ଟ୍ରଷ୍ଟ ପକ୍ଷରୁ ଦାୟର ଜନସ୍ୱାର୍ଥ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି।

**ଗଠନ ହେବ ରାଜ୍ୟସ୍ତରୀୟ ଟାସ୍କଫୋର୍ସ**

ରାଜ୍ୟ ଗୃହ ବିଭାଗର ଜଣେ ଉଚ୍ଚ ପାହ୍ୟା ଅଧିକାରୀଙ୍କ ଅଧକ୍ଷତାରେ ଏହି ଟାକ୍ସଫୋର୍ସ ଗଠନ କରାଯିବ। ଯେଉଁଥିରେ ପୁଲିସ, ପରିବହନ ବିଭାଗ, ଶିକ୍ଷା ବିଭାଗ, ଆଇନ ବିଭାଗ, ପଞ୍ଚାୟତିରାଜ, ନଗର ଉନ୍ନୟନ ବିଭାଗ ଓ ସୂଚନା ଲୋକ ସମ୍ପର୍କ ବିଭାଗ ଅଧିକାରୀମାନେ ସଦସ୍ୟ ରହିବେ। ଏହି ଟାସ୍କଫୋର୍ସ ମାସିକ ଭିତ୍ତିରେ ରାଷ୍ଟ୍ରୀୟ ପ୍ରତୀକର ହେଉଥିବା ଅପବ୍ୟବହାର ସମ୍ପର୍କରେ ସମୀକ୍ଷା କରି ସରକାରଙ୍କୁ ରିପୋର୍ଟ କରିବେ। ଏଥିପାଇଁ ସରକାରଙ୍କ ପକ୍ଷରୁ ଏକ ଏସ୍‌ଓପି ପ୍ରସ୍ତୁତ କରାଯିବ। ସେହିଭଳି ରାଷ୍ଟ୍ରୀୟ ପ୍ରତୀକ ଅପବ୍ୟବହାର ପ୍ରସଙ୍ଗରେ ଆସୁଥିବା ଅଭିଯୋଗର ସମାଧାନ ପାଇଁ ରାଜ୍ୟ ସରକାର ଏକ ପୋର୍ଟାଲ ପ୍ରସ୍ତୁତ କରିବାକୁ କହିଛନ୍ତି ଖଣ୍ଡପୀଠ। ଏହି ପୋର୍ଟାଲ ଜରିଆରେ ପ୍ରତ୍ୟେକ ନାଗରିକ ଚାହିଁଲେ, ସେମାନଙ୍କ ଅଭିଯୋଗ ଓ ଏ ସମ୍ପର୍କିତ ଫଟୋ ଓ ଭିଡିଓ ଅପଲୋଡ୍ କରିପାରିବେ। ଏହା ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସରକାର ପୋର୍ଟାଲରେ ଜଣାଇବେ। ଯେଉଁ ପ୍ରତିଷ୍ଠାନଗୁଡ଼ିକ ରାଷ୍ଟ୍ରୀୟ ପ୍ରତୀକର ଅପବ୍ୟବହାର କରିଥିବେ, ସେମାନଙ୍କୁ ଅବଗତ କରାଯିବାର ୬ ସପ୍ତାହ ମଧ୍ୟରେ ତ୍ରୁଟି ସଂଶୋଧନ କରିବା ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆଇନର ଦୁରୁପଯୋଗର ପ୍ରତିରୋଧ ଓ ସଚେତନତା ସୃଷ୍ଟି ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଏହି ମାମଲାରେ ଆମିକସକ୍ୟୁରୀ ଭାବେ ହାଇକୋର୍ଟ ବାର୍ ସଭାପତି ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ର ଓ ବରିଷ୍ଠ ଆଇନଜୀବୀ ସୁବୀର ପାଲିତଙ୍କ ପକ୍ଷରୁ ବିଭିନ୍ନ ପ୍ରସ୍ତାବ ହାଇକୋର୍ଟଙ୍କୁ ଦିଆଯାଇଥିଲା।

ରାଷ୍ଟ୍ରୀୟ ପ୍ରତୀକରେ ଅଶୋକ ସ୍ତମ୍ଭ ତଳେ 'ସତ୍ୟମେବ ଜୟତେ' ଲେଖା ରହିବା କଥା। କିନ୍ତୁ ଅନେକ ସ୍ଥାନରେ ଏହା ରହୁନଥିବା ଦେଖିବାକୁ ମିଳୁଛି। ସେହିଭଳି ଭାବେ ଅଶୋକସ୍ତମ୍ଭରେ ରହିଥିବା ସିଂହକୁ ଉପଯୁକ୍ତ ଭାବେ ଉପସ୍ଥାପନ କରାଯାଉନାହିଁ। ପ୍ରତୀକ ପ୍ରତି ଏହା ଅସମ୍ମାନ ହୋଇଥିଲେ ମଧ୍ୟ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ସରକାରୀସ୍ତରରେ ନିଆଯାଉ ନଥିବା ଆବେଦନକାରୀଙ୍କ ତରଫରୁ ଦର୍ଶାଇ ଆବେଦନକାରୀ ସଂସ୍ଥା ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର କରିଥିଲା। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ପବିତ୍ର କୁମାର ଦତ୍ତ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଡିଏସ୍‌ଜିଆଇ ପ୍ରସନ୍ନ କୁମାର ପାଢ଼ୀ ମାମଲା ପରିଚାଳନା କରୁଥିଲେ।

■ ହାଇକୋର୍ଟରେ ଜବାବ ଦାଖଲରେ ଅବହେଳା

# ଆଇନ ସେବା ପ୍ରାଧିକରଣରେ ୧୫ହଜାର ଟଙ୍କା ଜମା କରିବେ କେନ୍ଦ୍ର ସରକାର

କଟକ, ୫ ।୨(ସମିସ): ବାରମ୍ବାର ସମୟ ପ୍ରଦାନ ପରେ ମଧ୍ୟ କେନ୍ଦ୍ର ସରକାରଙ୍କ ତରଫରୁ ଏକ ମାମଲାରେ ଜବାବ ଦାଖଲ କରାଯାଇନଥିବା ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏଥିପାଇଁ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ନିକଟରେ ୧୫ହଜାର ଟଙ୍କା କେନ୍ଦ୍ର ସରକାର ଜମା କରିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ବିକେଡି ଲକ୍ଷ୍ମୀ (ଜେଭି) ପକ୍ଷରୁ ଦାୟର ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଏହି ମାମଲାରେ ଜବାବ ଦାଖଲ ପାଇଁ କେନ୍ଦ୍ର ସରକାରଙ୍କୁ ହାଇକୋର୍ଟ ଏକ ସପ୍ତାହ ସମୟ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ୨୦୨୪ ଅଗଷ୍ଟ ୨୧ରେ ହାଇକୋର୍ଟ ମାମଲାର ଶୁଣାଣି କରି ୨୦୨୪ ସେପ୍ଟେମ୍ବର ୧୮ ସୁଦ୍ଧା ସତ୍ୟପାଠ ଦାଖଲ କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୨୦୨୫ ମାର୍ଚ୍ଚ ୧୧ରେ ମାମଲାର ଶୁଣାଣି ବେଳେ ଜବାବ ଦାଖଲ ପାଇଁ ପୁଣି ସମୟ ଲୋଡ଼ାଯାଇଥିଲା। ତିନି ସପ୍ତାହ ଭିତରେ ସତ୍ୟପାଠ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଗତ ଏପ୍ରିଲ ୨୪ରେ ମାମଲାର ଶୁଣାଣି ବେଳେ ପୁଣି ଜବାବ ଦାଖଲ ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ପୁଣି ସମୟ ଲୋଡ଼ାଯିବାରୁ ଜୁନ ୨୫ ସୁଦ୍ଧା ସତ୍ୟପାଠ ଦାଖଲ କରିବାକୁ କହିଥିଲେ। କିଛି ଦିନରେ ବ୍ୟବଧାନ ପରେ ମାମଲାର ଶୁଣାଣି ବେଳେ କେନ୍ଦ୍ର ସରକାର ମାମଲାରେ ଜବାବ ଦାଖଲ କରି ନଥିବା ସ୍ପଷ୍ଟ ହୋଇଥିଲା।

# ବଳ ଗୋଟାଉଛନ୍ତି ମୋକିମ୍

## ଚାଷୀ ନେତାଙ୍କ ସମର୍ଥନ ପାଇଁ କୃଷକ ସମାବେଶ



ଭୁବନେଶ୍ୱର,୫।୨(ସମିସ): ନୂଆ ଦଳ ଗଠନ ପୂର୍ବରୁ ଲଗାତାର ଦୁଇଟି ସମାବେଶ ପରେ କୃଷି ସମାବେଶ ଆୟୋଜନ କରିଛନ୍ତି ପୂର୍ବତନ ବିଧାୟକ ମହମ୍ମଦ ମୋକିମ। ଗୁରୁବାର ସ୍ଥାନୀୟ ୟୁନିଟ୍-୧ସ୍ଥିତ କସ୍ତୁରବା ନାରୀମହଲଠାରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଶତାଧିକ କୃଷକ ନେତା ଯୋଗ ଦେଇଛନ୍ତି। କୃଷକ ନେତାମାନେ ଓଡ଼ିଶାରେ କୃଷି ଓ କୃଷକମାନଙ୍କ ଦୁରାବସ୍ଥା ସମ୍ପର୍କରେ ଆଲୋକପାତ କରିବା ସହ ଏହାର ସମାଧାନ ନିମନ୍ତେ ଏକ ବିକଳ୍ପ ବ୍ୟବସ୍ଥାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ କରିଛନ୍ତି। ବରିଷ୍ଠ ନେତା ମହମ୍ମଦ ମୋକିମ ଭିନ୍ନଭିନ୍ନ କୃଷକ ଆନ୍ଦୋଳନ ସହ ଜଡ଼ିତ ରହି ଅନେକଥର ସରକାରଙ୍କ ବିରୋଧରେ ରାଜରାସ୍ତାକୁ ଓହ୍ଲାଇଥିବାରୁ ଓଡ଼ିଶାର କୃଷକ ସଂଗଠନ ଗୁଡ଼ିକ ମୋକିମଙ୍କ ନୂଆ ଆଞ୍ଚଳିକ ଦଳକୁ ସମର୍ଥନ କରିବେ ବୋଲି ଘୋଷଣା କରିଛନ୍ତି। ନୂଆ ଦଳ ଗଠନ ପୂର୍ବରୁ ମୋକିମ୍‌ଙ୍କ ଏହି ବଳ ଗୋଟାଇବା କାର୍ଯ୍ୟକ୍ରମ ଉପରେ ରାଜ୍ୟର ରାଜନୈତିକ ମହଲ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି।

କୃଷକ ନେତା ଶୁଭେନ୍ଦୁ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କଟକ-ବାରବାଟୀର ପୂର୍ବତନ ବିଧାୟକ ମହମ୍ମଦ ମୋକିମ ଯୋଗ ଦେଇ ଚାଷୀମାନଙ୍କ ଦାବି ହାସଲ ନିମନ୍ତେ ସମଗ୍ର ଚାଷୀକୂଳକୁ ଏକତ୍ରିତ ହୋଇ ଲଢେଇ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଓଡ଼ିଶାର ମାଟି, ପାଣିପାଗ ଚାଷ ପାଇଁ ଏତେ ଉପଯୁକ୍ତ ହୋଇ ମଧ୍ୟ ଆମେ ପନିପରିବା, ମାଛ, ଅଣ୍ଡା, ଫୁଲ ଠାରୁ ନେଇ ସମସ୍ତ କୃଷିଜାତ ଦ୍ରବ୍ୟ ପାଇଁ କାହିଁକି ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ ବୋଲି ସେ ପ୍ରଶ୍ନ କରିଛନ୍ତି। ଏଥିପାଇଁ ଭିତ୍ତିଭୂମିର ଅଭାବ, ମଣ୍ଡିର ଅବ୍ୟବସ୍ଥା, କଟ୍‌ନି ଛଟ୍‌ନି, ଚାଷୀର ଖର୍ଚ୍ଚଠାରୁ କମ୍ ଏମ୍‌ଏସ୍‌ପି, ଭାଗଚାଷୀ ଆଇନରେ ବିଭ୍ରାଟ ଓ ସରକାରୀ ମନୋଭାବର ଅଭାବକୁ ସେ ଦାୟୀ କରିଛନ୍ତି। ଓଡ଼ିଶାରେ କୃଷକମାନଙ୍କୁ ଏକତ୍ରିତ କରି ରାଜ୍ୟକୁ ଏକ କୃଷି ସମୃଦ୍ଧ ରାଜ୍ୟ ଭାବେ ଗଢିତୋଳିବା ତାଙ୍କର ନୂଆ ଆଞ୍ଚଳିକ ଦଳର ପ୍ରଥମ ଲକ୍ଷ୍ୟହେବ ବୋଲି ସେ ପ୍ରକାଶ କରିଛନ୍ତି ।

ତେବେ ମୋକିମ୍‌ଙ୍କ ଏହି କାର୍ଯ୍ୟକ୍ରମ ପରୋକ୍ଷରେ କଂଗ୍ରେସ ପାଇଁ ଶିରପୀଡ଼ା ହୋଇଥିବା କୁହାଯାଉଛି । କଂଗ୍ରେସ ଚାଷୀ ସମସ୍ୟାକୁ ନେଇ ବିଭିନ୍ନ ସମୟରେ ସାମ୍ବାଦିକ ସମ୍ମିଳନୀ ଆୟୋଜନ ସହ ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇ ଆସିଛି। ନିକଟରେ କୃଷକମାନଙ୍କ ସମସ୍ୟାକୁ ନେଇ ନବନିର୍ମାଣ ସଙ୍ଗଠନ ଆୟୋଜନ କରିଥିବା ଓଡ଼ିଶା ବନ୍ଦକୁ କଂଗ୍ରେସ ସମର୍ଥନ ଜଣାଇ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛି। ଚାଷୀମାନଙ୍କ ପାଇଁ କଂଗ୍ରେସ ଦରଦୀ ବୋଲି ଏକ ବାର୍ତ୍ତା ଦେଇଛି । ଏହି ସମୟରେ ମୋକିମ୍ ଚାଷୀମାନଙ୍କୁ ନେଇ ସମାବେଶ କରିବା ଓ ନିଜର ସମ୍ଭାବ୍ୟ ଦଳ ପାଇଁ ସମର୍ଥନ ଯୋଗାଡ଼ କରିବା କଂଗ୍ରେସ ପାଇଁ ସମସ୍ୟା ସୃଷ୍ଟି କରିପାରେ ବୋଲି ଅନେକ ଆକଳନ କରୁଛନ୍ତି ।

## ମାଓନେତା ଉଦ୍ଧମ ସିଂ ନିହତ

ମାଲକାନଗିରି,୫ ।୨(ସମିସ): ପୁଲିସ୍ ଏନ୍‌କାଉଣ୍ଟର୍‌ରେ ମାଓନେତା ଉଦ୍ଧମ ସିଂ ନିହତ ହୋଇଛି। ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ନକ୍ସଲ ପ୍ରଭାବିତ ବିଜାପୁର ଜିଲ୍ଲାରେ ସୁରକ୍ଷାବାହିନୀ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ବେଳେ ଉଦ୍ଧମ ପ୍ରାଣ ହରାଇଛି। ସୂଚନା ଅନୁଯାୟୀ, ବିଜାପୁର ଜିଲ୍ଲାର ପେଡ୍ଡାଗାଲୁରର ଘନ ଜଙ୍ଗଲରେ ଡିଆରଜି, ସିଆର୍‌ପିଏଫ୍ ଓ ସ୍ୱତନ୍ତ୍ର କୋବ୍ରା ବାଟାଲିୟନ୍ ଯବାନମାନେ ତଲାସି ଅଭିଯାନ ଜାରି ରଖିଥିବା ବେଳେ ମାଓବାଦୀମାନେ ଅତର୍କିତ ଗୁଳି ଚଳାଇଥିଲେ। ଯବାନଙ୍କ ପକ୍ଷରୁ ମଧ୍ୟ ଏହାର ପାଲଟା ଜବାବ ଦିଆଯାଇଥିଲା। ପରେ ତଲାସି ସମୟରେ କୁଖ୍ୟାତ ମାଓ କମାଣ୍ଡର୍ ଉଦ୍ଧମର ଶବ ଜବତ ହୋଇଥିଲା।

# କାଗଜକଲମରେ ସୀମିତ 'ହର୍ ଘର୍ ଜଲ୍'

କଟକ, ୫ ।୨ (ସମିସ): ୨୦୨୬ ମସିହାରେ ବି ରାଜ୍ୟର ବହୁ ଅଞ୍ଚଳ ବିଶୁଦ୍ଧ ଓ ସ୍ୱଚ୍ଛ ପାନୀୟ ଜଳରୁ ବଞ୍ଚିତ ହେବା ଅକଳ୍ପନୀୟ ବୋଲି ହାଇକୋର୍ଟ କହିବା ସହ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏପରିକି, 'ହର୍ ଘର୍ ଜଲ୍' ଭଳି ଉକ୍ତି କାଗଜକଲମରେ ସୀମିତ ରହିଯିବା ଭଳି ମନେହେଉଛି ବୋଲି କହିଛନ୍ତି ହାଇକୋର୍ଟ। ରମେଶ ଚନ୍ଦ୍ର ଦାସ ଓ ଅନ୍ୟମାନଙ୍କ ତରଫରୁ

■ ହାଇକୋର୍ଟଙ୍କ ଉଦ୍‌ବେଗ
■ ଏବେ ବି ବିଶୁଦ୍ଧ ପାନୀୟ ଜଳରୁ ବହୁ ଅଞ୍ଚଳ ବଞ୍ଚିତ

ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

କଟକ ଜିଲ୍ଲାର ବଡ଼ମ୍ବା ଓ ନରସିଂହପୁର ବ୍ଲକର ୧୩୫ଟି ଗାଁକୁ 'ହର ଘର ଜଲ' ଯୋଜନାରେ ପାନୀୟ ଜଳଯୋଗାଣ ପାଇଁ ପ୍ରକଳ୍ପ ୨୦୧୭ରେ ଆରମ୍ଭ ହୋଇଥିବା ବେଳେ ଏପର୍ଯ୍ୟନ୍ତ ସଂପୂର୍ଣ୍ଣ ହୋଇ ନଥିବା ପ୍ରସଙ୍ଗକୁ ନେଇ ଦାୟର ଏହି ଜନସ୍ୱାର୍ଥ ମାମଲାରେ ପ୍ରତିପକ୍ଷଙ୍କୁ ରିପୋର୍ଟ ତଲବ କରିଛନ୍ତି ଅଦାଲତ। ପ୍ରକଳ୍ପର ଅଗ୍ରଗତି ନେଇ ଗ୍ରହଣ କରାଯାଇଥିବା ପଦକ୍ଷେପ ସଂକ୍ରାନ୍ତରେ ଆସନ୍ତା ୨ ସପ୍ତାହ ଭିତରେ ରିପୋର୍ଟ ଦାଖଲ କରିବାକୁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଫେବୃଆରି ୨୪କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

ମାମଲାର ବିବରଣୀରୁ ପ୍ରକାଶ ଯେ 'ହର ଘର ଜଲ' ଯୋଜନାରେ ବଡ଼ମ୍ବା ଓ ନରସିଂହପୁର ବ୍ଲକର ୧୩୫ଟି ଗାଁକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ୨୦୧୭ରେ ପ୍ରକଳ୍ପ ଆରମ୍ଭ ହୋଇଥିଲା। କିନ୍ତୁ ଏହି ପ୍ରକଳ୍ପକୁ ୮ ବର୍ଷ ବିତିଯାଇଥିଲେ ମଧ୍ୟ ଏହି ଗାଁ ଲୋକେ ଏହି ଯୋଜନାରେ ବିଶୁଦ୍ଧ ପାନୀୟଜଳ ପାଇପାରିନାହାନ୍ତି ବୋଲି ଅଭିଯୋଗ କରି ଏହି ଜନସ୍ୱାର୍ଥ ମାମଲା ଦାୟର ହୋଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଯଯାତି କେଶରୀ ଖୁଣ୍ଟିଆ ମାମଲା ପରିଚାଳନା କରୁଛନ୍ତି।

# ବୈଷୟିକ ତ୍ରୁଟିରୁ ପଞ୍ଜୀକୃତ ହୋଇ ନ ଥିବା ଚାଷୀଙ୍କୁ ଧାନ ବିକ୍ରିରୁ ବଞ୍ଚିତ କରାଯାଇପାରିବ ନାହିଁ: ହାଇକୋର୍ଟ

କଟକ, ୫ ।୨(ସମିସ): ବୈଷୟିକ କାରଣରୁ ପଞ୍ଜିକୃତ ହୋଇ ନଥିବା ଜଣେ ଗରିବ ଚାଷୀଙ୍କୁ ଧାନବିକ୍ରିରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ଓଡ଼ିଶା ହାଇକୋର୍ଟ କହିଛନ୍ତି। ସରକାରଙ୍କ ଧାନ ସଂଗ୍ରହ ବ୍ୟବସ୍ଥାର ମୂଳ ଲକ୍ଷ୍ୟ ହେଉଛି ଚାଷୀଙ୍କ କଲ୍ୟାଣ ଏବଂ ସେମାନଙ୍କୁ ଉତ୍ପାଦନ ବୃଦ୍ଧି ପାଇଁ ଉତ୍ସାହିତ କରିବା। ଚାଷୀଙ୍କ ଭୁଲ ନଥିବା ବେଳେ

**ଆବେଦନକାରୀଙ୍କ ଧାନ ସଂଗ୍ରହ କରିବାକୁ ନିର୍ଦ୍ଦେଶ**

କେବଳ ପିପିଏସ ପୋର୍ଟାଲରେ ନାମ ପଞ୍ଜୀକରଣ ହୋଇନାହିଁ ବୋଲି ଜଣେ ଚାଷୀଙ୍କୁ ତାଙ୍କ ଜୀବିକା ଅର୍ଜନରୁ ବଞ୍ଚିତ କରିବା ନ୍ୟାୟୋଚିତ ନୁହେଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। କେନ୍ଦ୍ରାପଡ଼ାର ଜଣେ ଚାଷୀ ସୁରେନ୍ଦ୍ର କୁମାର ମିଶ୍ରଙ୍କ ଆବେଦନର ଶୁଣାଣି କରି ବିଚାରପତି ଜଷ୍ଟିସ୍ ଆନନ୍ଦ ଚନ୍ଦ୍ର ବେହେରା ଏପରି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଆବେଦନକାରୀଙ୍କୁ ୨୦୨୫-୨୬ ବର୍ଷ ପାଇଁ ଧାନ ବିକ୍ରି କରିବା ନିମନ୍ତେ ତୁରନ୍ତ ଅନୁମତି ପ୍ରଦାନ କରିବାକୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଏବଂ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ପୋର୍ଟାଲ ମାଧ୍ୟମରେ ହେଉ କିମ୍ବା ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ମାଧ୍ୟମରେ, ଚାଷୀଙ୍କ ଧାନ ସଂଗ୍ରହ କରିବାକୁ ହାଇକୋର୍ଟ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ଜଣେ ଅସହାୟ ଚାଷୀଙ୍କୁ ନ୍ୟାୟ ମିଳିପାରିଛି।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଚାଷୀ ୨୦୨୫-୨୬ ବର୍ଷର ଧାନ ବିକ୍ରି ପାଇଁ ପିପିଏସ୍ ପୋର୍ଟାଲରେ ନିଜ ନାମ ପଞ୍ଜୀକରଣ କରିବାକୁ ଆବେଦନ କରିଥିଲେ। ସେ ଗତ ୨୦୨୫ ଅଗଷ୍ଟ ୧୪ରେ (ଧାର୍ଯ୍ୟ ସମୟ ଅଗଷ୍ଟ ୩୦ ପୂର୍ବରୁ) ଆବେଦନ କରିଥିଲେ ମଧ୍ୟ ବିଭାଗୀୟ ଅବହେଳା ଯୋଗୁଁ ତାଙ୍କ ନାମ ପଞ୍ଜୀକୃତ ହୋଇପାରିନଥିଲା। ଫଳରେ ତାଙ୍କୁ ସରକାରୀ ମଣ୍ଡିରେ ଧାନ ବିକ୍ରି କରିବାରୁ ବଞ୍ଚିତ କରାଯାଇଥିଲା। ଏହାଦ୍ୱାରା ସେ ସରକାରୀ ସ୍ଥିରୀକୃତ ମୂଲ୍ୟ ନପାଇ ଏହାଠାରୁ ଯଥେଷ୍ଟ କମ୍ ଦରରେ ଧାନବିକ୍ରି କରିବାକୁ ବାଧ ହେବେ ବୋଲି ଦର୍ଶାଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାକୁ ଏକ ସ୍ୱତନ୍ତ୍ର ଏବଂ ବ୍ୟତିକ୍ରମ ପରିସ୍ଥିତି ଭାବେ ଗ୍ରହଣ କରି ହାଇକୋର୍ଟ ଚାଷୀଙ୍କ ସପକ୍ଷରେ ରାୟ ଶୁଣାଇଛନ୍ତି।

■ ପୀତବାସ ପଣ୍ଡା ହତ୍ୟା ମାମଲା

# ୨୫ରେ ହାଇକୋର୍ଟରେ ଜାମିନ ଆବେଦନର ପରବର୍ତ୍ତୀ ଶୁଣାଣି

ବ୍ରହ୍ମପୁର,୫ ।୨(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ଜାମିନ ଆବେଦନର ଶୁଣାଣି ଆଜି ହାଇକୋର୍ଟରେ ରହିଥିଲା। ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ରଙ୍କ କୋର୍ଟରେ ଏହି ଶୁଣାଣି ଥିଲା। ତେବେ ପୁଲିସ ସିଡି ଦାଖଲ କରି ନ ଥିବାରୁ ଶୁଣାଣି ସମ୍ଭବପର ହୋଇନଥିଲା। ଆସନ୍ତା ୨୫ତାରିଖରେ ପରବର୍ତ୍ତୀ ଶୁଣାଣି ପାଇଁ କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି। ତା' ପୂର୍ବରୁ ପୁଲିସକୁ ସିଡି ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଗତ ୨ ତାରିଖରେ ପୀତବାସ ପଣ୍ଡା ହତ୍ୟା ମାମଲାର ଜିଲ୍ଲା କୋର୍ଟରେ କମିଟମେଣ୍ଟ ରହିଥିଲା। ଏଥିପାଇଁ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ମେୟର୍ ଶିବଶଙ୍କର ଦାଶଙ୍କ ସମେତ ମୋଟ ୧୫ଜଣ ଅଭିଯୁକ୍ତଙ୍କୁ କଡ଼ା ସୁରକ୍ଷାବଳୟ ମଧ୍ୟରେ କୋର୍ଟରେ ହାଜର କରାଯାଇଥିଲା। ଅନ୍ୟତମ ଅଭିଯୁକ୍ତ ମଦନ ଦଳେଇ ସ୍ୱାସ୍ଥ୍ୟଗତ କାରଣ ଯୋଗୁଁ କୋର୍ଟରେ ଅନୁପସ୍ଥିତ ରହିଥିଲେ।

■ ତା'ପୂର୍ବରୁ ବିକ୍ରମଙ୍କ ସିଡି ଦାଖଲ କରିବାକୁ ପୁଲିସକୁ ନିର୍ଦ୍ଦେଶ
■ ଶୁକ୍ରବାର ଜିଲ୍ଲା କୋର୍ଟରେ ହାଜର ହେବେ ସମସ୍ତ ୧୬ ଅଭିଯୁକ୍ତ

ତେଣୁ, ୨ ତାରିଖରେ କମିଟମେଣ୍ଟ ହୋଇପାରି ନଥିଲା। ସେହିଭଳି ଦୁଇ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି ସହିତ ମଳୟ ବିଶୋୟୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସମ୍ପର୍କିତ ପିଟିସନର ଶୁଣାଣି ୬ ତାରିଖକୁ କୋର୍ଟ ଧାର୍ଯ୍ୟ କରିଥିଲେ। ଶୁକ୍ରବାର ପୁଣି କୋର୍ଟରେ ସମସ୍ତ ଅଭିଯୁକ୍ତ ହାଜର ହେବେ ବୋଲି ଜଣାପଡ଼ିଛି। ସମସ୍ତ ୧୬ଜଣ ଅଭିଯୁକ୍ତ କୋର୍ଟରେ ହାଜର ପରେ କମିଟମେଣ୍ଟ ହେବା ସହ ଏହି ମାମଲା ଜିଲ୍ଲା ଦୌରାଜଜ୍ କୋର୍ଟରୁ ଅନ୍ୟ କେଉଁ କୋର୍ଟଙ୍କୁ ସ୍ଥାନାନ୍ତର ହେବ, ତାହା ଜଣାପଡ଼ିବ ବୋଲି ବିକ୍ରମଙ୍କ ଓକିଲ ଦୀପକ ପଟ୍ଟନାୟକ କହିଛନ୍ତି।

## ପଶ୍ଚିମବଙ୍ଗକୁ ଗଞ୍ଜେଇ ଚୋରା ଚାଲାଣ

# ୨ ଓଡ଼ିଆ ଯୁବକ ଗିରଫ, ୬୨ କେଜି ଗଞ୍ଜେଇ ଜବତ

ଭୁବନେଶ୍ୱର, ୫।୨(ସମିସ): ଓଡ଼ିଶାରୁ ଗଞ୍ଜେଇ ଚୋରା ଚାଲାଣ ବେଳେ ପଶ୍ଚିମବଙ୍ଗର ପୁଲିସ ହାତରେ ଧରାପଡ଼ିଛନ୍ତି ଦୁଇ ଓଡ଼ିଆ ଯୁବକ। ସେମାନଙ୍କ ଠାରୁ ୬୨ କେଜି ଗଞ୍ଜେଇ ଜବତ ହୋଇଛି। ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ଅପରାଧରେ ବ୍ୟବହୃତ ଅଟୋକୁ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିଦ୍ୟାଚଳ ସାହାଣୀ ଏବଂ ପରେଶ ଚନ୍ଦ୍ର ଭୋଇ। ଅଭିଯୁକ୍ତଙ୍କୁ ଗୁରୁବାର ଝାରଗ୍ରାମ କୋର୍ଟରେ ହାଜର କରାଯାଇଥିଲା।

ପଶ୍ଚିମବଙ୍ଗ ପୁଲିସର ସୂଚନା ଅନୁସାରେ ଏହି ଦୁଇ ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରେ ଅପରାଧିକ ମାମଲା ରହିଛି। ଅଭିଯୁକ୍ତମାନେ ଓଡ଼ିଶାରୁ ଖଡ଼ଗପୁରକୁ ଗଞ୍ଜେଇ ଚାଲାଣ କରୁଥିବା ନେଇ ନୟାଗ୍ରାମ ପୁଲିସକୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ଏମାନଙ୍କୁ ଧରିବାକୁ ସ୍ଥାନୀୟ ପୁଲିସ ଜାଲ ବିଛାଇଥିଲା। ଗଞ୍ଜେଇ ବୋଝେଇ ଅଟୋଟି ନାକା ଚେକିଂରେ ଧରାପଡ଼ିଥିଲା। ଯାଞ୍ଚ ବେଳେ ଅଟୋରୁ ଗଞ୍ଜେଇ ମିଳିଥିଲା। ଏହାପରେ ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ଜେରା ବେଳେ ଅଭିଯୁକ୍ତମାନେ ନିୟମିତ ଭାବେ ଓଡ଼ିଶାରୁ ଖଡ଼ଗପୁରକୁ ଗଞ୍ଜେଇ ଚୋରା ଚାଲାଣ କରୁଥିବା ସ୍ୱୀକାର କରିଥିଲେ। ପଶ୍ଚିମବଙ୍ଗ ପୁଲିସ ଅଟୋଟିକୁ ଜବତ କରିବା ସହ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି।

# ପୁଲିସ ଏସ୍‌ଆଇ ପରୀକ୍ଷା କେବେ?

## ତ୍ୱରିତ ପରୀକ୍ଷା ଦାବିରେ ଗାନ୍ଧୀ ମାର୍ଗରେ ଗର୍ଜିଲେ ଆଶାୟୀ

ଭୁବନେଶ୍ୱର, ୫ ।୨(ସମିସ):ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ରାକେଟ୍ ଧରାପଡ଼ିବା ପରେ ପରୀକ୍ଷା କରିବାକୁ ସରକାର ଭୁଲି ଯାଇଛନ୍ତି। ପରୀକ୍ଷା ପରିଚାଳନା କରୁଥିବା ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆର୍‌ବି)କୁ ନିଷ୍କ୍ରିୟ କରି ସମସ୍ତ ପ୍ରକାର ବର୍ଦ୍ଦିଧାରୀଙ୍କ ପାଇଁ ଏକକ ପରୀକ୍ଷା କରିବାକୁ ଓଡ଼ିଶା ୟୁନିଫର୍ମ ଷ୍ଟାଫ୍ ସିଲେକ୍ସନ

**ସରକାର ସ୍ପଷ୍ଟ ନ କଲେ ବିଧାନସଭା ଘେରିବାକୁ ଚେତାବନୀ**

କମିଶନ୍ (ଓୟୁଏସ୍‌ଏସ୍‌ସି) ଗଠନ କରିଦେଇ ଦାୟିତ୍ୱ ସାରିଦେଇଛନ୍ତି। ପୁନଃପରୀକ୍ଷା କରିବାକୁ ଆନ୍ତରିକତା ପ୍ରକାଶ କରୁନାହାନ୍ତି। କେଉଁ ସଂସ୍ଥା ପରୀକ୍ଷା କରିବ ଏବଂ କେବେ ପରୀକ୍ଷା ହେବ, ସେନେଇ ସ୍ପଷ୍ଟ କରିବା ସହ ତ୍ୱରିତ ପରୀକ୍ଷା କରିବା ଦାବିରେ ଷ୍ଟୁଡେଣ୍ଟ ଏଗେନଷ୍ଟ କରପସନ୍ ପକ୍ଷରୁ ଆଶାୟୀମାନେ ଗୁରୁବାର ଗାନ୍ଧୀ ମାର୍ଗରେ ଗର୍ଜନ କରିଛନ୍ତି।




ଆଶାୟୀଙ୍କ ଅଭିଯୋଗ ଅନୁଯାୟୀ, ଚାକିରି ବିକ୍ରି କରିବାକୁ ବ୍ୟାପକ ଷଡ଼୍‌ଯନ୍ତ୍ର ଧରାପଡ଼ିବା ପରେ ପୁନଃ ଏହି ପରୀକ୍ଷା କରିବାକୁ ସରକାର ପଦକ୍ଷେପ ନେଉନାହାନ୍ତି। ନିଯୁକ୍ତି ବିଜ୍ଞପ୍ତି ପ୍ରକାଶକୁ ପ୍ରାୟ ୧୩ ମାସ ଅତିକ୍ରମ କରିଥିଲେ ମଧ୍ୟ ସ୍ୱଚ୍ଛ ଓ ବ୍ୟବସ୍ଥିତ ଭାବେ ପରୀକ୍ଷା କରିବାକୁ ଆନ୍ତରିକତା ପ୍ରକାଶ କରୁନାହାନ୍ତି। ଇତିମଧ୍ୟରେ ଓପିଆର୍‌ବିକୁ ନିଷ୍କ୍ରିୟ କରି ସମସ୍ତ ପ୍ରକାର ବର୍ଦ୍ଦିଧାରୀଙ୍କ ପାଇଁ ଏକକ ପରୀକ୍ଷା କରିବାକୁ ଓୟୁଏସ୍‌ଏସ୍‌ସି ଗଠନ କରିଥିଲେ ମଧ୍ୟ ତାହା ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇନାହିଁ। ଏହି ଦୁଇ ସଂସ୍ଥା ମଧ୍ୟରୁ ପରୀକ୍ଷା କିଏ ପରିଚାଳନା କରିବ, ସେନେଇ ସରକାର ସ୍ପଷ୍ଟ କରୁନାହାନ୍ତି। ତଦନ୍ତ ତା' ବାଟରେ ଚାଲୁଥିବା ବେଳେ ସରକାର ପରୀକ୍ଷା ପରିଚାଳନା ନ କରିବା ଲକ୍ଷାଧିକ ଆଶାୟୀଙ୍କ ଭବିଷ୍ୟତ ଅନ୍ଧାର ଭିତରକୁ ଠେଲି ଦେଇଛି। ପରୀକ୍ଷା କରିବା ଦାବିରେ ଆଶାୟୀମାନେ ଏଠାରୁ ସେଠାକୁ ଦୌଡ଼ୁଛନ୍ତି। ଏଥିପାଇଁ ସରକାରଙ୍କ ଉଦାସୀନତା ଓ ଦାୟିତ୍ୱହୀନତା ଦାୟୀ ବୋଲି ସଂଗଠନର ଆବାହକ ବିଭୂତି ଭୂଷଣ ମହାପାତ୍ର କହିଛନ୍ତି।

ସନ୍ଦେହ ଓ ତଦନ୍ତଘେରରେ ରହିଥିବା ଓପିଆର୍‌ବି ଅଧିକାରୀମାନେ ହାତବାନ୍ଧି ବସିଥିବା ବେଳେ ଓୟୁଏସ୍‌ଏସ୍‌ସି କାର୍ଯ୍ୟକ୍ଷମ ହୋଇନାହିଁ। ଏଣୁ ସରକାର କେଉଁ ସଂସ୍ଥା ଓ କେବେ ପରୀକ୍ଷା ପରିଚାଳନା କରିବ, ସେନେଇ ସ୍ପଷ୍ଟୀକରଣ ରଖିବା ସହ ତ୍ୱରିତ ପରୀକ୍ଷା କରିବାକୁ ପଦକ୍ଷେପ ନେବା ପାଇଁ ସେ ଦାବି କରିଛନ୍ତି। ପରୀକ୍ଷା ପରିଚାଳନା ପାଇଁ ତ୍ୱରିତ ପଦକ୍ଷେପ ନ ନେଲେ ଆସନ୍ତା ବିଧାନସଭା ଅଧିବେଶନ ସମୟରେ ବିଧାନସଭା ଘେରିବାକୁ ବାଧ ହେବେ ବୋଲି ସଂଗଠନର ଆବାହକ ଶ୍ରୀ ମହାପାତ୍ର କଡ଼ା ଚେତାବନୀ ଦେଇଛନ୍ତି।

ଆନ୍ଦୋଳନ ବେଳେ ଆଶାୟୀଙ୍କ ମଧ୍ୟରେ ଚାପା ଅସନ୍ତୋଷ ଦେଖାଦେଇଛି। ରାଜ୍ୟରେ ବାରମ୍ବାର ପରୀକ୍ଷା ବିଭ୍ରାଟ ହେଉଥିବା ବେଳେ ସରକାର କୌଣସି କଠୋର୍ ପଦକ୍ଷେପ ନେଇ ପାରୁନାହାନ୍ତି। ଯେଉଁ ପରୀକ୍ଷାରେ ବିଭ୍ରାଟ ହେଉଛି, ତା'ର ତଦନ୍ତ ନାମରେ ପରୀକ୍ଷା ପ୍ରକ୍ରିୟାକୁ ମାତ୍ରାଧିକ ବିଳମ୍ବ କରାଯାଉଛି। ଫଳରେ ନିଯୁକ୍ତି ପଦ୍ମପୋଖରୀ ମଧ୍ୟ ଘୁଞ୍ଚିଘୁଞ୍ଚି ଯାଉଛି। ପୁଲିସ୍ ଏସ୍‌ଆଇ କ୍ଷେତ୍ରରେ ତ ପରୀକ୍ଷା ପରିଚାଳନା କରିବା ପାଇଁ ଭୁଲିଯାଇଥିବା ପରି ମନେ ହେଉଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି। ଦୀର୍ଘଦିନରୁ ପରୀକ୍ଷା ପ୍ରସ୍ତୁତି କରୁଥିବା ଆଶାୟୀଙ୍କ ଭବିଷ୍ୟତ ସହ ନଖେଳିବାକୁ ସରକାରଙ୍କୁ ସେମାନେ ଅନୁରୋଧ କରିବା ସହ ସ୍ୱଚ୍ଛତାର ସହ ତ୍ୱରିତ ପରୀକ୍ଷା କରିବାକୁ ଦାବି କରିଛନ୍ତି।

# ବ୍ୟବହାର ହେଉନି ବଜାର ପିଣ୍ଡି





**ସିନାପାଲି, ୫ ।୨(ସମିସ)**

ନୂଆପଡ଼ା ଜିଲ୍ଲାର ସିନାପାଲି ସହରରେ କେଉଁ କେତେ ଦିନରୁ ସାପ୍ତାହିକ ବୁଧବାର ବଜାର ପାଇଁ ପରିଚିତ ଥିଲା। ପ୍ରତ୍ୟେକ ବୁଧବାର ଦିନ ଗାଁଗଣ୍ଡାରୁ ଚାଷୀ, ବେପାରୀ ଓ ସାଧାରଣଲୋକଙ୍କ ଭିଡ଼ରେ ସିନାପାଲି ସହର ସାପ୍ତାହିକ ବଜାର ଜୀବନ୍ତ ହୋଇଉଠୁଥିଲା। ସେହି ବଜାର କେବଳ ବେପାର ବଣିଜ୍ୟର କେନ୍ଦ୍ର ନୁହେଁ, ଗ୍ରାମୀଣ ଅର୍ଥନୀତି, ସାମାଜିକ ମିଳନ ଓ ସଂସ୍କୃତିର ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲା ।ଚାଷୀମାନେ ନିଜ କ୍ଷେତରୁ ଉତ୍ପାଦିତ ସତେଜ ପନିପରିବା, ଧାନ, ଡାଲି, ପନିପରିବା ଆଣି ବଜାରରେ ବିକ୍ରି କରୁଥିଲେ। ଗୃହସ୍ଥମାନେ ଘରକରଣି ସାମଗ୍ରୀ, ଦୈନନ୍ଦିନ ଆବଶ୍ୟକତା ସାମଗ୍ରୀ ହିଁ ସହଜରେ ପାଇଯାଉଥିଲେ। ସିନାପାଲି ର ବୁଧବାର ବଜାର ଅନେକଙ୍କ ପାଇଁ ଆଶା, ଆୟ ଓ ଜୀବିକାରମୂଳ ଆଧାର ସାଜିଥିଲା। କିନ୍ତୁ ଆଜି ସେଇ ବୁଧବାର ବଜାର କେବଳ ସ୍ମୃତିରେ ସୀମିତ। ଧୀରେଧୀରେ ବଜାର ଯେମିତି ହଜିଯାଇଛି, ତାହା ନେଇ ଅଞ୍ଚଳବାସୀଙ୍କ ମନରେ ଅସନ୍ତୋଷ ଓ ବେଦନା ଦେଖାଯାଉଛି। ବଜାର ନ ଥିବାରୁ ଚାଷୀମାନେ ସିଧାସଳଖ କ୍ଷତିଗ୍ରସ୍ତ ହେଉଛନ୍ତି। ସେମାନଙ୍କ ଉତ୍ପାଦିତ ସାମଗ୍ରୀର ଯଥୋଚିତ ଦାମ ମିଳୁନି ।ପ୍ରଶାସନ ପକ୍ଷରୁ ସିନାପାଲିରେ ଗୋଟିଏ ଡେଲି ମାର୍କେଟ କ୍ୟାମ୍ପସ ଲକ୍ଷାଧିକ ବ୍ୟୟ ଅଟକଳରେ ତିଆରି କରାଯାଇଥିବା କଥା ନିଶ୍ଚୟ ଏକ ସକାରାତ୍ମକ ପଦକ୍ଷେପ। କିନ୍ତୁ ଦୁଃଖର ବିଷୟ, ସେହି କ୍ୟାମ୍ପସ ଆଜି ପର୍ଯ୍ୟନ୍ତ ବେପାରୀମାନଙ୍କ ପାଇଁ କାମରେ ଆସୁନି। ଅଧିକାଂଶ ବେପାରୀ ବିଜୁ ଏକ୍ସପ୍ରେସ୍‌ୱେ ନିକଟରେ ଥିବା ଗୋଡାଲ ଛକ ନିକଟ ରାସ୍ତା କଡରେ ବସି ବେପାର କରୁଛନ୍ତି ।ରାସ୍ତା କଡରେ ବେଆଇନ ଭାବେ ବେପାର କରାଯାଉଥିବାରୁ ସେଠାରେ ନିୟମିତ ଭାବେ ସମସ୍ୟା ସୃଷ୍ଟି ହେଉଛି। ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଦୁର୍ଘଟଣାରେ ଅନେକ ମୂଲ୍ୟବାନ ଜୀବନ ମଧ୍ୟ ନଷ୍ଟ ହୋଇସାରିଛି ।ଏହା କେବଳ ପ୍ରଶାସନିକ ଅବହେଳା ନୁହେଁ, ସାଧାରଣଲୋକଙ୍କ ସୁରକ୍ଷା ପ୍ରତି ଗଭୀର ଅବହେଳାକୁ ମଧ୍ୟ ପରି ପ୍ରକାଶ କରୁଛି। ଯେତେବେଳେ ପ୍ରଶାସନ ନିଜେ ବେପାରୀମାନଙ୍କ ସୁବିଧା ପାଇଁ ଡେଲି ମାର୍କେଟ କ୍ୟାମ୍ପସ ତିଆରି କରିଛି ସେତେବେଳେ ତାହାକୁ ସକ୍ରିୟ କରିବା ଦାୟିତ୍ୱ ମଧ୍ୟ ପ୍ରଶାସନର। କେବଳ ଢାଞ୍ଚା ତିଆରି କରି କେବଳ ଦାୟିତ୍ୱ ନିର୍ବାହ କରୁଥିବା ଭଳି ମନେ ହେଉଛି। ବେପାରୀମାନଙ୍କୁ ସେହି କ୍ୟାମ୍ପସ ମଧ୍ୟରେ ବସି ବିକ୍ରି କରିବାକୁ ପ୍ରେରିତ କରିବା ସହିତ ଆବଶ୍ୟକ ହେଲେ କଡା ନିଷ୍ପତ୍ତି ନେବା ମଧ୍ୟ ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ଅବଶ୍ୟ କିଛି ଦିନ ଧରି ସିନାପାଲି ସଦର ସରପଞ୍ଚ ସମେତ ବ୍ଲକ ପ୍ରଶାସନ ପୁରୁଣା ଡେଲି ମାର୍କେଟକୁ ଫେରି ବ୍ୟବସାୟ କରିବା ପାଇଁ ନିବେଦନ କରିଥିଲେ। ହେଲେ ବେପାରୀ ଅବୁଝା ହୋଇ ରାଜ ରାସ୍ତା ଫୋର୍ ୱେରେ ବେପାର ଜମାଇଛନ୍ତି। ସିନାପାଲିର ସାପ୍ତାହିକ ବଜାର ଚାଲିଲେ କେବଳ ଚାଷୀ ଓ ବେପାରୀ ଲାଭାନ୍ୱିତ ହେବେ ତାହା ନୁହେଁ ସାଧାରଣଲୋକଙ୍କ ସୁରକ୍ଷା ମଧ୍ୟ ନିଶ୍ଚିତ ହେବ ।ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ଡେଲି ମାର୍କେଟ କ୍ୟାମ୍ପସକୁ ସଫଳ କରିବା ସହ ସିନାପାଲିର ହଜିଯାଉଥିବା ବୁଧବାର ବଜାରର ପରିଚୟକୁ ପୁନଃ ଫେରାଇବା ଅତ୍ୟନ୍ତ ଆବଶ୍ୟକ ହୋଇ ପଡ଼ିଛି ନ ହେଲେ ଗୋଟିଏ ଗ୍ରାମୀଣ ପରମ୍ପରା କେବଳ ଇତିହାସର ପୃଷ୍ଠାରେ ସୀମିତ ହୋଇ ରହିଯିବ ବୋଲି ସିନାପାଲି ଅଞ୍ଚଳର ଜନସାଧାରଣ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

**ସ୍ମୃତିରେ ସାପ୍ତାହିକ ବୁଧବାର ବଜାର**

**ଗୋଡାଲ ଛକ ବିଜୁ ଏକ୍ସପ୍ରେସ କଡରେ ଚାଲିଛି ବେପାର**

## ରାସ୍ତାକଡ଼ ସାଙ୍କେତିକ ବୋର୍ଡକୁ ଧକ୍କା ଟ୍ରକ୍




**କେସିଙ୍ଗା, ୫ ।୨(ସମିସ):** ଭବାନୀପାଟଣା ଆଡୁ କେସିଙ୍ଗା ପଟେ ଲମ୍ବିଥିବା ଏନ୍‌ଏଚ-୨୬ ଉପରେ କେସିଙ୍ଗା ବ୍ଲକ ଉତ୍କେଲା ବଜାର ସମ୍ମୁଖରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ରାସ୍ତା ମଝିରେ ଲାଗିଥିବା କିଲୋମିଟର ସାଙ୍କେତିକ ବୋର୍ଡକୁ ସିମେଣ୍ଟ ବୋଝେଇ ଟ୍ରକ୍ ଧକ୍କା ଦେଇଛି। ଗୁରୁବାର ସନ୍ଧ୍ୟା ପ୍ରାୟ ୬ ଘଣ୍ଟା ସମୟରେ ଭବାନୀପାଟଣା ପଟୁ କେସିଙ୍ଗା ପଟେ ଆସୁଥିବା ଏକ ସିମେଣ୍ଟ ବୋଝେଇ ଟ୍ରକ୍ ନଂସିଜି ୦୬ଜିଏଚ-୭୫୮୦ ଗଭାରସାମ୍ୟ ହରାଇ ସାଙ୍କେତିକ ବୋର୍ଡ ଲାଗିଥିବା ଖମ୍ବରେ ପିଟି ଦେବାରୁ ବୋର୍ଡ ଭାଙ୍ଗି ଯାଇଛି। ଦୁର୍ଘଟଣାରେ କୌଣସି ଧନ ଜୀବନ କ୍ଷୟକ୍ଷତି ହୋଇ ନ ଥିଲେ ମଧ୍ୟ ଦୁର୍ଘଟଣା ଘଟାଇବା ପରେ ଟ୍ରକ୍‌ର ଡ୍ରାଇଭର ଓ ହେଲପର ଘଟଣା ସ୍ଥଳରେ ଗାଡ଼ି ଛାଡି ଫେରାର ହୋଇଯାଇଛନ୍ତି। ଖବର ମିଳିବା ପରେ କେସିଙ୍ଗା ଏସ୍‌ଡିପିଓ ସନ୍ଦୀପ ମାଝୀ, ଥାନା ଅଧିକାରୀ ଜୀତେନ୍ଦ୍ର ବିଶ୍ୱାଳ, ଉତ୍କେଲା ଫାଣ୍ଡି ଅଧିକାରୀ ଅନୁପ କୁମାର ଶତପଥୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସାଙ୍କେତିକ ବୋର୍ଡକୁ ରାସ୍ତା କଡକୁ ସାଇଡ କରି ଗାଡ଼ି ଚଳା ଚଳ ସ୍ୱଭାବିକ କରିଥିଲେ। ପ୍ରକାଶ ଥାଉକୀ ଗତ ଦୁଇ ଦିନ ଭିତରେ ଉକ୍ତ ରାଜ ରାସ୍ତାରେ ୧୮ ଘଣ୍ଟା ମଧ୍ୟରେ ଦୁର୍ଘଟଣାରେ ଦୁଇଟି ମୂଲ୍ୟବାନ ଜୀବନ ଚାଲିଯାଇଛି।

## କଲମପୁର କୃଷି କାର୍ଯ୍ୟାଳୟରେ କର୍ମଚାରୀ ଅଭାବ


**କଲମପୁର, ୫ ।୨(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର କାର୍ଯ୍ୟାଳୟରେ କର୍ମଚାରୀ ଅଭାବ ଦେଖା ଦେଇଛି। ଫଳରେ କୃଷି ଓ କୃଷକଙ୍କ ବିଭିନ୍ନ କାର୍ଯ୍ୟରେ ବ୍ୟାଘାତ ପରିଲକ୍ଷିତ ହେଉଥିବାରୁ କୃଷକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। କଲମପୁର ବ୍ଲକ ଅଞ୍ଚଳରେ ୧୧ଟି ପଞ୍ଚାୟତ ରହିଛି। ସରକାରଙ୍କ ନୀୟମ ଅନୁସାରେ ପ୍ରତି ପଞ୍ଚାୟତକୁ ଜଣେ ଲେଖାଏଁ ହିସାବରେ ୧୧ଜଣ ଭିଏଡବ୍ଲୁ ରହିବା କଥା, କିନ୍ତୁ ଏଠାରେ ଭିଏଡବ୍ଲୁମାନଙ୍କୁ ବଦଳି କରାଯାଇ ଥିବାରୁ ସେସବୁ ସ୍ଥାନ ଖାଲି ପଡ଼ିଛି। ଏଠାରେ ଜଣେ ସହକାରୀ କୃଷି ଅଧିକାରୀ ରହିଥିବା ବେଳେ ତିନି ଜଣ ଭିଏଡବ୍ଲୁ ରହିଛନ୍ତି। ସେହି ତିନିଜଣ ଭିଏଡବ୍ଲୁଙ୍କ ମଧ୍ୟରୁ ଜଣେ ନୂତନ ଭାବେ ଯୋଗ ଦେଇଥିବା ବେଳେ ଜଣେ ମହିଳା ଭିଏଡବ୍ଲୁ ଦୀର୍ଘ କାଳୀନ ଛୁଟିରେ ରହିଛନ୍ତି। ଜଣେ ନୂତନ ଭାବେ ଯୋଗ ଦେଇଥିବା ଓଭରସିୟର ନିଜ ଦାୟିତ୍ୱ ସହିତ ଅତିରିକ୍ତ ଗୋଟିଏ ପଞ୍ଚାୟତ ଦାୟିତ୍ୱରେ ରହିଛନ୍ତି। ଏଠାରେ ଗୋଷ୍ଠୀ କୃଷି ଅଧିକାରୀ ପଦବୀ ମଧ୍ୟ ଖାଲି ପଡ଼ିଥିବା ବେଳେ ପିଅନ ପଦ ମଧ୍ୟ ଖାଲି ପଡ଼ିଛି। ମଣ୍ଡଳ, ମୀନଗୁର ପଞ୍ଚାୟତ ଦାୟିତ୍ୱରେ ଦୁଇ ଜଣ ଭିଏଡବ୍ଲୁ ନିୟୋଜିତ ହୋଇଥିବା ବେଳେ କଲମପୁର ଭିଏଡବ୍ଲୁ ଛୁଟିରେ ରହିଛନ୍ତି। ବଡକୁଟ୍ରୁ ପଞ୍ଚାୟତ ପାଇଁ ଓଭରସିୟର ଅତିରିକ୍ତ ଦାୟିତ୍ୱ ନିର୍ବାହ କରୁଛନ୍ତି। ଫଳରେ କୃଷକମାନେ ବିଭିନ୍ନ କାର୍ଯ୍ୟ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଦିଗରେ ଜିଲ୍ଲା ଉଚ୍ଚ କର୍ତ୍ତୃପକ୍ଷ ବିହିତ ପଦକ୍ଷେପ ଗ୍ରହଣ କରିବାକୁ କୃଷକଙ୍କ ମହଲରେ ଦାବି ହେଉଛି।




**୧୧ପଞ୍ଚାୟତକୁ ଦୁଇ ଭିଏଡବ୍ଲୁ**

## ଆମପାଣିରେ ବ୍ୟବସାୟୀଙ୍କ ଘରୁ ଚୋରି

**କୋକସରା, ୫ ।୨(ସମିସ):** କିଛି ଦିନର ବ୍ୟବଧାନ ପରେ କୋକସରା ଅଞ୍ଚଳରେ ଚୋର ପୁଣି ସକ୍ରିୟ ହୋଇ ଉଠିଲେଣି। ଘରେ କେହି ନଥିବା ସୁଯୋଗ ନେଇ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି ଥାନା ଅଞ୍ଚଳରେ ବଡ଼ ଧରଣ ଚୋରି ହୋଇଛି। ଆମପାଣି ଗ୍ରାମର ବ୍ୟବସାୟୀ ସନ୍ତୋଷ କୁମାର ସାହୁ ତାଙ୍କ ପରିବାର ଲୋକଙ୍କ ସହିତ ବୁଧବାର ବିବାହ କାର୍ଯ୍ୟରେ ଯୋଗ ଦେଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତ ରାତିରେ ଘର ପଛପଟୁ କବାଟ ଭାଙ୍ଗି କଳାକନା ବୁଲେଇଛନ୍ତି। ମାଲିକ ପରିବାର ରାତି ପ୍ରାୟ ୧୧ଟା ସମୟରେ ଘରକୁ ଫେରି କବାଟ ଖୋଲିବା ପରେ ଘର ଭିତରକୁ ଗାଡା ପଡ଼ିଥିଲା। ଏହାପରେ ସେମାନେ ଚୋରି ହୋଇଥିବା ସନ୍ଦେହ କରି ପାଖ ପଡୋଶୀ ଲୋକଙ୍କୁ ଡାକି କବାଟ ଭାଙ୍ଗି ଘରକୁ ପିସିଥିଲେ। ଚୋରି ହୋଇଥିବା ଜାଣି ଆମପାଣି ପୁଲିସକୁ ଖବର ଦେଇଥିଲେ। ଦୁର୍ବୃର୍ତ୍ତ ଘର ପଛପଟୁ ଲୁହା କବାଟ ଭାଙ୍ଗି ଘରେ ଥିବା ଆଲମୀରା ଭାଙ୍ଗି ପ୍ରାୟ ୩ ଲକ୍ଷ ଓ ୧୦ ଭରି ସୁନାଗହଣା ସହ ଅନ୍ୟ ସାମଗ୍ରୀ ଚୋରି ହୋଇଥିବା ନେଇ ଘର ମାଲିକ ସନ୍ତୋଷ ସାହୁ ଆମପାଣି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଆମପାଣି ଥାନା ଅଧିକାରୀ ପ୍ରଶାନ୍ତ କୋଲାହାର ତାଙ୍କ ଟିମ୍ ସହିତ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲେ। ଏହାପରେ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରାଯାଇଥିଲା। ସାଇଣ୍ଟିଫିକ୍ ଟିମ୍ ବିଭିନ୍ନ ନମୁନା ସଂଗ୍ରହ କରିଥିବାବେଳେ ସନ୍ଧାନୀ କୁକୁର ଚୋରି ହୋଇଥିବା ଘର ନିକଟରୁ ଜାତୀୟ ରାଜପଥ ଆମପାଣି ମୁଖ୍ୟରାସ୍ତା ଦେଇ ବିଜୁ ଏକ୍ସପ୍ରେସୱେ ହୋଇ ପୁଣି ଘର ପର୍ଯ୍ୟନ୍ତ ଫେରିଥିଲା। ହେଲେ ଚୋରି ସମ୍ପର୍କରେ କୌଣସି ସ୍ପଷ୍ଟ ଜଣାପଡ଼ିନାହିଁ। ଆମପାଣି ହେଉଛି କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାର ଶେଷ ସୀମାନ୍ତରେ ଅବସ୍ଥିତ ରହିଛି। ଆମପାଣି ଗ୍ରାମରେ ପ୍ରଥମ ଥର ପାଇଁ ଏତେ ବଡ଼ ଧରଣର ଚୋରି ହୋଇଥିବାରୁ ଲୋକଙ୍କ ମଧ୍ୟରେ ଭୟ ସଞ୍ଚାର ହୋଇଛି। ପୁଲିସ ପେଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ ଜନସାଧାରଣରେ ଦାବି ହୋଇଛି।



**ଲକ୍ଷାଧିକ ଟଙ୍କା ଓ ସୁନାଗହଣା ନେଇ ଫେରାର**

## ଅଜଣା ମୃତକଙ୍କ ମିଳିଲା ପରିଚୟ

**କୋକସରା, ୫ ।୨(ସମିସ):** କୋକସରା ଥାନା ମାଝୀଗୁଡା ପଞ୍ଚାୟତର କାଦୋପଡ଼ା ନିକଟ ଇନ୍ଦ୍ରାବତୀ ଉଠାଜଳସେଚନ କେନାଲରୁ ବୁଧବାର କୋକସରା ପୁଲିସ ଜଣେ ଅଚିହ୍ନା ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରିଥିଲା। ହେଲେ ଦୀର୍ଘ ସମୟ ପରେ ମଧ୍ୟ ତାଙ୍କର କୌଣସି ପରିଚୟ ମିଳିନଥିବାରୁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇ ସେଠାରେ ଫ୍ରିଜରେ ରଖାଯାଇଥିଲା। ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ମୃତକଙ୍କ ପରିବାର ଲୋକେ କୋକସରା ପୁଲିସକୁ ଯୋଗାଯୋଗ କରିଥିଲେ ।ମେଡିକାଲରେ ପହଞ୍ଚି ଶବ ଚିହ୍ନଟ କରିଛନ୍ତି। ମୃତବ୍ୟକ୍ତି ଜଣକ ଜୟପାଟଣା ଥାନା ଅନ୍ତର୍ଗତ ଅଁଲାଭାଟା ପଞ୍ଚାୟତ କୋକଡି ଗ୍ରାମର ସୁନ୍ଦର ମାଝୀ ବୋଲି ଚିହ୍ନଟ ହୋଇଛି। ସୂଚନା ଅନୁସାରେ, ସୁନ୍ଦର ମାଝୀ ଗତ ରବିବାର ଦିନଠାରୁ କୁଲା, ଟୋପା ବିକ୍ରୀ ପାଇଁ ଘରୁ ବାହାରି ଯାଇଥିଲେ। କିନ୍ତୁ ଆଉ ଘରକୁ ଫିରି ନଥିଲେ। ବୁଧବାର ଦିନ ଜଣେ ଅଚିହ୍ନା ବୃଦ୍ଧଙ୍କ ମୃତ୍ୟ ଉଦ୍ଧାର ହୋଇଥିବା ଖବର ଗଣମାଧମରେ ପ୍ରକାଶ ପାଇବା ପରେ କୋକସରା ପୁଲିସକୁ ତାଙ୍କ ପରିବାର ଲୋକ ଯୋଗଯୋଗ କରିଥିଲେ। ବିଭିନ୍ନ ଦିଗକୁ ତଦନ୍ତ କରି ଛାନଭିନ ପରେ ବୃଦ୍ଧଙ୍କ ମୃତଦେହକୁ ପୋଲସି ତାଙ୍କ ପରିବାରକୁ ହସ୍ତାନ୍ତର କରିଥିବା ଥାନା ପକ୍ଷରୁ ସୂଚନା ମିଳିଛି।

## ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ଶ୍ରଦ୍ଧାଞ୍ଜଳି



**ଭବାନୀପାଟଣା, ୫ ।୨(ସମିସ):** ସ୍ଥାନୀୟ ତାରିଣୀ ମନ୍ଦିରସ୍ଥିତ ବିବେକ କନଫରେନ୍ସ ହଲରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପୁଣ୍ୟତିଥିରେ ସ୍ୱେଚ୍ଛାସେବୀ ସଂଗଠନ ବିବେକ ସେନା ତରଫରୁ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ମଧୁସୂଦନ ଦାସ ଜଣେ ଓଡ଼ିଆ ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଆ ଭାଷା ଆନ୍ଦୋଳନର ମୁଖ୍ୟ ପୁରୋଧା ଓ ଲେଖକ ଓ କବି ତଥା ତାଙ୍କ ନୀତି ଆଦର୍ଶ, ଦେଶଭକ୍ତି, ଭାଇଚାରା ସହ ରାଷ୍ଟ୍ରଗଠନରେ ସମସ୍ତେ ନିୟୋଜିତ ରହିବାକୁ ବିବେକ ସେନାର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ଡ. ଶିବରାମ ନାୟକ ଆହ୍ୱାନ ଦେଇଥିଲେ। ପ୍ରଥମେ ମଧୁ ବାବୁଙ୍କ ଫୋଟୋ ଚିତ୍ରରେ ପୁଷ୍ପାଞ୍ଜଳି ପରେ ସଭା ଆରମ୍ଭ ହୋଇଥିଲା। ଶିକ୍ଷାବିତ୍ ତଥା ବରିଷ୍ଠ ଚିତ୍ର ମୁକୁନ୍ଦ ରେ‡ୀ, ସମାଜସେବୀ ମନୋହର ସା, ହରିଷ୍ଣ ଗୌଡ଼, ରୋଶନୀ ମାଝୀ ସମେତ ବହୁ ବିବେକ ସେନାର ସଦଶ୍ୟ ଉପସ୍ଥିତ ରହି ସହଯୋଗ ସହ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ବନ୍ଦେ ମାତରମ୍ ଗାନ ସହ ସଭା ସାଙ୍ଗ କରାଯାଇଥିଲା।

## ଚହକା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



**ଗୋଲାମୁଣ୍ଡା, ୫ ।୧(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଚହକା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଏକତ୍ରି କରଣ ସମର୍ପଣ ଦିବସ ଓ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମର ଆରମ୍ଭରେ ମା'ସରସ୍ୱତୀଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରାଯାଇ ବନ୍ଦନା ଗାନ କରାଯାଇଥିଲା। ମୁଖ୍ୟଅତିଥି ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଯୋଗ ଦେଇଥିବା ବେଳେ ସ୍ୱତନ୍ତ୍ର ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରାର୍ଥି ତଥା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ମନୋଜ ମେହେର, ଚହକା ପଞ୍ଚାୟତ ସରପଞ୍ଚ ହେମବନ୍ତି ବାଗ, ବିଜେପି କେଗାଁ ମଣ୍ଡଳ ସଭାପତି ଜୟକୃଷ୍ଣ ସାହୁ, ପୂର୍ବତନ ସ୍ଥାନୀୟ ସରପଞ୍ଚ ଦନାର ବାଗ, ସାମାଜିକ କର୍ମୀ ଶ୍ୟାମସୁନ୍ଦର ଅଗ୍ରୱାଲ, ବିଜେପି କେଗାଁ ମଣ୍ଡଳ ସାଧାରଣ ସମ୍ପାଦକ ଜୟନ୍ତ କୁମାର ସିଂ ଓ ମନୋଜ ଅଗ୍ରୱାଲ, ପୂର୍ବତନ ଶିକ୍ଷକ କୃଷ୍ଣଚନ୍ଦ୍ର ବିଶ୍ୱାଳ, ଶିଶୁ ବିଦ୍ୟା ମନ୍ଦିରର ସଭାପତି ବିଭୂତି ଭୂଷଣ ବିଶ୍ୱାଳ, ଶିଶୁ ବିଦ୍ୟା ମନ୍ଦିରର ଉପସଭାପତି ଦୁଲମଣି ପଟେଲ, ପରିଚାଳନା କମିଟିର ମୁଖ୍ୟ ହେମନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ ପ୍ରଧାନ ଆଚାର୍ଯ୍ୟ ଅତୁଲ୍ୟ ନାୟକ ମଞ୍ଚ ପରିଚାଳନା କରିଥିଲେ। ଅତିଥିଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇ ଥିଲା।

**ପ୍ରିୟଦର୍ଶିନୀ ଇନ୍ଦିରା ମହାବିଦ୍ୟାଳୟ**

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ




**ଜୁନାଗଡ଼, ୫ ।୨ (ସମିସ):** ଜୁନାଗଡ଼ ସହରସ୍ଥିତ ପ୍ରିୟଦର୍ଶିନୀ ଇନ୍ଦିରା ମହାବିଦ୍ୟାଳୟରେ ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ରୀଙ୍କୁ ନେଇ ଆତ୍ମସୁରକ୍ଷା ତାଲିମଶିବିର ଉଦ୍‌ଘାଟିତ। ଶିବିର ୯ ଦିନ ଧରି ଚାଲିବ। ତାଲିମ ଶିବିରରେ ମୁଖ୍ୟଅତିଥି ଭାବେ ଜୁନାଗଡ଼ ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷ ସୁଧାଂଶୁ ଶେଖର ବରାଡ଼ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୋଲିସ ଏଏସ୍‌ଆଇ ସ୍ମିତା ରାଣୀ ମାଝୀ ଏବଂ ଅନ୍ୟତମ ଅତିଥି ଭାବେ ଜୁନାଗଡ଼ ମିଡିଆ କ୍ଲବ୍ ସଭାପତି ଆଦିତ୍ୟ ପ୍ରସାଦ ମହାନ୍ତି, କଲେଜର ଭାରପ୍ରାପ୍ତ ଅଧକ୍ଷ ସାଗରିକା ଦାସ, ଓଡ଼ିଆ ଅଧ୍ୟାପକ ବିଶ୍ୱ ରଞ୍ଜନ ବେହେରା, ପିଇଟି ସମୀର ରଞ୍ଜନ ସାହୁ, ଆତ୍ମସୁରକ୍ଷା ତାଲିମ ପ୍ରଶିକ୍ଷଣର ସଂଯୋଜିକା ଅମିତା ମେହେର ପ୍ରମୁଖ ଯୋଗଦାନ କରିଥିଲେ। ଛାତ୍ରୀମାନେ କିପରି ପ୍ରଶିକ୍ଷଣ ନେଇ କିପରି ନିଜ ସୁରକ୍ଷା ନିଜେ କରିପାରିବେ ଅତିଥିମାନେ ପ୍ରକାଶ କରିଥିଲେ। ପ୍ରଶିକ୍ଷକ ଭାବେ ଜଲି ପରାଭୋଇ ଏବଂ ଶିବାନୀ ଭାଟି ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ କଲେଜର ଓଡ଼ିଆ ଅଧ୍ୟାପକ ବିଶ୍ୱରଞ୍ଜନ ବେହେରା ପରିଚାଳନା କରିଥିବା ବେଳେ ପିଇଟି ସମୀର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କଲେଜର ବିକାଶ ବେହେରା, ଜିତେନ୍ଦ୍ର ନାଏକ, ଆଲୋକ ସାହୁ, ତ୍ରିଭୁବନ ବେମାଲ, ରାଜ କୁମାରୀ ବେମାଲ ପ୍ରମୁଖ ସହଯୋଗ କରିଥିଲେ।

**ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟ**

## ମୋ ଯୁବ ଭାରତ ବଜେଟ୍ କୁଇଜ୍ କାର୍ଯ୍ୟକ୍ରମ




**ଭବାନୀପାଟଣା, ୫ ।୨(ସମିସ):** ସ୍ଥାନୀୟ ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ଭାରତ ସରକାରଙ୍କ ଯୁବ ଓ କ୍ରୀଡ଼ା ବ୍ୟାପାର ମନ୍ତ୍ରଣାଳୟଙ୍କ ପ୍ରସ୍ତାବିତ ମୋ ଯୁବ ଭାରତ ବଜେଟ୍ କୁଇଜ୍‌ରେ ଜାତୀୟ ସେବା ଯୋଜନାରର ସ୍ୱଚ୍ଛାସେବୀମାନେ ଭାରତର ଚଳିତ ବର୍ଷର ବଜେଟ୍‌କୁ ନେଇ ହୋଇଥିବା କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସହ ନିଜର ମତାମତ ସାବ୍ୟସ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତର ସ୍ୱପ୍ନକୁ ନେଇ ବଜେଟ୍ କୁଇଜ୍‌ର ରୂପରେଖ ପ୍ରସ୍ତୁତ ହୋଇଥିବା ବେଳେ ଏହାପରେ ପ୍ରବନ୍ଧ, ପିପିଟି ମଧ୍ୟମରେ ନିଜ ମତାମତ ଉପସ୍ଥାପନା କରିବା ସହ ପ୍ରଧାନମନ୍ତ୍ରୀଙ୍କ ସହ ପ୍ରତ୍ୟକ୍ଷ ବାର୍ତ୍ତାଳାପ କରିବାର ସୁଯୋଗ ପାଇବେ। ଏହି ଅନ୍‌ଲାଇନ୍ ପଞ୍ଜୀକରଣ ପ୍ରକ୍ରିୟାରେ ୭୦ରୁ ଉର୍ଦ୍ଧ୍ୱ ଯୁବ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ଅଧ୍ୟକ୍ଷ ପରମେଶ୍ୱର ମୁଣ୍ଡ ଭାରତର ଅର୍ଥନୀତିରେ ବଜେଟ୍‌ର ପ୍ରକୃତି ପ୍ରଭାବ ବିଷୟରେ କହିଥିବା ବେଳେ ମୁଖ୍ୟଅତିଥି ଭାବେ ମୋ ଯୁବ ଭାରତ ଜିଲ୍ଲା ଅଧିକାରୀ ପ୍ରଶନ୍ନ କୁମାର ମେହେର ଦିଲ୍ଲୀରେ ପଲ୍ଲୀର ମତାମତ ପରିପ୍ରକାଶ କରି ବଜେଟ୍ ପ୍ରସ୍ତୁତିର ଭାଗିଦାରିତାରେ ଏହା ଅନେକ ସହାୟକ ହେବ ବୋଲି ମତଦେଇଥିଲେ। ଅଧ୍ୟାପକ ତଥା ଜାତୀୟ ସେବା ଯୋଜନା ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଶୁଭେନ୍ଦୁ କୁମାର ପାଢ଼ୀ, ସୁଶାନ୍ତ କୁମାର ଦାଶ, ଫାଲଗୁନୀ ପ୍ରଧାନୀ, ପୁରୀତ ରଣା, ମିନୀକେତନ ସାହୁ, ମିକୁମିଙ୍କ୍ସ ନିଆଲ, ମନ୍ଦାକିନୀ ପ୍ରଧାନ, ଅନୁକୁଲ ସାହାଣି ସହ ଅନେକ ଜିଲ୍ଲାସ୍ତରୀୟ ମାଇଭାରତ କାର୍ଯ୍ୟକର୍ତ୍ତା ଓ ସ୍ୱେଚ୍ଛାସେବୀ ଯୋଗଦାନ କରିଥିଲେ।

**ଜୀବନ ନେଉଛି ରାଜପଥ**

## ବାଇପାସ୍ ରାସ୍ତା ପ୍ରତିଶ୍ରୁତି ପାଣିର ଗାର

**କେସିଙ୍ଗା, ୫ ।୨(ସମିସ)**

କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରରେ ଦିନକୁ ଦିନ ବଢ଼ିବାରେ ଲାଗିଛି ଟ୍ରାଫିକ ସମସ୍ୟା ପାଇଁ ଦୁର୍ଘଟଣା ବଢ଼ିବାରେ ଲାଗିଛି ।ଗତ ଦୁଇ ତିନି ଦିନ ତଳେ ୧୮ ଘଣ୍ଟାରେ ଦୁଇଟି ଦୁର୍ଘଟଣାରେ ଦୁଇଟି ମୂଲ୍ୟବାନ ଜୀବନ ଚାଲିଯାଇଥିଲା ।ପ୍ରଶାସନ ମୃତକଙ୍କ ପରିବାରକୁ କିଛି ଅନୁକମ୍ପା ରାଶି ପ୍ରଦାନ କରି ନିଜ କାମ ସାରି ଦେଉଛି। ଦୁର୍ଘଟଣା କାହିଁକି ଘଟୁଛି ତାହାର ତର୍ଜମା କରାଯାଉନାହିଁ। ଜିଲ୍ଲାରେ ଧର୍ମଗଡ଼ ଓ ଜୁନାଗଡ଼ ରେ ବାଇପାସ୍ ରାସ୍ତା ପାଇଁ ନୋଟିଫିକେଶନ ବାହାରି ଜମି ଅଧିଗ୍ରହଣ କାମ ଆରମ୍ଭ ହୋଇ ଯାଇଥିବା ବେଳେ ଦୀର୍ଘ ଦିନରୁ କେସିଙ୍ଗା ପାଇଁ ବାଇପାସ୍ ରାସ୍ତା ଦାବି କେବଳ ପ୍ରତିଶ୍ରୁତିରେ ସୀମିତ ହୋଇ ରହିଯାଇଛି ।ବାଇପାସ୍ ସମ୍ବନ୍ଧରେ ୨୦୨୫ ମସିହାରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭକରି ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ, ମୁଖ୍ୟମନ୍ତ୍ରୀ, ସାଂସଦ, ରାଜ୍ୟସଭା ସାଂସଦ, ବିଧାୟକ ସମସ୍ତଙ୍କୁ ଅନୁରୋଧ ସହିତ ଦାବି ଉପସ୍ଥାପନ କରି କରି ବର୍ଷ ବର୍ଷ ବିତି ଯାଇଥିଲେ ମଧ୍ୟ କିଛି ନିର୍ଭର ଯୋଗ୍ୟ ପ୍ରତିଶ୍ରୁତି ମିଳୁନାହିଁ ।ଏମିତିକି ସାଂସଦ ଉକ୍ତ ବିଷୟକୁ ପାର୍ଲିଆମେଣ୍ଟ ର ଶୂନ୍ୟ କାଳରେକଥା ଉଠାଇ ନିଜ କାମ ସାରିଦେଇଥିବା ବେଳେ ବିଧାୟକ ସମ୍ପୃକ୍ତ କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଲେଖି ନିଜ କାମ ସାରିଦେଇ ଥିବା ଅଭିଯୋଗ ହେଉଛି ।ଶେଷରେ କୌଣସି ନିର୍ବାଚିତ ପ୍ରତିନିଧି ବାଇପାସ୍ ପ୍ରତି ଆନ୍ତରିକତା ନ ଦେଖାଇବାରୁ କେସିଙ୍ଗା ବାଇପାସ୍ କ୍ରିୟାନୁଷ୍ଠାନ କମିଟିର ଆବାହକ ସୁରେଶ ରାଓଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର କରିଛନ୍ତି ଯାହାକୁ ହାଇକୋର୍ଟ ଗୁରୁତ୍ୱ ଦେଇ ରାଜ୍ୟ ସରକାର ଓ ରାଜପଥ ବିଭାଗକୁ ବିବରଣୀ ମାଗିଥିବା ଖବର ରହିଛି। ଅନ୍ୟପଟେ ଜିଲ୍ଲାର ଜିଲ୍ଲାପାଳ ଓ ଜାତୀୟ ରାଜପଥ ବିଭାଗ ଆଫିଡେଭିଟ ମାଧ୍ୟମରେ କେସିଙ୍ଗା ଜଗନ୍ନାଥ ମନ୍ଦିର ଛକ ଠାରୁ ଯୋଲକୋ ପର୍ଯ୍ୟନ୍ତ ନୂତନ ବାଇପାସ୍ ରାସ୍ତାର ପ୍ରସ୍ତାବ ଦେଇଥିବା ଜାତୀୟ ରାଜପଥ ବିଭାଗ ନିରୀକ୍ଷକ ଯନ୍ତ୍ରୀ ସୂଚନା ଦେଇଛନ୍ତି ।ସେପଟେ ଗତ ଜାନୁୟାରୀ ମାସ ୧୧ ତାରିଖ ଦିନ ବାଇପାସ୍ ପାଇଁ ଲାଗିଥିବା ସମସ୍ତ ସଂଗଠନର କର୍ମକର୍ତ୍ତା ଓ ବୁଦ୍ଧିଜିବୀ ଜାତୀୟ ରାଜପଥ ବିଭାଗ କାର୍ଯ୍ୟାଳୟକୁ ଯାଇ କେସିଙ୍ଗା ବାଇପାସ୍ ରାସ୍ତାର କଥା ଆଗକୁ ନ ବଢ଼ିଲେ କେସିଙ୍ଗା ରୁ ଜୁନାଗଡ଼ ପର୍ଯ୍ୟନ୍ତ ହେବାକୁ ଥିବା ଫୋର୍ ଲେନ୍ ରାସ୍ତାର ସର୍ଭେ କାମକୁ ସମ୍ପୂର୍ଣ୍ଣ ବିରୋଧ କରାଯିବା ସହିତ ଆନ୍ଦୋଳନ ପାଇଁ ଚେତାବନୀ ଦେଇଥିଲେ। ଅନ୍ୟପଟେ ରାଜପଥ ବିଭାଗ ଓ କେନ୍ଦ୍ରସରକାର ରେଳ ଓଭର ବ୍ରିଜକୁ ଯଦି କେସିଙ୍ଗା ପାଇଁ ବାଇପାସ୍ ରାସ୍ତା ମାନୁଛନ୍ତି ତାହାହେଲେ ସହର ମଧ୍ୟରେ ଆରମ୍ଭ ହୋଇ ସହର ମଧ୍ୟରେ ଶେଷ ହେଉଥିବା ରେଳ ଓଭର ବ୍ରିଜ ପାଇଁ ଭବିଷ୍ୟତରେ କେସିଙ୍ଗା ସହରରେ ଦୁର୍ଘଟଣା କମିବା ପରିବର୍ତ୍ତେ ଦୁର୍ଘଟଣା ବଢ଼ିବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ।ଆଗକୁ କେସିଙ୍ଗାରେ ବାଇପାସ୍ ରାସ୍ତା ନିର୍ମାଣ ନ ହେଲେ ଜୋରଦାର ଆନ୍ଦୋଳନ ହେବ।



**ଆନ୍ଦୋଳନ ପାଇଁ ବାଇପାସ୍ କ୍ରିୟାନୁଷ୍ଠାନର ଧମକ**

# ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀ

ତୁରେକେଲା,୫ ।୨(ସମିସ): ସରକାର ଗରିବ ଅସହାୟ ବୃଦ୍ଧବୃଦ୍ଧାଙ୍କ ପାଇଁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରୁଛନ୍ତି; ହେଲେ ଦାୟିତ୍ୱରେ ଥିବା ପ୍ରଶାସନିକ



ଅଧିକାରୀଙ୍କ ଅବହେଳା ଯୋଗୁଁ ଯୋଗ୍ୟ ହିତାଧିକାରୀ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ହେଉଛନ୍ତି ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ୍ ଚଟୁଅନକା ପଞ୍ଚାୟତ ବେହେରେନସିଲେଟରେ ଏହା ଦେଖିବାକୁ ମିଳିଛି। ଏହି ଗାଁର ବୃଦ୍ଧ ଦିଗବଳ ନାଗ (୬୬) ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ବାର୍ଦ୍ଧକ୍ୟ ଭତ୍ତା ପାଇଁ ବାରମ୍ବାର ଆବେଦନ କରି ନିରାଶ ହୋଇଛନ୍ତି। ଦାୟିତ୍ୱ ଥିବା ଅଧିକାରୀଙ୍କୁ ସେ ବାରମ୍ବାର ଭତ୍ତା ଲାଗି କହୁଥିବା ବେଳେ ତାଙ୍କ କଥା କେହିଁ ଶୁଣୁନାହାନ୍ତି। ସରକାର ୬୦ ବର୍ଷରୁ ଅଧିକ ବୃଦ୍ଧବୃଦ୍ଧାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରୁଛନ୍ତି। ବୃଦ୍ଧ ଦିଗବଳଙ୍କ ବୟସ ୬୬ରୁ ଅଧିକ ହେବା ସ୍ୱତ୍ତେ ମଧ୍ୟ ଆଜିଯାଏ ତାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳିନାହିଁ। ଏହାଫଳରେ ସେ ୬ମାସ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଛନ୍ତି। ଯେଉଁବୟସରେ ସେ ଘରେ ରହି ଆରାମ୍ କରିବା କଥା ସେହି ବୟସରେ ଆଜି ସରକାରୀ ସୁବିଧା ସୁଯୋଗ ନ ପାଇବାରୁ ବାଧ୍ୟ ହୋଇ ଦାଦନ ହୋଇଛନ୍ତି। ବଲାଙ୍ଗୀର ଜିଲ୍ଲା ପ୍ରଶାସନ ତୁରନ୍ତ ନଜର ଦେଇ ଏହି ବୃଦ୍ଧଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବାକୁ ବେହେରେନସିଲେଟ ଆମ୍ବେଦକର ଯୁବକ ସଂଘ ଦାବି କରିଛି।

# ବିଜେପି ପୋଖରୀ ଗୋଳିଆ

ବଲାଙ୍ଗିର,୫।୨(ସମିସ)

ବଲାଙ୍ଗିର ଜିଲ୍ଲାରେ ବିଜେପି ନେତାଙ୍କ ମଧ୍ୟରେ କୌଣସି ତାଳମେଳ ନାହିଁ। ବିଧାୟକ, ସାଂସଦଙ୍କ ମଧ୍ୟରେ ସମନ୍ୱୟ ନ ଥିବା ପୂର୍ବରୁ ଅଭିଯୋଗ ହୋଇଆସୁଥିଲା। ଏବେ ତାହା ହାଟରେ ପଡି ଦାଣ୍ଡରେ ଗଡୁଛି। ଗତ କିଛି ମାସ ହେଲା ବଲାଙ୍ଗିର ଜିଲ୍ଲାରେ ଅୟୋଜିତ ହେଉଥିବା ଅନେକ କାର୍ଯ୍ୟକ୍ରମ ତଥା ବୈଠକରେ ଏହାର ପ୍ରତିଫଳନ ଦେଖିବାକୁ ମିଳିଛି। ପରିସ୍ଥିତି ଏମିତି ହୋଇଛି ଯେ ନେତାମାନେ ଛାଇ ମାଡିବାକୁ ବି ନାରାଜ ଥିବା କର୍ମୀ ମହଲରେ ଚର୍ଚ୍ଚା ହେଉଛି। ଜାଣିଶୁଣି ସେମାନଙ୍କୁ ହତାଦର କରାଯାଉଥିବା ନେଇ ଆଲୋଚନା ହେଉଛି। ନିଜ ଜିଲ୍ଲାର କାର୍ଯ୍ୟକ୍ରମରେ ଉପସ୍ଥିତ ରହିବାକୁ ସ୍ଥାନୀୟ ବିଧାୟକମାନେ ସମୟ ନ ଦେବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି।

ବଲାଙ୍ଗିର ଜିଲ୍ଲାରେ ଥିବା ୫ଟି ବିଧାନସଭା ଆସନରୁ ୪ଟି ଆସନରେ ବିଜେପି ଜିତିଛି। ସେହିପରି ଲୋକସଭା ଆସନରେ ମଧ୍ୟ ବିଜେପି ବିପୁଳ ଭୋଟରେ ବିଜୟୀ ହୋଇଥିଲା। ବିଜେପିର ଏହି ସଫଳତା ଯୋଗୁ ଜିଲ୍ଲାରେ ବିଜେପି ସଙ୍ଗଠନ ମଜବୁତ ହେବା ସହ ଜିଲ୍ଲା ବିକାଶ ଦିଗରେ ଆଗେଇବ ବୋଲି ଲୋକେ ଆଶା କରିଥିଲେ। ସେହି ଅନୁସାରେ ରାଜ୍ୟରେ ବିଜେପି ସରକାର ଗଠନ କରିବା ପରେ ପାଟଣାଗଡ ବିଧାୟକ କନକ ବର୍ଦ୍ଧନ ସିଂହଦେଓଙ୍କୁ ଉପମୁଖ୍ୟମନ୍ତ୍ରୀ ପଦ ମିଳିଥିଲା। ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗଙ୍କୁ କ୍ୟାବିନେଟ ପାହ୍ୟା ମିଳିଥିଲା। ଏହା ଲୋକଙ୍କ ଆଶାକୁ ଦ୍ୱିଗୁଣିତ କରିଥିଲା; କିନ୍ତୁ ସେହି ଆଶା ଏବେ ମଉଳିବାରେ ଲାଗିଥିବା ଚର୍ଚ୍ଚା ହେଉଛି। ଜିଲ୍ଲା ବିକାଶ ଦିଗରେ ସ୍ଥାନୀୟ ବିଧାୟକମାନଙ୍କ ନିଜ ନିଜ ଭିତରେ ସମନ୍ୱୟର

## ସରକାରୀ କାର୍ଯ୍ୟକ୍ରମ ପାଇଁ ବି ସମୟ ନାହିଁ

ଅଭାବ ରହିଥିବା ମଧ୍ୟ ଚର୍ଚ୍ଚା ହେଉଛି। ପରିଣାମ ସ୍ୱରୂପ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେବାକୁ ସେମାନଙ୍କ ପାଖରେ ସମୟର ଅଭାବ ରହିଥିବା ଆଲୋଚନା ହେଉଛି। କିଛି ଦିନ ତଳେ ବଲାଙ୍ଗିର ଜିଲ୍ଲାସ୍ତରୀୟ ଲୋକଉତ୍ସବରେ ବିଜେପି ନେତାଙ୍କ ଅଣଦେଖା ମନୋଭାବ ସାମ୍ନାକୁ ଆସିଥିଲା। କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କୁ ଛାଡିଦେଲେ ଅନ୍ୟ କୌଣସି ବିଜେପି ବିଧାୟକ ଓ ଲୋକସଭା ସାଂସଦ କାର୍ଯ୍ୟକ୍ରମରେ ଯୋଗ ଦେଇ ନ ଥିଲେ। ଉଦ୍‌ଯାପନୀ ଦିବସରେ ନିଜ ନିର୍ବାଚନମଣ୍ଡଳିର ଏକ ଛୋଟ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଉପସ୍ଥିତ ରହିଥିବା ବେଳେ ଲୋକଉତ୍ସବକୁ ଆସି ନ ଥିଲେ। ସେହିପରି ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ ପାଳନ ସମାରୋହର ଉଦଯାପନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଯୋଗଦେଇଥିଲେ। ସେଥିରେ ସାଂସଦ ସଙ୍ଗିତା କୁମାରୀ ସିଂହଦେଓ ଅନୁପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ସେ ଆୟୋଜନ ସ୍ଥଳକୁ ଯାଇ ବିଭିନ୍ନ ଷ୍ଟଲ ବୁଲି ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ସେହିଦିନ ସ୍ଥାନୀୟ ମେଡିକାଲ କଲେଜ ଅଡିଟୋରିୟମରେ ବିକଶିତ ଭାରତ ଭିବି ଜି ରାମ ଜି ସମ୍ମିଳନୀରେ ପଞ୍ଚାୟତିରାଜମନ୍ତ୍ରୀଙ୍କ ସହ ସାଂସଦ ଉପସ୍ଥିତ ଥିଲେ। ସେହିଦିନ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମଧ୍ୟ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିଲା। ରାସ୍ତାରେ ତାଙ୍କ ପୋଷ୍ଟର ମଧ୍ୟ ମନ୍ତ୍ରୀ ଶ୍ରୀ ନାଏକଙ୍କ ସହ ଲାଗିଥିଲା; କିନ୍ତୁ ସେ ସେଠାରେ ଅନୁପସ୍ଥିତ ରହିଥିଲେ। ବୁଧବାର ବଲାଙ୍ଗିର ଜିଲ୍ଲାସ୍ତରୀୟ ପ୍ରାଣୀ ସଂପଦ ଓ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ ହୋଇଥିଲା। ଏଥିରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ସାଂସଦ, ମନ୍ତ୍ରୀ ଶ୍ରୀ ମହାଲିଙ୍ଗ, ଟିଟିଲାଗଡ ବିଧାୟକ ନବୀନ ଜୈନ, ବଲାଙ୍ଗିର ବିଧାୟକ କଲିକେଶ ସିଂହଦେଓ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗଦେବାର କାର୍ଯ୍ୟକ୍ରମ ରହିଥିଲା। ସାଂସଦ ଅଧିବେଶନରେ ବ୍ୟସ୍ତ ଥିବା ବେଳେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଓ ସ୍ଥାନୀୟ ବିଜେଡି ବିଧାୟକ କଲିକେଶ ନାରାୟଣ ସିଂହଦେଓ ଏଥିରେ ଉପସ୍ଥିତ ରହିଥିଲେ। ଅନ୍ୟମାନେ କିନ୍ତୁ ଅନୁପସ୍ଥିତ ଥିଲେ। ଏହିଭଳି ଅନେକ ବିଷୟ ରହିଛି ଯାହା ବିଜେପିର ନିଜ ନିଜ ଭିତରେ ରହିଥିବା ଦୂରତାକୁ ପଦାରେ ପକାଇଛି। ଏହାଫଳରେ ଜିଲ୍ଲା ସଙ୍ଗଠନ ମଧ୍ୟ ଯେଉଁଭଳି ଭାବେ ସଶକ୍ତ ହେବା କଥା ତାହା ହୋଇପାରୁ ନ ଥିବା କର୍ମୀ ମହଲରେ ଆଲୋଚନା ହେଉଛି। ଏପରିକି କର୍ମୀମାନେ ବି କେଉଁ ନେତାଙ୍କ ପକ୍ଷରେ ରହିବେ, କାହା ପାଇଁ କାମ କରିବେ ସେନେଇ ଦ୍ୱନ୍ଦ୍ୱରେ ରହିଥିବା କହିଛନ୍ତି। ଆଗକୁ ଦୁଇଟି ପୌର ନିର୍ବାଚନ ଓ ପଞ୍ଚାୟତ ନିର୍ବାଚନ ରହିଛି। ଦଳ କେମିତି ସାମ୍ନା କରିବ ତାହା ସବୁଠାରୁ ବଡ ପ୍ରଶ୍ନ।

# ଶ୍ରୀକାନ୍ତ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ସଇଁତଲା,୫ ।୨(ସମିସ): ବଲାଙ୍ଗୀର ଜିଲ୍ଲା ସଇଁତଲାସ୍ଥିତ ରମେଶ ସିଂ ଭୋଇ ଷ୍ଟାଡିୟମ ପରିସରରେ ୬ଷ୍ଠ ଶ୍ରୀକାନ୍ତ ଭୋଇ କ୍ରିକେଟ ମେମୋରିଆଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଧାମନଡ଼ଙ୍ଗା ଓ ବଲାଙ୍ଗୀର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବଲାଙ୍ଗୀର ଟିମ୍ ନିର୍ଦ୍ଧାରିତ ୧୩୨ ରନ୍ ସଂଗ୍ରହ କରିଥିଲା। ଜବାବରେ ଧାମନଡ଼ଙ୍ଗା ୧୦୦ ରନ୍ ସମ୍ପୂର୍ଣ୍ଣ କରି ପରାଜିତ ହୋଇଥିଲା। ଶିବ ମାଝୀ ଓ ବିକ୍ରମ ସା ଖେଳ ପରିଚାଳନା କରିଥିଲେ। ଯତୀନ ଦାସ, ଆକାଶ ପାତ୍ର ଓ ଧନୁ ରଣା ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ। ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ବିଡିଓ ପୁରୁଷୋତ୍ତମ ମିର୍ଦ୍ଧା, ସଇଁତଲା ଥାନା ଆଇଆଇସି ଖଗପତି ବିଶ୍ୱାଳ, ବ୍ଲକ୍ ଉପାଧ୍ୟକ୍ଷ ଗୁଣସାଗର ମାଝୀ, ଜିଲ୍ଲା ପରିଷଦ ପ୍ରମୋଦ ଭୋଇ, ପୂର୍ବତନ ସରପଞ୍ଚ ଭିମସେନ ସ୍ୱାଇଁ, ସାମ୍ବାଦିକ ବିଶାଲ ଅଗ୍ରୱାଲ, ସାମ୍ବାଦିକ ନାରାୟଣ ସାହୁ, ସାମ୍ବାଦିକ ପ୍ରମୋଦ ସେଲମା, ସମାଜସେବୀ ସୌରଭ ଅଗ୍ରୱାଲ, ନୈମିସ ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ କମିଟିର ସଭାପତି ଚନ୍ଦ୍ର ଚନ୍ଦନ, ସମ୍ପାଦକ ଶିବ ପ୍ରସାଦ ମାଝୀ, ଉପ ସଭାପତି ଜ୍ଞାନ ରଞ୍ଜନ ମହାକୁର, ସହ ସମ୍ପାଦକ ବିକ୍ରମ ସା, କୋଷାଧକ୍ଷ ଅମିତ ସାହୁ, ରିଙ୍କୁ ଭୋଇ, ମହେନ୍ଦ୍ର ଭୋଇ, ଉମେଶ ସାହୁ, ରଞ୍ଜନ ଭୋଇ, ଅଚ୍ୟୁତ ସେଠ, ଟିଟୁ ଦଣ୍ଡସେନା, ସୁମିତ ଦଣ୍ଡସେନା, ଭୀମ ଦଣ୍ଡସେନା, ସରୋଜ ସାହୁ, ଅମୃତ ଦଣ୍ଡସେନା, ଡବ୍ଲୁ ସାହୁ, ବିକାଶ ମହାଲିଙ୍ଗ, ଦିନ ପୃଷେଠ, ରକି ମିଶ୍ର, ଉମେଶ ଭୋଇ, ଯତୀନ ଦାସ, ଆୟୁଷ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ୪ ଉପ ନିବନ୍ଧକଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ

ବଲାଙ୍ଗିର,୫ ।୨(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଗୁରୁବାର ଆଭାସି ମାଧ୍ୟମରେ ବଲାଙ୍ଗିର ଜିଲ୍ଲାର ବେଲପଡା, ଖପ୍ରାଖୋଲ, ସଇଁତଲା ଓ ଦେଓଗାଁ ସବ୍ ରେଜିଷ୍ଟ୍ରାର ବା ଉପ ନିବନ୍ଧକଙ୍କ କାର୍ଯ୍ୟାଳୟର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଜିଲ୍ଲା ମୁଖ୍ୟାଳୟର ଅସ୍ଥାନ ବୈଠକ ଗୃହରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର, ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ଉପ ଜିଲ୍ଲାପାଳ ଆଲୋକ ପଟେଲ, ଡେପୁଟି କଲେକ୍ଟର ପ୍ରଶାନ୍ତ ମହାପାତ୍ର, ଦେବସ୍ମିତ ମଲ୍ଲିକ, ସୌମ୍ୟ ରଞ୍ଜନ ବେହେରା ଓ ସହକାରୀ ଜିଲ୍ଲାପାଳ ସରିତା ରାଣୀ ଶତପଥୀ, ସସ୍ମିତା ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ଜନସାଧାରଣ ୟୁନିଫାଏଡ୍ ହ୍ୱାଟ୍ସଆପ୍ ବଟ୍ ସହ ଯୋଡି ହୋଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବିଭିନ୍ନ ସରକାରୀ ସେବା ସୁବିଧା ଗୁଡିକ ପାଇ ପାରିବେ। ଏଥିପାଇଁ ଏକ ହ୍ୱାଟ୍ସଆପ୍ ଜାରି ହୋଇଛି। ଏହି ନମ୍ବରଟି ହେଉଛି ୯୪୩୭୨୯୨୦୦୦। ସେହିଭଳି ଉପ ନିବନ୍ଧକଙ୍କ କାର୍ଯ୍ୟାଳୟ ତଥା ଆମ ସାଥି ସେବା ଦ୍ୱାରା ଜନସାଧାରଣଙ୍କୁ ଆଉ ଦୂରରେ ଥିବା ଜିଲ୍ଲା କାର୍ଯ୍ୟାଳୟକୁ ଯିବାକୁ ପଡିବନାହିଁ। ଏଣିକି ସମ୍ପୃକ୍ତ ତହସିଲରେ ବସବାସ କରୁଥିବା ଜନସାଧାରଣ ଜମି, ଘର କ୍ରୟ ବିକ୍ରୟ ଦଲିଲ ତଥା ଜମି ସଂକ୍ରାନ୍ତ, ପ୍ରମାଣପତ୍ର ସମ୍ପର୍କିତ ସମସ୍ତ ସେବା ନିଜ ନିଜ ତହସିଲରେ ପାଇପାରିବେ। ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ ପର୍ଯ୍ୟନ୍ତ ସବ୍ ରେଜିଷ୍ଟ୍ରାର ଅଫିସ୍ ଅସ୍ଥାୟୀ ଭାବେ ତହସିଲ୍ କାର୍ଯ୍ୟାଳୟରେ କାର୍ଯ୍ୟ କରିବ।

# ସଇଁତଲାରେ ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟ ଉଦ୍‌ଘାଟିତ

ସଇଁତଲା,୫ ।୨(ସମିସ): ସଇଁତଲା ଅଞ୍ଚଳବାସୀଙ୍କ ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟ ସ୍ୱପ୍ନ ପୂରଣ ହୋଇଛି। ଏହି ଦାବିକୁ ନେଇ ବିଭିନ୍ନ ସମୟରେ ଆନ୍ଦୋଳନ ହୋଇଥିଲା। ଦୀର୍ଘ ପ୍ରତୀକ୍ଷାର ଅବସାନ ଘଟିଛି। ଶେଷରେ ସଇଁତଲାରେ ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟ କାର୍ଯ୍ୟକାରୀ ହୋଇଛି। ଏପର୍ଯ୍ୟନ୍ତ ଜମି ଓ ଘରବାଡ଼ି ପଞ୍ଜୀକରଣ ପାଇଁ ସଇଁତଲା ଓ ଆଖପାଖ ଅଞ୍ଚଳର ଲୋକ ଟିଟିଲାଗଡ଼କୁ ଯିବାକୁ ବାଧ୍ୟ ହେଉଥିଲେ। ଏଥିରେ ସମୟ, ଅର୍ଥ ନଷ୍ଟ ହେଉଛନ୍ତି। ଯାତାୟାତ ଅସୁବିଧା ସହ ନାନା ପ୍ରକାର ସମସ୍ୟାର ସାମ୍ନା କରିବାକୁ ପଡୁଥିଲା। ଗୁରୁବାର ରାଜ୍ୟ ସରକାରଙ୍କ ପକ୍ଷରୁ ୫୭ଟି ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି।



ସଇଁତଲା ସେଥିରେ ସାମିଲ ହୋଇଛି। ଟିଟିଲାଗଡ଼ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତ ରାୟ ଓ ବ୍ଲକ ଅଧ୍ୟକ୍ଷା ମୋନିକା ସିଂ ଭୋଇ ଉଦ୍‌ଘାଟନ କରିଥିଲେ। ପ୍ରଥମ ଅଧିକାରୀ ଭାବେ ଆଶିଷ ଏକ୍କା ଦାୟିତ୍ୱ ଗ୍ରହଣ କରିଛନ୍ତି। ବିମଳ ଶର୍ମା, ଓକିଲ ସଂଘ ସଭାପତି ସୁବୋଧ ମିଶ୍ର, ବ୍ଲକ ଉପାଧ୍ୟକ୍ଷ ଗୁଣ ସାଗର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆମ ପୁଲିସ ସମିତି ବୈଠକ



ଟିଟିଲାଗଡ,୫ ।୨(ସମିସ): ଟିଟିଲାଗଡ଼ ପୁଲିସ ପକ୍ଷରୁ ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଟିଟିଲାଗଡ଼ ଏସଡ଼ିପିଓ ଯଶୋବନ୍ତ ପ୍ରଧାନୀ, ଥାନା ଆଇଆଇସି ମନୋଜ ମୁଣ୍ଡା ଯୋଗଦେଇ ଲୋକଙ୍କ ବିଭିନ୍ନ ସମସ୍ୟା ନେଇ ମତ ଲୋଡ଼ିଥିଲେ। ବିଶେଷ କରି ଟିଟିଲାଗଡ଼ ସହରରେ ଟ୍ରାଫିକ, ପାର୍କିଂ ସମସ୍ୟା, ଡ୍ରଗ୍ସର ଅବାଧ ବିକ୍ରି, ଖେଳ ପଡିଆ ସମେତ ବିଭିନ୍ନ ଅନ୍ଧାରୁଆ ସ୍ଥାନରେ ମଦ୍ୟପଙ୍କ ଭିଡ଼ ନେଇ ଲୋକେ ଚିନ୍ତା ପ୍ରକଟ କରିଥିଲେ। ଅନେକ ଲୋକ ରାତି ଦିନ ରାସ୍ତା ଉପରେ ନିଜ ଚାରିଚକିଆ ଯାନ ପାର୍କିଂ କରୁଛନ୍ତି। ଅନେକ ଦୋକାନୀ, ହୋଟେଲ, ମଲ ମାଲିକଙ୍କ ପାର୍କିଂ ସ୍ଥଳ ନ ଥିବା ସ୍ଥଳେ ସେମାନଙ୍କୁ ବ୍ୟବସାୟ ପାଇଁ ପୌର ପ୍ରଶାସନ ଅନୁମତି ଦେଇଛି। ସହର ମଧ୍ୟରେ ଭିଡ଼, ସ୍ପିଡ଼ ବାଇକର ଉତ୍ପାତ ନେଇ ଭଦ୍ରବ୍ୟକ୍ତି ଚଲାବୁଲା କରିବାକୁ ମଧ୍ୟ ଭୟ କରୁଛନ୍ତି। ସହର ଉପକଣ୍ଠରେ ଆସନ୍ତା ୧୨ରୁ ୭ ଦିନ ବ୍ୟାପୀ ମହା ଶିବରାତ୍ରି ମେଳା ଆୟୋଜନ ହେବ। ଏଣୁ ଟ୍ରାଫିକ ବ୍ୟବସ୍ଥା ଆହୁରି ବିପର୍ଯ୍ୟସ୍ତ ହେବ। ମେଳା ସମୟରେ ପୁଲିସ ମେଳା ପଡିଆରେ ସକ୍ରିୟ ରହୁଥିବା ବେଳେ ସହରରେ ଚୋରି ଡକାୟତି ବୃଦ୍ଧି ହେଉଛି। ଏନେଇ ପୁଲିସ ପ୍ରଶାସନ ସଜାଗ ହେବାକୁ ବୈଠକରେ ବରିଷ୍ଠ ସମାଜସେବୀ ରାଜୁ ମିଶ୍ର, ହରି ନାରାୟଣ ମିଶ୍ର, ଟିଟିଲାଗଡ଼ ବ୍ୟବସାୟୀ ସଂଘ ସଭାପତି ଶମ୍ଭୁ ପ୍ରସାଦ ଗୋଏଲ, ସମ୍ପାଦକ ମନିଷ ଗୁପ୍ତା ପ୍ରମୁଖ କହିଥିଲେ। ବୈଠକରେ ପୂର୍ବତନ କାଉନସିଲର କୃଷ୍ଣଚନ୍ଦ୍ର ସରାଫ, କିରାନା ଦୋକାନୀ ସଂଘ ପକ୍ଷରୁ ପ୍ରଭାକର ସରାଫ ଟିଟିଲାଗଡ଼ ଜେସିଆଇ ଅଧ୍ୟକ୍ଷ ଶୈଳେଶ ଗୋଏଲ, ପ୍ରକାଶ ଅଗ୍ରୱାଲ, ଭିକାରି ମିଶ୍ର ପ୍ରମୁଖ ଅନେକ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ତେବେ ଏ ସବୁ ସମାଧାନର ଦିଗ ବାହାର କରାଯିବ ବୋଲି ଏସଡ଼ିପିଓ ଶ୍ରୀ ପ୍ରଧାନୀ ପ୍ରତିଶ୍ରୁତି ଦେଇଥିଲେ।

# ବ୍ଲକ୍ ଅଫିସ ସମ୍ମୁଖରେ କଂଗ୍ରେସ କର୍ମୀଙ୍କ ଧାରଣା



ଟିଟିଲାଗଡ,୫ ।୨(ସମିସ): ଟିଟିଲାଗଡ଼ ବ୍ଲକ୍ କଂଗ୍ରେସ ତରଫରୁ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ତୁରନ୍ତ ଭି ବି ଜି ରାମ ଜି ଯୋଜନାର ନାମ ପ୍ରତ୍ୟାହାର କରି ପୂର୍ବ ଭଳି ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା କାର୍ଯ୍ୟକାରୀ କରିବାକୁ ଦାବି କରାଯାଇଛି। ବ୍ଲକ କଂଗ୍ରେସ ସଭାପତି ମଗନ ସୁନାଙ୍କ ନେତୃତ୍ୱରେ ବୀରେନ୍ଦ୍ର ବାଗ, ଜିଲ୍ଲା ଏସସିଏସଟି ସେଲ୍ ଅଧ୍ୟକ୍ଷ ଡମ୍ବରୁଧର ଛତ୍ରିଆ, ନଗର କଂଗ୍ରେସ ସଭାପତି ରଞ୍ଜନ ଦାଶ, ଜିଲ୍ଲା ସମ୍ପାଦକ ଶିବ ପ୍ରସାଦ ପରିଡାଙ୍କ ସମେତ ଶତାଧିକ କର୍ମୀ ଏଥିରେ ସାମିଲ ଥିଲେ। ସେହିଭଳି ଟାଟା ପାଓ୍ୱାରର ମନମୁଖୀ ବିଦ୍ୟୁତ୍ ବିଲ୍ ସଂଗ୍ରହ ବନ୍ଦ କରିବା, ଦୁଇ ଚକିଆ ଯାନବାହାନ ଉପରେ ପରିବେଶ ସମ୍ପର୍କିତ ପ୍ରମାଣପତ୍ର ନାମରେ ଟଙ୍କା ଆଦାୟ କରିବାରୁ ନିବୃତ୍ତ ରହିବା ନେଇ ଚେତାବନୀ ଦିଆଯାଇଛି। ଏହାସହ ଏକ ଦାବିପତ୍ର ବ୍ଲକ୍ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ନଚେତ ଆଗକୁ ବିଧାନସଭା ଘେରଉ କରାଯିବା ନେଇ ଚେତାବନୀ ଦିଆଯାଇଛି। ଛନ୍ଦା ଚରଣ କଟା, ସୁଭାଷ ଚନ୍ଦ୍ର ଭୋଇ, ଜୟ ସିଂ ତାଣ୍ଡି, ଲିଙ୍ଗରାଜ ସୁନା, ବିଚିତ୍ର ବାଗ, ହେମନ୍ତ ବେହେରା, କୁନା ସାହୁ, ଅରୁଣ ହରପାଲ, ସିଦ୍ଧାନନ ସୁନା ପ୍ରମୁଖ ଏଥିରେ ସାମିଲ ଥିଲେ।

# ବିଲେଇସର୍ଡା ହାଇସ୍କୁଲର ବାର୍ଷିକ ଉତ୍ସବ




ବଲାଙ୍ଗିର,୫ ।୨(ସମିସ): ପୁଇଁତଲା ବ୍ଲକ୍ ବିଲେଇସର୍ଡା ଜବାହାରଲାଲ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପୁଇଁତଲା ବ୍ଲକ୍ ଅଧ୍ୟକ୍ଷ ସରୋଜ ପଧାନ, ରସରାଜ ଅଚ୍ୟୁତ ପୁରୋହିତ, ଆଲୁମିନି ସଭାପତି ଅନନ୍ତ ବିଶ୍ୱାଳ, ସରପଞ୍ଚ ସୁଶାନ୍ତ ଛତ୍ରିଆ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ସ୍ୱାଧୀନ ସାହୁ ସଭାପତିତ୍ୱ କରିଥିଲେ। ସଂଜୀବ ମିଶଙ୍କ ନିର୍ଦ୍ଦେଶରେ "ଅବୁଝା ରାମ କେ ପୁଆଳ ଚୁଟା ରାବଣ' ନାଟକରେ ଛାତ୍ରଛାତ୍ରୀ ଅଭିନୟ କରିଥିଲେ। ବରିଷ୍ଠ ଶିକ୍ଷକ ସୁଧାଂଶୁ ଶେଖର ପ୍ରଧାନ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ପଙ୍କଜ ମେହେର, ପ୍ରଦୀପ ଦଣ୍ଡସେନା, ପ୍ରମୋଦ ବିଶ୍ୱାଳ, ସୁଜିତ ଦେହେରୀ, ମୁରାରୀ ପରଡିଆ, ଅଶ୍ୱିନୀ ମହାଲିଙ୍ଗ, ଶିକ୍ଷୟତ୍ରୀ ସୁଷମା ମେହେର, ପ୍ରତିଶା ମିଶ୍ର, ସୁବାସିନୀ ସେଠି, ନିରୋତ୍ତମା ବିଶ୍ୱାଳ, ରଶ୍ମିତା ବିଶ୍ୱାଳ, ପ୍ରଜ୍ଞା ପରମିତା ଖୁଆସ, ରଶ୍ମିତା ନନ୍ଦ, ନିହାରିକା ପ୍ରଧାନ, ଲିଲି ମହାନନ୍ଦ ପ୍ରମୁଖ ସହଯୋଗ କରିଥିଲେ।

# ଦିବ୍ୟାଙ୍ଗଙ୍କୁ ମିଳିଲା ତିନି ଚକିଆ ସାଇକଲ

କଣ୍ଟାବାଞ୍ଜି,୫ ।୨(ସମିସ): ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ୍ ଦାବ୍ରି ଗାଁର ମଦନ ମଲ୍ଲିକ (୬୫)ଙ୍କ ପାଇଁ ଆଶାର ଆଲୁଅ ଦେଖାଯାଇଛି। ମାଁ ଦୁଆରଶନି ମାଁ ଯୁଥ୍ କ୍ଲବ ଏବଂ ତୁରେକେଲା ବ୍ଲକ ପ୍ରଶାସନର ସହଯୋଗରେ ତାଙ୍କୁ ଏକ ତିନିଚକିଆ ସାଇକଲ ପ୍ରଦାନ କରାଯାଇଛି। ପ୍ରାୟ ୫ ବର୍ଷ ପୂର୍ବେ ମଦନ ପାଳିଥିବା ଗାଈଟି ତାଙ୍କୁ ଆକ୍ରମଣ କରିଥିଲା। ଏହା ଫଳରେ ତାଙ୍କ ଗୋଡ଼ ଭାଙ୍ଗିଯାଇଥିଲା। ଅନେକ ଟଙ୍କା ଖର୍ଚ୍ଚ କରି ଚିକିତ୍ସା କରାଇଥିଲେ ମଧ୍ୟ ଗୋଡ଼ ସମ୍ପୂର୍ଣ୍ଣ ଭଲ ହୋଇପାରି ନ ଥିଲା। ସେ ଦିବ୍ୟାଙ୍ଗ ହୋଇ ପଡିଥିଲେ। ତାଙ୍କର ଦୈନନ୍ଦିନ କାର୍ଯ୍ୟ ପାଇଁ ସାହାରା ବାଡ଼ି ସାହାଯ୍ୟରେ ୨ରୁ ୩ କିଲୋମିଟର ଦୂର ପର୍ଯ୍ୟନ୍ତ ବହୁତ କଷ୍ଟରେ ଚାଲି ଚାଲି ଯାଉଥିଲେ। ଏହି ଦୁଃଖଦ ଅବସ୍ଥା ଦେଖି ଦାବ୍ରି ଗାଁର ମାଁ ଦୁଆରସନି ଯୁଥ୍ କ୍ଲବ୍ ସଭାପତି ରାଜୁ ଛତ୍ରିଆ ତୁରେକେଲା ବ୍ଲକ୍ କର୍ମଚାରୀ ଆକାଶ ସେଲମାଙ୍କ ସହ ଆଲୋଚନା କରିଥିଲେ। ବୁଧବାର ଶ୍ରୀ ଛତ୍ରିଆ ଏବଂ ସଂପାଦକ ଜିତୁ ସୁନା ବ୍ଲକ୍ କାର୍ଯ୍ୟାଳୟକୁ ଯାଇ ବିଡ଼ିଓଙ୍କ



ସହ ଆଲୋଚନା କରିଥିଲେ। ଏହାପରେ ପ୍ରଶାସନ ତରଫରୁ ମଦନଙ୍କୁ ଏକ ତିନିଚକିଆ ସାଇକଲ ପ୍ରଦାନ କରାଯାଇଛି। ବହୁ ଦିନ ଧରି ମଦନ ମଲ୍ଲିକ ଅନେକ ଲୋକଙ୍କୁ କହି କହି ଥକି ଯାଇଥିଲେ। ଏହି ସାଇକଲ ପାଇବା ପରେ ତାଙ୍କ ମୁହଁରେ ହସ ଫୁଟିଛି।

## ଚାଷୀ ମୃତଦେହ ଆଣିବାକୁ ନେଇ ବୟାନବାଜି

# ଶ୍ରେୟ ପାଇଁ ପ୍ରତିଯୋଗିତା

ବଲାଙ୍ଗିର,୫ ।୨(ସମିସ)

ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ନଅ ଗାଁ (କ)ର ଯୁବ ଚାଷୀ ବଳରାମ ପଧାନଙ୍କ ମୃତ୍ୟୁ ଘଟଣାକୁ ନେଇ ଜିଲ୍ଲାରେ ରାଜନୀତି ଆରମ୍ଭ ହୋଇଛି। ଧାନ ବିକ୍ରି ପଇସା କେରଳର ଏକ ବ୍ୟାଙ୍କ ଖାତାରେ ଜମା ହେବା, ସେହି ପଇସା ଉଠାଇବା ପାଇଁ ସେ କେରଳ ଯାଇ ସେଠାରେ ମୃତ୍ୟୁ ଘଟିବା ଓ ତାଙ୍କ ମୃତଦେହକୁ ଗାଁକୁ ଆଣିବାରେ ଶ୍ରେୟ ନେବାକୁ ନେତାଏ ଉଦ୍ୟମ ଆରମ୍ଭ କରିଛନ୍ତି। ବାସ୍ତବ ଚିତ୍ର କିନ୍ତୁ ଭିନ୍ନ। ମୃତଦେହ ଆଣିବା ପାଇଁ ନା କୌଣସି ସରକାରୀ ସହାୟତା ରହିଛି ନା ପ୍ରଶାସନ ଅଧିକାରୀଙ୍କ ସହଯୋଗ ରହିଛି। ମୃତଦେହ ଆଣିବା ପାଇଁ ଚାଷୀଙ୍କ ଗାଁ ଲୋକେ ଉଦ୍ୟମ କରିଥିଲେ। ସମ୍ପର୍କୀୟ ଓ ଜିଲ୍ଲା ପରିଷଦ ସଭାପତିଙ୍କ ଆର୍ଥିକ ସହାୟତା ରହିଥିଲା। ସରକାରୀ ସହାୟତା କହିଲେ କେବଳ ଭୁବନେଶ୍ୱରରୁ ଗାଁ କୁ ଶବ ଆଣିବା ପାଇଁ ମହାପ୍ରୟାଣ ଗାଡ଼ିର ବ୍ୟବସ୍ଥା



କରାଯାଇଥିଲା। ଏହା ସହ ୩୩ ହଜାର ଟଙ୍କା ଦିଆଯାଇଥିଲା। କିଛି ବର୍ଷ ପୂର୍ବରୁ ବଳରାମ କେରଳକୁ କାମ କରିବାକୁ ଯାଇଥିଲେ। ସେଠାରେ ତାଙ୍କ ନାମରେ ଏକ ବ୍ୟାଙ୍କ୍ ଜମା ଖାତା ଖୋଲିଥିଲେ। ଏହି ଜମା ଖାତାରେ ଚଳିତ ବର୍ଷ ଧାନ ବିକ୍ରି ଟଙ୍କା ଜମା ହୋଇଥିଲା। ଏହି ଟଙ୍କା

> ସରକାରୀ ସହାୟତା କହିଲେ ଭୁବନେଶ୍ୱରରୁ ଗାଁକୁ ମହାପ୍ରୟାଣ ଗାଡ଼ି ବ୍ୟବସ୍ଥା
> ମୃତଦେହ ଆସିବା ପରେ ୩୩ ହଜାର ଟଙ୍କା ସହାୟତା

ଉଠାଇବାକୁ ଯାଇ ସେ କିଛି ଦିନ ତଳେ ସେ ସେଠାକୁ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମୃତଦେହ ଆଣିବାକୁ ଗ୍ରାମବାସୀ ଉଦ୍ୟମ ଆରମ୍ଭ କରିଥିଲେ। କେରଳର ଏକ ସଂସ୍ଥା ସହ ଗ୍ରାମବାସୀ ଯୋଗାଯୋଗ କରି ମୃତଦେହ ଆଣିବା ପାଇଁ ଉଦ୍ୟମ କରିଥିଲେ। ଜିଲ୍ଲା ପରିଷଦ ସଭାପତି ଦେବକୀ ସାହୁ ଗ୍ରାମବାସୀଙ୍କ ସହ ଜିଲ୍ଲାପାଳଙ୍କୁ ଏନେଇ ଜଣାଇଥିଲେ। ଗ୍ରାମବାସୀ ମଧ୍ୟ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ମୁକେଶ ମହାଲିଙ୍ଗଙ୍କୁ ଜଣାଇଥିଲେ; କିନ୍ତୁ କୌଣସି ସହାୟତା ମିଳି ନ ଥିଲା। ପରେ ସମ୍ପୃକ୍ତ ସଂସ୍ଥା ସହ ଯୋଗାଯୋଗ କରି ଗାଁ ଲୋକେ ମୃତଦେହକୁ ଭୁବନେଶ୍ୱର ଆଣିଥିଲେ। ଏଥିପାଇଁ ପ୍ରାୟ ୫୫ ହଜାରରୁ ୬୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା। ତାଙ୍କ ସମ୍ପର୍କୀୟ ଓ ଜିଲ୍ଲା ପରିଷଦ ସଭାପତି ଏହି ଆର୍ଥିକ ସହାୟତା ପ୍ରଦାନ କରିଥିବା ଗ୍ରାମବାସୀ କହିଛନ୍ତି। ମୃତଦେହ ଭୁବନେଶ୍ୱର ଆସିବା ପରେ ମହାପ୍ରୟାଣ ଗାଡ଼ିରେ ଗାଁକୁ ଅଣାଯାଇଥିଲା। ମୃତଦେହ ଫେରିବା ପରେ ରେଡକ୍ରସ ପାଣ୍ଠିରୁ ୩୦ ହଜାର ଓ ହରିଶ୍ଚନ୍ଦ୍ର ଯୋଜନାରେ ୩ହଜାର ଟଙ୍କା ପରିବାର ଲୋକଙ୍କୁ ପ୍ରଦାନ କରାଯାଇଛି।

ତେବେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଶବ ଆଣିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରେୟ ଦେଉଛନ୍ତି। ମନ୍ତ୍ରୀଙ୍କ ସମର୍ଥକ ମଧ୍ୟ ମନ୍ତ୍ରୀଙ୍କୁ ଶ୍ରେୟ ଦେଉଛନ୍ତି। ଏହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ଜାହିର କରିଛନ୍ତି।

# ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ଏବଂ କୃଷି ଯନ୍ତ୍ରପାତି ମେଳା ଆରମ୍ଭ




ବଲାଙ୍ଗିର,୫ ।୨(ସମିସ): ବଲାଙ୍ଗିର କୋଶଳ କଳା ମଣ୍ଡଳରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ଏବଂ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ ହୋଇଛି। ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମେଳାରେ ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂଦେଓ, ଜିଲ୍ଲାପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଧୀରେନ୍ଦ୍ର ସିଂ ବରିହା, ସମ୍ବଲପୁର ମୁଖ୍ୟ ଯନ୍ତ୍ରୀ ନରେନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ସାରଦା ପ୍ରସାଦ ସିଂ ବରିହା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରଫୁଲ କହଁର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ଏବଂ କୃଷି ଯନ୍ତ୍ରପାତି ମେଳା ୮ ତାରିଖ ପର୍ଯ୍ୟନ୍ତ ଚାଲିବ।

ସକାଳ
THE SAKALA

# ସମ୍ପାଦକୀୟ



ପ୍ରଶାନ୍ତ ଚିତ୍ତ ହିଁ ଜୀବନରେ ସବୁ ଦୁଃଖକୁ ଜିଣିବାର ସର୍ବୋତ୍ତମ ଅସ୍ତ୍ର!
- ଶ୍ରୀ ସତ୍ୟସାଇ ବାବା

## ସଙ୍କଟରେ ସୂଚନା ଅଧିକାର

ସୂଚନା ଅଧିକାର ଆଇନ(ଆରଟିଆଇଏ)ର ପୁନଃସମୀକ୍ଷା ଓ ସଂଶୋଧନ ସପକ୍ଷରେ 'ଅର୍ଥନୈତିକ ସର୍ବେକ୍ଷଣ ରିପୋର୍ଟ-୨୦୨୫-୨୬' ଟିପ୍ପଣୀ ଦେବା ପରେ ଆଲୋଡ଼ନ ସୃଷ୍ଟି ହୋଇଛି। ୟୁପିଏ ଅମଳରେ ପ୍ରଣୀତ ଶିକ୍ଷା ଅଧିକାର ଆଇନ(ଆରଟିଇ), ଜାତୀୟ ଖାଦ୍ୟ ନିରାପତ୍ତା ଆଇନ(ଏଫ୍ଏସ୍ଏ), ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍ନରେଗା) ପରି କେତେକ ସର୍ବାଧିକ ଲୋକାଭିମୁଖୀ ଓ ବହୁଳ ଆଦୃତ ଆଇନ ଭିତରେ ଆରଟିଆଇଏ ଥିଲା ଯୁଗାନ୍ତକାରୀ। ଗଣତାନ୍ତ୍ରିକ ରାଷ୍ଟ୍ରରେ ଶାସନ ଓ ପ୍ରଶାସନକୁ ଜନଗଣଙ୍କ ନିକଟରେ ଅଧିକ ଉତ୍ତରଦାୟୀ ଓ ସ୍ୱଚ୍ଛ କରିବାରେ ଏହି ଆଇନର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ। ସ୍ୱାଧୀନୋତ୍ତର ଭାରତରେ ଆଇଟିଆଇଏ ଏଭଳି ଏକ ଶକ୍ତିଶାଳୀ ଓ ପ୍ରଭାବଶାଳୀ ଅସ୍ତ୍ରଟିଏ ହୋଇଛି, ଯାହା ଆଗରେ ପ୍ରତିପତ୍ତି ଓ କ୍ଷମତା ଆଦି ଦୁର୍ବଳ ହୋଇପଡ଼ିଛନ୍ତି ଏବଂ ସମାଜର ସବୁଠାରୁ ତଳସ୍ତରରେ ଥିବା ଲୋକଟିର ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାରକୁ ଏହି ଆଇନ ଆହୁରି ସଶକ୍ତ କରିବାରେ ସହାୟକ ହୋଇପାରିଛି। ଲୋକମାନେ ଗଢ଼ିଥିବା ସରକାରରେ କେଉଁ ନିଷ୍ପତ୍ତି ପ୍ରଶାସନିକ ସ୍ତରରେ କିଭଳି କାର୍ଯ୍ୟକାରୀ ହେଉଛି ସେ ବିଷୟରେ ଜାଣିବାର ଅଧିକାର ଲୋକମାନଙ୍କର ରହିଛି। ଏହି ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାରର ସୁରକ୍ଷାକୁ ଆରଟିଆଇଏ ରୂପକ ଅସ୍ତ୍ରଟି ସହଜ କରିଛିଲା। ଏହି ଆଇନ ବଳରେ ବ୍ୟାପମ୍, ଆଦର୍ଶ ହାଉସିଂ, ବ୍ୟାଙ୍କିଙ୍ଗ ପରି ଅନେକ ମହାଦୁର୍ନୀତି ଲୋକଲୋଚନକୁ ଆସିପାରିଛି। ତେଣୁ ଆରଟିଆଇଏର ପୁନଃସଂସ୍କାରକୁ ନାଗରିକମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି।

ଆମେରିକା, ଇଂଲଣ୍ଡ, ସ୍ୱିଡେନ୍ ଆଦି ଆନ୍ତର୍ଜାତିକ ସ୍ତରରେ ପ୍ରଣୀତ କେତେକ ସୂଚନା ଅଧିକାର ଆଇନ ଅନୁକରଣରେ ଭାରତୀୟ ଶାସନ କ୍ଷେତ୍ରରେ ନିଆଯାଉଥିବା ନିଷ୍ପତ୍ତି ଏବଂ ପ୍ରଶାସନିକ ସ୍ତରରେ ରୂପାୟନର ଅଗ୍ରଗତି(ଆନ୍ତଃବିଭାଗୀୟ ଚିଠିପତ୍ର ବିନିମୟ, ଫାଇଲ୍‌ର ଅଗ୍ରଗତି, ରେକର୍ଡର ବିବରଣୀ ଆଦି)କୁ ଯେପରି ସାର୍ବଜନିନ କରାଯିବ ନାହିଁ ଏବଂ ଆରଟିଆଇ ଆଇନ ବଳରେ ପ୍ରାର୍ଥନା କରାଯାଉଥିବା ସେ ସମ୍ପର୍କିତ ସୂଚନାକୁ ଯେପରି ନାସ୍ତିବାଣୀ ଶୁଣାଯାଇପାରିବ ସେଥିଲାଗି ଆଇନରେ ଆବଶ୍ୟକ ସଂଶୋଧନ ଆଣିବାକୁ ଅର୍ଥନୈତିକ ରିପୋର୍ଟ ୨୦୨୫-୨୬ ମତ ଦେଇଛି। ଏଭଳି ଆବେଦନ ଦ୍ୱାରା ଅଯଥା ପ୍ରଶାସନିକ ଖର୍ଚ୍ଚ ଓ ସମୟ ଅପଚୟ ହେଉଥିବାରୁ ମନ୍ତ୍ରିସ୍ତରୀୟ 'ଭେଟୋ' ପ୍ରୟୋଗ ଭଳି ବ୍ୟବସ୍ଥା ଖଞ୍ଜିବାକୁ ମଧ୍ୟ ରିପୋର୍ଟରେ ପରାମର୍ଶର୍ ଦିଆଯାଇଛି। ଆରଟିଆଇ ଦ୍ୱାରା ବିଧାନପାଳିକାର ଭୂମିକା, ସ୍ଥିତି ଓ ଗୁରୁତ୍ୱ କ୍ଷୁଣ୍ଣ ହେଉଛି ବୋଲି ରିପୋର୍ଟ ମତବ୍ୟକ୍ତ କରିଛି। ଦେଶର ଆଭ୍ୟନ୍ତରୀଣ ଗୋପନୀୟତା, ଅଖଣ୍ଡତା, ଏକତା ଓ ସାର୍ବଭୌମତ୍ୱର ସୁରକ୍ଷା ଦୃଷ୍ଟିରୁ ସମ୍ବେଦନଶୀଳ ସୂଚନାଗୁଡ଼ିକୁ ସାର୍ବଜନିନ ନ କରିବା ପାଇଁ ଆରଟିଆଇଏର ଧାରା ୮ ରେ ବ୍ୟବସ୍ଥା ରହିଛି। ତା'ସତ୍ତ୍ୱେ ଆଇନକୁ ଆହୁରି ସଂକୁଚିତ କରିବାର ଉଦ୍ଦେଶ୍ୟ ବୁଝା ପଡୁନାହିଁ। ମୋଟାମୋଟି ଭାବେ ଆରଟିଆଇଏର ଦୁରୁପଯୋଗ ହେଉଥିବା ରିପୋର୍ଟର ଭାଷାରୁ ସ୍ପଷ୍ଟ ହେଉଛି ଏବଂ ଏହି ଆଳରେ ଏହି ପ୍ରଭାବଶାଳୀ ଆଇନଟିର ଡେଣାକୁ ହନନ କରିବାର ଅପଚେଷ୍ଟା ଆରମ୍ଭ ହେବାର ଆଶଙ୍କାକୁ ଏଡ଼ାଇ ଦେଇ ହେଉ ନାହିଁ। କାରଣ ସମ୍ପ୍ରତି ଆଇନର ଧାରା ୮ ଆଳରେ ଜନସ୍ୱାର୍ଥ ସହିତ ଜଡ଼ିତ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେବାକୁ ସରକାର ବାରଣ କରୁଛନ୍ତି। ଏପରିକି ରେଳ ବିଭାଗର ଯାତ୍ରୀ ଭଡ଼ା ସମ୍ପର୍କିତ ସୂଚନା ମଧ୍ୟ ଗୋପନୀୟତା(ଧାରା ୮) ଆଳରେ ମିଳିପାରୁନାହିଁ। ଫଳସ୍ୱରୂପ ସୂଚନା ଆୟୋଗଙ୍କ ନିକଟରେ ମାମଲା ବୋଝ ବଢ଼ିବାରେ ଲାଗିଛି। ୨୦୨୫, ଜୁନ୍ ୩୦ ସୁଦ୍ଧା ବିଭିନ୍ନ ସୂଚନା ଆୟୋଗଙ୍କ ପାଖରେ ୪.୧୩ ଲକ୍ଷ ଆବେଦନ ବିଚାରାଧୀନ ରହିଛି। ଯଦି ପ୍ରଶାସନିକ ସ୍ତରରେ ସୂଚନା ଅଧିକାର ଉତ୍ତରଦାୟିତ୍ୱକୁ ଆହୁରି ନିଶ୍ଚିତ କରାଯାଆନ୍ତା ତେବେ ଆୟୋଗଙ୍କ ନିକଟରେ ମାମଲା ବୋଝ ସୃଷ୍ଟି ହୁଅନ୍ତା ନାହିଁ। କିନ୍ତୁ ମାମଲା ବୋଝ ହ୍ରାସ କରିବା ପାଇଁ ଶାସନ ପ୍ରଶାସନକୁ ଆରଟିଆଇଏର ଉତ୍ତରଦାୟିତ୍ୱରୁ ସୁରକ୍ଷା ଦେବା କେତେ ଯୁକ୍ତିଯୁକ୍ତ ତାହା ବିଚାରଯୋଗ୍ୟ।

ଆଇନ ବିଶାରଦମାନଙ୍କ ମତରେ 'ଡିଜିଟାଲ୍ ପର୍ସନାଲ୍ ଡାଟା ପ୍ରଟୋକ୍ସନ୍ ଆକ୍ଟ ୨୦୨୩' ଅଧୀନରେ ଅନେକ ତଥ୍ୟକୁ ସାର୍ବଜନିନ କରିବା ଉପରେ ନିଷେଧାଜ୍ଞା ଜାରି କରାଯାଇଛି। ତେଣୁ ଆରଟିଆଇଏର ଆଉ ଅଧିକ ରକ୍ଷଣଶୀଳତା ତାହାକୁ 'ରାଇଟ୍ ଟୁ ଡିନାଏ ଆକ୍ଟ(ମନା କରିବାର ଅଧିକାର)'ରେ ପରିଣତ କରିଦେବ। ବୁଦ୍ଧିଜୀବୀ ମହଲର ଯୁକ୍ତି ଅନୁଯାୟୀ ସୂଚନା ଅଧିକାର ଏକ ସାମାଜିକ ଓ ନାଗରିକ ଶାସନ ବ୍ୟବସ୍ଥାଗତ ପ୍ରସଙ୍ଗ। ଶାସନ ଓ ଶାସିତଙ୍କ ଭିତରେ ଆରଟିଆଇଏ ସୁସ୍ଥ ଓ ସ୍ୱଚ୍ଛ ସମ୍ପର୍କର ଏକ ସେତୁ ତିଆରି କରିଛି। ଆଇନର ଧାରା ୪ ଅନୁଯାୟୀ ଶାସନ/ପ୍ରଶାସନ ଜନତାଙ୍କ ସୂଚନା ଅଧିକାର ସୁରକ୍ଷିତ ରଖିବାକୁ ବାଧ୍ୟ। ଏହି ପୃଷ୍ଠଭୂମିରେ ଆରଟିଆଇରେ ସଂଶୋଧନ ପ୍ରସ୍ତାବ ପାଇଁ ଅର୍ଥନୈତିକ ପରାମର୍ଶଦାତା କେତେ ଅଧିକାରପ୍ରାପ୍ତ ତାହା ସ୍ୱତଃ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ତଥ୍ୟାଭିଜ୍ଞ ମହଲର ମତାନୁଯାୟୀ ୟୁପିଏ ଅମଳରେ ପ୍ରଣୀତ ଯୁଗାନ୍ତକାରୀ ଆଇନ ମଧ୍ୟରୁ ଏମ୍ନରେଗାକୁ ସଂସଦର ଗତ ଶୀତ ଅଧିବେଶନରେ ବିନା ବିତର୍କରେ ଏକ ବିଧେୟକ ବଦଳରେ ରଦ୍ଦ କରିଦିଆଯାଇଥିବା ବେଳେ ଶିକ୍ଷା ଅଧିକାର ଆଇନକୁ ଅନେକାଂଶରେ ପଙ୍ଗୁ କରିବାର ଉଦ୍ୟମ ଜାରି ରହିଛି। ଆଗାମୀ ଦିନରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ମଧ୍ୟ ସଂସ୍କାର ଅଣାଯିବ ବୋଲି ସୂଚନା ମିଳିଛି। ତେଣୁ ୟୁପିଏ ଅମଳରେ ପ୍ରଣୀତ ଅପରାଧରେ ଆରଟିଆଇଏ ମଧ୍ୟ ଯଦି ବଳି ପଡ଼େ ତେବେ କେବଳ ଭାଗ୍ୟକୁ ନିନ୍ଦିବା ଛଡ଼ା ଅନ୍ୟ ଉପାୟ ନାହିଁ। ●

## ସମୁଦ୍ରାୟନ ଅଭିଯାନରେ ମତ୍ସ୍ୟ-୬୦୦୦

ଇଂ ମାୟାଧର ସ୍ୱାଇଁ

ସମୁଦ୍ରାୟନ ଅଭିଯାନ ହେଉଛି ଭାରତର ମହତ୍ତ୍ୱାକାଂକ୍ଷୀ ମାନବଯୁକ୍ତ ଗଭୀର ସମୁଦ୍ର ଅନ୍ୱେଷଣ କାର୍ଯ୍ୟକ୍ରମର ଅଂଶବିଶେଷ। ଭୂବିଜ୍ଞାନ ମନ୍ତ୍ରାଳୟ ଅଧୀନରେ ପରିଚାଳିତ ଏହି ଅଭିଯାନରେ ସମୁଦ୍ରର ଛଅହଜାର ମିଟର ଗଭୀରରେ ପ୍ରବେଶ କରି ପରୀକ୍ଷା କରିବାର ଲକ୍ଷ୍ୟ ରହିଛି। ପ୍ରଥମ ପର୍ଯ୍ୟାୟରେ ଆସନ୍ତା ମେ' ମାସରେ ଏହି ଅଭିଯାନ ଆରମ୍ଭ ହୋଇ ପ୍ରଥମେ ପାଞ୍ଚଶହ ମିଟର ଗଭୀର ପର୍ଯ୍ୟନ୍ତ ଯିବା ପାଇଁ ଯୋଜନା କରାଯାଇଛି।

ଭାରତର ଗଭୀର ସମୁଦ୍ର ଅଭିଯାନର ଛଅଟି ଲକ୍ଷ୍ୟ ଅଛି। ସେଗୁଡ଼ିକ ହେଉଛି (୧) ଗଭୀର ସମୁଦ୍ରରୁ ଖଣିଜ ଉତ୍ତୋଳନ ପାଇଁ ପ୍ରଯୁକ୍ତି ବିଦ୍ୟା ଓ ମାନବଯୁକ୍ତ ଜଳଭିତର ରୋବୋଟ ବିଜ୍ଞାନର ବିକାଶ, (୨) ମହାସାଗର ଜଳବାୟୁ ପରିବର୍ତ୍ତନ ପରାମର୍ଶ ସେବା, (୩) ଗଭୀର ସମୁଦ୍ର ଜୈବବିବିଧତାର ଅନୁସନ୍ଧାନ ଓ ସଂରକ୍ଷଣ ପାଇଁ ପ୍ରଯୁକ୍ତି ବିଦ୍ୟାର ବିକାଶ, (୪) ଗଭୀର ମହାସାଗର ସର୍ବେକ୍ଷଣ ଓ ଅନୁସନ୍ଧାନ, (୫) ସମୁଦ୍ରରୁ ଶକ୍ତି ଓ ମଧୁର ଜଳ ଉତ୍ପାଦନ ଏବଂ (୬) ମହାସାଗର ଜୀବବିଜ୍ଞାନ ପାଇଁ ଉନ୍ନତ ସାମୁଦ୍ରିକ କେନ୍ଦ୍ର ସ୍ଥାପନ। ଏହି ଅଭିଯାନ 'ସାମୁଦ୍ରିକ ତାପଜ ଶକ୍ତି ରୂପାନ୍ତରଣ' ପ୍ରକ୍ରିୟାରେ ଶକ୍ତି ଉତ୍ପାଦନ ଏବଂ ନିମ୍ନ ତାପମାତ୍ରାରେ ତାପୀୟ ମଧୁର ଜଳ ଉତ୍ପାଦନ ପାଇଁ ସାହାଯ୍ୟ କରିବ।

ଗଭୀର ସମୁଦ୍ର ଏବେ ମଧ୍ୟ ଆମ ନିକଟରେ ରହସ୍ୟମୟ ହୋଇରହିଛି। ପୃଥିବୀର ୭୧ ପ୍ରତିଶତ ସ୍ଥାନ ମହାସାଗର ଅଧିକାର କରିଛି। ଏହାର ଅର୍ଥ ହେଉଛି ଯେ ପୃଥିବୀ ୭୧ ପ୍ରତିଶତ ସମ୍ବଳ ନିକଟରେ ଆମେ ପହଞ୍ଚିପାରି ନାହେଁ ଏବଂ ସ୍ଥଳଭାଗର ସମ୍ବଳ କ୍ରମଶଃ ନିଃଶେଷ ହେବାରେ ଲାଗିଛି। ଏଣୁ ସମୁଦ୍ର ତଳେ ଥିବା ଖଣିଜ ସମ୍ପଦ ଅନୁସନ୍ଧାନ କରିବା ନିହାତି ଅବଶ୍ୟକ। ତେବେ ଏଥିପାଇଁ ମନୁଷ୍ୟକୁ ଗଭୀର ସମୁଦ୍ରକୁ ପଠାଇବାର ଉଦ୍ଦେଶ୍ୟ କ'ଣ? ଗୋଟିଏ ଭଲ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଆମେ ଶନିର ବଳୟକୁ ଦେଖିପାରୁଛେ ଏବଂ ମଙ୍ଗଳ ଗ୍ରହରେ ବିଚରଣ କରୁଥିବା ରୋଭରକୁ ପୃଥିବୀପୃଷ୍ଠରୁ ନିୟନ୍ତ୍ରଣ କରି ହେଉଛି। କିନ୍ତୁ ଜଳ ପତ୍ତନରୁ ଅଳ୍ପ କେତେ ମିଟର ଭିତର ଅଂଶକୁ ଆମେ ଦେଖିପାରିବା ନାହିଁ କିମ୍ବା ନିୟନ୍ତ୍ରଣ କରିପାରିବା ନାହିଁ। ବିଦ୍ୟୁତ ଚୁମ୍ବକୀୟ ତରଙ୍ଗ ସମୁଦ୍ର ଜଳରେ ଅଧିକ ଦୂରକୁ ଗତି କରିପାରେ ନାହିଁ କିମ୍ବା ସେଠାରେ ବିଦ୍ୟୁତ୍ ଚୁମ୍ବକୀୟ ତରଙ୍ଗ ବ୍ୟବହାର କରି ରେଡାର, ଜିପିଏସ୍ ଓ ଯୋଗାଯୋଗ ବ୍ୟବସ୍ଥା କାର୍ଯ୍ୟ କରେ ନାହିଁ। ସମୁଦ୍ର ତଳକୁ ଯେତେ ଗଭୀରକୁ ଯିବା, ଚାପ ସେହି ଅନୁଯାୟୀ ବଢ଼ି ଚାଲେ। ପ୍ରତି ଦଶ ମିଟର ଗଭୀରରେ ବାୟୁମଣ୍ଡଳୀୟ ଚାପ ବୃଦ୍ଧି ପାଏ। ପୁନଶ୍ଚ ସମୁଦ୍ରରେ ତାପମାତ୍ରା, ଲବଣତା ଓ ସାନ୍ଦ୍ରତା ବିଭିନ୍ନ ସ୍ଥାନରେ ଅଲଗା ହୋଇଥାଏ। ସମୁଦ୍ରରେ ଆଲୋକ ବଦଳରେ ଧ୍ୱନିକୁ ବ୍ୟବହାର କରାଯାଏ, କିନ୍ତୁ ଏହାର ବେଗ ହେଉଛି ଆଲୋକ ବେଗଠାରୁ ଦୁଇ ଲକ୍ଷ ଗୁଣ କମ୍। ଫଳରେ ଏହା ସୀମିତ ପରିମାଣର ତଥ୍ୟ ବହନ କରିପାରେ ଏବଂ ଧ୍ୱନି ସହଜରେ ପ୍ରତିସରିତ ହେଉଥିବାରୁ ଏହାକୁ ବ୍ୟବହାର କରିବା କଷ୍ଟକର ହୋଇଥାଏ। ମୋଟ ଉପରେ କହିଲେ, ଆମେ ମହାକାଶକୁ ଯେପରି ଭାବରେ ପର୍ଯ୍ୟବେକ୍ଷଣ ଓ ଅନୁସନ୍ଧାନ କରି ପାରୁଛେ ଗଭୀର ସମୁଦ୍ରକୁ ସେପରି କରି ପାରୁନାହୁଁ। ଅବଶ୍ୟ ସୋନାର ଯନ୍ତ୍ର ସାହାଯ୍ୟରେ ଆମେ ସମୁଦ୍ରର ଗଭୀରତା ଜାଣିପାରୁଛେ।

ଗଭୀର ସମୁଦ୍ରକୁ ଯିବା ପାଇଁ ମନୁଷ୍ୟ ପାଖରେ ଉତ୍ତମ ପ୍ରଯୁକ୍ତି ବିଦ୍ୟା ନ ଥିବାରୁ ପରୋକ୍ଷ ଭାବରେ ଏହାର ଅନୁସନ୍ଧାନ କରାଯାଉଛି। କିନ୍ତୁ ଏହା ଅଧିକ ଫଳପ୍ରଦ ହେବ, ଯଦି ମନୁଷ୍ୟ ସମୁଦ୍ର ତଳକୁ ଯାଇ ନିଜେ ପରୀକ୍ଷା ଓ ଅନୁସନ୍ଧାନ କରିବ। ଏହି ଲକ୍ଷ୍ୟ ନେଇ ଶକ୍ତିଶାଳୀ ବୁଡ଼ାଜାହାଜ ନିର୍ମାଣ ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଭାରତ ଏବେ ଏହି ପ୍ରଯୁକ୍ତି ବିଦ୍ୟା ହାସଲ କରିଛି ଏବଂ ଗଭୀର ସମୁଦ୍ରରେ ଅନୁସନ୍ଧାନ ପାଇଁ ନିଜ ଲୋକଙ୍କୁ ପଠାଇବା ପାଇଁ ଯୋଜନା କରିଛି। ଭାରତ ସରକାର ୨୦୨୧ ମସିହାରେ ଗଭୀର ମହାସାଗର ଅଭିଯାନ ଆରମ୍ଭ କରିଛନ୍ତି ଏବଂ ୨୦୨୬ ମସିହାରେ ଏହାକୁ ସମ୍ପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏହି ଅଭିଯାନ ପାଇଁ ୪୦୭୭ କୋଟି ଟଙ୍କାର ଖର୍ଚ୍ଚ ଅଟକଳ କରାଯାଇଛି। ଏହାକୁ ସରକାରଙ୍କର 'ନୀଳ ଅର୍ଥନୀତି' ପ୍ରଚେଷ୍ଟା କୁହାଯାଉଛି। ଏହି ଅଭିଯାନର ଏକ ଅଂଶ ହେଉଛି 'ସମୁଦ୍ରାୟନ' କାର୍ଯ୍ୟକ୍ରମ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗୋଟିଏ ସ୍ୱୟଂଚାଳିତ ବୁଡ଼ାଜାହାଜ ନିର୍ମାଣ କରି ସେଥିରେ ତିନି ଜଣ ଭାରତୀୟଙ୍କୁ ନେଇ ଛଅ ହଜାର ମିଟର ସମୁଦ୍ର ଗଭୀରକୁ ଯାଇ ଜୈବ ବିବିଧତା ଓ ଖଣିଜ ସମ୍ପଦର ଅନୁସନ୍ଧାନ କରିବା। ଏହି ବୁଡ଼ାଜାହାଜକୁ ଚେନ୍ନାଇ ସ୍ଥିତ 'ଜାତୀୟ ମହାସାଗର ପ୍ରଯୁକ୍ତି ବିଦ୍ୟା ଅନୁଷ୍ଠାନ' ଏବଂ 'ଭାରତୀୟ ମହାକାଶ ଗବେଷଣା ସଂସ୍ଥା' ମିଳିତ ଭାବେ ଡିଜାଇନ ଓ ନିର୍ମାଣ କରିଛନ୍ତି। ଏହାର ନାମ 'ମତ୍ସ୍ୟ ୬୦୦୦' ରଖାଯାଇଛି। ଡିଜାଇନ ଏପରି ହୋଇଛି ଯେ ତିନିଜଣ ସମୁଦ୍ର ଯାତ୍ରୀ ସମୁଦ୍ର ପତ୍ତନରୁ ଛଅ ହଜାର ଫୁଟ ତଳେ ବାର ଘଣ୍ଟା ରହି କାର୍ଯ୍ୟ କରିପାରିବେ ଏବଂ ଜରୁରୀ ପରିସ୍ଥିତିରେ ଏହା ଛୟାନବେ ଘଣ୍ଟା ପର୍ଯ୍ୟନ୍ତ କାମ କରିପାରିବ।

'ମତ୍ସ୍ୟ -୬୦୦୦'ର ଓଜନ ହେଉଛି ପ୍ରାୟ ୨୦ ଟନ ଏବଂ ଏଥିରେ ଥିବା ବିଜ୍ଞାନ ଯନ୍ତ୍ରପାତିଗୁଡ଼ିକର ଓଜନ ୩୦୦ କି.ଗ୍ରା। ଏଥିରେ ଅମ୍ଳଜାନ ଯୋଗାଣ ଓ ଅଙ୍ଗାରକାମ୍ଳ ନିଷ୍କାସନ ଭଳି ଜୀବନରକ୍ଷାକାରୀ ବ୍ୟବସ୍ଥା ଏବଂ ଡିଜିଟାଲ ଓ ଭିଡିଓ କ୍ୟାମେରା ଅଛି। ଗଭୀର ସମୁଦ୍ରର ଚାପକୁ ସହ୍ୟ କରିବା ପାଇଁ ଏହି ଯାନ ଟାଇଟାନିୟମ୍ ମିଶ୍ରଧାତୁରେ ନିର୍ମିତ ହୋଇଛି। ପୁନଶ୍ଚ ଅଧିକ ଚାପ ସହି ପାରିବା ପାଇଁ ଏହାକୁ ଗୋଲକ ଆକାରରେ ନିର୍ମାଣ କରାଯାଇଛି। ଗୋଲକର ବ୍ୟାସ ୨.୧ ମିଟର ହୋଇଥିବା ବେଳେ ଏହାର ମୋଟେଇ ହେଉଛି ୮୦ ମିଲିମିଟର। ପରୀକ୍ଷଣ ପାଇଁ ପାଞ୍ଚଶହ ମିଟର ଗଭୀରକୁ ଯାଇ ପାରିବା ଭଳି ଇସ୍ପାତର ଗୋଟିଏ ଗୋଲକ ନିର୍ମାଣ କରାଯାଛି ଏବଂ ଏହାକୁ ଚଳିତ ବର୍ଷ ମେ' ମାସରେ ସମୁଦ୍ର ଭିତରକୁ ଛଡ଼ାଯିବ। ୨୦୨୭-୨୮ ମସିହା ସୁଦ୍ଧା ଭାରତ ଏହାର ପ୍ରଥମ ମାନବଯୁକ୍ତ ମତ୍ସ୍ୟ-୬୦୦୦ ବୁଡ଼ାଜାହାଜକୁ ସମୁଦ୍ରକୁ ଛାଡ଼ିବା ପାଇଁ ଯୋଜନା ହୋଇଛି।

ନୀଳ ଅର୍ଥନୀତିରୁ ସମଗ୍ର ପୃଥିବୀରେ ବାର୍ଷିକ ତିନିରୁ ଛଅ ଟ୍ରିଲିଅନ୍ ଡଲାର ଆୟ ହୋଇପାରିବ ବୋଲି ଆକଳନ କରାଯାଇଛି। ଭାରତର ସାମୁଦ୍ରିକ ଉପକୂଳ ରେଖା ହେଉଛି ୧୧୦୦୦ କିମିରୁ ଅଧିକ ଏବଂ ୨.୩୭ ନିୟୁତ ବର୍ଗ କି.ମିର ସ୍ୱତନ୍ତ୍ର ଅର୍ଥନୀତିକ ଅଞ୍ଚଳ ରହିଛି। ଏଣୁ ସମୁଦ୍ରରୁ ସମ୍ପଦ ଆହରଣରେ ଭାରତ ପାଖରେ ଅନେକ ସୁଯୋଗ ରହିଛି। ବର୍ତ୍ତମାନ ଏହି କ୍ଷେତ୍ରରୁ ଭାରତର ମୋଟ ଘରୋଇ ଉତ୍ପାଦ(ଜିଡିପି)ରେ ମାତ୍ର ଚାରି ପ୍ରତିଶତ ଅବଦାନ ଅଛି। ୨୦୧୭ ମସିହାରେ ତିରୁପତିଠାରେ ଅନୁଷ୍ଠିତ ହୋଇଥିବା ବିଜ୍ଞାନ କଂଗ୍ରେସ ଅଧିବେଶନରେ ପ୍ରଧାନମନ୍ତ୍ରୀ ଗଭୀର ମହାସାଗର ଅଭିଯାନ ସମ୍ବନ୍ଧରେ ଘୋଷଣା କରିଥିଲେ। ଏହି ଅଭିଯାନର ସଫଳତା ନିଶ୍ଚିତ ଭାବେ ଭାରତକୁ ଅର୍ଥନୀତିକ ଓ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଲାଭଦାୟକ ହେବ। ଏହି ଅଭିଯାନ ସଫଳ ହେଲେ ମାନବଯୁକ୍ତ ସମୁଦ୍ର ଅଭିଯାନ ପ୍ରଯୁକ୍ତିବିଦ୍ୟା ହାସଲ କରିବାରେ ଯୁକ୍ତରାଷ୍ଟ୍ର ଆମେରିକା, ରୁଷିଆ, ଚୀନ୍, ଫ୍ରାନ୍ସ ଓ ଜାପାନ ସହିତ ଭାରତ ସାମିଲ ହେବ। ●

(ସମ୍ପାଦକ, ସାଇନ୍ସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

## ପିଲାଙ୍କର ପ୍ରୋଜେକ୍ଟ ଶିକ୍ଷା: ସୃଜନ ନା ଚାପ?

ମିନାକ୍ଷୀ ଦ୍ୱିବେଦୀ

ଆଧୁନିକ ଶିକ୍ଷା ପଦ୍ଧତିରେ ପାଠ୍ୟକ୍ରମର ବୋଝ ସହିତ ହୋମ୍‌ୱାର୍କ(ଘରେ ସ୍କୁଲ୍‌ର ପାଠପଢ଼ା ଅଭ୍ୟାସ) ଏବଂ ସ୍କୁଲ୍ ପ୍ରୋଜେକ୍ଟ ଚାପ ମଧ୍ୟ ବଢ଼ିଛି। ଏହା ପିଲାମାନଙ୍କ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ଶିକ୍ଷା କେବଳ ପାଠ ପଢ଼ିବା ନୁହେଁ, ତାହା ହେଉଛି ଜୀବନକୁ ବୁଝିବା ଏବଂ ନିଜେ ଚିନ୍ତନ କରି ଶିଖିବାର ଏକ ଅବିରତ ଯାତ୍ରା। କିନ୍ତୁ ଆଜିର ଶିକ୍ଷା ପ୍ରଣାଳୀରେ ପିଲାମାନଙ୍କ ଶିଖିବା ଶୈଳୀ ଭିନ୍ନ ହୋଇପଡ଼ିଛି।

ଏକଦା ସ୍କୁଲ୍ ପ୍ରୋଜେକ୍ଟର ଅର୍ଥ ଥିଲା ରଙ୍ଗିନ କାଗଜ, ଛୋଟ ଚିତ୍ର ଓ ନିଜ ହାତର ସୃଜନଶୀଳତା। ଆଜି ସେଇ ପ୍ରୋଜେକ୍ଟ ହୋଇପଡ଼ିଛି ମାର୍କ ଓ ମେସିନ୍ ପ୍ରିଣ୍ଟର ଦୌଡ଼। ବହୁଳ ମାତ୍ରାରେ ଏବଂ ଅପରିକଳ୍ପିତ ଭାବେ ଦିଆଯାଉଥିବା ଏହି ପ୍ରୋଜେକ୍ଟଗୁଡ଼ିକ ଏବେ ଶିକ୍ଷାର ଉତ୍କର୍ଷ ଓ ସୃଜନଶୀଳତାର ବିକାଶ ପରିବର୍ତ୍ତେ ଏକ ବଡ଼ ଭାର ସଦୃଶ ହୋଇଯାଇଛି। ଖେଳ ଓ ସାମାଜିକ ବିକାଶରେ ବାଧା ଦେଉଛି। ବାହ୍ୟ ଜଗତ ଓ ପ୍ରକୃତି ସହ ସମ୍ପର୍କ କମିବା ଫଳରେ ସେମାନଙ୍କର ସାମାଜିକ, ଭାବନାତ୍ମକ ଓ ବାସ୍ତବ ଜୀବନର ଶିକ୍ଷା ବିକାଶରେ ଅଭାବ ଦେଖାଦେଉଛି। ପ୍ରୋଜେକ୍ଟ କାର୍ଯ୍ୟର ମୂଳ ଉଦ୍ଦେଶ୍ୟ ହେଉଛି ସୃଜନଶୀଳତା, ଗବେଷଣା ଓ ସମସ୍ୟା ସମାଧାନ ଦକ୍ଷତା ବୃଦ୍ଧି କରିବା। ପ୍ରୋଜେକ୍ଟ କାମରେ ପିଲାମାନେ ନୂତନ କିଛି ଶିଖନ୍ତି, ନିଜ ହାତରେ କଲେ କାମ କରିବା ସାମର୍ଥ୍ୟ ଗଢ଼ନ୍ତି। କିନ୍ତୁ ବାସ୍ତବରେ ଛାତ୍ରଛାତ୍ରୀଙ୍କୁ ଗୋଟିଏ ସମୟରେ ଅନେକ ବିଷୟର ପ୍ରୋଜେକ୍ଟ ଦିଆଯାଉଛି। ଫଳରେ ସେମାନେ କୌଣସି ଗୋଟିଏ କାର୍ଯ୍ୟକୁ ମନ ଲଗାଇ କରିବା ପାଇଁ ସମୟ ପାଉନାହାନ୍ତି କି ସମର୍ଥ ହେଇ ପାରୁନାହାନ୍ତି। କେବଳ ଭଲ ନମ୍ବର ପାଇବା ପାଇଁ ଶୀଘ୍ର ଶୀଘ୍ର କାମ ସାରିବା ଉପରେ ଗୁରୁତ୍ୱ ଦିଆଯାଉଛି, ଯାହା ଶିକ୍ଷାର ମୂଳ ଲକ୍ଷ୍ୟରୁ ଦୂରେଇ ଯାଉଛି। ଅପରପକ୍ଷରେ ଏହା ପିଲାମାନଙ୍କ ମନରେ ସୃଜନଶୀଳତା ବଦଳରେ ଭୟ ସୃଷ୍ଟି ହେଉଛି। ପିଲାମାନେ ନିଜ ଆନନ୍ଦରେ ଶିଖିବା ପରିବର୍ତ୍ତେ ବୋଝ ଉତାରିବା ପରି ମନେ କରୁଛନ୍ତି।

ଏହି ପ୍ରୋଜେକ୍ଟଗୁଡ଼ିକ ଛାତ୍ରଛାତ୍ରୀଙ୍କଠାରୁ ଅଧିକ ଅଭିଭାବକଙ୍କ ଚିନ୍ତାର କାରଣ ପାଲଟିଛି। ଅନେକ ସମୟରେ ପ୍ରୋଜେକ୍ଟଗୁଡ଼ିକ ଏତେ ଜଟିଳ ହେଉଛି ଯେ ଛାତ୍ରଛାତ୍ରୀମାନେ ନିଜେ ନକରି ଅଭିଭାବକଙ୍କ ସାହାଯ୍ୟ ନେବାକୁ ବାଧ୍ୟ ହେଉଛନ୍ତି। ରାତିରେ ଅଫିସ୍ କାମରୁ ଫେରିବା ପରେ ବି ପିତାମାତାଙ୍କୁ ପିଲାଙ୍କ ସହିତ ରାତି ୧୨ଟା କିମ୍ବା ତା'ଠୁ ଅଧିକ ସମୟ ପର୍ଯ୍ୟନ୍ତ ଅନିଦ୍ରା ରହିବାକୁ ପଡୁଛି। ଚାକିରି କରୁଥିବା ପିତାମାତାଙ୍କ ପାଇଁ ଏହି ସମସ୍ୟା ଆହୁରି ଜଟିଳ। ସେମାନଙ୍କୁ ପିଲାଙ୍କ ପ୍ରୋଜେକ୍ଟ ପାଇଁ ନିଜର ବ୍ୟକ୍ତିଗତ କିମ୍ବା ବୃତ୍ତିଗତ କାମରୁ ଅନେକ ସମୟ ବାଦ୍ ଦେବାକୁ ପଡୁଛି। ଘରର ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟ ଏହି କାରଣରୁ ପ୍ରଭାବିତ ହେଉଛି। ବେଳେ ବେଳେ ଏପରି ବିଷୟ ଉପରେ ପ୍ରୋଜେକ୍ଟ ଦିଆଯାଉଛି, ଯାହାର ସାମଗ୍ରୀ ବଜାରରେ ସହଜରେ ମିଳେ ନାହିଁ। ପିତାମାତାଙ୍କୁ ସେହି ସାମଗ୍ରୀ ଖୋଜିବା ପାଇଁ ବହୁତ ଦୌଡ଼ଧାପଡ଼ କରିବାକୁ ପଡୁଛି। ଅନେକ ପିତାମାତା ଭାବନ୍ତି ଯେ ଯଦି ସେମାନେ ନିଜ ପିଲାଙ୍କ ପ୍ରୋଜେକ୍ଟକୁ ଅଖୁଣ ନ କରିବେ ପିଲାଟି ଶ୍ରେଣୀରେ ପଛରେ ପଡ଼ିଯିବ। ଏହି ଭୟରୁ ସେମାନେ ନିଜେ ସମସ୍ତ କାମ କରିଦିଅନ୍ତି, ଯାହା ପିଲାର ସୃଜନଶୀଳତା ଓ ଶିକ୍ଷଣ ଦକ୍ଷତାକୁ ନଷ୍ଟ କରିଥାଏ। ଏହି ସାହାଯ୍ୟ ନିର୍ଭରଶୀଳତା ମାତ୍ରାଧିକ ହେଲେ ପିଲା କିଛି ଶିଖିପାରେ ନାହିଁ ଏବଂ କମ୍ ସାହାଯ୍ୟ କଲେ ପ୍ରୋଜେକ୍ଟ ଖରାପ ହେବାର ଭୟ ଥାଏ। ଏହି ଦ୍ୱନ୍ଦ୍ୱ ଅଭିଭାବକଙ୍କ ମଧ୍ୟ ମାନସିକ ଚାପ ବଢ଼ାଏ।

ସ୍କୁଲ୍ ପ୍ରୋଜେକ୍ଟ ପାଇଁ କେବଳ ଅର୍ଥ ନୁହେଁ, ମୂଲ୍ୟବାନ ସମୟ ମଧ୍ୟ ଅପଚୟ ହେଉଛି। ରଙ୍ଗୀନ କାଗଜପତ୍ର, ମଡେଲ ତିଆରି ସାମଗ୍ରୀ, ପ୍ରିଣ୍ଟିଂ ଖର୍ଚ୍ଚ ଆଦି ସାଧାରଣ ପରିବାର ପାଇଁ ଏକ ବଡ଼ ଚିନ୍ତାର କାରଣ। ଛାତ୍ରଛାତ୍ରୀଙ୍କ ମୂଳ ଲକ୍ଷ୍ୟ ପରୀକ୍ଷା ପାଇଁ ପ୍ରସ୍ତୁତ ହେବା ପରିବର୍ତ୍ତେ, କିପରି 'ସୁନ୍ଦର' ପ୍ରୋଜେକ୍ଟ ତିଆରି କରି ଭଲ ନମ୍ବର ପାଇବେ ସେଥିରେ ମନୋବୃତ୍ତି ରହୁଛି। ସମାଜରେ ଅସମତା ମଧ୍ୟ ଏଠାରେ ଦେଖାଯାଉଛି। କେହି ପିଲା ଆଧୁନିକ ସାମଗ୍ରୀ ଦ୍ୱାରା ଚକଚକାଣି ପ୍ରୋଜେକ୍ଟ ତିଆରି କରେ, ଆଉ କେହି ସାଧାରଣ ସାଧନରେ କାମ ସାରେ। ତେଣୁ ପ୍ରତିଯୋଗିତା ଠିକ୍ ଅର୍ଥରେ ହୋଇପାରେନାହିଁ। ଏହି ଅସନ୍ତୁଳନ ଆମ ଶିକ୍ଷା ପ୍ରଣାଳୀକୁ ଅପାର୍ଥିବ କରିଦେଇଛି। ତେଣୁ ପ୍ରୋଜେକ୍ଟର ମୂଳ ଉଦ୍ଦେଶ୍ୟ 'ଶିଖିବା' ନୁହେଁ, ବରଂ 'ଦେଖାଇବା' ହୋଇଯାଇଛି। ତେଣୁ ଅନେକ ଛାତ୍ରଛାତ୍ରୀ ନିଜେ କଷ୍ଟ ନକରି ଇଣ୍ଟରନେଟରୁ ତଥ୍ୟ ନକଲ କରି କିମ୍ବା ବଜାରରୁ ତିଆରି ପ୍ରୋଜେକ୍ଟ କିଣି କାର୍ଯ୍ୟ ସଂପାଦନ କରୁଛନ୍ତି।

ତେଣୁ ପ୍ରୋଜେକ୍ଟକୁ ଏକ 'ବୋଝ' ପରିବର୍ତ୍ତେ ଏକ 'ସାଧନ' କରିବା ପାଇଁ କେଉଁ ପଦକ୍ଷେପ ନିଆଯାଇପାରେ ତା' ଉପରେ ଆଲୋଚନା କରିବା। ପ୍ରୋଜେକ୍ଟର ସଂଖ୍ୟା କମାଇ ଗୁଣବତ୍ତା ବଢ଼ାଇବା ଉଚିତ। ବର୍ଷକୁ ପ୍ରତି ବିଷୟରେ ଅଳ୍ପ କେତୋଟି ମାତ୍ର ଅର୍ଥପୂର୍ଣ୍ଣ ପ୍ରୋଜେକ୍ଟ ଦିଆଯାଉ। ପ୍ରୋଜେକ୍ଟଗୁଡ଼ିକ ସରଳ, କମ୍ ଖର୍ଚ୍ଚରେ ହୋଇପାରୁଥିବା ଏବଂ ସ୍ଥାନୀୟ ସମ୍ବଳ ଉପଯୋଗରେ କରାଯାଇ ପାରୁଥିବା ଭଳି ହେବା ଉଚିତ। ସମୂହ ପ୍ରୋଜେକ୍ଟ ଉପରେ ଗୁରୁତ୍ୱ ଦିଆଯାଉ। ସ୍କୁଲରେ ଗୋଟେ ପିରିୟଡ ପ୍ରୋଜେକ୍ଟ ପିରିୟଡ ରଖି ଶିକ୍ଷକ ଓ ପିଲାମାନେ ମିଶି ଦଳଗତ ଭାବେ ପ୍ରୋଜେକ୍ଟ ତିଆରି କରିବା ଉଚିତ୍। ଏହାଦ୍ୱାରା ଛାତ୍ରଛାତ୍ରୀଙ୍କ ମଧ୍ୟରେ ସହଯୋଗ ମନୋଭାବ ଏବଂ ନେତୃତ୍ୱ ନେବାର ଭାବନା ବୃଦ୍ଧି ପାଇବ। ଭାର ବି ହ୍ରାସ ଘଟିବ। ସେହିପରି ମୂଲ୍ୟାଙ୍କନ ପଦ୍ଧତି କେବଳ ଦେଖିବାକୁ ସୁନ୍ଦର କାମ ଉପରେ ନ ହୋଇ ସେଥିରେ ଥିବା ବିଷୟବସ୍ତୁର ଗୁଣବତ୍ତା ଏବଂ ଛାତ୍ରର ନିଜସ୍ୱ ପ୍ରୟାସ ଉପରେ ଆଧାରିତ ହେବା ଆବଶ୍ୟକ। ପ୍ରୋଜେକ୍ଟଗୁଡ଼ିକ ଯେପରି ସେମାନଙ୍କ ଆଖପାଖର ସମସ୍ୟା କିମ୍ବା ପରିବେଶ ସହିତ ଜଡ଼ିତ ଥାଏ ବା ବାସ୍ତବ ଜୀବନ ସହ ସଂଯୋଗ ଥାଏ ସେଥିପ୍ରତି ଅଗ୍ରାଧିକାର ଦେବା ଉଚିତ୍।

ପ୍ରୋଜେକ୍ଟ କାର୍ଯ୍ୟର ପୁନଃସଂଜ୍ଞା ନିର୍ଣ୍ଣୟ କରିବାର ସମୟ ଏବେ ଆସିଛି। ଆମର ଶିକ୍ଷା ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନର ଆବଶ୍ୟକତା ରହିଛି, ଯେଉଁଠାରେ ଶିକ୍ଷାର ପ୍ରକୃତ ଲକ୍ଷ୍ୟ ସାଧନର ଗୁରୁତ୍ୱ ରହିଥିବ। ବିଦ୍ୟାଳୟ ପ୍ରଶାସକ, ଶିକ୍ଷକ ଓ ଅଭିଭାବକ ସମସ୍ତଙ୍କୁ ଏ ଦିଗରେ ଚିନ୍ତା କରିବାର ଆବଶ୍ୟକତା ରହିଛି। ଶିକ୍ଷା ଓ ପ୍ରୋଜେକ୍ଟର ଲକ୍ଷ୍ୟକୁ କେବଳ ପରୀକ୍ଷା କିମ୍ବା ପ୍ରୋଜେକ୍ଟର ଫାଇଲ୍ ଭିତରେ ସୀମିତ ରଖିବା ଉଚିତ ନୁହେଁ। ଏହାକୁ ଆନନ୍ଦଦାୟକ ଶିକ୍ଷଣ ଅଭିଜ୍ଞତା ଆହରଣର ମାଧ୍ୟମ କରିବାର ଆବଶ୍ୟକତା ରହିଛି। ଶିକ୍ଷାର ମୂଳ ଲକ୍ଷ୍ୟ ହେଉଛି ଶିଶୁର ସର୍ବାଙ୍ଗୀନ ବିକାଶ। ଏହାକୁ କଠିନ ଭାର ଭାବରେ ପରିଣତ କରିବା ଦ୍ୱାରା ଆମେ ତାହାକୁ ହରାଇବା। ତେଣୁ ପ୍ରୋଜେକ୍ଟ ହେଉ ଶିକ୍ଷାର ଆଲୋକବର୍ତ୍ତିକା। ଯେଉଁ ପ୍ରୋଜେକ୍ଟ ଶିକ୍ଷାର୍ଥୀଙ୍କୁ ଚିନ୍ତା କରିବାକୁ, ଗବେଷଣା କରିବାକୁ ଏବଂ ନିଜ ହାତରେ କାର୍ଯ୍ୟ କରିବାକୁ ପ୍ରେରଣା ଦେବ, ତାହା ହିଁ ସର୍ବୋତ୍ତମ ପ୍ରୋଜେକ୍ଟ ହେବ। ଆସନ୍ତୁ ପ୍ରୋଜେକ୍ଟ କାର୍ଯ୍ୟର ମାନଦଣ୍ଡକୁ ପରିବର୍ତ୍ତନ କରି ଶିକ୍ଷାର ପରିବେଶକୁ ଅଧିକ ଆନନ୍ଦଦାୟକ ଓ ଫଳପ୍ରଦ କରିବା ପାଇଁ ଆଜିଠାରୁ ଉଦ୍ୟମ କରିବା। ●

ଗୁରୁଗ୍ରାମ, ମୋ: ୭୯୭୮୦୮୨୮୩୪

## ମହୁମାଛି ମନ୍ଦିର

### ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ଈଶ୍ୱରୀୟ ସତ୍ତା ଏବଂ ପ୍ରକୃତି ପୂଜନରେ ଦୃଢ଼ ବିଶ୍ୱାସ ରଖୁଥିବା ଭାରତୀୟଙ୍କ ପାଇଁ ସୃଷ୍ଟିର ପ୍ରତ୍ୟେକ କୀଟପତଙ୍ଗ ପୂଜନୀୟ। ଏହି ଧାରାରେ ମହୁମାଛି ଭଳି ଏକ କ୍ଷୁଦ୍ର ଜୀବ ମଧ୍ୟ ପୂଜ୍ୟପୂଜା ସ୍ଥାନ ହାସଲ କରିଛି। ମହୁମାଛି ପ୍ରଜାତିର ଭ୍ରମର ସ୍ୱରୂପ ଭ୍ରାମରୀ ଦେବୀଙ୍କ କଥା ଅନେକ ପୁରାଣରେ ବର୍ଣ୍ଣିତ। ଆୟୁର୍ବେଦ ଶାସ୍ତ୍ର ଅନୁସାରେ ମାନବ ସମାଜ ପାଇଁ ଏକ ଅନନ୍ୟ ବରଦାନ ହେଉଛି ମହୁ। ତେଣୁ ବିବିଧ ଔଷଧୀୟ ଗୁଣରେ ଭରପୂର ମହୁ ସଂଗ୍ରହ କରୁଥିବା ମହୁମାଛିକୁ ବିଭିନ୍ନ ଶାସ୍ତ୍ର ପୁରାଣରେ ମଧ୍ୟ ଦେବତୁଲ୍ୟ ଗଣନା କରାଯାଇଛି। ଆଜିର ବିଜ୍ଞାନ ଯୁଗରେ ପରିବେଶବିତ୍‌ମାନେ ମହୁମାଛିର ଉପାଦେୟତା ସମ୍ପର୍କରେ ଅନେକ ଉଲ୍ଲେଖନୀୟ ତଥ୍ୟ ଆବିଷ୍କାର କରିଛନ୍ତି। ଜ୍ୟୋତିଷଶାସ୍ତ୍ର ଓ ବାସ୍ତୁଶାସ୍ତ୍ରରେ ମହୁମାଛି ସମ୍ପର୍କିତ ବିଭିନ୍ନ ଉପାଦେୟ ଉଲ୍ଲେଖମାନ ରହିଛି। ବାସ୍ତୁଶାସ୍ତ୍ର ଅନୁସାରେ ମହୁମାଛିକୁ ମା' ଲକ୍ଷ୍ମୀଙ୍କ ସ୍ୱରୂପ ବୋଲି ବର୍ଣ୍ଣନା କରାଯାଇଛି ଏବଂ ଘରେ ମହୁମାଛି ବସା ବାନ୍ଧିବା ଦ୍ୱାରା ସୁଖସମୃଦ୍ଧି ବୃଦ୍ଧି ସହ ପ୍ରଚୁର ଧନଲାଭ ହୋଇଥାଏ ବୋଲି ଉଲ୍ଲେଖ ରହିଛି। ଭାରତରେ ଏଭଳି କେତେକ ମନ୍ଦିର ମଧ୍ୟ ଅଛି, ଯେଉଁଠି ମହୁମାଛିଙ୍କୁ ପୂଜାର୍ଚ୍ଚନା କରାଯାଉଛି।

ମହୁମାଛି ପୂଜନ କ୍ଷେତ୍ରରେ ରାଜସ୍ଥାନର ଜିଣମାତା ମନ୍ଦିର ବେଶ୍ ପ୍ରସିଦ୍ଧ। ଏହି ମନ୍ଦିରରେ ମହୁମାଛିର ଅନେକ ବଡ଼ ବଡ଼ ଛତା ଦେଖିବାକୁ ମିଳେ। କିନ୍ତୁ ମା'ଙ୍କ ଦର୍ଶନ ପାଇଁ ଏଠାକୁ ଆସୁଥିବା କୌଣସି ଭକ୍ତଙ୍କୁ ମହୁମାଛି ଦଂଶନ କରନ୍ତି ନାହିଁ। ମା'ଙ୍କ ଠାରେ ଭୋଗ ଲାଗିବା ପରେ ଶ୍ରଦ୍ଧାଳୁମାନେ ମହୁମାଛିଙ୍କ ଉଦ୍ଦେଶ୍ୟରେ କିଛି ମିଷ୍ଟାନ୍ନ ସେଠାରେ ରଖନ୍ତି। ସେହି ମିଷ୍ଟାନ୍ନ ମହୁମାଛିଙ୍କ ପାଇଁ ଭୋଗ ଅର୍ପଣ ସହିତ ସମାନ ବୋଲି ବିଚାର କରାଯାଏ। ତେଣୁ 'ଜିଣମାତା ଦେବୀ'ଙ୍କୁ 'ମହୁମାଛି ମାତା' ବୋଲି କୁହାଯାଉଛି। ମନ୍ଦିର ସମ୍ପର୍କିତ ଏକ ସୁନ୍ଦର କିମ୍ବଦନ୍ତୀ ରହିଛି। - ଏକଦା ମୋଗଲ ବାଦଶାହ ଆଉରଙ୍ଗଜେବ୍ ମନ୍ଦିରକୁ କ୍ଷତି ପହଞ୍ଚାଇବା ପାଇଁ ଆସିଥିଲେ। କିନ୍ତୁ ମାତାଙ୍କ କୃପାରୁ ଗୋଟିଏ ବଡ଼ ମହୁମାଛି ଦଳ ଆଉରଙ୍ଗଜେବ୍ ଓ ତାଙ୍କର ସେନାବାହିନୀଙ୍କୁ ଦଂଶନ କରିଥିଲେ। ଏଭଳି ଆକ୍ରମଣରେ ଭୟଭୀତ ହୋଇ ଆଉରଙ୍ଗଜେବ୍ ମାତାଙ୍କୁ କ୍ଷମାପ୍ରାର୍ଥନା କରିଥିଲେ ଏବଂ ମନ୍ଦିରରେ ଅଖଣ୍ଡ ଜ୍ୟୋତି ପ୍ରଜ୍ୱଳନ କରିବା ପାଇଁ ତେଲ ଦେବେ ବୋଲି ମାନସିକ କରିଥିଲେ। ଏହାପରେ ମହୁମାଛିଗୁଡ଼ିକ ହଠାତ୍ ଅନ୍ତର୍ଦ୍ଧାନ ହୋଇଯାଇଥିଲେ। ସେହିଦିନଠାରୁ ଏହି ମନ୍ଦିର ଏବଂ ଜିଣମାତାଙ୍କ ଖ୍ୟାତି ବୃଦ୍ଧି ପାଇବାରେ ଲାଗିଲା। ବର୍ତ୍ତମାନ ମଧ୍ୟ ଉକ୍ତ ମନ୍ଦିରରେ ଅଖଣ୍ଡଜ୍ୟୋତି ପ୍ରଜ୍ୱଳିତ ହୋଇରହିଛି।

ଭାରତର ଅନ୍ୟ କେତେକ ଅଞ୍ଚଳରେ ମଧ୍ୟ ଲୋକବିଶ୍ୱାସ ଆଧାରରେ ଏହିଭଳି ମନ୍ଦିରମାନ ଗଢ଼ିଉଠିଛି। ମଧ୍ୟପ୍ରଦେଶର ସିଙ୍ଗରୋଲି ଜିଲ୍ଲାସ୍ଥିତ କସର ନାମକ ଗାଁରେ ଅବସ୍ଥିତ ଖୋଡ଼େନାଥ ଶିବବାବା ମନ୍ଦିର ମଧ୍ୟ ମହୁମାଛି ପୂଜନ ବିଶ୍ୱାସ ସହିତ ଜଡ଼ିତ। ୧୦୭୫ ପାହାଚ ବିଶିଷ୍ଟ ୨୫୦୦ ଫୁଟ ଉଚ୍ଚତାରେ ଅବସ୍ଥିତ ଏହି ମନ୍ଦିରରେ ମହୁମାଛିମାନେ ମନ୍ଦିରର ରକ୍ଷକ ଭାବେ କର୍ତ୍ତବ୍ୟରତ ବୋଲି ଜନଶ୍ରୁତି ରହିଛି। ଯଦି ରାତିରେ କୌଣସି ବ୍ୟକ୍ତି ଏହି ମନ୍ଦିରରେ ରହିବାକୁ ଚେଷ୍ଟା କରନ୍ତି, ତେବେ ମହୁମାଛିଗୁଡ଼ିକ ଦଂଶନ କରିଥା'ନ୍ତି କିମ୍ବା କୌଣସି ଅଘଟଣ ଘଟିଥାଏ। ଏହି ସ୍ଥାନ ଅନେକ ରହସ୍ୟରେ ପରିପୂର୍ଣ୍ଣ। ତେଣୁ ଶ୍ରଦ୍ଧାଳୁମାନେ ଏହି ମନ୍ଦିରକୁ କେବଳ ଦିନ ସମୟରେ ଦର୍ଶନ ପାଇଁ ଯାଇଥା'ନ୍ତି। ଗୁଜରାଟର ରାଜକୋଟ ଜିଲ୍ଲାସ୍ଥିତ ବାଙ୍କାନେର୍ ସହରଠାରୁ ପ୍ରାୟ ୧୭ କିଲୋମିଟର ଦୂର ତାଲୁକାଠାରେ ଖୋଡ଼ିୟାର୍ ମାତାଜୀ ମନ୍ଦିରରେ ମହୁମାଛିଙ୍କ ଏକ ବିଶାଳ ଛତା ଅନେକ ବର୍ଷ ଧରି ରହିଛି। ଏଠାରେ ରହୁଥିବା ମହୁମାଛି ଶ୍ରଦ୍ଧାଳୁଙ୍କର କୌଣସି କ୍ଷତି କରନ୍ତି ନାହିଁ, ବରଂ ଯେଉଁ ଶ୍ରଦ୍ଧାଳୁଙ୍କ ଶରୀରରେ ଏହି ମହୁମାଛି ବସନ୍ତି, ସେମାନେ ଦେବୀଙ୍କ କୃପାଲାଭ କରିଛନ୍ତି ବୋଲି ବିଶ୍ୱାସ କରାଯାଏ ଏବଂ ସେମାନଙ୍କର ମନସ୍କାମନା ଶୀଘ୍ର ପୂରଣ ହୋଇଯାଏ ବୋଲି କୁହାଯାଏ। ଛତିଶଗଡ଼ରେ ଥିବା ଭ୍ରମରୀଦେବୀଙ୍କ ମନ୍ଦିର କାହିଁ କେଉଁ କାଳରୁ ଆସ୍ଥା ଓ ବିଶ୍ୱାସର କେନ୍ଦ୍ରସ୍ଥଳ ପାଲଟିଛି। ଏଠାରେ ମହୁମାଛି ଦେବୀ ସ୍ୱରୂପରେ ବାସ କରନ୍ତି ବୋଲି ବିଶ୍ୱାସ ରହିଛି ଏବଂ ପ୍ରକୃତିର ପ୍ରତ୍ୟକ୍ଷ ପ୍ରତୀକ ଭାବେ ଦେବୀଙ୍କୁ ବିଧିବିଧାନର ସହ ପୂଜା କରାଯାଏ।

କେବଳ ଭାରତର ସନାତନ ଧର୍ମବିଶ୍ୱାସରେ ନୁହେଁ, ଗ୍ରୀକ୍ ସଂସ୍କୃତିରେ ମଧ୍ୟ ମହୁମାଛିଙ୍କ ବର୍ଣ୍ଣନା ଦେଖିବାକୁ ମିଳେ। ମେଲିସା ନାମକ ଜଣେ ଅପ୍‌ସରାଙ୍କୁ ମହୁର ଆବିଷ୍କାରକ ଭାବେ ଉଲ୍ଲେଖ କରାଯାଇଛି ଏବଂ ତାଙ୍କୁ ମହୁମାଛିଙ୍କ ଦେବୀ ବୋଲି ସମ୍ବୋଧନ କରାଯାଇଛି। ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କୋଇଲା ଖଣିରେ...

ସୂଚନାଯୋଗ୍ୟ ଯେ ନିଷିଦ୍ଧାଦେଶ ସତ୍ତ୍ୱେ ଏହି ଅଞ୍ଚଳରେ ଥିବା କୋଇଲା ଖଣି ।।ରେ କାମ ଜାରି ରହିଛି । ଦୈନିକ ୨ ହଜାର ଟଙ୍କା ମଜୁରି ଲୋଭରେ ପଡ଼ି ଆସାମରୁ ଅନେକ ଶ୍ରମିକ ଏଠାକୁ ଆସି ନିଜ ଜୀବନକୁ ବିପଦରେ ପକାଉଛନ୍ତି । ୨୦୧୮ରେ ଏହି ଅଞ୍ଚଳରେ ଥିବା ବେଆଇନ କା ଖଣିରେ ପାଣି ପଶିବା ଯୋଗୁଁ ୧୫ ଶ୍ରମିକ ଫସିଯାଇଥିଲେ । ଅନେକ ଦିନ ଧରି ନୈବାହିନୀର ଉଦ୍ୟମ ସତ୍ତ୍ୱେ କିଛି ଶ୍ରମିକଙ୍କ ଶବ ମିଳିଥିବା ବେଳେ ଅନେକ ଏବେ ବି ନିଖୋଜ ରହିଛନ୍ତି ।

### ମୋଦୀଙ୍କ ନିଶାଣରେ...

ଭାରତ ଏବେ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ଆଡ଼କୁ ଅଗ୍ରସର ହୋଇଛି । ୟୁରୋପୀୟ ସଂଘ ଏବଂ ଆମେରିକା ସହିତ ବାଣିଜ୍ୟ ଚୁକ୍ତି କଥା ଉଲ୍ଲେଖ କରି ସେ କହିଲେ ଯେ ବିଶ୍ୱରେ ଭାରତର ସ୍ୱର ଏବେ ଗୁରୁତ୍ୱ ବହନ କରୁଛି । ରାହୁଲଙ୍କୁ ଟାର୍ଗେଟ କରି ମୋଦୀ କହିଲେ ଯେ ଜଣେ ଶିଖ ସାଂସଦଙ୍କୁ ବିଶ୍ୱାସଘାତକ କହି ରାହୁଲ ସମଗ୍ର ଶିଖ୍ ସଂପ୍ରଦାୟକୁ ନିନ୍ଦିତ କରିଛନ୍ତି । ସେହିଭଳି ମମତାଙ୍କ ନାମ ନନେଇ ସେ କହିଲେ ଯେ ବେଆଇନ ଅନୁପ୍ରବେଶକାରୀଙ୍କୁ ସୁରକ୍ଷା ଦେବାଲାଗି ସେ ଅଣ୍ଟା ଭିଡ଼ିଛନ୍ତି । ପ୍ରଧାନମନ୍ତ୍ରୀ ଉତ୍ତର ରଖିବା ପରେ ଧନ୍ୟବାଦ ପ୍ରସ୍ତାବ ଗୃହୀତ ହୋଇଯାଇଛି । ଇତିମଧ୍ୟରେ ଲୋକସଭା ଆଜି ମଧ୍ୟ ଅଚଳ ରହିଛି । ପୂର୍ବତନ ସେନା ଅଧ୍ୟକ୍ଷ ଜେନେରାଲ ଏମଏମ୍ ନରବାଣେଙ୍କ ଅପ୍ରକାଶିତ ପୁସ୍ତକର କିଛି ଅଂଶ ପଢ଼ିବା ଲାଗି ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କୁ ବାଚସ୍ପତି ଅନୁମତି ଦେଉନଥିବାରୁ ଏହାର ପ୍ରତିବାଦରେ ବିରୋଧୀ ସାଂସଦ ଆଜି ଲୋକସଭାରେ ପ୍ରବଳ ହଟ୍ଟଗୋଳ କରିଥିଲେ । ଲୋକସଭା ଆଜି ତିନି ତିନି ଥର ମୁଲତବୀ ହେବାପରେ ଶେଷରେ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରିଦିଆଯାଇଛି । ମୁଲତବୀ କରିବା ପୂର୍ବରୁ ବାଚସ୍ପତି ଓମ୍ ବିର୍ଲା ବିରୋଧୀ ଦଳ ସଭ୍ୟଙ୍କର ସମାଲୋଚନା କରି କହିଲେ ଯେ ଗତକାଲି ସେମାନେ ଯେଉଁଭଳି ଆଚରଣ ପ୍ରଦର୍ଶନ କଲେ ତାହା ଗଣତନ୍ତ୍ର ପାଇଁ କଳଙ୍କ ଥିଲା । କିଛି ସାଂସଦ ଏଭଳି ବ୍ୟବହାର କରିଥିଲେ ଯାହାକି ଇତିହାସରେ କେବେ ଦେଖିବାକୁ ମିଳିନଥିଲା । ଏହି ଅବସରରେ ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିରୋଧରେ କିଛି 'ଅଦୃଶ୍ୟ କାଣ୍ଡ' ଘଟାଇବା ଲାଗି କଂଗ୍ରେସର କିଛି ସାଂସଦ ଯୋଜନା କରିଥିବା ସଂପର୍କରେ ତାଙ୍କୁ ନିର୍ଦ୍ଦିଷ୍ଟ ସୂଚନା ମିଳିଥିଲା । ଏହି ସୂଚନା ପାଇବା ମାତ୍ରେ ଗୃହକୁ ନଆସିବା ଲାଗି ସେ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ପ୍ରଧାନମନ୍ତ୍ରୀ ତାଙ୍କର ଅନୁରୋଧ ସ୍ୱୀକାର କରିଥିବାରୁ ତାଙ୍କୁ ଧନ୍ୟବାଦ ଜଣାଇ ଓମ୍ ବିର୍ଲା କହିଲେ ଗତକାଲି ଏକ ବଡ଼ ବିପର୍ଯ୍ୟୟ ଟଳିଗଲା । ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିରୋଧରେ ଏଭଳି ଅଦୃଶ୍ୟ କାଣ୍ଡ ଘଟିଥିଲେ ଏହା ଜାତୀୟ ଗଣତାନ୍ତ୍ରିକ ପରମ୍ପରା ପ୍ରତି ବଡ଼ ଆଘାତ ହୋଇଥାଆନ୍ତା । ସେ କହିଲେ ଯେ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ରାଜନୈତିକ ମତଭେଦ ଥାଇପାରେ, କିନ୍ତୁ ଗୃହ ଭିତରେ ଏହାକୁ ଏଭଳି ଉଗ୍ର ପ୍ରଦର୍ଶନ କରାଯିବା ଠିକ୍ ନୁହେଁ । ତେବେ ଏହି ଅଦୃଶ୍ୟ କାଣ୍ଡ କଣ ଥିଲା, ତାହା ସେ କହିନଥିଲେ ।

### ବଦଳିବ ୭ ଜିଲ୍ଲା...

ରହିଛି । ପ୍ରସ୍ତାବିତ ସଂଶୋଧନ ସମ୍ପର୍କରେ ସାଧାରଣ ଲୋକଙ୍କର କୌଣସି ଆପତ୍ତି କିମ୍ବା ପରାମର୍ଶ ଥିଲେ ୧୫ ଦିନ ମଧ୍ୟରେ ଲିଖିତ ଭାବେ ଦାଖଲ କରି ହେବ । ଯଦି ନିର୍ଦ୍ଧାରିତ ସମୟସୀମାରେ କୌଣସି ଆପତ୍ତି ମିଳିବନାହିଁ, ତେବେ ସରକାର ଆଇନାନୁସାରେ ପରବର୍ତ୍ତୀ ପ୍ରକ୍ରିୟା ଆରମ୍ଭ କରିବେ ।

### ଇସ୍ପାତ ଓ ଖଣି...

ସେହିପରି କୃଷି ଓ କୃଷକ କଲ୍ୟାଣ ବିଭାଗର ଦାୟିତ୍ୱରେ ଥିବା ୧୯୯୬ ବ୍ୟାଚ୍ ଆଇଏଏସ୍ ଅରବିନ୍ଦ କୁମାର ପାଢ଼ୀଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଭାବେ ବଦଳି କରାଯାଇଛି । ସେ ଅତିରିକ୍ତ ଭାବେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟ ପ୍ରଶାସକ ଦାୟିତ୍ୱ ମଧ୍ୟ ତୁଲାଇବେ । ସେହିପରି ଅରବିନ୍ଦଙ୍କ ପତ୍ନୀ ତଥା ୧୯୯୬ ବ୍ୟାଚ୍ ଆଇଏଏସ୍ ଉଷା ପାଢ଼ୀଙ୍କଠୁ ବାଣିଜ୍ୟ ଓ ପରିବହନ ବିଭାଗ କାଢ଼ି ନିଆଯାଇଛି । ଉଷାଙ୍କୁ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଭାବେ କାର୍ଯ୍ୟ ଜାରି ରଖିବା ସହ ଅତିରିକ୍ତ ଭାବେ ଇଡ୍‌କୋ ଅଧ୍ୟକ୍ଷ ଦାୟିତ୍ୱ ମଧ୍ୟ ତୁଲାଇବେ । ୧୯୯୭ ବ୍ୟାଚ୍ ଆଇଏଏସ୍ ତଥା ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ପ୍ରମୁଖ ସଚିବ ସୁରେଶ କୁମାର ବଶିଷ୍ଠଙ୍କୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ଭାବେ ବଦଳି କରାଯାଇଛି । ୧୯୯୯ ବ୍ୟାଚ୍ ଆଇଏଏସ୍ ସଚିବ ଶୁଭା ଶର୍ମାଙ୍କଠୁ ମହିଳା ଓ ଶିଶୁ ବିକାଶ ବିଭାଗ କାଢ଼ି ନିଆଯାଇ କେବଳ ଜଳସମ୍ପଦ ବିଭାଗର ପ୍ରମୁଖ ସଚିବ ଦାୟିତ୍ୱ ତୁଲାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ୧୯୯୯ ବ୍ୟାଚ୍ ଆଇଏଏସ୍ ଏନବିଏସ୍ ରାଜପୁତଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଭାବେ ବଦଳି କରାଯାଇଛି । ଏହାସହ ସେ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ(ଓଏସଆରଟିସି)ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରବେ । ସେହିପରି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସଚିବ ୨୦୦୨ ବ୍ୟାଚ୍ ଆଇଏଏସ୍ ଏସଏନ ଗିରିଶଙ୍କୁ ଓଡ଼ିଶା ଖଣି ନିଗମ(ଓଏମସି)ର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି । ବିଜ୍ଞପ୍ତି ଅନୁଯାୟୀ ୨୦୦୨ ବ୍ୟାଚ୍ ଆଇଏଏସ୍ ଡାକ୍ତର ମୃଣାଳିନୀ ଦର୍ଶୱାଲ ଦୀର୍ଘବର୍ଷ ପରେ ଓଡ଼ିଶା ଫେରିଛନ୍ତି । ନୂଆଦିଲ୍ଲୀରେ ସ୍ୱତନ୍ତ୍ର ଆବାସିକ କମିଶନର ଭାବେ କାର୍ଯ୍ୟ କରୁଥିବା ମୃଣାଳିନୀଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗର ସଚିବ ଭାବେ ବଦଳି କରାଯାଇଛି । ସେହିପରି ୨୦୦୫ ବ୍ୟାଚ୍ ଆଇଏଏସ୍ ରାଜେଶ ପ୍ରଭାକର ପାଟିଲଙ୍କୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ପଦରୁ ହଟାଇ ଦିଆଯାଇଛି । ସେ ରାଜ୍ୟ ସମବାୟ ବିଭାଗର ସଚିବ ଭାବେ କାର୍ଯ୍ୟ କରିବା ସହ ଅତିରିକ୍ତ ଭାବେ ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ ଅଧ୍ୟକ୍ଷ, ସ୍ୱତନ୍ତ୍ର ରିଲିଫ କମିଶନର ଓ ଓସଡମା ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ । ସେହିପରି ୨୦୦୭ ବ୍ୟାଚ୍ ଆଇଏଏସ୍ ବଳବନ୍ତ ସିଂଙ୍କୁ ଅତିରିକ୍ତ ଭାବେ ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ନ୍ୟସ୍ତ ହୋଇଛି । ୨୦୦୭ ବ୍ୟାଚ୍ ଆଇଏଏସ୍ ସଚିନ ରାମଚନ୍ଦ୍ର ଯାଦବଙ୍କୁ କୃଷି ଓ କୃଷକ କଲ୍ୟାଣ ବିଭାଗର ସଚିବ ଭାବେ ନୂଆ ଦାୟିତ୍ୱ ମିଳିଛି । ସେ ଅତିରିକ୍ତ ଭାବେ କ୍ରୀଡ଼ା ଓ ଯୁବସେବା ବିଭାଗର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ । ସେହିପରି ଓଡ଼ିଶା ଖଣି ନିଗମର ପରିଚାଳନା ନିର୍ଦ୍ଦେଶକ ତଥା ୨୦୧୦ ବ୍ୟାଚ୍ ଆଇଏଏସ୍ ସୁଧାଂଶୁ ମୋହନ ସାମଲଙ୍କୁ କଟକ କେନ୍ଦ୍ରାଞ୍ଚଳ ଆରଡିସି ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି । ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ , ଓରସାକ୍ ଓ ଷ୍ଟାର୍ଟଅପ୍ ଓଡ଼ିଶା ସିଇଓ ତଥା ୨୦୧୦ ବ୍ୟାଚ୍ ଆଇଏଏସ୍ ରଶ୍ମିତା ପଣ୍ଡାଙ୍କୁ ଭୁବନେଶ୍ୱର ଉନ୍ନୟନ ପ୍ରାଧିକରଣ(ବିଡିଏ) ଉପାଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଛି । ସେ ଅତିରିକ୍ତ ଦାୟିତ୍ୱ ଭାବେ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ଦାୟିତ୍ୱ ତୁଲାଇବେ । ମତ୍ସ୍ୟ ନିର୍ଦ୍ଦେଶକ ୨୦୧୦ ବ୍ୟାଚ୍ ଆଇଏଏସ୍ ସିଦ୍ଦିକ ଆଲମଙ୍କୁ ସାଧାରଣ ଉଦ୍ୟୋଗ ବିଭାଗର ସଚିବ ଭାବେ ବଦଳି କରିଛନ୍ତି । ସେ ଭୁବନେଶ୍ୱର କୁଟ୍ ପରିଚାଳନା ନିର୍ଦ୍ଦେଶକର ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇବେ । ୨୦୧୦ ବ୍ୟାଚ୍ ଆଇଏଏସ୍ ମାନସୀ ନିମ୍ଭଲଙ୍କୁ ମିଶନ ଶକ୍ତି ବିଭାଗର ସଚିବ ଭାବେ ବଦଳି କରାଯାଇଛି । ସମାନ ବ୍ୟାଚ୍‌ର ଆଇଏଏସ୍ ପ୍ରେମଚନ୍ଦ୍ର ଚୌଧୁରୀଙ୍କୁ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗର ସଚିବ ଭାବେ ବଦଳି କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ତଥା ୨୦୧୨ ବ୍ୟାଚ୍ ଆଇଏଏସ୍ ଅନୁପମ୍ ଶାହଙ୍କୁ ଓଡ଼ିଶା ବ୍ରିଜ୍ ଓ କନ୍‌ଷ୍ଟ୍ରକ୍ସନ୍ ନିଗମ(ଓବିସିସି)ର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି । ଦକ୍ଷିଣାଞ୍ଚଳ ଆର୍‌ଡିସି ୨୦୧୨ ବ୍ୟାଚ୍ ଆଇଏଏସ୍ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ସମ୍ବଲପୁରସ୍ଥିତ ଉତ୍ତରାଞ୍ଚଳର ଇନ୍‌ଚାର୍ଜ ଆର୍‌ଡିସି ଓ ପଶ୍ଚିମାଞ୍ଚଳ ବିକାଶ ପରିଷଦର ଇନ୍‌ଚାର୍ଜ ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବାକୁ କୁହାଯାଇଛି ।

### ନିଜକୁ ଗୁଳି କରିଦେଲେ...

ଏହା ପୂର୍ବରୁ ସୁନୀଲ କାହିଁକି ଏଭଳି ଚରମ ପଦକ୍ଷେପ ନେଲେ, ତାକୁ ନେଇ ପ୍ରଶ୍ନ ଉଠିଛି । ବୁଧବାର ରାତି ପ୍ରାୟ ୧୨ଟାରେ ସେ ଭାବୀ ପତ୍ନୀଙ୍କୁ ମୋବାଇଲ୍ ମେସେଜ୍ କରିଥିଲେ । "ମତେ କ୍ଷମା କରିବ, ଟଙ୍କା ପଠାଇଛି ଏବଂ ଆମ ସମ୍ପର୍କରେ କାହାର ନଜର ଲାଗିଗଲା" ବୋଲି ମେସେଜ୍‌ରେ ଲେଖାଯାଇଛି । ଅନ୍ୟପଟେ ଭାବୀ ପତ୍ନୀଙ୍କ ସହ ସୁନୀଲଙ୍କର ଦୁଇବର୍ଷ ହେଲା ପ୍ରେମସମ୍ପର୍କ ଥିଲା, ଯାହାକୁ ସୁନୀଲଙ୍କ ପରିବାର ଲୋକେ ବିରୋଧ କରୁଥିଲେ ବୋଲି ଏସପି ଏସ୍ ସୁଶ୍ରୀ ଗଣମାଧ୍ୟମକୁ କହିଛନ୍ତି । ସେହିପରି ପରିବାରରେ କୌଣସି ବିବାଦ ନ ଥିଲା ଏବଂ ତା' ଉପରେ କୌଣସି ଚାପ ନ ଥିଲା ବୋଲି ସୁନୀଲଙ୍କ ପରିବାରଲୋକେ କହିଛନ୍ତି । ସୁନୀଲ ଘରକୁ ଟଙ୍କା ଦେଉନଥିବା ପରିବାର ଲୋକ କହୁଥିବା ବେଳେ ବ୍ୟାଙ୍କରୁ ସେ ୯ ଲକ୍ଷରୁ ଅଧିକ ଟଙ୍କା ଲୋନ୍ କରିଥିବା ଜଣାପଡ଼ିଛି । ସେ ଟଙ୍କା କ'ଣ କରୁଥିଲେ ବୋଲି ପ୍ରଶ୍ନ ଉଠିଛି । ଏହାସହ ସୁନୀଲ୍ ଅନଲାଇନ୍ ଗେମ୍ ଖେଳୁଥିବା ସୂଚନା ମିଳିଛି ।

ସେପଟେ, ରାତିରେ ସୁନୀଲ ନିଜକୁ ଗୁଳି କରିଥିଲେ ମଧ୍ୟ ଗୁଳି ଫୁଟିବା ଶବ୍ଦ କେହି କିପରି ଶୁଣିପାରିଲେ ନାହିଁ, ତାହା ମଧ୍ୟ ତଦନ୍ତସାପେକ୍ଷ । ସବୁ ଦିଗକୁ ନେଇ ପୁଲିସ ତଦନ୍ତ ଆରମ୍ଭ କରିଥିବା ଏସ୍‌ପି କହିଛନ୍ତି । ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ତଦନ୍ତ କରିବା ସହ ବନ୍ଧୁକ, ବନ୍ଧୁକରେ ଥିବା ସମସ୍ତ ଅଫୁଟା ଗୁଳି ଜବତ କରିଛି । ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି । ଏ ନେଇ ନୟାଗଡ଼ ଟାଉନ୍ ଥାନାରେ ଏକ ମାମଲା ରୁଜୁ ହୋଇଛି । ଇନ୍‌ସପେକ୍ଟର୍ ପଞ୍ଚାନନ ପରିଡ଼ା ଏହାର ତଦନ୍ତ କରୁଛନ୍ତି ।

### ମହାନଦୀ ବିବାଦର...

ଏଯାଏଁ ଟ୍ରିବ୍ୟୁନାଲଙ୍କ ପକ୍ଷରୁ କୌଣସି ରିପୋର୍ଟ ସରକାରଙ୍କୁ ପ୍ରାପ୍ତ ହୋଇନାହିଁ ବୋଲି ମନ୍ତ୍ରୀ ଗୃହରେ ତଥ୍ୟ ରଖିଛନ୍ତି । ଦୁଇ ରାଜ୍ୟ ଯଦି ଆପୋସ ମାଧ୍ୟମରେ ସମାଧାନ କରିବାକୁ ଚାହୁଁଛନ୍ତି, ତେବେ ଓଡ଼ିଶା ସରକାର ପୁଣି ଟ୍ରିବ୍ୟୁନାଲ ଅବଧି କାହିଁକି ବୃଦ୍ଧି ପାଇଁ କେନ୍ଦ୍ର ସରକାରଙ୍କ ନିବେଦନ କରିଛନ୍ତି ବୋଲି ପ୍ରଶ୍ନ ଉଠିଛି । ପୂର୍ବରୁ ତତ୍‌କାଳୀନ ନବୀନ ପଟ୍ଟନାୟକ ସରକାର ଏହାର ସମାଧାନ ପାଇଁ ଛତିଶଗଡ଼ ସରକାରଙ୍କୁ ମହାନଦୀରେ ନିର୍ମାଣ କାର୍ଯ୍ୟରୁ ବିରତ ରହିବାକୁ ଅନୁରୋଧ କରିଥିଲେ । କେନ୍ଦ୍ର ଜଳ ଆୟୋଗକୁ ଏଥିରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିବା ସହ କେନ୍ଦ୍ର ସରକାରଙ୍କ ସହଯୋଗ ଲୋଡ଼ିଥିଲେ । ମାତ୍ର କେନ୍ଦ୍ର ସରକାର, ଜଳ ଆୟୋଗ, ଛତିଶଗଡ଼ ସରକାରଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ହେବାରୁ ବାଧ୍ୟ ହୋଇ ଏ ସଂକ୍ରାନ୍ତରେ ସୁପ୍ରିମକୋର୍ଟରେ ମାମଲା ରୁଜୁ ହୋଇଥିଲା । ଏହାପରେ ଟ୍ରିବ୍ୟୁନାଲ ଗଠନ ବାଟ ଫିଟିଲା । ମାତ୍ର ରାଜ୍ୟରେ ସରକାର ପରିବର୍ତ୍ତନ ପରେ ବିଜେପି ସରକାର ମହାନଦୀ ବିବାଦର ଆପୋସ ବୁଝାମଣା ମାଧ୍ୟମରେ ମହାନଦୀ ଜଳ ବିବାଦ ମାମଲାର ସମାଧାନ ଉପରେ ଗୁରୁତ୍ୱାରୋପ କରୁଛନ୍ତି । ଏଥିପାଇଁ ଉଭୟ ରାଜ୍ୟ ମୁଖ୍ୟମନ୍ତ୍ରୀ, ମୁଖ୍ୟ ସଚିବ ସ୍ତରରେ ବୈଠକ ହୋଇଥିବା ବେଳେ ଏକାଧିକ ଥର ଉଭୟ ରାଜ୍ୟ ପକ୍ଷରୁ ଗଠିତ ବୈଷୟିକ କମିଟି ବୈଠକ ଅନୁଷ୍ଠିତ ହୋଇ ସାରିଛି । ଏହା ସତ୍ତ୍ୱେ ଅଣମୌସୁମୀ ସମୟରେ ଓଡ଼ିଶାକୁ ଉପରମୁଣ୍ଡରୁ ଜଳ ପ୍ରବାହ ନେଇ କୌଣସି ଆପୋସ ନିଷ୍ପତ୍ତି ହୋଇପାରି ନାହିଁ । ଯାହାଫଳରେ ଗତ ଡିସେମ୍ବରରେ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀସ୍ତରୀୟ ଆଲୋଚନା ହେବା ନେଇ ଧାର୍ଯ୍ୟ ହୋଇଥିବା ବେଳେ ଏହାକୁ ଟାଳି ଦିଆଯାଇଥିବା ଜଳ ବିଶେଷଜ୍ଞମାନେ ଅନୁମାନ କରିଛନ୍ତି । ଏପରିକି ଆପୋସ ବୁଝାମଣା ଦିଗରେ ଓଡ଼ିଶା ସରକାର ଅଧିକ ଜୋର୍ ଦେଉଥିଲେ ହେଁ ଛତିଶଗଡ଼ ଏଥିରେ ସମ ପରିମାଣରେ ସହଯୋଗ କରୁନଥିବା ଅନୁଭବ ହେଉଛି । ଫଳରେ ବାଧ୍ୟହୋଇ ଓଡ଼ିଶା ସରକାର ବିବାଦର ସମାଧାନ ପାଇଁ କେନ୍ଦ୍ର ସରକାର ମଧ୍ୟସ୍ଥତା କରିବାକୁ ଅନୁରୋଧ କରିଛନ୍ତି ।

### ଓଡ଼ିଶାରେ ବଢୁଛି...

କିଛି ଜିଲ୍ଲାରେ ଏହି ସଂଖ୍ୟା ୩%ରେ ବି ପହଞ୍ଚିଛି । ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଡ୍ରପଆଉଟ୍ ହାର ୨% ରେ ପହଞ୍ଚିଥିଲା । ମାତ୍ର ୨୦୨୪-୨୫ ଶିକ୍ଷାବର୍ଷରେ ଏହା ପୁଣି ୩.୨୪ରେ ପହଞ୍ଚିଛି । ତେବେ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଡ୍ରପଆଉଟ୍ ହାର ସର୍ବାଧିକ ରହିଛି । ୨୦୨୨-୨୩ ବର୍ଷରେ ୧୨.୮୦% ପ୍ରତିଶତ ଥିବାବେଳେ ୨୦୨୪-୨୫ ରେ ଏହା ଉପରମୁହାଁ ହୋଇ ୧୪.୯୬% ରେ ପହଞ୍ଚିଛି । ଅନୁଗୋଳରେ ଏହି ପରିମାଣ ୨୦% ଅତିକ୍ରମ କରିଛି । ଭଦ୍ରକରେ ୨୧.୮୫%, ବୌଦ୍ଧରେ ୨୩.୮୨%, ଗଜପତିରେ ୨୧%, ଝାରସୁଗୁଡ଼ାରେ ୨୦.୨୫%, କେନ୍ଦୁଝରରେ ୨୨.୧%, କୋରାପୁଟରେ ୨୧.୪୭%, ମାଲକାନଗିରିରେ ୨୧.୨୭%, ନବରଙ୍ଗପୁରରେ ୨୯.୬୫%, ନୂଆପଡ଼ାରେ ୨୩.୧୭%, ରାୟଗଡ଼ରେ ୨୦.୧୮% ମାଧ୍ୟମିକ ଛାତ୍ରଛାତ୍ରୀ ଅଧାରୁ ପାଠ ଛାଡ଼ିଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ।

## ଆସନ୍ତା ବଜେଟକୁ 'ଲୋକଙ୍କ ବଜେଟ' ଭାବେ ପ୍ରସ୍ତୁତ କରାଯିବ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୫।୨(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରାକ୍ ବଜେଟ ପରାମର୍ଶ ସଭା ବୈଠକରେ ବିଶେଷଜ୍ଞ, ନାଗରିକ ସମାଜ ଓ ବିଭିନ୍ନ କ୍ଷେତ୍ରର ପ୍ରତିନିଧିମାନଙ୍କ ସହିତ ପ୍ରାକ୍ ବଜେଟ ପରାମର୍ଶ ଆଲୋଚନା କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସରକାର ହେଉଛି ଲୋକଙ୍କ ସରକାର । ଆମ ପାଇଁ ଲୋକଙ୍କ ସ୍ୱର ହେଉଛି ଭଗବାନଙ୍କ ସ୍ୱର । ତେଣୁ ସରକାରଙ୍କ ବଜେଟ ପ୍ରସ୍ତୁତ ପ୍ରକ୍ରିୟା ଏବେ ସଚିବାଳୟରୁ ବାହାରି ଲୋକଙ୍କ ପାଖକୁ ଯାଇଛି । ଜନସାଧାରଣଙ୍କ ଠାରୁ ସେମାନଙ୍କ ବହୁମୂଲ୍ୟ ମତାମତ ଆହ୍ୱାନ କରି ଅନୁଧ୍ୟାନ ଓ ତର୍ଜମା ପରେ ବଜେଟରେ ସ୍ଥାନୀତ କରାଯାଉଛି । ଏହା ସବୁ ଦୃଷ୍ଟିରୁ ସମସ୍ତଙ୍କ ମତାମତକୁ ଆଧାର କରି, ଓଡ଼ିଶାର ଲୋକଙ୍କ ହିତକୁ ଦୃଷ୍ଟିରେ ରଖି ୨୦୨୬-୨୭ ବର୍ଷର ବଜେଟ ବାସ୍ତବରେ ଲୋକଙ୍କ ବଜେଟ ହେବ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି ।

ଗୁରବାର ଲୋକସେବା ଭବନ କନ୍‌ଭେନସନ୍ ହଲଠାରେ ଏହି ବୈଠକ ଆୟୋଜିତ ହୋଇଥିଲା । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଗକୁ କାର୍ଯ୍ୟକାରୀ ହେବାକୁ ଥିବା ଶ୍ରୀଜଗନ୍ନାଥ ଦର୍ଶନ କାର୍ଯ୍ୟକ୍ରମ, କଟକ-ଭୁବନେଶ୍ୱର-ପାରାଦୀପ-ପୁରୀ ଅର୍ଥନୈତିକ କରିଡର ପରିକଳ୍ପନା ଜନମତରୁ ଆସିଛି । ଜନମତ ଆଧାରରେ ନୀତି, ଯୋଜନା କାର୍ଯ୍ୟକ୍ରମରେ ମଧ୍ୟ ଆବଶ୍ୟକୀୟ ପରିବର୍ତ୍ତନ କରାଯାଉଛି । ତେଣୁ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ, ଯୋଜନା, ଘୋଷଣାକୁ ନେଇ ସମସ୍ତଙ୍କଠୁ ସୁଚିନ୍ତିତ ମତାମତ ଓ ପରାମର୍ଶ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଥିଲେ । ସେ ଆହୁରି କହିଥିଲେ ଯେ ୨୦୨୬-୨୭ ରେ ମଧ୍ୟ କେନ୍ଦ୍ର ବଜେଟରେ ମଧ୍ୟ ଓଡ଼ିଶା ପାଇଁ ଅନେକ ପଦକ୍ଷେପ ଘୋଷଣା କରାଯାଇଛି । ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଆଜି ଓଡ଼ିଶାକୁ ଦେଶରେ ପ୍ରାଥମିକତା ମିଳୁଛି । ବୈଠକରୁ ଯେଉଁ ସବୁ ସୁଚିନ୍ତିତ ପରାମର୍ଶ ମିଳିଛି, ବିଭାଗ ତାକୁ ରେକର୍ଡ କରି ବିଚାର କରିବା ପାଇଁ ମୁଖ୍ୟମନ୍ତ୍ରୀ ବୈଠକରେ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ, ନିରଞ୍ଜନ ପୂଜାରୀ, ପୂର୍ବତନ ଅର୍ଥ ସଚିବ ଅର୍ଦ୍ଧେନ୍ଦୁ ଷଡ଼ଙ୍ଗୀ, ଏ.କେ. ତ୍ରିପାଠୀ, ଆର,ଏନ୍. ସେନାପତି, ଓଡ଼ିଶା ବ୍ୟବସାୟୀ ମହାସଂଘ, ଓଡ଼ିଶା ଯୁବ ଉଦ୍ୟୋଗୀ ସଂଘ, ଫିନ୍‌ଟେକ୍‌ର ସିଇଓ, ତଥା ବିଭିନ୍ନ କ୍ଷେତ୍ରର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ବିଶିଷ୍ଟ ବ୍ୟକ୍ତି ଏହି ବୈଠକରେ ଅଂଶଗ୍ରହଣ କରିଥିଲେ ।

## ୧୭ରେ ଭୀମଦା ସରପଞ୍ଚଙ୍କ ବିରୋଧରେ ଅନାସ୍ଥା

ବଡ଼ସାହି,୫।୨(ସମିସ): ବଡ଼ସାହି ବ୍ଲକ୍ ଅଧୀନ ଭୀମଦା ସରପଞ୍ଚ ଭୀମ ସିଂଙ୍କ ବିରୋଧରେ ଅନସ୍ଥା ପ୍ରସ୍ତାବ ଆଗତ ହୋଇଥିଲା । ଏହାକୁ ନେଇ ଉପଜିଲ୍ଲାପାଳ ଚିଠି ନମ୍ବର-୩୪, ୩ ଜାନୁଆରୀ ୨୦୨୬ ଅନୁସାରେ ବିଡିଓ ବନଜା ଦାସଙ୍କୁ ୱାର୍ଡ ସଭ୍ୟସଭ୍ୟା ଦସ୍ତଖତ ଯାଞ୍ଚ ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହାର ନକଲ ନାଏବ ସରପଞ୍ଚ ପୂର୍ଣ୍ଣିମା ବେହେରାଙ୍କ ସହ ସମସ୍ତ ୱାର୍ଡ ସଭ୍ୟସଭ୍ୟା ଓ ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା । ଉପଜିଲ୍ଲାପାଳ ଚିଠିକୁ ଆଧାର କରି ବିଡିଓଙ୍କ ନିର୍ଦ୍ଦେଶରେ ଜିପିଓ ଅବିନାଶ ପଣ୍ଡା ସମସ୍ତ ୭ ଜଣ ୱାର୍ଡ ସଭ୍ୟସଭ୍ୟାଙ୍କୁ ବ୍ଲକ୍ କାର୍ଯ୍ୟାଳୟକୁ ଡାକି ସେମାନଙ୍କଠାରୁ ସମସ୍ତ ଘଟଣା ସମ୍ପର୍କରେ ବୁଝିବା ସହ ଅଭିଯୋଗରେ ଥିବା ସେମାନଙ୍କର ଦସ୍ତଖତର ଯାଞ୍ଚ କରିଛନ୍ତି । ବିଡିଓଙ୍କ ରିପୋର୍ଟ ପରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଚିଠି ନମ୍ବର-୧୧୯୧, ୩୦ ଜାନୁଆରୀ ୨୦୨୬ ଅନୁସାରେ ଚଳିତ ମାସ ୧୭ରେ ଏହି ଅନାସ୍ଥା ଭୋଟ ଗ୍ରହଣ କରାଯିବ ବୋଲି ଜଣାଯାଇଛି । ଏଥିପାଇଁ ପ୍ରିଜାଇଡିଂ ଅଫିସର୍ ଭାବେ ବେତନଟୀ ବିଡିଓ ସୁଶାନ୍ତ ସୂତାରଙ୍କୁ ଦୟିତ୍ୱ ଦିଆଯାଇଛି । ଏହାର ନକଲ ଏସ୍‌ପି, କଲେକ୍ଟର ଓ ଡିପିଓ, ବିଡିଓ ଓ ତହସିଲଦାର, ଭୀମଦା ପିଇଓଙ୍କୁ ପ୍ରଦାନ କରାଯାଇଛି । ଉକ୍ତ ପଞ୍ଚାୟତର ୧୧ଟି ୱାର୍ଡ ଥିବା ବେଳେ ୫ ନମ୍ବର ୱାର୍ଡର ସଦସ୍ୟ ଶରତ ମୁଖୀ ୨ମାସ ପାଖପାଖି ହେବ ମୃତ୍ୟୁବରଣ କରିଛନ୍ତି । ଅନ୍ୟ ୧୦ଟି ୱାର୍ଡ ମଧ୍ୟରୁ ୭ଟି ୱାର୍ଡର ୱାର୍ଡ ସଦସ୍ୟ ୧ ନମ୍ବରର ପୂର୍ଣ୍ଣିମା ବେହେରା (ନାଏବ ସରପଞ୍ଚ), ୨ ନମ୍ବରର ମିନତି ଦଳେଇ, ୩ ନମ୍ବରର ପୁନି ପଲେଇ, ୪ ନମ୍ବରର ସୁନି ସିଂ, ୮ ନମ୍ବରର ସସ୍ମିତା ସିଂ, ୯ ନମ୍ବରର ଦିଲ୍ଲୀପ କୁମାର ପ୍ରଧାନ ଓ ୧୦ ନମ୍ବରର ବାସନ୍ତୀ ସାନ୍ତରା ପ୍ରମୁଖ ସରପଞ୍ଚ ଶ୍ରୀ ସିଂକୁ ଗାଦିଚ୍ୟୁତ କରିବା ପାଇଁ ଅଣ୍ଟା ଭିଡିଥିଲେ । ସେମାନେ ସରପଞ୍ଚଙ୍କ ମନମୁଖୀ କାର୍ଯ୍ୟ ବିରୋଧରେ ଏକତ୍ରିତ ହୋଇ ଏକ ଜରୁରୀ ବୈଠକ ମାଧ୍ୟମରେ ଏହି ସିଦ୍ଧାନ୍ତ ନେଇଥିଲେ ।


**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, KENDRAPARA**

25001/35/2526
eerw_kendraparat@yahoo.co.in

**'E' PROCUREMENT NOTICE NO.RWD-II/KPD-18/25-26 DTD 04.02.2026**

| | | |
|---|---|---|
| 1 | Name of work | : Road works in the District of Kendrapara for the year 2025-26. |
| 2 | Total No of Work | 9 Nos Road |
| 3 | Estimated Cost | : Rs.5.69 lakhs to 42.02 lakhs (Approx.) |
| 4 | Period of Completion | : As specified in the Annexure |
| 5 | Class of contractors | B,C & D Class |
| 6 | Cost of Tender Paper | : Cost of Tender paper is to be remitted ONLINE as specified in column-3 of the Annexure |
| 7 | Detail projects | : As specified in the Annexure |
| | **Other details as follows:** | |
| a) | Procurement officer | : Superintending Engineer Rural Works Division-II, Kendrapara |
| b) | Availability of tender online & submission of bid | 09.02.2026 at 11.00AM to 18.02.2026 upto 5.00PM |
| c) | Last date & time of seeking of tender clarification | 17.02.2026 |
| d) | Opening of tender | 19.02.2026 at 11:00 A.M |
| e) | Date of lottery | Will be intimated later |

**Further details can be seen from the Govt. website www.tendersorissa.gov.in**

Superintending Engineer
Rural Works Division-II
Kendrapara

OIPR-25001/25098/1/25-26/0035

**OFFICE OF THE NOTIFIED AREA COUNCIL, PADAMPUR**
**DIST-BARGARH (ODISHA) PIN-768036**
**Ph.No.06683-223436, email Id:- nac.padampur@gmail.com**

13001/25/2526

**No. 270/ NACP** **Dt.04.02.2026**

***Invitation for Bids***

**BID IDENTIFICATION No.-01/BGH-MUN/2025-26**

| | | |
|---|---|---|
| 1 | Nature of Work | Civil |
| 2 | No. of Work | 04 no. |
| 3 | Amount put to tender (in lakh) | As per DTCN |
| 4 | Bid Cost | As per DTCN |
| 5 | Class of Contractor | D Class or Equivalent |
| 6 | Availability of Bids documents in website | From 10.00 Hrs Dt. 05.02.2026 to 17.00 Hrs Dt. 17.02.2026 |
| 7 | Date of Opening of Bid | Dt. 18.02.2026 at 11.00 AM |

The bidders have to participate in ONLINE bidding only. Further details can be seen from the website i.e., http://tenderodisha.gov.in any addendum/corrigendum/cancellation of tender can also be seen only in the said website.

**Executive Officer**
**Padampur NAC**

**OIPR-13001/13118/1/25-26/0025**

**INVITATION FOR BIDS (IFB)**
**NATIONAL COMPETITIVE BIDDING THROUGH E-PROCUREMENT**
**IDENTIFICATION NO: RWS&S DIVN., BBSR – 21 OF 2025-26**

25001/28/2526

Tel- (0674) 2384108, E-Mail: eebbsrrwss@gmail.com

The Superintending Engineer, RWS&S Division, BBSR on behalf of Governor of Odisha invites bids through e-procurement in single cover system in conformity with the terms & conditions of the detailed tender call notice (DTCN) from authorised Dealer / Distributor / supplier having GSTIN& PAN Card as given in the DTCN to be eventually drawn up in the standard Percentage rate contract form of OPWD.

| .Sl.No. | Nature of work: | Refilling of Gas cylinder (argon gas) to state Water testing laboratory, Khandagiri, Bhubaneswar (120nos) |
|---|---|---|
| 1. | No. of works: | 01(One) |
| 2. | Estimated Cost: | Rs.9.60 lakhs (app.) |
| 3. | Time for completion: | 1 year |
| 4. | Cost of bidding document: | Rs.4000/- |
| 5. | Class of Contractors eligible: | Authorised Dealer / Distributor / supplier |
| 6. | Availability of bids on-line: | from 11.00 hours of 09.02.2026 hour of to 17.00 hours of 18.02.2026 |
| 7. | Last date and time for seeking clarification: | up to 17.00 hours of 13.02.2026 |
| 8. | Date & time of opening of technical bids & financial bids: | On dt 19.02.2026 at 11.30 Hours in the office of the Superintending Engineer, RWS&S Division, BBSR (All documents should be submitted in online only. No original documents should be dropped in dropping box before opening of technical bid in Division Office). |

Further details can be seen from the website https://www.tendersorissa.gov.in.

**Superintending Engineer,**
**RWS&S Division, BBSR**

**OIPR-25001/25011/1/25-26/0028**

**GOVERNMENT OF ODISHA, DEPARTMENT OF WATER RESOURCES**
**Office of the Engineer-In-Chief, Water Resources, Secha Sadan, Bhubaneswar**
**Email Address: cemech.eicwr.od@gmail.com**
**e-Procurement Notice – Bid Identification No.: CEM/MDB-15/2025-26**

32001/18/2526

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : CEM/MDB - 15/2025-26
5. Estimated Cost : Rs. 74,92,068.00
6. Period of Completion : 30 days
7. Date & time of availability of bid documents in the Portal : From dt.07.02.2026 (10.00 AM) to dt.13.02.2026 (5.30 PM)
8. Last date/ time for receipt of bid In the Portal : dt.13.02.2026 (up to 5.30 PM)
9. Date and Place of opening of Technical Bid : dt.16.02.2026 (12.00 Noon onwards in the O/O the undersigned)
10. Date and Place of opening of Financial Bid : To be intimated to the qualified Bidders after evaluation of Technical Bid.
11. Name of the Officer inviting bid : Chief Engineer, Mechanical, O/O the E.I.C, Water Resources, Odisha, Bhubaneswar

Further details can be seen from the e-procurement portal https://tendersodisha.gov.in
Any further issue of Addenda / Corrigenda / Cancellation Notice shall be uploaded in the aforesaid website only.

**Chief Engineer, Mechanical**
**O/o Engineer-In-Chief,**
**Secha Sadan, Bhubaneswar**

**OIPR-32001/32520/1/25-26/0018**

**AFFIDAVIT**

I, **Adeeba Kafil Khan,** aged about 18 years, D/o- Kafilul Bari Khan, resident of At-Dewan Bazar, Moti Gali, Po-Buxi Bazar, PS- Lalbag, Cuttack, Odisha, Pin-753001, do hereby declare by this **affidavit No.289, dtd.16.01.2026,** that now onwards I shall be known as **ADEEBA KAFIL KHAN** for all future purposes.

**AFFIDAVIT**

By virtue of on affidavit sworn before Executive Magistrate, Kanas, No-313, dtd-30/1/2026, I, **Bibhuti Bhushan Sahu**, resident of At-Nuagaon, Po- Adal, Ps-Gadisagoda, Block-Kanas, Dist- Puri, Odisha, Pin-752019, declare that I have changed my name from **Chhaila Kumar Sahoo** to **Bibhuti Bhushan Sahu.** Henceforth, I shall be known as **Bibhuti Bhushan Sahu** for all purposes.

**Bibhuti Bhushan Sahu**

**AFFIDAVIT**

I, **BIKASH KUMAR AGRAWALA,** S/o - BIRBAL PRASAD AGRAWALA, resident of At- Main Road, PO / PS - Umerkote, Dist - Nabarangpur - 764073, Odisha declare by this **Affidavit No.503, dated - 05/02/2026,** that now onwards I shall be known as BIKASH KUMAR AGARWAL for all future purpose.

**ସୂଚନା**

ମୁଁ **ପିଲ୍ଲି ମନ୍ମଥ ରାଓ,** ବୟସ ୪୨ ବର୍ଷ, ପିତା- ପିଲ୍ଲି ଜଗନ୍ନାଥ ରାଓ, ସା- ଡେରାସାହି (ଉ), ଗ୍ରା./ପୋ.- ଦୁର୍ବନ୍ଧ, ଭାୟା- କଂଟୁରୁ, ଥାନା- ହିଂଜିଳି, ଜିଲ୍ଲା- ଗଂଜାମ, ପିନ୍- ୭୬୧୧୦୧, ଓଡିଶା ଆଧାର ସଂଖ୍ୟା- ୪୧୬୧ ୭୪୫୬ ୭୦୫୫ ଅତଃ ୩୦/୦୧/୨୦୨୬ ରେ ନୋଟାରୀ ପବ୍ଲିକ ଯାଜପୁର ରୋଡଙ୍କ ନିକଟରେ ସତ୍ୟପାଠ ମାଧ୍ୟମରେ ଘୋଷଣା ପୂର୍ବକ ସର୍ବସାଧାରଣରେ ଜଣାଉଅଛି କି ଯେ ମୋର ନାମ **ପି ମନ୍ମଥ ରାଓ** ରୁ **ପିଲ୍ଲି ମନ୍ମଥ ରାଓ** କୁ ପରିବର୍ତ୍ତନ କରିଛି । ବର୍ତ୍ତମାନଠାରୁ ମୋର କର୍ମକ୍ଷେତ୍ର ଓ ସାଧାରଣ ଜୀବନଯାପନ କ୍ଷେତ୍ରରେ ସଦାସର୍ବଦା ପି ମନ୍ମଥ ରାଓ ପରିବର୍ତ୍ତେ ପିଲ୍ଲି ମନ୍ମଥ ରାଓ ଭାବେ ପରିଚିତ ହେବି । ଏହା ସର୍ବତ୍ର କାର୍ଯ୍ୟକାରୀ ହବ ।

**ସ୍ୱା/- ପିଲ୍ଲି ମନ୍ମଥ ରାଓ**

**AFFIDAVIT**

I, Amarendra Kumar Behea, aged about 56 years, S/o- Late Bhagirathi Behera, resident of Plot No. 1467, Bhaktamadhu Nagar, Gandamunda, PS-Khandagiri, Bhubaneswar, Dist- Khordha, PIN-751030, Odisha declared by this affidavit CF No. 14, dtd- 02/01/2026 that now onwards I shall be known as **AMARENDRA KUMAR BEHERA** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar CF.NO- 67, dated 05-12-2025 I, **PRASANTA NAYAK**, Permanent resident of At-Raghunathpur, Po- Sisupalgarh, PS- Shree Lingaraj, Bhubaneswar Dist- Khordha, State- Odisha, PIN-751002, declare that I have changed my name from **PRASANTA KANDI (Old name)** to **PRASANTA NAYAK (New name)**, Henceforth, I shall be known as **PRASANTA NAYAK** for all purposes.

**( Sd- PRASANTA NAYAK)**

**AFFIDAVIT**

By virtue of an affidavit No. 2130 sworn before the Executive Magistrate, Jagatsinghpur, on dtd-31/12/2025. I **Satyabrata Nayak,** aged 34 years, S/o-Anama Charan Dash, resident of Vill-Dondua, Po- Nuapada, Ps- Tritol, Dist- Jagatsinghpur, Odisha, Pin-754133, I have changed my surname from **Nayak to Dash,** that in my RC Name has been maintained as **Satyabrata Nayak,** S/o- Babuli Nayak, Henceforth I shall be known as **Satyabrata Dash,** S/o- Anama Charan Dash for all future purposes.

**Satyabrata Nayak**

**AFFIDAVIT**

I,Savita Dey, Age-45yrs, D/o-Rabindra Shee,W/o-Satyajit Dey,Resident of 1/31 Jangpura Extension Jungpura,S O.South Delhi,Delhi,110014. Declared by affidavit before In the Court of Executive Magistrate Cum-Bhograi, Sl- No-5457/225 dtd-03/11/2025. That,before my marriage I was known as Hemalata Shee, D/o-Rabindra Shee which is mentioned in my postal vide police no-66639.but after marriage to Satyajit Dey I'm know as Savita Dey W/o- Satyajit Dey which is mentioned my present aadhar . Hence this Affidavit Savita Dey W/o-Satyajit Dey and Hemalata Shee,D/o-Rabindra Shee same and One Person for all future purpose .

**AFFIDAVIT**

I, Subhalakshmi Pattanaik, aged about 51 years, W/o- Rajib Pattnaik resident of Sibananda Nagar, At/po- Nayabazar, Cuttack, Dist- Cuttack, Pin-753004, Odisha do hereby declare by this affidavit No. 232, dtd-04/02/2026, that now onwards I shall be known as **SUBHALAXMI PATTNAIK** for all future purposes.

**NOTICE**

By virtue of an affidavit sworn before **Executive Magistrate, Banarpal, dated 03/02/2026, I, SUMITRA PATTANAYAK,** Address: Vill- Gada Talmul, PO- Talmul, PS- Banarpal, Dist.- Angul, Odisha- 759040, declare that I have changed my name from **SUMITRA SAMAL to SUMITRA PATTANAYAK.** Henceforth, I shall be known as **SUMITRA PATTANAYAK** for all purposes.

**SUMITRA PATTANAYAK**

**AFFIDAVIT**

I, Rajib Pattanaik, aged about 53 years, S/o-Brajendra Pattanaik resident of Sibananda Nagar, At/Po- Nayabazar, Cuttack, Dist- Cuttack, Pin-753004, Odisha do hereby declare by this affidavit No. 231, dtd-04/02/2026, that now onwards I shall be known as **RAJIB PATTNAIK** for all future purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated-03/02/2026. I, **Rohini Kharsel** (new name), formerly called as Hemalata Bagarti (old name), aged about 33 years, W/o- Hrushikesh Bagarti, permanent resident of At-Ghantabahali (Bagpada), PO: Malisira, PS: Muribahal, Dist: Bolangir, (Odisha), PIN- 767037 now residing at the same place declare that I have changed my name from **Hemalata Bagarti** to **Rohini Kharsel.** Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Rohini Kharsel** (new name) for all future purposes.

**Rohini Kharsel**

**AFFIDAVIT**

By virtue of an affidavit before the Notary Public, Titilagarh, on dated-03/02/2026. I, **Sandeep Sekhar Behera,** aged about 23 years, S/o Abhimanyu Behera, permanent resident of AT- Sargiguda, Titilagarh, PO/PS- Titilagarh, Dist- Balangir (Odisha) declare that, my actual name **Sandeep Sekhar Behera,** which has been mentioned in all relevant documents, but in the 10th Board Certificate (ICSE) vide it's Roll No. 195589/024, Unique Id No. 6996585 my name has been wrongly mentioned as **Sandeep Shekhar Behera.** Henceforth, I have changed my name from **Sandeep Shekhar Behera** to **Sandeep Sekhar Behera** in my 10th Board Certificate.

**Sandeep Sekhar Behera**

ସକାଳ THE SAKALA



www.sakalaepaper.com

# ବୁଦ୍ଧପାର୍କକୁ ବସ୍‌ଷ୍ଟାଣ୍ଡରେ ପରିଣତ କରିଦେଲେ

ମନମୁଣ୍ଡା,୫ ।୨(ସମିସ)




ମନମୁଣ୍ଡାର ପ୍ରସିଦ୍ଧ ବୁଦ୍ଧ ପାର୍କରେ ଏବେ ବସ୍‌ଷ୍ଟାଣ୍ଡରେ ପରିଣତ ହୋଇଛି। ଭଗବାନ ବୁଦ୍ଧଙ୍କ ନାମରେ ନାମିତ ବୌଦ୍ଧ ଜିଲ୍ଲା। ଏହାକୁ ଦୃଷ୍ଟିରେ ରଖି ପୂର୍ବତନ ଜିଲ୍ଲାପାଳ ଲଳାଟେନ୍ଦୁ ମିଶ୍ର ଜିଲ୍ଲାର ସୀମାନ୍ତ ମନମୁଣ୍ଡା ତେଲ ନଦୀ କୂଳରେ ଏକ ବିରାଟ ବୁଦ୍ଧ ମୂର୍ତ୍ତି ସ୍ଥାପନ କରିବା ସହ ବୁଦ୍ଧ ପାର୍କ ନିର୍ମାଣ କରିଥିଲେ।

ଏ ନେଇ ପ୍ରାୟ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ମନମୁଣ୍ଡା ପରି ଜିଲ୍ଲାର ଆହୁରି ଅନେକ ସ୍ଥାନରେ ବୁଦ୍ଧ ମୂର୍ତ୍ତି ସ୍ଥାପନ କରି ଜିଲ୍ଲାକୁ ସେ ବୁଦ୍ଧମୟ କରିଦେଇଥିଲେ। ମନମୁଣ୍ଡା ସ୍ଥିତ ବୁଦ୍ଧ ପାର୍କରେ ବହୁ ମୂଲ୍ୟବାନ ଚାରା ରୋପଣ କରାଯାଇଥିଲା। ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ପ୍ରଶାସନର ଅବହେଳା ଯୋଗୁଁ ତାହା ନଷ୍ଟ ହୋଇଗଲା। ମଦ୍ୟପଙ୍କ ଆଡାସ୍ଥଳ ହୋଇଗଲା।

ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ ପରେ ପ୍ରଶାସନ ତରଫରୁ ଧର୍ମକୁ ଆଖିଠାର ମାରି କିଛି ସଫା ସୁତୁରା କରି ଅର୍ଥ ବାଟମାରଣା କରାଯାଇଥିବା ଅଭିଯୋଗ ହୋଇଛି। ସରକାରୀ କା ମାଲ ଦରୀଆ ମେଁ ଡାଲ୍ ନ୍ୟାୟରେ ସବୁ ଚାଲିଛି। ସେଠାରେ ଏକ କାଫେ କରାଯିବା ପାଇଁ ପ୍ରକଳ୍ପ କାମ ଆରମ୍ଭ କରାଯାଇଥିଲା। ତାହା ମଧ୍ୟ ଅଧପନ୍ତରିଆ ହୋଇ ପଡ଼ି ରହିଛି। ଏଠାରେ କେବଳ ଠିକାଦାର ପୋଷା ନୀତି ଚାଲିଥିବା ଓ ପ୍ରଶାସନିକ ଅଧିକାରୀ ମାଲେମାଲ ହେଉଥିବା ଆଲୋଚନା ହେଉଛି। ଏବେ ପାର୍କ ବେସରକାରୀ ବସ୍‌ଷ୍ଟାଣ୍ଡ ପାଲଟିଛି। ବସ ରହିବା ଦ୍ୱାରା ପାର୍କର ଗୌରବକୁ ନଷ୍ଟ କରୁଛି। ଏହାସହ ପାର୍କର ସହ କ୍ଷତି ସାଧନ କରୁଛି। ଏହାକୁ ନେଇ ସାଧାରଣରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି।

## କଲେଜ ସାଇକଲ ଷ୍ଟାଣ୍ଡରେ ବିଷ ପିଇଦେଲେ ପ୍ରେମୀଯୁଗଳ

ବୌଦ୍ଧ,୫ ।୨(ସମିସ): ବୌଦ୍ଧ ସହର ନିକଟବର୍ତ୍ତୀ ସରସରା ମଡେଲ ଡିଗ୍ରୀ କଲେଜରେ ବିଷ ପିଇ ଏକ ପ୍ରେମୀ ଯୁଗଳ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଉଭୟ ଗୁରୁତର ହୋଇ ବୌଦ୍ଧ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଉଭୟ ଏହି କଲେଜର ଛାତ୍ରଛାତ୍ରୀ। ପାଠ ପଢୁଥିବା ବେଳେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। କଲେଜ ସାଇକଲ ଷ୍ଟାଣ୍ଡ ନିକଟରେ ଉଭୟ ଏହି ଘଟଣା ଭିଆଇଥିଲେ। ଏହା ଜାଣିବା ପରେ ଅନ୍ୟ ଛାତ୍ରଛାତ୍ରୀ ଉଭୟଙ୍କୁ ତୁରନ୍ତ ଡାକ୍ତରଖାନା ନେଇଥିଲେ। ଏହି ଖବର ପାଇ ଉଭୟଙ୍କ ପରିବାର ଲୋକେ ଡାକ୍ତରଖାନାରେ ପହଞ୍ଚି ଥିଲେ। ପ୍ରେମୀ ଯୁଗଳଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ରହିଛି। ଯୁବକଙ୍କ ଘର ବୌଦ୍ଧ ସହର ମାଳି ସାହିରେ ହୋଇଥିବା ବେଳେ ଯୁବତୀଙ୍କ ଘର ସରସରା ପଞ୍ଚାୟତ ବଘାରପାଲି ଗ୍ରାମରେ ବୋଲି ସୂଚନା ମିଳିଛି।

## ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

ବେଲପଡା,୫ ।୨(ସମିସ): ବେଲପଡା ଥାନା ଧୁମାଭଟା ରାସ୍ତାର ମଣ୍ଡଳ ଆରଏମସିଠାରେ ଦୁଇଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏହାଫଳରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨ ବାଇକ୍ ଆରୋହୀ ଗୁରୁତର ଅଛନ୍ତି। ଗୁରୁତରମାନଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ବେଲପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଛନ୍ତି। ସେମାନଙ୍କ ପରିଚୟ ମିଳିପାରିନାହିଁ।

## ଖମାରୀପଡ଼ା ନିକଟରେ ଟ୍ରେନ୍‌ରେ କଟି ଜଣେ ଗୁରୁତର

ବୌଦ୍ଧ,୫ ।୨(ସମିସ): ବୌଦ୍ଧ ବ୍ଲକ୍ ମୁଣ୍ଡାପଡା ପଞ୍ଚାୟତ ଖମାରୀପଡା ଗ୍ରାମ ନିକଟରେ ଟ୍ରେନରେ କଟି ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ଖମାରୀପଡା ଗ୍ରାମର ରିଙ୍କୁ ଭୋକ୍ତା ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ସାଲୁଙ୍କି ରେଳ ପୋଲ ନିକଟ ଧାରଣାରେ ଶୋଇଥିବା ବେଳେ ତାଙ୍କ ପାଦ କଟି ଯିବା ସହ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଡାକ୍ତରଖାନା ଆଣିଥିଲେ।

## ଭାରସାମ୍ୟ ହରାଇ ବାଇକ୍ ଚାଳକ ମୃତ

ବୌଦ୍ଧ,୫ ।୨(ସମିସ): ବୌଦ୍ଧ ବ୍ଲକ୍ ଆମ୍ବଝରୀ ପଞ୍ଚାୟତ ବଘିଆପଡା-ଶଗଡା ରାସ୍ତାର ଦେବନ୍ଧ ଗ୍ରାମ ନିକଟରେ ଏକ ବାଇକ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହାଫଳରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖଜୁରୀପଡ଼ା ନିକଟରେ ରହୁଥିବା ଅଲେଖ ପ୍ରଧାନ। ବାଇକ୍ ଯୋଗେ ସେ ଦେବନ୍ଧ ଗ୍ରାମରୁ ଘରକୁ ଫେରୁଥିଲେ। ଏହି ସମୟରେ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବୌଦ୍ଧ ଡାକ୍ତରଖାନା ପଠାଇ ଥିଲେ। ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ବୌଦ୍ଧ ପୁଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ବାଇକ୍‌ରେ ଥିବା ଅନ୍ୟ ଜଣେ ଆରୋହୀ ବର୍ତ୍ତି ଯାଇ ଘଟଣାସ୍ଥଳରୁ ଫେରାର ହୋଇ ଯାଇଛନ୍ତି।

## ମନ୍ଦିର ପ୍ରତିଷ୍ଠା ପାଇଁ ନାମଯଜ୍ଞ ଓ କଂସ ଦରବାର

ବୀରମହାରାଜପୁର,୫ ।୨(ସମିସ): ବୀରମହାରାଜପୁର ଉପକଣ୍ଠ ଭଙ୍ଗାମୁଣ୍ଡାରେ ନବ ନିର୍ମିତ ଦୁର୍ଗାମାଧବ ମନ୍ଦିର ପ୍ରତିଷ୍ଠା ପାଇଁ ୫୬ ପ୍ରହର ନାମଯଜ୍ଞ ଓ ଧନୁଯାତ୍ରାର ଶୁଭାରମ୍ଭ ହୋଇଛି। ମଠର ମହନ୍ତ ହରେକୃଷ୍ଣ ଦାସଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହେଉଛି। ଶ୍ରୀନିବାସ ନାୟକ, ଗୋପାଳ ପାଢ଼ୀ ଓ ଆଶୁତୋଷ ପୁରୋହିତ ପୂଜକ ରହିଛନ୍ତି। ପ୍ରତିଷ୍ଠା କମିଟିର ସଭାପତି ସାଫି ମେହେର, ସଂପାଦକ ମହାଦେବ ନାଏକ, କମିଟି ସଦସ୍ୟ ଉଦ୍ଧବ ମେହେର ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନା କରୁଛନ୍ତି। ଗଜାନନ ପଣ୍ଡା, ଗଣେଶ ପଣ୍ଡା ଓ ଅଶ୍ୱିନୀ ପଣ୍ଡା ପ୍ରମୁଖ ଜପକ କାର୍ଯ୍ୟ ତୁଲାଉଛନ୍ତି। ଉମେଶ ପ୍ରସାଦ ରଥ, ସଂଜୀବ ସାହୁ, ତ୍ରିପୁରାରି ମଲ୍ଲିକ, ଉମେଶ ପଧାନ, ପ୍ରଦ୍ୟୁମ୍ନ କର୍ମୀ, ପ୍ରଫୁଲ୍ଲ ବେହେରା, ନାରାୟଣ ସାହୁ, ଜଗଦୀଶ ମେହେର, ଚୈତନ୍ୟ ପଧାନ, ପଞ୍ଚୁ ମେଣ୍ଡିଲି, ରାମଚନ୍ଦ୍ର ପ୍ରଧାନ, ଦାଶରଥି ଭୋଇ, ଅଯତ୍ନ କଲତା ପ୍ରମୁଖ ସହଯୋଗ କରୁଛନ୍ତି। ନାଟ୍ୟାଭିନୟ କାର୍ଯ୍ୟକ୍ରମରେ ଦୃମିଳାସୁର ବଧ ରହିଥିଲା। ବୀରମହାରାଜପୁର ସାମ୍ବାଦିକ ସଂଘ ସଭାପତି ସ୍ୱୟମ୍ଭୂନାଥ ଖଣ୍ଡଗିରି, ବୀରମହାରାଜପୁର କଲେଜ ଅଧ୍ୟକ୍ଷ ହିମାଂଶୁ ଶେଖର ପାଢ଼ୀ, ସାମ୍ବାଦିକ ରବୀନ୍ଦ୍ର ହୋତା ରାଜ ଅତିଥି ଭାବେ ଯୋଗ ଦେଇଥିଲେ। କବିରାଜ ବସନ୍ତ ବେହେରା, ସମାଜସେବୀ ନେତ୍ରାନନ୍ଦ ବେହେରା, କାଠ କାରିଗର ଅରବିନ୍ଦ ବେହେରା, ସମାଜସେବୀ ପ୍ରଫୁଲ୍ଲ ବେହେରା, ଚାଷୀନେତା ଦୀନବନ୍ଧୁ ପ୍ରଧାନ, ଉମେଶ ପଧାନ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁଗଳ କିଶୋର ମିଶ୍ର ଏବଂ ଦ୍ୱିତୀକୃଷ୍ଣ ପଣ୍ଡା ସଂଯୋଜନା କରିଥିଲେ।

## ବ୍ୟାଙ୍କ ଅପଡେଟ ଯୋଗୁଁ ହଇରାଣ ହେଉଛନ୍ତି ଭତ୍ତା ହିତାଧିକାରୀ

ଶଗଡା,୫ ।୨(ସମିସ): ବୃଦ୍ଧବୃଦ୍ଧାଙ୍କ ସହ ବିଧବାଙ୍କୁ ସରକାର ଭତ୍ତା ଯୋଗାଇ ଦେଉଛନ୍ତି। ଏହି ଭତ୍ତା ଟଙ୍କା ଅନେକ ହିତାଧିକାରୀଙ୍କୁ ନଗଦ ଟଙ୍କା ଆକାରରେ ପ୍ରଦାନ କରାଯାଉଛି। ଅନେକ ହିତାଧିକାରୀଙ୍କୁ ଡିବିଟି ମାଧ୍ୟମରେ ବ୍ୟାଙ୍କ ଆକାଉଣ୍ଟକୁ ପଠା ଯାଇଥାଏ; ହେଲେ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରେ ଆକାଉଣ୍ଟ ଥିବା ଅନେକ ହିତାଧିକାରୀଙ୍କୁ ୨ରୁ ୩ ମାସ ହେବ ଏହି ଭତ୍ତା ଟଙ୍କା ମିଳି ନ ଥିବା ଅଭିଯୋଗ ହୋଇଛି।

ହିତାଧିକାରୀ ଏ ଦିଗରେ ଅବଗତ ନ ଥିବା ବେଳେ ବାରମ୍ବାର ଟଙ୍କା ପାଇଁ ଦୌଡ଼ି ଦୌଡ଼ି ହଇରାଣ ହେଉଛନ୍ତି। ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଅପଡେଟ ହୋଇ ଓଡିଶା ଗ୍ରାମ୍ୟ ବ୍ୟାଙ୍କରେ ପରିବର୍ତ୍ତିତ ହେଉଥିବାରୁ ବ୍ୟାଙ୍କ ସାଇଟ୍ ସହ ଆଇଏଫଏସସି କୋଡ୍ ପରିବର୍ତ୍ତନ ହେଉଥିବାରୁ ଟଙ୍କା ପଡୁ ନ ଥିବା ସୂଚନା ମିଳିଛି। ତେବେ ଏହି ଭତ୍ତା ଟଙ୍କା ଉପରେ ବୃଦ୍ଧବୃଦ୍ଧାଙ୍କ ସହ ବିଧବାମାନେ ନିର୍ଭର କରି ଚଳୁଥିବା ବେଳେ ଦୀର୍ଘ ୨ରୁ ୩ ମାସ ହେଲା ଟଙ୍କା ମିଳି ନ ଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେବେ ସମସ୍ୟାର ସମାଧାନ ହେବା ସହ ହିତାଧିକାରୀଙ୍କୁ ଭତ୍ତା ମିଳିବ ସେ ନେଇ ସମସ୍ତେ ଚାତକ ପରି ଅନାଇ ବସିଛନ୍ତି। କଣ୍ଟାମାଳ ବ୍ଲକର ସମସ୍ତ ପଞ୍ଚାୟତରେ ଏଭଳି ଅସୁବିଧା ଦେଖା ଦେଇଥିବା ବେଳେ ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ହିତାଧିକାରୀମାନେ ଦାବି କରିଛନ୍ତି।

## ନବନିଯୁକ୍ତ ବିଡିଓଙ୍କୁ ସମ୍ବର୍ଦ୍ଧନା



ଡୁଙ୍ଗୁରିପାଲି,୫ ।୨(ସମିସ): ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକରେ ନୂତନ ବିଡ଼ିଓ ଭାବେ ଯୋଗ ଦେଇଥିବା ସଞ୍ଜିବି କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ନିତେଇ ପାଲ, ରୂପାଧର ପଧାନ, ପ୍ରବୀର ସାହୁ, ଶ୍ରବଣ ଭୁଏ, ବୈଶାଖୁ ମିର୍ଦ୍ଧା, ବିରେନ୍ଦ୍ର କଠାର, ସୁରେଶ ପଧାନ, ବିକାଶ ହାତୀ, ସହଲା ସରପଞ୍ଚ ପଟୁଆରୀ ପଧାନ, ସହଲା ସମିତି ସଭ୍ୟ ପୂର୍ଣ୍ଣଚନ୍ଦ୍ର ମେହେର, ବନ୍ଦପାଲି ସରପଞ୍ଚ ଖିରାଧର ବୁଡେକ, ସର୍ଗୁଲ ସମିତି ସଭ୍ୟ ପୁରନ୍ଦର ସାହୁ, ନିମେଇଁ ସାହୁ, ଅଶୋକ ସାହୁ, କଳାକାହ୍ନୁ ମହାନନ୍ଦ, ରାଜଗୋପାଳ ପଧାନ, ଧିରେନ୍ଦ୍ର ବର୍ଗର୍ତ୍ତୀ, ରାମକୃଷ୍ଣ ନାଗ, ମଦନ ଗଡତିଆ ପ୍ରମୁଖ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ବୃତ୍ତିଗତ ପଥ ପ୍ରଦର୍ଶନ କାର୍ଯ୍ୟକ୍ରମ ଉଦ୍‌ଘାଟିତ






ବୌଦ୍ଧ,୫ ।୨(ସମିସ)

ବୌଦ୍ଧ ସଦର ଯୋଗୀନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟ ପରିସର ସଭାଗୃହରେ ଜିଲ୍ଲାର ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ନେଇ ଦୁଇ ଦିନିଆ ବୃତ୍ତିଗତ ପ୍ରଥପ୍ରଦର୍ଶନ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ବୌଦ୍ଧର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଡ. ଅଭିମନ୍ୟୁ ସେଠୀ ଓ ଜନତା ଉଚ୍ଚ ବିଦ୍ୟାଳୟ ଆମ୍ବଗାଁର ଶିକ୍ଷକ ବିଷ୍ଣୁଲାଲ ମହାନନ୍ଦ ସାଧନକର୍ମୀ ଭାବେ ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ। ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମିଶ୍ର ଅଥିତି ପରିଚୟ ସହ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ମଞ୍ଜିତ ମୋହନ ଚାନ୍ଦ ବିଶେଷ ସହାୟତା ଦେଇଥିଲେ। ଜିଲ୍ଲାର ବିଭିନ୍ନ ମାଧ୍ୟମିକ ବିଦ୍ୟାଳରୁ ୭୪ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଏଥିରେ ଅଂଶଗ୍ରହଣ କରିଛନ୍ତି। ଶୁକ୍ରବାର ଏହା ଉଦ୍‌ଯାପିତ ହେବ ବୋଲି କାର୍ଯ୍ୟକ୍ରମର ସଂଯୋଜକ ତଥା ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ ପ୍ରଧାନ ଜଣାଇଛନ୍ତି।

## କୁଷ୍ଠ ସଚେତନତା କାର୍ଯ୍ୟକ୍ରମ



ବୀରମହାରାଜପୁର, ୫ ।୨(ସମିସ): ଇନ୍ଦିରା ଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ କୁଷ୍ଠ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲା କୁଷ୍ଠ ଅଧିକାରୀ ଡାକ୍ତର ତ୍ରିବିକ୍ରମ ପାଣିଗ୍ରାହୀ ଓ ଜିଲ୍ଲା କୁଷ୍ଠ ସଂଯୋଜନା ଅଧିକାରୀ ଡାକ୍ତର ଗୌରୀଶଙ୍କର ପଣ୍ଡା, ବୀରମହାରାଜପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଜଗଦୀଶ ମେହେର, ବହଳପଦର ସେକ୍ଟରର ସୁପର ଭାଇଜର ଗିରିଧାରୀ ସାହୁଙ୍କ ସହ ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ ରଥ, ଶିକ୍ଷକ, ଶିକ୍ଷୟିତ୍ରୀ, ଆଶାକର୍ମୀ ପ୍ରମୁଖ ,ଥିରେ ଉପସ୍ଥିତ ଥିଲେ।

## ବୌଦ୍ଧ ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଘାଟିତ




ବୌଦ୍ଧ,୫ ।୨ (ସମିସ): ବୌଦ୍ଧ ସଦର ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବୌଦ୍ଧ ବିଧାୟକ ସରୋଜ ପ୍ରଧାନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସାର୍ଥକ ରାୟ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ. ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପ୍ରଧାନ ଓ ପ୍ରଧାନ ଶିକ୍ଷକ ପୂର୍ଣଚନ୍ଦ୍ର ସାମଲ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ ଏହି ଅବସରରେ ଉପସ୍ଥିତ ଥିଲେ। ଶିକ୍ଷକ ସନ୍ତୋଷ କର୍ଣ୍ଣ ଅତିଥି ପରିଚୟ ସହ ମଞ୍ଚ ପରିଚାଳନା କରିଥିଲେ।

● ରାଜ୍ୟସ୍ତରୀୟ ବାବା କପ୍ ଫୁଟବଲ

## ଚତୁର୍ଥ ଦିନରେ ଭୁବନେଶ୍ୱର ବିଜୟୀ



ବୌଦ୍ଧ,୫ ।୨(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ସରସରା ହାଇସ୍କୁଲ ଖେଳ ପଡିଆରେ ବାବା ବୈଦ୍ୟନାଥ କ୍ଲବ୍ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ବାବା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଚାଲିଛି। ଚତୁର୍ଥ ଦିନର ମ୍ୟାଚ୍ ଫ୍ରେଣ୍ଡ୍ସ ପାରାଡାଇଜ ଭୁବନେଶ୍ୱର ଦଳ ରୟାଲ୍ ସ୍ପୋର୍ଟସ ବଲାଙ୍ଗୀରକୁ ୧-୦ ଗୋଲରେ ହରାଇଛି। ମୁଖ୍ୟ ଅତିଥି ଭାବେ ବୌଦ୍ଧ ଡିଏଫଓ ରାଜେନ୍ଦ୍ର ଗୋଛାୟତ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ବୌଦ୍ଧ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ବୌଦ୍ଧ ବ୍ଲକ୍ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ସମାଜସେବୀ ସୁଶାନ୍ତ ବାଘ, ସରସରା ସରପଞ୍ଚ ହରି ନାଏକ ମଞ୍ଚାସୀନ ଥିଲେ।

**ବେହେରେନସିଲେଟରେ ଏବେଠୁ ପାଣି ଚିନ୍ତା**

## ପାନୀୟ ଜଳ ପାଇଁ ଡହଳ ବିକଳ ପଡ଼ାବାସୀ

**୭ ଦିନ ମଧ୍ୟରେ ସମାଧାନ ନ ହେଲେ ଆନ୍ଦୋଳନ**

କଣ୍ଟାବାଞ୍ଜି,୫ ।୨(ସମିସ)



ବିଶୁଦ୍ଧ ପାନୀୟ ଜଳ ଟିକେ ପାଇଁ ପଡ଼ା ଲୋକେ ଏବେଠୁ ଡହଳ ବିକଳ ହେଲେଣି। ଗାଁରେ ଜଳ ଯୋଗାଣ ହେଉଛି; କିନ୍ତୁ ଏମାନେ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି।ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ୍ ଚଟୁଅନକା ପଞ୍ଚାୟତ ବେହେରେନସିଲେଟ ଗାଁରେ ଏହିଭଳି ଚିତ୍ର ଦେଖିବାକୁ ମିଳିଛି

ଏହି ଗାଁର ହରିଜନ ପଡ଼ାକୁ ବସୁଧା ପାନୀୟ ଜଳ ପ୍ରକଳ୍ପରୁ ବିସୁଦ୍ଧ ପାନୀୟ ଜଳ ମିଳିପାରିନାହିଁ। ପଡ଼ାରେ ୩୦ ପରିବାର ବସବାସ କରୁଛନ୍ତି। ୮୦ରୁ ଅଧିକ ଜନ ସଂଖ୍ୟା। ବସୁଧା ଯୋଜନାରେ ପାଣି ଯୋଗାଣ ଲାଗି ଅବଶ୍ୟ ପାଇପ୍ ପଡିଛି; ହେଲେ ଠିକ୍‌ରେ ପାଇପ୍ ପଡିନି। ଏଣୁ ଏହି ପଡ଼ାକୁ ପାଣି ଆସୁସନାହିଁ। ପଡ଼ାରେ ନଳକୂପଟିଏ ମଧ୍ୟ ନାହିଁ। ଏହାଫଳରେ ଏହି ପଡ଼ାବାସୀ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରରେ ଥିବା ନଳକୂପ ଉପରେ ନିର୍ଭରଶୀଳ। ପାଣି ବୁନ୍ଦାଏ ପାଇଁ ଘଣ୍ଟା ଘଣ୍ଟା ଧରି ଏମାନେ ନଳକୂପ ନିକଟରେ ଅପେକ୍ଷା କରନ୍ତି। ସରକାର ଗ୍ରାମାଞ୍ଚଳର ବିକାଶ କଥା କହି ଡିଣ୍ଡିମ ପିଟୁଛନ୍ତି। ଏଠାରେ କିନ୍ତୁ ପାଣି ବୁନ୍ଦାଏ ଲାଗି ପଡାବାସୀଙ୍କୁ ଡହଳ ବିକଳ ହେବାକୁ ପଡୁଛି।

ବାରମ୍ବାର ଏ ସମ୍ପର୍କରେ ପଡ଼ାବାସୀ ସ୍ଥାନୀୟ ଲୋକ ପ୍ରତିନିଧି ଓ ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ ସମସ୍ୟା ଦୂର ହେଉନାହିଁ। ଆଗକୁ ସମସ୍ୟା ଜଟିଳ ହେବା ଆଶଙ୍କା ରହିଛି। ତେବେ ୭ ଦିନ ମଧ୍ୟରେ ପାନୀୟ ଜଳ ସମସ୍ୟା ଦୂର ନ ହେଲେ ବେହେରେନସିଲେଟ ଆମ୍ବେଦକର ଯୁବକ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଏନେଇ କଣ୍ଟାବାଞ୍ଜି ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଏସଡିଓ ପ୍ରଶାନ୍ତ ବାଘେଲଙ୍କୁ ପଚାରିବାରୁ ଏହି ସମସ୍ୟା ଉପରେ ସେ ଜାଣି ନ ଥିଲେ। ଗାଁକୁ ଯାଇ ଦେଖିବେ। ସମସ୍ୟା ଦୂର କରିବାକୁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ବାଲ୍ୟବିବାହକୁ ଅଟକାଇଲା ପ୍ରଶାସନ

**କଲମପୁର, ୫।୨(ସମିସ):** ବିବାହ ପାଇଁ ଦିନ ଧାର୍ଯ୍ୟ ହୋଇଗଲା, ପୁଅ ଓ ଝିଅଙ୍କ ପରିବାର ଉଭୟେ ବନ୍ଧୁବାନ୍ଧବ ପରିଜନଙ୍କୁ ନିମନ୍ତ୍ରଣ ପତ୍ର ବଣ୍ଟନ କଲେ।ଆଉ କେଇଟା ଦିନ ପରେ ବିବାହ ସମ୍ପନ୍ନ ହୋଇଥାନ୍ତା। କିନ୍ତୁ କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ସିଡ଼ିପିଓଙ୍କ ପାଖକୁ ଖବର ପହଞ୍ଚିଲା। ସିଡ଼ିପିଓ ସଦଳବଳେ ସମ୍ପୃକ୍ତ ଝିଅ ଓ ପୁଅର ପରିବାର ପାଖରେ ପହଞ୍ଚି ବହୁତ ବୁଝାସୁଝା ପରେ ଉଭୟ ପୁଅ ଓ ଝିଅଙ୍କ ପରିବାର ବିବାହରୁ ବିରତ ରହିବାକୁ ରାଜି ହେଲେ। କଲମପୁର ସିଡ଼ିପିଓଙ୍କ କାର୍ଯ୍ୟାଳୟ ଅଧିନସ୍ତ ଚୁରାଗାଁର ଜନୈକା ଯୁବତୀକୁ ଦର୍ଲିପଡ଼ାର ଜନୈକ ଯୁବକ ସହିତ ବିବାହ ପାଇଁ ଉଭୟ ପରିବାର ପ୍ରସ୍ତୁତ ହୋଇ ସାରିଥିଲେ। ଚଳିତ ମାସ ୨୦ତାରିଖ ଦିନ ବିବାହ ଲାଗି ଧାର୍ଯ୍ୟ ହୋଇଥିଲା। କଲମପୁର ସିଡ଼ିପିଓ ନିର୍ବାସିନୀ ଦେଇ ଝିଅ ନାବାଳିକା ବୋଲି ଖବର ପାଇ ସୁପରଭାଇଜର ସୂର୍ଯ୍ୟକାନ୍ତି ବେହେରା, କଲମପୁର ଥାନା ଏଏସ୍ଆଇ ଶିବ ଶଙ୍କର ମହାନ୍ତି, ପଣ୍ଡିଗାଁ ସ୍କୁଲକୁ ସଚେତନତା ଲାଗି ଗସ୍ତ କରିଥିବା ଜିଲ୍ଲା ଶିଶୁ ସୁରକ୍ଷା ସମିତିର ସମସ୍ତ ସଦସ୍ୟ ମିଶି ଝିଅଙ୍କ ଗ୍ରାମ ଚୁରାଗାଁକୁ ସମ୍ପୃକ୍ତ ଝିଅ ଓ ପରିବାର ସଦସ୍ୟ ତଥା ଅଙ୍ଗନବାଡି କର୍ମୀ ଗ୍ରାମବାସୀଙ୍କ ଉପସ୍ଥିତିରେ ତଦନ୍ତ କରିଥିଲେ। ବିବାହ ହେବାକୁ ଥିବା ସମ୍ପୃକ୍ତ ଝିଅର ବୟସ ୧୬ ବର୍ଷ ୧୦ମାସ ବୋଲି ଜଣା ପଡ଼ିଥିଲା। ଏହାପରେ ପ୍ରଶାସନିକ ଦଳ ଝିଅର ପରିବାର ସଦସ୍ୟଙ୍କୁ ବୁଝାସୁଝା କରିଥିଲେ। ସେମାନେ ରାଜି ହୋଇ ୧୮ ବର୍ଷ ପରେ ବିବାହ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ପ୍ରଶାସନିକ ଦଳ ପୁଅ ଘର ଗ୍ରାମକୁ ଯାଇ ପୁଅ ଓ ପରିବାରକୁ ମଧ ବୁଝାସୁଝା କରିଥିଲେ। ପୁଅ ଘର ସଦସ୍ୟମାନେ ମଧ ବିବାହରୁ ବିରତ ରହିବାକୁ ରାଜି ହୋଇଥିଲେ। ଅନ୍ୟପକ୍ଷେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ସରକାର କାର୍ଯ୍ୟକ୍ରମର ଅଧିକାରୀ ଭାବେ ନିୟୋଜିତ କରିଥିବା ବେଳେ ସମ୍ପୃକ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଠାରେ ସୂଚନା ନ ପହଁଞ୍ଚିବା ପରିତାପର ବିଷୟ।



ବିଶ୍ୱନାଥପୁରରେ ସବରେଜିଷ୍ଟ୍ରାର କାର୍ଯ୍ୟାଳୟ ପ୍ରତିଷ୍ଠାକୁ ବିରୋଧ

# ଲାଞ୍ଜିଗଡ଼ରେ ୧୨ ଘଣ୍ଟିଆ ବନ୍ଦ ପାଳନ

**ଲାଞ୍ଜିଗଡ଼, ୫।୨(ସମିସ)**

ଦୀର୍ଘ ଦିନର ଦାବି ଓ ଅଞ୍ଚଳବାସୀଙ୍କ ପ୍ରତୀକ୍ଷା ଆଜି ଶେଷ ହୋଇଛି। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ତହସିଲ କାର୍ଯ୍ୟାଳୟ ବିଶ୍ୱନାଥପୁର ଠାରେ ନୂତନ ସବରେଜିଷ୍ଟ୍ରାର କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ତରଫରୁ ଗୁରୁବାର ରାଜ୍ୟର ୫୭ଟି ନୂତନ ସବରେଜିଷ୍ଟ୍ରାର କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ, ରାଜସ୍ୱ ମନ୍ତ୍ରୀ ସୁରେଶ ଚନ୍ଦ୍ର ପୂଜାରୀ ପ୍ରମୁଖ ଭିଡିଓ କନଫରେନସିଂ ଜରିଆରେ ଲୋକାର୍ପଣ କରିଛନ୍ତି। ଏହିକ୍ରମରେ କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ତହସିଲ କାର୍ଯ୍ୟାଳୟ ବିଶ୍ୱନାଥପୁର ପରିସରରେ କାର୍ଯ୍ୟାଳୟ ଲୋକାର୍ପିତ ହୋଇଥିଲା। ଲାଞ୍ଜିଗଡ଼ ତହସିଲଦାର ବନମାଳୀ ମେହେରଙ୍କ ସମେତ ତହସିଲ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଲାଞ୍ଜିଗଡ଼ ବ୍ଲକର ମୁଖ୍ୟାଳୟ ବିଶ୍ୱନାଥପୁର ବ୍ଲକର୨୬ଟି ପଞ୍ଚାୟତର କେନ୍ଦ୍ରସ୍ଥଳରେ ଥିବାବେଳେ ଦୀର୍ଘ ଚାରିଦଶନ୍ଧିରୁ ଅଧିକ ସମୟ ହେଲା ଏଠାରେ ବ୍ଲକ, ତହସିଲ ସମେତ ଅନେକ ସରକାରୀ କାର୍ଯ୍ୟାଳୟ ସ୍ଥାପିତ ହୋଇଛି। ସେହିପରି ବ୍ଲକର ସମସ୍ତ ଅଞ୍ଚଳରୁ ବିଶ୍ୱନାଥପୁରକୁ ସମ ଦୂରତା ଓ ସମସ୍ତ ପ୍ରକାର ଯୋଗାଯୋଗ ସୁବିଧା ରହିଥିବାରୁ ଏଠାରେ ସବରେଜିଷ୍ଟ୍ରାର କାର୍ଯ୍ୟାଳୟ ସ୍ଥାପନ ଅଞ୍ଚଳର ବିକାଶ ଦିଗରେ ଏକ ନୂତନ ଫର୍ଦ୍ଦ ଯୋଡ଼ି ହୋଇଛି। ଏବେ ଲାଞ୍ଜିଗଡ଼ ତହସିଲ ଅନ୍ତର୍ଗତ ୨୬ଟି ପଞ୍ଚାୟତ, ୯ଟି ରାଜସ୍ୱ ସର୍କଲର ସମୁଦାୟ ୪୮୩ଟି ରାଜସ୍ୱ ଗାଁର ଲୋକେ ଜମିଜମା ସଂକ୍ରାନ୍ତୀୟ କାରବାରରେ କାର୍ଯ୍ୟାଳୟ ଦ୍ୱାରା ଲାଭବାନ ହେବେ। ବିଶ୍ୱନାଥପୁରଠାରେ ନୂତନ ଭାବେ ଲୋକାର୍ପିତ ସବ ରେଜିଷ୍ଟ୍ରାର କାର୍ଯ୍ୟାଳୟର ସବରେଜିଷ୍ଟ୍ରାର ଭାବେ ଲାଞ୍ଜିଗଡ଼ ତହସିଲଦାରଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଖୁବ ଶୀଘ୍ର ଏଠାରେ ରେଜିଷ୍ଟ୍ରେସନ କାର୍ଯ୍ୟ ଆରମ୍ଭ ହେବ ଏବଂ ସମ୍ପୂର୍ଣ୍ଣ ଭାବେ ଅନଲାଇନ ଜରିଆରେ ବିନା କୌଣସି ମଧ୍ୟସ୍ଥିରେ ଏହା ସମ୍ଭବ ହେବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଆଜିର ଲୋକାର୍ପଣ ଅବସରରେ କୁହାଯାଇଛି। ବିଶ୍ୱନାଥପୁରଠାରେ ସବରେଜିଷ୍ଟ୍ରାର କାର୍ଯ୍ୟାଳୟ ଉଦ୍‌ଘାଟନକୁ ବ୍ଲକ ଅଞ୍ଚଳବାସୀ ସ୍ୱାଗତ କରିବା ସହିତ ବିଭିନ୍ନ ସ୍ଥାନରେ ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଲେଖାଥିବା ବ୍ୟାନର ଲାଗିଥିବା ଦେଖିବାକୁ ମିଳିଥିଲା। ଏପରିକି ବିଭିନ୍ନ ସ୍ଥାନରେ ବାଣ ଫୁଟାଇ, ମିଠା ବାଣ୍ଟି ବହୁ ସଂଖ୍ୟାରେ ଲୋକେ ଖୁସି ମନାଉଥିବା ଦେଖିବାକୁ ମିଳିଥିଲା। ଅପରପକ୍ଷରେ ବିଶ୍ୱନାଥପୁରଠାରେ ନୂତନ ସବରେଜିଷ୍ଟ୍ରାର କାର୍ଯ୍ୟାଳୟ ଉଦ୍‌ଘାଟନକୁ ବିରୋଧ କରି ଲାଞ୍ଜିଗଡ଼ରେ ବିକ୍ଷୋଭ ପ୍ରଦର୍ଶନ କରି ଆନ୍ଦୋଳନକାରୀ କଳା ବସ୍ତ୍ର ପରିଧାନ କରି ଶୋଭାଯାତ୍ରାରେ ରଣହୁଙ୍କାର ଦେବା ସହ ସମଗ୍ର ଲାଞ୍ଜିଗଡ଼ ଦୋକାନ ବଜାର, ବିଦ୍ୟାଳୟ ସହ ରାସ୍ତା ଘାଟ ୧୨ ଘଣ୍ଟା ପାଇଁ ବନ୍ଦ କରିଦେଇଥିଲେ। ଲାଞ୍ଜିଗଡ଼ ଅଞ୍ଚଳର ଲୋକେ ୪ ଘଣ୍ଟା ସମୟରୁ ବିଶ୍ୱନାଥପୁରସ୍ଥିତ ତହସିଲ କାର୍ଯ୍ୟାଳୟ ସାମ୍ନାରେ ପହଞ୍ଚି ବିରୋଧ ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଥିଲା। ପରିସ୍ଥିତି ଉତ୍ତେଜନା ପୂର୍ଣ୍ଣ ହେବା ଆଶଙ୍କା କରି କଳାହାଣ୍ଡି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶରେ କେସିଙ୍ଗା ଏସ୍‌ଡିପିଓ ସନ୍ଦୀପ ମାଝୀ, ବିଶ୍ୱନାଥପୁର ଥାନାଧିକାରୀ ତୁଳସୀରାମ ଶବରଙ୍କ ନେତୃତ୍ୱରେ ବ୍ୟାପକ ପୁଲିସ ବଳ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ନିୟୋଜିତ ଥିଲେ।






# ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଓ ପ୍ରାଣୀ ସମ୍ପଦ ବିଭାଗର ସମୀକ୍ଷା

**ନୂଆପଡ଼ା, ୫।୨(ସମିସ):** ନୂଆପଡ଼ାରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ଜିଲ୍ଲାସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକର ଆରମ୍ଭରେ ସହାୟକ ନିର୍ବାହୀ ଯନ୍ତ୍ରୀ (କୃଷି)ଓ ଡିଏମ, ଆପିକଲ ସନ୍ଦୀପ କୁମାର ଜୋଜୋ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। ବୈଠକରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅଧୀନରେ ମୋଟ ୮ଟି ଆବେଦନ ଗ୍ରହଣ ହୋଇଥିବା ନେଇ ଆଲୋଚନା ହୋଇଥିଲା।ଏଥିରେ ୭ଟି ବ୍ରଏଲର ଫାର୍ମ ଓ ଗୋଟିଏ ଡାଏରୀ ଫାର୍ମ ଅନ୍ତର୍ଭୁକ୍ତ ରହିଛି। ଜିଲ୍ଲାପାଳ ସମସ୍ତ ପ୍ରକଳ୍ପର ଖର୍ଚ୍ଚ, ପ୍ରଗତି ସ୍ଥିତି ସମୀକ୍ଷା କରି ହିତାଧିକାରୀଙ୍କୁ ରିହାତି ଯୋଗାଣ ଉପରେ ଆଲୋଚନା କରି ସମସ୍ୟାର ଶୀଘ୍ର ସମାଧାନ ପାଇଁ ସମ୍ବନ୍ଧିତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ କୁମାର ନାୟକ, ନାବାର୍ଡର ଡିଡିଏମ୍ ସୁନାରାମ ମାଝୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଶ୍ରୀ ଅରବିନ୍ଦ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ହରେକୃଷ୍ଣ ଚାନ୍ଦ ହାଁସଦା, ଏଡିଭିଓ, ଡଃ କେ ପି ଦୋରା, ଏଲଡିଏମ୍ ହରିଶଙ୍କର ନିଆଲ୍ ପ୍ରମୁଖ ଉପସ୍ଥିତ ଥିଲେ।ଏହା ସହିତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ପ୍ରାଣୀସମ୍ପଦ ବିଭାଗର ଜିଲ୍ଲାସ୍ତରୀୟ କମିଟି ବୈଠକ ମଧ ଅନୁଷ୍ଠିତ ହୋଇଥିଲା। ଗୋ-ସୁଗମ ପୋର୍ଟାଲ ମାଧ୍ୟମରେ ଫଡର ଉଦ୍ୟୋଗ, ସେମି-କମର୍ସିଆଲ ଗୋ ପାଳନ, ଛେଳି ପାଳନ, ମହିଳା ବାଛୁରୀ ପାଳନ ଓ ଅନ୍ୟାନ୍ୟ ଯୋଜନା ଅଧୀନରେ ମୋଟ ୨୩୪ଟି ଆବେଦନ ଗ୍ରହଣ ହୋଇଥିବା ନେଇ ଅବଗତ କରାଯାଇ ବୈଠକରେ ଅନୁମୋଦନ କରାଯାଇଥିଲା। ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ମିଶନ ଶକ୍ତିର ଡିପିସି ସୁନୀଲ କୁମାର ମଲ୍ଲିକ, ଏଡିଭିଓ ଡ. ସିମ୍ପୋନି ମହାନ୍ତି, ଏଡିଭିଓ ଡ. ସୁଧାଂଶୁ ଶେଖର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।




# ବିଧାନସଭା ନିର୍ବାଚନ ମଣ୍ଡଳୀ ପୁନଃଗଠନ ନେଇ ଆଲୋଚନା

**କୋକସରା, ୫।୨ (ସମିସ):** ସର୍ବପୁରାତନ କୋକସରା ବିଧାନସଭା ନିର୍ବାଚନ ମଣ୍ଡଳୀକୁ ୨୦୦୯ ମସିହାରେ ସୀମା ପୁନଃଗଠନ ହେତୁ ଉଛେଦ କରି ଧର୍ମଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଅନ୍ତର୍ଭୁକ୍ତ କରିଦିଆ ଗଲା। ତେବେ ଗତ କିଛିଦିନ ତଳେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଧାନସଭା ପୁନଃ ଗଠନ ନେଇ ଗଣମାଧ୍ୟମରେ ଖବର ପ୍ରକାଶିତ ହେବାପରେ ଅଞ୍ଚଳବାସୀଙ୍କ ମଧ୍ୟରେ କୋକସରା ନିର୍ବାଚନ ମଣ୍ଡଳୀକୁ ପୁନଃ ଗଠନ ନେଇ ଆଶା ଉଜ୍ଜୀବିତ ହୋଇଛି। କୋକସରା ବ୍ଲକ ପକ୍ଷରୁ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଛି। ବ୍ଲକର ବିଭିନ୍ନ ପଞ୍ଚାୟତରେ ବୈଠକ ଆୟୋଜିତ କରି ଜନମତ ସଂଗ୍ରହ ଓ ଦାବିକୁ ରାଜ୍ୟ ସରକାରଙ୍କ ନିକଟରେ ଜଣାଇବାକୁ ପାଇଁ ଦାବି ତେଜିବାରେ ଲାଗିଛି। ଗୁରୁବାର ବ୍ଲକର ବରାଡଙ୍ଗା ଗ୍ରାମରେ ନରେନ୍ଦ୍ର ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତ ବାସୀମାନେ ଯୋଗଦେଇ ଦାବିକୁ ଯଥାର୍ଥ ବୋଲି କହିବା ସହ ଆମର ପୂର୍ବ ଗୌରବ ଫେରାଇ ଆଣିବାକୁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି। ବୈଠକରେ କ୍ରିୟାନୁଷ୍ଠାନ କମିଟିର ସଭାପତି ରାଜୀବ କୁମାର ଅଗ୍ରୱାଲ, କମିଟିର ସଦସ୍ୟ ପୁରୁଷୋତ୍ତମ ଗୁପ୍ତା, ଶ୍ରୀନିବାସ ପ୍ରଧାନୀ, ଧବଳେଶ୍ୱର ନାଗ, ମହେନ୍ଦ୍ର ନେଗି, ନବୀନ ନାଏକଙ୍କ ଉପସ୍ଥିତିରେ ପଞ୍ଚାୟତସ୍ତରୀୟକମିଟି ଗଠନ କରାଯାଇଛି। କମିଟିର ସଂଯୋଜକଙ୍କ ନେତୃତ୍ୱରେ ଗୁପ୍ତେଶ୍ୱର ବାଗ, ନବୀନ ପଟେଲ, ମନୋଜ ନାଏକ, ଅନୁପ କୁମାର ଯୋଶୀ, ଭୁବନେଶ୍ୱର ନାଗ, ଚୈତନ୍ୟ ସାହୁ, ସୁଦାମ ଚରଣ ବାଗ, ସୀମାଞ୍ଚଳ ମାଝୀ, ସାଧୁରାମ ମାଝୀ, ନରେନ୍ଦ୍ର ଧଙ୍ଗଡ଼ା ମାଝୀ, ଗୋକୁଳ ବାରିକ, ସିଦ୍ଧେଶ୍ୱର ନାଏକଙ୍କୁ ମନୋନୀତ କରାଯାଇଛି। ପରବର୍ତ୍ତୀ ବୈଠକ ବଡ଼ପୋଡାଗୁଡା ପଞ୍ଚାୟତରେ ଆସନ୍ତା ୧୨ ତାରିଖରେ ହେବାକୁ ନିଷ୍ପତ୍ତି ନିଆଯାଇଛି।



# ସାଳିଆ ପତନି ଉଦ୍ଧାର



**କେସିଙ୍ଗା, ୫।୨(ସମିସ):** କଳାହାଣ୍ଡି ଜିଲ୍ଲାର କେସିଙ୍ଗା ବ୍ଲକର ପ୍ରସିଦ୍ଧ ଯୋଗମାୟା ପୀଠ ଗୁର୍ଜିମୁଣ୍ଡା ସ୍ଥିତ ଦେବଗୁମ୍ଫା ବିରିପୁରା ପାହାଡ଼ରେ ଆହତ ଜଙ୍ଗଲି ସାଳିଆ ପତନିକୁ ଉଦ୍ଧାର ଓ ଚିକିତ୍ସା କରି ଜଙ୍ଗଲରେ ଛାଡିଛି କେସିଙ୍ଗା ବନ ବିଭାଗ। ବିରିପୁରା ପାହାଡ଼ ଦେବଗୁମ୍ଫା ଠାରେ ଗୋଟିଏ ସାଳିଆ ପତନି ଆହତ ହୋଇଥିବା ଦେଖିବାକୁ ମିଳିଥିଲା। ଜନ୍ତୁ ଦେହରେ ଭୀଷଣ ଝିଙ୍କ କଣ୍ଟା ଲାଗିଥିବାରୁ କୌଣସି ଝିଙ୍କର ଆକ୍ରମଣ ଯୋଗୁଁ ଏଭଳି ହୋଇଥିବା ବନ ବିଭାଗ ସନ୍ଦେହ କରୁଛି।ଫଳରେ ଝିଙ୍କ କଣ୍ଟାର ଯନ୍ତ୍ରଣାରେ ଛଟ ପଟ ହୋଇ ଚଳ ପ୍ରଚଳ କରିନପାରି ଗୋଟିଏ ସ୍ଥାନରେ ପଡ଼ି ରହିଥିଲା। ଦେବଗୁମ୍ଫାର ପୂଜକ କେସିଙ୍ଗା ବନଖଣ୍ଡ ଅଧିକାରିଣୀ ସିଂଧା ବଳିୟାର ସିଂ ଙ୍କୁ ଫୋନ୍ ଯୋଗେ ଖବର ଦେଇଥିଲେ। ବନପାଳ ଯଶୋବନ୍ତ ନାଏକଙ୍କ ନେତୃତ୍ୱରେ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଆହତ ସାଳିଆ ପତନିକୁ ଉଦ୍ଧାର କରି ତା ମୁହଁରେ ଲାଗିଥିବା ଝିଙ୍କ କଣ୍ଟା କାଢ଼ି ଜଙ୍ଗଲରେ ଛାଡି ଦେଇଥିଲେ।

# ଏସ୍ଏସ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଲାଞ୍ଜିଗଡ଼, ୫।୨(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ସ୍ଥିତ ସରକାରୀ ଏସଏସଡି ଉଚ୍ଚ ମାଧମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନଶିକ୍ଷକ ପାର୍ଥିବ ତାଣ୍ଡି ଓ ଯୁକ୍ତ-୨ବାଣିଜ୍ୟ ଓ ବିଜ୍ଞାନ ବିଭାଗର ଅଧ୍ୟକ୍ଷ ଉମାକାନ୍ତ ବେଣୁପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ଜୋନ୍-୨ ଜିଲ୍ଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଲାଞ୍ଜିଗଡ଼ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ସ୍ୱତନ୍ତ୍ର ଅଧିକାରୀ ଶରତ ଚନ୍ଦ୍ର ସାହୁ, ଓ ବିଶିଷ୍ଟ ଅତିଥିଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତରଯାମି କହଁର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଥୁଆମୂଳ ରାମପୁର ପିଏଆଇଟିଡିଏ ପ୍ରଦ୍ୟୁମ୍ନ କୁମାର ଦାସ, ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଲାଞ୍ଜିଗଡ଼ ପଞ୍ଚାୟତ ସମିତି ଉପାଦକ୍ଷ ସଞ୍ଜୀବ କୁମାର ନାୟକ, ଲାଞ୍ଜିଗଡ଼ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟକାନ୍ତ ଭୋଇ, ବ୍ଲକ ମଙ୍ଗଳ ଅଧିକାରୀ ପଙ୍କଜ ବଳିଆର ସିଂ, ସ୍କୁଲ ପରିଚାଳନା କମିଟି ସଭାନେତ୍ରୀ ସଞ୍ଜୁ ମାଝୀ, ଲାଞ୍ଜିଗଡ଼ ପୂର୍ବତନ ସରପଞ୍ଚ ସୁଶ୍ରୀ ମଣି ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ମାନଙ୍କ ଦ୍ୱାରା ଗଣେଶ ମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅଧ୍ୟାପକ ମାନସ ରଞ୍ଜନ ରଥ ପରିଚାଳନା କରିଥିବା ବେଳେପ୍ରଧାନଶିକ୍ଷକ ପାର୍ଥିବ ତାଣ୍ଡି ବିଦ୍ୟାଳୟର ବାର୍ଷିକ ପାଠ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସୁନାମ ଅର୍ଜନ କରିଥିବା ବେଳେ ଅତିଥିମାନେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ନିହାରକାନ୍ତ ବିଶ୍ୱାଳ, କାଶି ବିଶ୍ୱନାଥ ରଣସିଙ୍ଘ, ଭବେଶ ପାଟଯୋଶୀ, ଆଲୋକ ସାହୁ, ଅଧ୍ୟାପକ ଡ଼.ମାନସ ରଞ୍ଜନ ରଥ, ହରଧନ ଦେବନାଥ, ଦିଲ୍ଲୀପ କୁମାର ମହନ୍ତ, ପି. ପ୍ରିୟଦର୍ଶୀନୀ ପାତ୍ର, ହରୀକୃଷ୍ଣ ବିଶୋଇ, ଜଗମୋହନ ସାହୁ, ଅକ୍ଷୟ କୁମାର ପୁରୋହିତ, ଖେଳଶିକ୍ଷକପରମେଶ୍ୱର ହରିଜନ, ପାର୍ଥିବ ସାରଥୀ ବାରିକ, ଦେବେନ୍ଦ୍ର କୁମାର ଧଙ୍ଗଡ଼ାମାଝୀ, ଜୋଶବନ୍ତି ଶବର, ସୁନୀଲ ଛତର, ସୁମନ୍ତ ସା, ମଧୁସୂଦନ ବାଗ, ସୀମାଞ୍ଚଳ କାଡ୍ରକା, ସୁନିତା ବେହେରା, ସୁଶାନ୍ତ ମାଝୀ, କେ. ଶଙ୍କର ଆଚାରି, ସୁନିତା ଧଙ୍ଗଡ଼ା ମାଝୀ, ବିଳାସିନୀ ସେଠ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅଧ୍ୟକ୍ଷ ଉମାକାନ୍ତ ବେଣୁପାଣି ଧନ୍ୟବାଦ ଅର୍ପଣ କରିଥିଲେ।





# କେନ୍ଦ୍ର ସମବାୟ ବ୍ୟାଙ୍କର ବାର୍ଷିକ ଉତ୍ସବ

**ଭବାନୀପାଟଣା, ୫।୨ (ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ବାର୍ଷିକ ଉତ୍ସବ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ରିଷିଗାଁ ଛକ ଏସଏନ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ସଭାପତି ଗିରୀଶ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ଅତିଥି ଭାବେ ବ୍ୟାଙ୍କର ପରିଚାଳନା ପରିଷଦର ଉପସଭାପତି ନନ୍ଦିନୀ ସାହୁ, ଏଜିଏମ୍ ପ୍ରତୀକ୍ଷା ମିଶ୍ର, ବିଶ୍ୱ ରଞ୍ଜନ ସାହୁ, ସଭ୍ୟ ଜିତେନ୍ଦ୍ର ନାରାୟଣ ସିଂ ଦେଓ, ମନୋଜ କୁମାର ସାହୁ, ଜୟଧର ମାଝୀ, ଟିକମନ ବାରିକ, ପ୍ରମୋଦିନି ରାଉତ, ଯୁଗଳ କିଶୋର ପୋଢ, ଦେବରାଜ ମାଝୀ, ରମେଶ ଚନ୍ଦ୍ର ସାହୁ, ରାମ ଚନ୍ଦ୍ର ଶବର, ଚନ୍ଦନ କୁମାର ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ସମବାୟ ବ୍ୟାଙ୍କ ଦ୍ୱାରା ଚାଷୀମାନେ କିପରି ଅଧିକ ଉପକୃତ ହେବେ ସେନେଇ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ସମବାୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶ୍ରୀ ବନଲତା ଧଳ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ସଭାରେ କଳାହାଣ୍ଡି ଉପନିବନ୍ଧକ ସମବାୟ ସମିତି ସମୂହ, ଜିଲ୍ଲା ଉନ୍ନୟନ ଅଧିକାରୀ ଜାତୀୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ, କଳାହାଣ୍ଡି, ସହକାରୀ ନିର୍ଦ୍ଦେଶକ ବୟନ ଶିଳ୍ପ, ସହକାରୀ ନିବନ୍ଧକ ସମବାୟ ସମିତି ତଥା ବ୍ୟାଙ୍କର ଅଂଶୀଦାର ସଭ୍ୟ ଓ ସଭ୍ୟାମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଚନ୍ଦ୍ରଧ୍ୱଜ ମଙ୍ଗରାଜ ଓ ଅଞ୍ଜଳି ଖମାରୀ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ବ୍ୟାଙ୍କର ସଭାପତି ଶ୍ରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଦୋକାନୀଙ୍କୁ ବଣ୍ଟାଗଲା ଡଷ୍ଟବିନ୍

**କୋମନା, ୫।୨(ସମିସ):** ପଞ୍ଚାୟତକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ପାଇଁ ଏକ ସ୍ତୁତ୍ୟ ପଦକ୍ଷେପ ଗ୍ରହଣ କରିଛନ୍ତି ନୂଆପଡ଼ା ଜିଲ୍ଲା କୋମନା ପଞ୍ଚାୟତର ସରପଞ୍ଚ ମୃତ୍ୟୁଞ୍ଜୟ ପାଣିଗ୍ରାହୀ। ଗାଁର ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ଲକ୍ଷ୍ୟରେ ସେ ସ୍ଥାନୀୟ ଦୋକାନୀମାନଙ୍କୁ ଡଷ୍ଟବିନ୍ (ଆବର୍ଜନା ପାତ୍ର) ବଣ୍ଟନ କରିଛନ୍ତି। ପଞ୍ଚାୟତର ମୁଖ୍ୟ ବଜାର ଏବଂ ଛକ ଜାଗାଗୁଡ଼ିକରେ ବ୍ୟବସାୟୀମାନେ ଅନେକ ସମୟରେ ଅଳିଆ ଆବର୍ଜନା ରାସ୍ତା ଉପରକୁ ଫିଙ୍ଗିଥାନ୍ତି, ଯାହାଦ୍ୱାରା ପରିବେଶ ପ୍ରଦୂଷିତ ହେବା ସହ ଦୁର୍ଗନ୍ଧ ବ୍ୟାପିଥାଏ। ଏହାକୁ ରୋକିବା ପାଇଁ ସରପଞ୍ଚ ନିଜେ ବଜାରରେ ବୁଲି ପ୍ରତ୍ୟେକ ଦୋକାନୀଙ୍କୁ ସ୍ୱଚ୍ଛତା ପ୍ରତି ସଚେତନ କରିବା ସହ ଡଷ୍ଟବିନ୍ ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି।ସଚେତନତା ବାର୍ତ୍ତା: ଆମ ପଞ୍ଚାୟତ, ଆମ ଗର୍ବ-ଏହି ମନ୍ତ୍ରକୁ ସାର୍ଥକ କରିବାକୁ ସରପଞ୍ଚ ସମସ୍ତଙ୍କୁ ନିବେଦନ କରିଛନ୍ତି। ଆଗାମୀ ଦିନରେ କୋମନାକୁ ଏକ ଆଦର୍ଶ ସ୍ୱଚ୍ଛ ପଞ୍ଚାୟତ ଭାବେ ଗଢ଼ିତୋଳିବାକୁ ଲକ୍ଷ୍ୟ ରଖିଛନ୍ତି।



ନୂଆପଡ଼ାରେ ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ

# ଦ୍ୱିତୀୟ ଦିନରେ ଛାୟା ସଂସଦ

**ନୂଆପଡ଼ା, ୫।୨(ସମିସ)**

ନୂଆପଡ଼ା ନ୍ୟାସନାଲ ହାଇସ୍କୁଲ ପରିସରରେ ଆୟୋଜିତ ହେଉଥିବା ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଦ୍ୱିତୀୟ ଦିନରେ ଏକ ଛାୟା ସଂସଦ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ ସିଂ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲାର ୧୨ଟି ପିଏମ୍ ବିଦ୍ୟାଳୟରୁ ୬୫ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାୟା ସଂସଦରେ ଛାତ୍ରଛାତ୍ରୀ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ବିଭିନ୍ନ ମନ୍ତ୍ରୀ, ବିରୋଧୀ ଦଳ ନେତା, ବାଚସ୍ପତି ଓ ଉପବାଚସ୍ପତି ଭୂମିକା ସୁନ୍ଦର ଭାବରେ ନିର୍ବାହ କରି ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରତିରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ରୀୟ ବିଷୟ ଉପରେ ଗଭୀର ଆଲୋଚନା ଓ ଚର୍ଚ୍ଚା କରିଥିଲେ।ଏହି ଅବସରରେ ସଦସ୍ୟମାନଙ୍କ ଦ୍ୱାରା କେନ୍ଦ୍ରୀୟ ବଜେଟ, ରେଳ ବଜେଟ ଓ ପ୍ରତିରକ୍ଷା ବିଲ୍ ଆଗତ କରାଯାଇଥିଲା। ବିଭିନ୍ନ ପ୍ରସଙ୍ଗରେ ସଦନରେ ଜୋରଦାର ଚର୍ଚ୍ଚା ଓ ତର୍କ ବିତର୍କ ଦେଖାଯାଇଥିଲା। କେତେକ ସମୟରେ ସଦନରେ ହଙ୍ଗାମା ସୃଷ୍ଟି ହେବା ପରେ ବାଚସ୍ପତି ଓ ଉପବାଚସ୍ପତିଙ୍କ ଦ୍ୱାରା ସଦନ ମୁଲତବି ଘୋଷଣା କରାଯାଇଥିଲା, ଯାହା ଏକ ପ୍ରକୃତ ପାର୍ଲାମେଣ୍ଟର ଅନୁଭୂତି ସୃଷ୍ଟି କରିଥିଲା। କାର୍ଯ୍ୟକ୍ରମରେ, ଡିଏଭି କଲେଜ ଟିଟିଲାଗଡ଼ର ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ ଶିବ ପ୍ରସାଦ ବେହେରା, ଜିଲ୍ଲା ଶିକ୍ଷା ଅଧିକାରୀ ଡଃ ପ୍ରଶାନ୍ତ କୁମାର ମହାନ୍ତି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡଃ ରେଶମଲାଲ ନାୟକ, ସୁଧାଂଶୁ ଶେଖର ମିଶ୍ର, ବିଇଓ ଗୀତାଞ୍ଜଳୀ ଯୋଶୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡାଙ୍କ ସହ ଅନ୍ୟାନ୍ୟ ଅଧିକାରୀଗଣ, ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ ପ୍ରଧାନଶିକ୍ଷକ ପ୍ରବୋଧ କୁମାର ହୋତା, ପିଏମ୍‌ଶ୍ରୀ ଖରିଆର ରୋଡ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ। ଶିକ୍ଷକ ସୁକାନ୍ତ ଶତପଥି, ଶଙ୍କର୍ଷଣ ପୁରୋହିତ, ତୁଳାରାମ ପଟେଲ, ଅଶୋକ ବେହେରା, ଶରତ କୁମାର ପଣ୍ଡା, ମୋହନ କୁମାର ମହନ୍ତ, ଶିଶୁପାଳ ତାଣ୍ଡି, ଜିତୁ ଖମାରୀ, ବବିତା ରଣା ପ୍ରମୁଖ ସହଯୋଗ କରିଥିଲେ। ନୂଆପଡ଼ାରେ ପ୍ରଥମ ଥର ପାଇଁ ଆୟୋଜିତ ହୋଇଥିବା ଛାୟା ସଂସଦ ଛାତ୍ରଛାତ୍ରୀ ତଥା ଦର୍ଶକଙ୍କୁ ବହୁତ ଉତ୍ସାହିତ କରିଥିଲା।



# ଜିଲ୍ଲା ମହିଳା ଓ ଶିଶୁ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**କଲମପୁର, ୫।୨(ସମିସ):** କଲମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ତ ପଣ୍ଡିଗାଁ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ନାଏକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀଣୀ ସୁଶ୍ରୀ ମଧୁସ୍ମିତା ନାଏକ ଯୋଗ ଦେଇଥିବା ବେଳେ ସ୍ୱତନ୍ତ୍ର ଅତିଥି ଭାବେ କଲମପୁର ଥାନା ଏଏସ୍ଆଇ ଶିବ ଶଙ୍କର ମହାନ୍ତି, ସମ୍ମାନିତ ଅତିଥି ଭାବେ ପଣ୍ଡିଗାଁ ସରପଞ୍ଚ କବିତା ଜୈନ, ସମାଜସେବୀ ସୁଶିଲ ଜୈନ ଯୋଗ ଦେଇଥିଲେ।ଜିଲ୍ଲା ମହିଳା ଓ ଶିଶୁ ବିଭାଗ ପକ୍ଷରୁ ଆୟୋଜିତ ହୋଇଥିବା ବେଳେ ଜିଲ୍ଲା ଶିଶୁ ସୁରକ୍ଷା ସମିତିରୁ ସୁଧାଂଶୁ ଶେଖର ମହାପାତ୍ର ଯୋଗଦେଇ ଶିଶୁ ସୁରକ୍ଷା ଓ ବାଲ୍ୟ ବିବାହ ଉପରେ ମାର୍ଗ ଦର୍ଶନ କରିଥିଲେ। ସରକାରଙ୍କ ତରଫରୁ ଜାରି ଟୋଲ ଫ୍ରି ହେଲ୍ପଲାଇନ ନମ୍ବର ୧୦୮୯କୁ ବ୍ୟବହାର କରି ବାଲ୍ୟବିବାହ ରୋକିବାକୁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏହାପରେ ବାଲ୍ୟବିବାହ ନୀରୋଧ ସକାଶେ ଉପସ୍ଥିତ ସମସ୍ତେ ସପଥ ପାଠ କରିଥିଲେ। ତପୋବନ ବଣିଆ, ହୃଷୀକେଶ ଗହିର, ବିପ୍ଳବ ପ୍ରଧାନୀ ପ୍ରମୁଖ ଏଥିରେ ସହଯୋଗ କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଅଂଶଗ୍ରହଣ କରିଥିଲେ।



# ଏଣିକି ହ୍ୱାଟ୍ସଆପ୍‌ରେ ମିଳିବ ରାଜସ୍ୱ ସେବା

■ ଆଉ ୫୭ଟି ନୂଆ ସବ୍-ରେଜିଷ୍ଟ୍ରେସନ୍ ଅଫିସ୍ ଉଦ୍‌ଘାଟନ
■ ସବୁ ତହସିଲ୍‌ରେ ଖୋଲିଲା ଉପନିବନ୍ଧକ କାର୍ଯ୍ୟାଳୟ

ଭୁବନେଶ୍ୱର,୫।୨(ସମିସ): ଡିଜିଟାଲ୍ ମାଧ୍ୟମରେ ରାଜସ୍ୱ ସେବା ପ୍ରଦାନ କ୍ଷେତ୍ରରେ ରାଜ୍ୟ ସରକାର ଆଉ ପାଦେ ଆଗକୁ ବଢ଼ିଛନ୍ତି। ଗୁରୁବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜସ୍ୱ ସେବା ପ୍ରଦାନ ପାଇଁ କାର୍ଯ୍ୟକ୍ଷମ ଥିବା 'ହ୍ୱାଟ୍ସଆପ୍ ଚାଟ୍‌ବଟ'ରେ ଆଉ ୧୧ଟି ପ୍ରମୁଖ ରାଜସ୍ୱ ସେବାକୁ ସାମିଲ୍ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସେବାର ଆରମ୍ଭ କରିଛନ୍ତି। ଫଳରେ ଏଣିକି ଜନସାଧାରଣ ହ୍ୱାଟ୍ସଆପ୍‌ରେ ନଂ-୯୪୩୭୨୯୨୦୦୦ ନମ୍ବର ଜରିଆରେ ମ୍ୟୁଟେସନ କେସ୍, କୃଷି ଜମି କିସମ ପରିବର୍ତ୍ତନ, ବାସିନ୍ଦା ପ୍ରମାଣ ପତ୍ର, ଜାତି ପ୍ରମାଣ ପତ୍ର, ଆୟପ୍ରମାଣ ପତ୍ର, ଜନଜାତି ପ୍ରମାଣ ପତ୍ର, ଓବିସି ପ୍ରମାଣପତ୍ର, ଏସ୍‌ଇବିସି ପ୍ରମାଣପତ୍ର, ଲିଗାଲ୍‌ହେୟାର ପ୍ରମାଣପତ୍ର, ଇନ୍‌କମ୍ ଆଣ୍ଡ ଆସେଟ୍ ପ୍ରମାଣପତ୍ର, ଗାଡିଆନ୍‌ସିପ୍ ପ୍ରମାଣପତ୍ର ଭଳି ୧୧ଟି ଗୁରୁତ୍ୱପୂର୍ଣ୍ଣ ସେବାକୁ ତହସିଲ୍ କାର୍ଯ୍ୟାଳୟକୁ ନ ଯାଇ ହ୍ୱାଟ୍ସଆପ୍ ନମ୍ବରରେ ପାଇପାରିବେ।

ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ଆଜି ରାଜ୍ୟର ୧୭ଟି ଜିଲ୍ଲାର ୫୬ଟି ତହସିଲ୍‌ରେ ୫୭ଟି ନୂଆ ସବ୍-ରେଜିଷ୍ଟ୍ରେସନ୍ କାର୍ଯ୍ୟାଳୟର ମଧ୍ୟ ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ଆଜିଠାରୁ ରାଜ୍ୟର ସମସ୍ତ ୩୧୭ଟି ତହସିଲ୍‌ରେ ଉପନିବନ୍ଧକ (ସବ୍-ରେଜିଷ୍ଟ୍ରାର) କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହୋଇଛି। ଏଥିରେ କଟକ ତହସିଲ୍ ଅଧୀନରେ ଏକ ଅତିରିକ୍ତ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ମଧ୍ୟ ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୂର୍ବରୁ ଜମିଜମା ସଂକ୍ରାନ୍ତ କାମ ପାଇଁ ଲୋକଙ୍କୁ ଜିଲ୍ଲା ମୁଖ୍ୟାଳୟକୁ ଯିବାକୁ ପଡୁଥିଲା। ହେଲେ ଏବେ ସରକାରଙ୍କ ପାଖକୁ ଲୋକେ ଆସିବେ ନାହିଁ, ସରକାର ଲୋକଙ୍କ ପାଖକୁ ଯିବେ। ତେଣୁ, ସମସ୍ତ ତହସିଲ୍‌ରେ ସବ୍-ରେଜିଷ୍ଟ୍ରେସନ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ କରି ଆମେ ଏ କ୍ଷେତ୍ରରେ ଏକ ମାଇଲଷ୍ଟୋନ୍ ହାସଲ କରିଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ଆଗାମୀ ଦିନରେ ଭାଗଚାଷୀ ମାନଙ୍କ ପାଇଁ ପ୍ରଚଳିତ ଥିବା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଭାଗଚାଷୀଙ୍କ ଆଇନଗତ ଅଧିକାର ନଥିବାରୁ ସେମାନେ ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଭାଗଚାଷୀ ଓ ଜମି ମାଲିକଙ୍କୁ ଆଇନଗତ ସୁରକ୍ଷା ଦିଆଯିବା ସହିତ ଯେପରି ଉଭୟଙ୍କ ସ୍ୱାର୍ଥ ରକ୍ଷା ହେବ, ସେ ଦିଗରେ ଆଇନ୍ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗୀୟ ମନ୍ତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ରାଜସ୍ୱ ବିଭାଗରେ ନିଆଯାଇଥିବା ବିଭିନ୍ନ ସଂସ୍କାର ମୂଳକ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରି କହିଛନ୍ତି ଯେ ଗତ ବର୍ଷ ନଭେମ୍ବର ମାସରେ ରାଜ୍ୟର ୧୩ଟି ଜିଲ୍ଲାର ୪୪ଟି ତହସିଲରେ ଉପନିବନ୍ଧନ କାର୍ଯ୍ୟାଳୟ ଖୋଲାଯାଇଥିଲା, ଆଜି ଅବଶିଷ୍ଟ ୧୭ଟି ଜିଲ୍ଲାର ୫୬ଟି ତହସିଲରେ ୫୭ଟି ଉପନିବନ୍ଧନ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ କରାଗଲା। ଆଗାମୀ ଦିନରେ ସେବା ପାଇବାରେ ବିଳମ୍ବ ଘଟିଲେ, ଅଭିଯୋଗ ଗୁଡିକ ସିଧାସଳଖ ହ୍ୱାଟ୍ସଆପ୍ ମାଧ୍ୟମରେ ପଠାଯିବାର ବ୍ୟବସ୍ଥା କରାଯାଉଛି ବୋଲି ମନ୍ତ୍ରୀ କହିଥିଲେ।

## ମାଓ କମାଣ୍ଡର ମମତା ପଡ଼ିଆମିଙ୍କ ଆତ୍ମସମର୍ପଣ

# ମାଓମୁକ୍ତ ହେଲା କୋରାପୁଟ

କୋରାପୁଟ, ୫।୨(ସମିସ): କୋରାପୁଟ ହେଲା ମାଓମୁକ୍ତ ଜିଲ୍ଲା। ପଶ୍ଚିମାଞ୍ଚଳ ରେଞ୍ଜ ଡିଆଇଜି ଡ. କନୱର୍ ବିଶାଳ ସିଂ ଆଜି ଏପରି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସିପିଆଇ (ମାଓବାଦୀ) ସଂଗଠନ ଅଧୀନ ଓଡ଼ିଶା ଆନ୍ଧ୍ର ସୀମାନ୍ତର



ଜଣେ ପ୍ରମୁଖ ମହିଳା ଏରିଆ କମାଣ୍ଡର ମମତା ପଡ଼ିଆମି ଓରଫ୍ ମାମି ଓରଫ୍ ସୋନି ଗୁରୁବାର କୋରାପୁଟ ପୁଲିସ ନିକଟରେ ଆତ୍ମସମର୍ପଣ କରିବା ପରେ କୋରାପୁଟ ମାଓମୁକ୍ତ ହୋଇଛି ବୋଲି ସେ କହିଛନ୍ତି।

ଜିଲ୍ଲା ପୁଲିସ ମୁଖ୍ୟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏସ୍‌ପି ରୋହିତ ବର୍ମାଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଡ. ସିଂ କହିଛନ୍ତି ଯେ ଛତିଶଗଡ଼ ବିଜାପୁର ଜିଲ୍ଲା ମାମେଡ ଥାନା ମରତବାକୁ ପଞ୍ଚାୟତ ବାସିନ୍ଦା ମମତା ପଡ଼ିଆମି କିଛି ବର୍ଷ ତଳେ ମାଓ ସଂଗଠନରେ ଯୋଗ ଦେଇଥିଲେ। ସେ ଓଡ଼ିଶା, ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶରେ ସଂଘଟିତ ଏକାଧିକ ମାଓ କାର୍ଯ୍ୟକଳାପରେ ସାମିଲ ଥିଲେ। ମମତା ଆତ୍ମସମର୍ପଣ କରିବା ପରେ କୋରାପୁଟ ମାଓମୁକ୍ତ ଜିଲ୍ଲା ହୋଇଥିବା ଡିଆଇଜି କେ.ଭି ସିଂ ଘୋଷଣା କରିଛନ୍ତି। ଅନ୍ୟପକ୍ଷରେ, ମମତାଙ୍କ ନାଁରେ ସରକାରଙ୍କ ପକ୍ଷରୁ ଘୋଷିତ ୫ଲକ୍ଷ ୫୦ହଜାର ଟଙ୍କାର ପୁରସ୍କାର ରାଶି ସହ ବିବାହ ପାଇଁ ୨୫ ହଜାର, ମାଗଣା ଧନ୍ଦାମୂଳକ ତାଲିମ ପ୍ରଦାନ ଓ ତିନିବର୍ଷ ପର୍ଯ୍ୟନ୍ତ ମାସିକ ୧୦ ହଜାର ଟଙ୍କା ସହାୟତା ରାଶି, ଆବାସ ଯୋଜନାରେ ଘର, ରାସନ୍‌କାର୍ଡ, ମାଗଣା ଚାଉଳ ଯୋଗାଇ ଦିଆଯିବ ବୋଲି ଡିଆଇଜି ପ୍ରକାଶ କରିଛନ୍ତି। ମମତାଙ୍କ ନିକଟରୁ ପୁଲିସ ଏକ ଏସ୍‌ଏଲ୍‌ଆର୍ ବନ୍ଧୁକ ଜବତ କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ବିଏସଏଫ୍ କୋରାପୁଟ ସେକ୍ଟର୍ ଡିଆଇଜି ସତ୍ୟାନନ୍ଦ କାଞ୍ଜିଙ୍କ ସହ ବିଏସ୍‌ଏଫ, ଜିଲ୍ଲା ପୁଲିସ ଅଧିକାରୀ ଉପସ୍ଥିତ ଥିଲେ।

# ଯୁବକଙ୍କୁ ହତ୍ୟା କରି ଫୋପାଡ଼ିଦେଲେ

ମାଲକାନଗିରି, ୫।୨ (ସମିସ): ମାଲକାନଗିରି ଜିଲ୍ଲା ଆଦର୍ଶ ଥାନା ଅଧୀନ ଏମ୍‌ଭି-୧୬ ଗାଁ ନିକଟରେ ଥିବା ପତ୍ର ଗୋଦାମ ପାର୍ଶ୍ୱରୁ ଆଜି ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ, ସ୍ଥାନୀୟ ଅଞ୍ଚଳର ମୁକୁନ୍ଦ ବିଶ୍ୱାସଙ୍କ ପୁଅ ଉତ୍ତମ ବିଶ୍ୱାସ (୩୫)। ଉତ୍ତମଙ୍କ ଶରୀରରେ ଥିବା କ୍ଷତଚିହ୍ନ ଓ ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ



କରାଯାଉଛି। ସାଇଣ୍ଟିଫିକ୍ ଟିମ୍ ସହ ମାଲକାନଗିରି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ଏସ୍‌ପି ବିନୋଦ ପାଟିଲ ମଧ୍ୟ ଘଟଣାସ୍ଥଳରେ ତଦନ୍ତ କରିଥିଲେ। ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହୋଇନଥିବା ବେଳେ ପୂର୍ବଶତ୍ରୁତାରୁ ହୋଇଥାଇପାରେ ବୋଲି କୁହାଯାଉଛି। ଶବ ପାଖରୁ କିଛି ମଦ ବୋତଲ ଜବତ କରାଯାଇଥିବାରୁ ଅଭିଯୁକ୍ତମାନେ ଉତ୍ତମଙ୍କୁ ମଦ ପିଆଇବା ପରେ ତାଙ୍କୁ ହତ୍ୟା କରିଥାଇପାରନ୍ତି ବୋଲି ମଧ୍ୟ ସନ୍ଦେହ କରାଯାଉଛି। ଏହି ଘଟଣାରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ଅନୁମାନ କରାଯାଉଛି। ପୁଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି। ସୂଚନାନୁସାରେ, ଉତ୍ତମ ଗତରାତିରୁ ନିଖୋଜ ଥିଲେ। ଆଜି ସକାଳେ ତାଙ୍କ ମୃତଦେହ ପତ୍ରଗୋଦାମ ନିକଟରେ କ୍ଷତବିକ୍ଷତ ଅବସ୍ଥାରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ଏନେଇ ମୃତକଙ୍କ ପରିବାରଲୋକ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି।

## କିଛି ସ୍ଥାନର ଇଂରାଜୀ ବନାନ ପରିବର୍ତ୍ତନକୁ ବିଜେଡିର କଟାକ୍ଷ

# ସୁଶାସନ ନୁହେଁ; ନାମ ଓ ରଙ୍ଗ ପରିବର୍ତ୍ତନ ପ୍ରାଥମିକତା ହୋଇଛି

ଭୁବନେଶ୍ୱର,୫।୨(ସମିସ): ରାଜ୍ୟର କିଛି ସ୍ଥାନର ଇଂରାଜୀ ବନାନ ପରିବର୍ତ୍ତନ କରିବା ପାଇଁ ରାଜ୍ୟ ବିଜେପି ସରକାର ଜାରି କରିଥିବା ବିଜ୍ଞପ୍ତିକୁ ବିଜୁ ଜନତା ଦଳ କଟାକ୍ଷ କରିଛି। ରାଜ୍ୟକୁ ସୁଶାସନ ପ୍ରଦାନ କରିବାରେ ସମସ୍ତ ଦିଗରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ସରକାର କେବଳ ନିଜ ବିଫଳତା ଉପରୁ ନଜର ହଟାଇବା ପାଇଁ ଏହିଭଳି ହୀନ ପଦକ୍ଷେପ ନେଇଛନ୍ତି ବୋଲି ଅଭିଯୋଗ କରିଛି ବିଜେଡି।

ଗୁରୁବାର ଜାରି ପ୍ରେସ୍ ବିଜ୍ଞପ୍ତିରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି, ଡବଲ ଇଞ୍ଜିନ, ଡବଲ ବିକାଶର ନାରା ଦେଇ ଓ ରାଜ୍ୟବାସୀଙ୍କୁ ଅନେକ ମିଛ ପ୍ରତିଶ୍ରୁତି ଦେଇ ବିଜେପି ରାଜ୍ୟରେ କ୍ଷମତାକୁ ଆସିଥିଲା। କିନ୍ତୁ କେବଳ ପ୍ରତିଶ୍ରୁତି ରକ୍ଷା କରିବାରେ ନୁହେଁ; ବରଂ ସୁଶାସନ ଦେବାରେ ମଧ୍ୟ ରାଜ୍ୟ ବିଜେପି ସରକାର ଗତ ୧୯ ମାସରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ରାଜ୍ୟ ସରକାରଙ୍କ କାର୍ଯ୍ୟ କେବଳ ନାମ ପରିବର୍ତ୍ତନ ଓ ରଙ୍ଗ ପରିବର୍ତ୍ତନରେ ସୀମିତ ହୋଇ ରହିଯାଇଛି। କ୍ଷମତାକୁ ଆସିବା ପରେ, ନବୀନଙ୍କ ସମୟରେ ଚାଲିଥିବା ଲୋକପ୍ରିୟ ଯୋଜନାଗୁଡିକର ନାମ ପରିବର୍ତ୍ତନ କରିଥିଲେ। ସରକାରଙ୍କ ସେହି ନାମ ପରିବର୍ତ୍ତନ ଓ ରଙ୍ଗ ପରିବର୍ତ୍ତନ ଧାରା ଏବେ ବି ଜାରି ରହିଛି। କୌଣସି ଯୋଜନାର ବା ସ୍ଥାନର ନାମ ପରିବର୍ତ୍ତନ ବା ବନାନ ପରିବର୍ତ୍ତନ କରିବାରେ କିଛି ଅସୁବିଧା ନାହିଁ; କିନ୍ତୁ ଏହା ସରକାରଙ୍କ ପ୍ରାଥମିକତା ନ ହେଉ। ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା,

■ ନିଜର ବିଫଳତା ଉପରେ ପରଦା ପକାଇବା ପାଇଁ ରାଜ୍ୟ ସରକାରଙ୍କ ଏହା ହୀନ ଉଦ୍ୟମ
■ ବଜେଟର ମାତ୍ର ୪୦% ଖର୍ଚ୍ଚ ହୋଇପାରିବା ସରକାରଙ୍କ ଅପାରଗତାର ଜ୍ୱଳନ୍ତ ଉଦାହରଣ
■ ରାଜ୍ୟର ମହିଳା, କୃଷକ ଓ ଯୁବକମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ବିଜେଡି ରାଜରାସ୍ତାକୁ ଓହ୍ଲାଇବ

ନାରୀଙ୍କୁ ସୁରକ୍ଷା ପ୍ରଦାନ, ଚାଷୀଙ୍କୁ ନ୍ୟାୟ ପ୍ରଦାନ, ଯୁବକମାନଙ୍କୁ ନିଯୁକ୍ତି ସୁଯୋଗ ସୃଷ୍ଟି ଓ ରାଜ୍ୟର ସାମୂହିକ ବିକାଶ ଇତ୍ୟାଦି ପ୍ରସଙ୍ଗ ସରକାରଙ୍କ ପ୍ରାଥମିକତା ହେଉ। ରାଜ୍ୟ ବିଜେପି ସରକାର ଏସବୁ ପ୍ରତି ଧ୍ୟାନ ନଦେଲେ, ଗୋଟିଏ ଦାୟିତ୍ୱସମ୍ପନ୍ନ ରାଜନୈତିକ ଦଳ ହିସାବରେ ରାଜ୍ୟର ସ୍ୱାର୍ଥ ରକ୍ଷା ପାଇଁ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଡ. ମହାନ୍ତି କହିଛନ୍ତି।

ଡଃ ମହାନ୍ତି ଆହୁରି କହିଛନ୍ତି ଯେ ରାଜ୍ୟରେ ନାରୀ ସୁରକ୍ଷା ସ୍ଥିତି ଓ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡିଛି। ଧାନ କିଣାରେ ରାଜ୍ୟର ଚାଷୀମାନଙ୍କୁ ନ୍ୟାୟନ ମିଳିବାରୁ ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାର ଚାଷୀମାନେ ରାଜରାସ୍ତାକୁ ଓହ୍ଲାଉଛନ୍ତି। ରାଜ୍ୟର ଯୁବବର୍ଗଙ୍କୁ ନିଯୁକ୍ତି ଦେବେ ବୋଲି ଦେଇଥିବା ପ୍ରତିଶ୍ରୁତି ପାଣିରଗାର ହୋଇଛି। ନିଯୁକ୍ତି ପାଇଁ ସରକାରଙ୍କ ଦ୍ୱାରା ଆୟୋଜିତ ହେଉଥିବା ପରୀକ୍ଷାରେ ବିଭ୍ରାଟ ଦେଖିବାକୁ ମିଳୁଛି। ଗତ ୧୯ ମାସରେ ୨୦ଟି ନିଯୁକ୍ତି ପରୀକ୍ଷାରେ ବିଭ୍ରାଟ ଦେଖାଦେଇଛି, ଯେଉଁଥିପାଇଁ ଶେଷ ମୁହୂର୍ତ୍ତରେ ଏହି ପରୀକ୍ଷାଗୁଡିକ ବାତିଲ କରାଯାଇଛି। ପୁଲିସ ଏସ୍‌ଆଇ ନିଯୁକ୍ତି ବେଳେ କିଭଳି ଭାବେ ଚାକିରି ବିକ୍ରି କରିବା ପାଇଁ ଉଦ୍ୟମ କରାଯାଇଥିଲା, ତାହା ରାଜ୍ୟବାସୀ ଦେଖିଛନ୍ତି। ସରକାରଙ୍କ ଅପାରଗତା ପ୍ରସଙ୍ଗ ଏବେ ହାଟରେ ପଡ଼ି ଦାଣ୍ଡରେ ଗଡୁଛି। ସରକାରଙ୍କ ତୋଗଲକୀ ନିଷ୍ପତ୍ତି ଏବେ ରାଜ୍ୟବାସୀଙ୍କୁ ଚର୍ଚ୍ଚାର ଖୋରାକ ଯୋଗାଇଛି। ରାଜ୍ୟ ସରକାର ନିଜ ବଜେଟରେ ନିର୍ଦ୍ଧାରିତ କରିଥିବା ଅର୍ଥର ୪୦ ପ୍ରତିଶତ ଏବେ ସୁଦ୍ଧା ଖର୍ଚ୍ଚ କରିପାରିଛନ୍ତି, ଯାହା ସରକାରଙ୍କ ଅପାରଗତାର ଜ୍ୱଳନ୍ତ ଉଦାହରଣ। ସର୍ବୋପରି ଗତ ୧୯ ମାସରେ ରାଜ୍ୟର ବିକାଶ ଠପ୍ ହୋଇଛି ବୋଲି ଡଃ ମହାନ୍ତି କହିଛନ୍ତି।

# ୭ରୁ ଦୁଇଦିନିଆ ଓଡ଼ିଶା-ଜାପାନ ଫେଷ୍ଟିଭାଲ

ପୁରୀ, ୫।୨ (ସମିସ): ଇଣ୍ଡିଆ-ଜାପାନ ଫ୍ରେଣ୍ଡସିପ୍ ସେଣ୍ଟର୍ ପକ୍ଷରୁ ଆସନ୍ତା ୭ ଓ ୮ ତାରିଖ ଦୁଇ ଦିନ ଧରି ତାଳବଣିଆ ପଡ଼ିଆଠାରେ ଅନୁଷ୍ଠିତ ହେବ ଓଡ଼ିଶା-ଜାପାନ ପର୍ବ। ଏହି ପର୍ବରେ ଗୋଟିଏ ମଞ୍ଚରେ ଜାପାନ ଏବଂ ଓଡ଼ିଶାର କଳାକାରମାନେ ନିଜ ନିଜ ଦେଶର କଳା, ସଂସ୍କୃତିର ଝଲକ ପ୍ରଦର୍ଶନ କରିବେ। ଫଳରେ

**ଜାପାନ କଳାକାରଙ୍କ ନୃତ୍ୟରେ ଦୁଲୁକିବ ପୁରୀ**

ଦୁଇ ଦେଶର କଳା ସଂସ୍କୃତିର ଭାବବିନିମୟ ହୋଇପାରିବା ସହ ପର୍ଯ୍ୟଟନର ବିକାଶ ହୋଇପାରିବ ବୋଲି ସେଣ୍ଟର୍‌ର ସଭାପତି ଶ୍ରୀମନ୍ତ କୁମାର ଦାଶ ସୂଚନା ଦେଇଛନ୍ତି। ଏହି ପର୍ବରେ ଜାପାନ କଳାକାରଙ୍କ ନୃତ୍ୟ ସଙ୍ଗୀତକୁ ପାଖରୁ ଦେଖିବାର ସୁଯୋଗ ପାଇବେ ପୁରୀବାସୀ ଏବଂ ପର୍ଯ୍ୟଟକ। ବିଦେଶୀ କଳାକାରଙ୍କ ନୃତ୍ୟଗୀତରେ ଦୁଲିକିବ ପୁରୀ। ଏଥିରେ ସାମିଲ ହୋଇ ଦୁଇ ଦେଶର କଳାକାରଙ୍କ ନିଖୁଣ କଳାକୁ ଉପଭୋଗ କରିବା ସହ ପର୍ଯ୍ୟଟନ, ଶିକ୍ଷା, କଳା, ସଂସ୍କୃତି, ବାଣିଜ୍ୟକୁ ନେଇ ଖୋଲିଥିବା ଷ୍ଟଲ ମଧ୍ୟ ବୁଲି ଦେଖିପାରିବେ ବୋଲି ଶ୍ରୀ ଦାଶ ସ୍ପଷ୍ଟ କରିଛନ୍ତି।

# ୧୮ ଯାଏଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଆବେଦନ ଅବଧି ବୃଦ୍ଧି

ଭୁବନେଶ୍ୱର, ୫।୨(ସମିସ): ପୁଣି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଆବେଦନ ଅବଧି ବୃଦ୍ଧି ପାଇଛି। ପୂର୍ବରୁ ଆଜି ଅର୍ଥାତ୍ ଗୁରୁବାର ଆବେଦନର ଶେଷ ତାରିଖ ଥିବାବେଳେ ଏହାକୁ ଆସନ୍ତା ୧୮ ତାରିଖ ଯାଏଁ ବଢ଼ାଇ ଦିଆଯାଇଛି। ଫଳରେ ଆବେଦନ କରିପାରି ନ ଥିବା ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ପୁନଃ ଆବେଦନ ପାଇଁ ସୁଯୋଗ ପାଇବେ। ଆଗ୍ରହୀ ପ୍ରାର୍ଥୀମାନେ www.msp.odisha.gov.in ୱେବସାଇଟ୍‌ରେ ଆବେଦନ କରିପାରିବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଅଧୀନରେ ମାଧ୍ୟମିକ ବିଦ୍ୟାଳୟ ଏବଂ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ପୁରସ୍କାର, ପ୍ରାଥମିକ ବିଦ୍ୟାଳୟ ଏବଂ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପୁରସ୍କାର, ଆଲୁମିନି ବା ପୁରାତନ ଛାତ୍ରଛାତ୍ରୀ କମିଟି ପୁରସ୍କାର, ଗ୍ରାମପଞ୍ଚାୟତ ପୁରସ୍କାର, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ(ସିଆରସିସି) ପୁରସ୍କାର, ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ପୁରସ୍କାର, ବ୍ଲକ୍ ଶିକ୍ଷା ଅଧିକାରୀ(ବିଇଓ) ପୁରସ୍କାର, ଜିଲ୍ଲା ପୁରସ୍କାର, ବ୍ଲକ ପୁରସ୍କାର, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ(ଡିଆଇଇଟି) ପୁରସ୍କାର ପାଇଁ ଆବେଦନ ପ୍ରକ୍ରିୟା ଜାରି ରହିଛି।

# ଦ୍ୱିତୀୟଥର ବଢ଼ିଲା ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟକାଳ

ଭୁବନେଶ୍ୱର, ୫।୨(ସମିସ): ବାଲେଶ୍ୱରସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର୍ ସନ୍ତୋଷ କୁମାର ତ୍ରିପାଠୀଙ୍କ କାର୍ଯ୍ୟକାଳ ଦ୍ୱିତୀୟଥର ପାଇଁ ବଢ଼ିଛି। ବିଶ୍ୱବିଦ୍ୟାଳୟ କୁଳାଧିପତି ତଥା ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ତାଙ୍କ କାର୍ଯ୍ୟକାଳକୁ ଆଉ ଛଅ ମାସ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଜାନୁଆରୀ ୨୧ ତାରିଖରୁ ୬ ମାସ ଅର୍ଥାତ୍ ଜୁଲାଇ ୨୦ତାରିଖ ପର୍ଯ୍ୟନ୍ତ ତାଙ୍କ ପରିବର୍ତ୍ତିତ କାର୍ଯ୍ୟକାଳ ରହିବ। ଏନେଇ ଲୋକଭବନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଫଳରେ ପୂର୍ଣ୍ଣକାଳୀନ କାର୍ଯ୍ୟକାଳ ସରିବା ପରେ ଦ୍ୱିତୀୟ ଥର ପାଇଁ କାର୍ଯ୍ୟକାଳ ବଢ଼ିଛି। ସୂଚନାଯୋଗ୍ୟ ଗତ ଜୁଲାଇ ୨୦୨୫ରେ କୁଳପତିଙ୍କ ପ୍ରଫେସର୍ ତ୍ରିପାଠୀଙ୍କ କାର୍ଯ୍ୟକାଳକୁ ଛଅମାସ ପାଇଁ ବୃଦ୍ଧି କରାଯାଇଥିଲା।

# ମଝି ସମୁଦ୍ରରୁ ଓଡ଼ିଆ ନାବିକ ଗାଏବ

■ ମର୍ଚ୍ଚାଣ୍ଟ ନ୍ୟାଭିରେ ଚାକିରି କରିଥିଲେ

ଭୁବନେଶ୍ୱର, ୫।୨(ସମିସ): ମଝି ସମୁଦ୍ରରୁ ରହସ୍ୟମୟ ଭାବେ ଜଣେ ମର୍ଚ୍ଚାଣ୍ଟ ନେଭି କ୍ୟାଡେଟ୍ ଗାଏବ ହୋଇଯାଇଛନ୍ତି। ସେ ହେଲେ, ଭଦ୍ରକ ଜିଲ୍ଲାର ସାର୍ଥକ ମହାପାତ୍ର। ୨୩ ବର୍ଷୀୟ ସାର୍ଥକ ଜୁଲାଇ ୨୦୨୫ରେ ଆଙ୍ଗଲୋ ଇଷ୍ଟର୍ନ ସିପିଂ କମ୍ପାନୀର ସିପ୍ ଇଏ ଜର୍ସିରେ କ୍ୟାଡେଟ ଭାବେ ଯୋଗଦେଇଥିଲେ। ସିଙ୍ଗାପୁରରୁ ଚୀନ୍‌କୁ ଫେରିବା ସମୟରେ ମଝି ସମୁଦ୍ରରେ ଗତ ୩ ତାରିଖରେ ସେ ରହସ୍ୟମୟ ଭାବେ ଗାଏବ ହୋଇଯାଇଛନ୍ତି। ଶେଷଥର ପାଇଁ ସେ ଘଟଣା ଦିନ ରାତି ୯ରେ ତାଙ୍କ ମା'ଙ୍କ ସହ କଥା ହୋଇଥିଲେ। ସକାଳ ୪ଟାରୁ ୮ ପର୍ଯ୍ୟନ୍ତ ରିପୋର୍ଟ ଟାଇମ୍ ହୋଇଥିଲେ ମଧ୍ୟ ଡ୍ୟୁଟି ମଝିରୁ ଅର୍ଥାତ୍ ସକାଳ ୬ଟାରେ ସେ ନିଜ ରୁମ୍‌କୁ ଆସିଥିଲେ। ପରେ ୮ଟାରେ ସେ ରୁମ୍‌ରେ ନଥିବା ସହକର୍ମୀମାନେ ଜାଣିବା ପରେ କମ୍ପାନୀ ପକ୍ଷରୁ ପରିବାରକୁ ଅବଗତ କରାଯାଇଥିଲା। ତାଙ୍କ ପୁଅ ନିଖୋଜ ଅଛନ୍ତି ଓ ତାଙ୍କୁ ସମୁଦ୍ର ମଝିରେ ଖୋଜା ଚାଲିଥିବା ସୂଚନା ଦେଇଥିଲେ। ଏହି ଖବର ପାଇବା ପରେ ସାର୍ଥକଙ୍କ ମା' ଓ ପରିବାରଲୋକ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ତାଙ୍କ ପୁଅକୁ ଖୋଜି ଆଣିବାକୁ ପଦକ୍ଷେପ ନେବାକୁ ସରକାରଙ୍କୁ ମଧ୍ୟ ନିବେଦନ କରିଛନ୍ତି।

# ଏପ୍ରିଲ୍ ୧ରୁ ରାଜ୍ୟବ୍ୟାପୀ 'ଓଡ଼ିଆ ପକ୍ଷ'

ଭୁବନେଶ୍ୱର,୫।୨(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସାରା ରାଜ୍ୟରେ ପାଳନ କରାଯିବ ଓଡ଼ିଆ ପକ୍ଷ। ଏପ୍ରିଲ ୧ ତାରିଖ ଓଡ଼ିଶା ଦିବସଠାରୁ ଏପ୍ରିଲ ୧୪ ତାରିଖ ଯାଏ ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯିବ। ଗତବର୍ଷ ପ୍ରଥମଥର ପାଇଁ ସାରା ରାଜ୍ୟରେ ଓଡ଼ିଆ ପକ୍ଷ ପାଳନ କରାଯାଇଥିବା ବେଳେ ଚଳିତ ବର୍ଷ ଏହାକୁ ଆହୁରି ଭବ୍ୟ ରୂପେ ଯେପରି ପାଳନ କରାଯିବା ନେଇ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଆଲୋଚନା ହୋଇଛି। ଏହି ଉପଲକ୍ଷେ ବିଭିନ୍ନ ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ। ଓଡ଼ିଶା ଦିବସ, ଖଡ଼ିଛୁଆଁ ଦିବସ, ପାରମ୍ପରିକ ପୋଷାକ ଦିବସ, ବର୍ଣ୍ଣ ଦିବସ, ଲୋକକଳା ଦିବସ, ପାରମ୍ପରିକ ଖାଦ୍ୟ ଦିବସ, ସ୍ୱଚ୍ଛତା ଦିବସ, ରକ୍ତଦାନ ଅଭିଯାନ, ଓଡ଼ିଆରେ ନାମ ଫଳକ ଅଭିଯାନ, ଐତିହ୍ୟ ଗଣଦୌଡ଼, ଯୁବ ଲେଖକ ସମ୍ମିଳନୀ, ବରପୁତ୍ରଙ୍କ ଉପରେ ଆଲୋଚନାଚକ୍ର ଆଦି କାର୍ଯ୍ୟକ୍ରମ ଆୟୋଜନ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ସେହିପରି ଏଥିପାଇଁ ସ୍ୱତନ୍ତ୍ର ଲୋଗୋ ପ୍ରସ୍ତୁତି ସହ ଏକ ସ୍ୱତନ୍ତ୍ର ୱେବ୍‌ସାଇଟ୍ ଏବଂ ଓଡ଼ିଆ ପକ୍ଷ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇ ସମସ୍ତ ପ୍ରତିଯୋଗୀମାନଙ୍କୁ ଡିଜିଟାଲ ପ୍ରମାଣପତ୍ର ପ୍ରଦାନ କରାଯିବ।

## ଚତୁର୍ଥ ଦିନରେ ଓପିଜିସି ଟାରିଫ ଦରଖାସ୍ତ ଶୁଣାଣି

# ବାରମ୍ବାର ଇବ୍ କେନ୍ଦ୍ର ବନ୍ଦ ନେଇ ଆୟୋଗଙ୍କ ଉଦ୍‌ବେଗ

ଭୁବନେଶ୍ୱର, ୫।୨ (ସମିସ): ଗୁରବାର ଚତୁର୍ଥ ଦିନରେ ଓଡ଼ିଶା ପାୱାର ଜେନେରେସନ୍ କର୍ପୋରେସନ (ଓପିଜିସି)ର ଟାରିଫ୍ ଦରଖାସ୍ତ ଶୁଣାଣି କରଛନ୍ତି ଓଇଆରସି। ଝାରସୁଗୁଡ଼ାରେ ଥିବା ଇବ୍ ତାପଜ ବିଦ୍ୟୁତ କେନ୍ଦ୍ରର ପ୍ରଥମ ପର୍ଯ୍ୟାୟ ୪୨୦ ମେଗାୱାଟ ବିଦ୍ୟୁତ କେନ୍ଦ୍ରରୁ ଉତ୍ପାଦନ ହେଉଥିବା ବିଦ୍ୟୁତ୍‌ର ମୂଲ୍ୟ ଧାର୍ଯ୍ୟ ପାଇଁ ଓଇଆରସି କାର୍ଯ୍ୟାଳୟରେ ଜନଶୁଣାଣି ହୋଇଛି। ଓପିଜିସି ପକ୍ଷରୁ ଅର୍ଥ ନିର୍ଦ୍ଦେଶକ ଗଗନ ବିହାରୀ ସ୍ୱାଇଁ ଓ ସାଧାରଣ ପରିଚାଳକ ହରେଶ ତ୍ରିପାଠୀ ଆସନ୍ତା ବର୍ଷରେ ଫିକ୍ସଡ ଚାର୍ଜ ବାବଦକୁ ୟୁନିଟ୍ ପିଛା ୯୯.୯୨ ପଇସା ଓ ଏନର୍ଜି ଚାର୍ଜ ପାଇଁ ୧୫୭.୪୮ ପଇସା ଖର୍ଚ୍ଚ ହେବ ବୋଲି ଦର୍ଶାଇଛନ୍ତି। ସେହିପରି ପ୍ରଥମ ପର୍ଯ୍ୟାୟରୁ ୨୭୫୫ ନିୟୁତ ୟୁନିଟ ଗ୍ରୀଡକୋକୁ ବିକ୍ରି କରିବ। ଆସନ୍ତା ବର୍ଷ ପାଇଁ ସମୁଦାୟ ଫିକ୍ସଡ୍ ଚାର୍ଜ୨୮୨.୫୧ କୋଟି ଟଙ୍କା ଓ ଅନ୍ୟାନ୍ୟ ଖର୍ଚ୍ଚ ୩୬.୦୧ କୋଟି ଟଙ୍କା ଆକଳନ ହୋଇଛି।

ଶୁଣାଣିରେ ଓଇଆରସି ଅଧ୍ୟକ୍ଷ ପ୍ରଦୀପ କୁମାର ଜେନା କହିଲେ, ଇବ୍ ଶକ୍ତିକେନ୍ଦ୍ର ବାରମ୍ବାର ବନ୍ଦ ରହିବା ଦ୍ୱାରା ବିଦ୍ୟୁତ୍ ଉତ୍ପାଦନ ପ୍ରବଳ ବାଧାପ୍ରାପ୍ତ ହେଉଛି ଏବଂ ସେଥିପାଇଁ ରାଜ୍ୟ ପ୍ରଚୁର ଶସ୍ତା ବିଦ୍ୟୁତ୍ ହରାଉଛି। ତାହାକୁ ଭରଣା କରିବା ପାଇଁ ଗ୍ରୀଡକୋ ଚଢ଼ା ଦରରେ କେନ୍ଦ୍ରୀୟ ସଂସ୍ଥାଠାରୁ ବିଦ୍ୟୁତ୍ କ୍ରୟ କରୁଛି। ଏହାର କୁ-ପ୍ରଭାବରେ ଖୁଚୁରା ବିଦ୍ୟୁତ୍ ମୂଲ୍ୟ ଅକାରଣେ ବୃଦ୍ଧି ପାଉଛି। ଓପିଜିସିର ଏପରି ଅପାରଗତା ଉପରେ ଓଇଆରସି ଅଧ୍ୟକ୍ଷ ଶ୍ରୀ ଜେନା ଅସନ୍ତୋଷ ବ୍ୟକ୍ତ କରି ତାହାର ସମାଧାନ ପାଇଁ ଶକ୍ତି ବିଭାଗ ପକ୍ଷରୁ ଉପସ୍ଥିତ ଥିବା ସୋନାଲି ପଟ୍ଟନାୟକଙ୍କୁ ୭ ଦିନ ଭିତରେ ଏକ ସତ୍ୟପାଠ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆୟୋଗଙ୍କ ପକ୍ଷରୁ ନିଯୁକ୍ତ ପାଇଥିବା ଉପଭୋକ୍ତା ପରାମର୍ଶଦାତା ଡେଲୋଏଟ୍ କମ୍ପାନୀ ଓପିଜିସି ଟାରିଫ ଦରଖାସ୍ତକୁ ସମୀକ୍ଷା କରି ମତାମତ ଉପସ୍ଥାପନ କରିଥିଲେ। ଆଭାସୀ ମାଧ୍ୟମରେ ଉପସ୍ଥିତ ଥିବା ଆପତ୍ତିକର୍ତ୍ତା ତଥା ସାମାଜିକ କର୍ମୀ ବାସୁଦେବ ଭଟ୍ଟ କହିଲେ, କେନ୍ଦ୍ରୀୟ ନୀତି ଅନୁସାରେ କୋଇଲାର ଆଂଶିକ ବିକଳ୍ପ ଭାବେ ଅତି କମ୍‌ରେ ୭ପ୍ରତିଶତ ବାୟୋମାସ୍ ପେଲେଟ୍ ଓପିଜିସି ବ୍ୟବହାର କରୁ। ଶକ୍ତି କେନ୍ଦ୍ରରୁ ବାହାରୁଥିବା ପାଉଁଶକୁ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରାଯାଉ। ନିଷ୍କ୍ରିୟ ହୋଇଯାଇଥିବା ଓପିଜିସିର ପ୍ରାୟ ୫ଟି ମିନି-ହାଇଡେଲ ପ୍ରୋଜେକ୍ଟଗୁଡ଼ିକୁ ପୁନର୍ଜୀବିତ କରି ଶୁଦ୍ଧ ଜଳ ବିଦ୍ୟୁତ୍ ଉତ୍ପାଦନ କରିବାକୁ ସେ ଅନୁରୋଧ କରିଥିଲେ। ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଥିଲେ ଯେ ଇବ୍ ଶକ୍ତିକେନ୍ଦ୍ର ଓଡ଼ିଶାର ଏକ-ତୃତୀୟାଂଶ ବିଦ୍ୟୁତ ଚାହିଦା ପୂରଣ କରୁଥିବା ବେଳେ ପ୍ଲାଣ୍ଟକୁ ବାରମ୍ବାର ବନ୍ଦ କରିବା ଦ୍ୱାରା ପ୍ରବଳ ବିଦ୍ୟୁତ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି।

# ଆତ୍ମସମର୍ପଣ କଲେ ୧୨ ମାଓବାଦୀ



ମାଲକାନଗିରି, ୫।୨ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ଆଜି ୧୨ଜଣ ମାଓବାଦୀ ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କରିଛନ୍ତି। ଏହି ସମସ୍ତ ମାଓବାଦୀ ମାଓ ସଙ୍ଗଠନର ଦକ୍ଷିଣ ଉପ-ଜୋନାଲ୍ ବ୍ୟୁରୋର କ୍ୟାଡର୍ ମାଓବାଦୀ ବୋଲି ଜଣାଯାଇଛି। ଆତ୍ମସମର୍ପଣକାରୀଙ୍କ ମଧ୍ୟରେ ୮ଜଣ ମହିଳା କ୍ୟାଡର୍ ଏବଂ ୪ ଜଣ ପୁରୁଷ କ୍ୟାଡର୍ ମାଓବାଦୀ ରହିଛନ୍ତି। ସେମାନଙ୍କ ନିକଟରୁ ୩ଟି ବନ୍ଧୁକ, ୨୫୦ଟି ଜେଲୋଟିନ୍ ଷ୍ଟିକ୍, ୪୦୦ଟି ଡେଟୋନେଟର୍, ବିସ୍ଫୋରକ ପାଉଡର୍, କୋର୍ଡେକ୍ସ ତାର ଆଦି ବିଭିନ୍ନ ମାଓସାମଗ୍ରୀ ପୁଲିସ ଜବତ କରିଛି। ପୁନର୍ବାସ ପ୍ରକ୍ରିୟାର ଏକ ଅଂଶ ଭାବେ ପ୍ରତ୍ୟେକ କ୍ୟାଡର୍‌ଙ୍କୁ ପ୍ରୋତ୍ସାହନସ୍ୱରୂପ ତୁରନ୍ତ ୫୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ବିଜାପୁର ପୁଲିସ ଅଧୀକ୍ଷକ ଡ. ଜିତେନ୍ଦ୍ର କୁମାର ଯାଦବ ସୂଚନା ଦେଇଛନ୍ତି।

## କଟକ ଆରଟିଓରେ ସ୍କୁଲ ବସ୍ ରେଜିଷ୍ଟ୍ରେସନ୍ କେଳେଙ୍କାରୀ

# କେନ୍ଦୁଝରର ବସ୍; କଟକରେ ହେଲା ପଞ୍ଜୀକରଣ

■ ସ୍କୁଲ ବସ୍ ପଞ୍ଜୀକରଣରେ ସବୁ ନିୟମକୁ "ଫୁଁ"
■ ଏନଏଚଆରସିଙ୍କ ନିର୍ଦ୍ଦେଶକୁ ବେଖାତିର
■ ବିପଦରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା
■ ସରକାରୀ ନିୟମର ଖୋଲାଖୋଲି ଉଲ୍ଲଂଘନ

କଟକ,୫।୨(ସମିସ): କଟକ ଆରଟିଓ ଅଫିସ୍ ଏବେ ବିବାଦର କେନ୍ଦ୍ରବିନ୍ଦୁ ପାଲଟିଛି। ଶିକ୍ଷାନୁଷ୍ଠାନ ବସ୍ ରେଜିଷ୍ଟ୍ରେସନ୍ ପ୍ରକ୍ରିୟାରେ ସରକାରୀ ନିୟମ, ପରିବହନ କମିଶନରଙ୍କ ସର୍କୁଲାର ଏବଂ ସର୍ବୋପରି ଜାତୀୟ ମାନବାଧିକାର କମିଶନଙ୍କ ସୁରକ୍ଷା ନିର୍ଦ୍ଦେଶାବଳୀକୁ ଜଳାଞ୍ଜଳି ଦିଆଯାଇଥିବା ନେଇ ଏକ ଗୁରୁତର ଅଭିଯୋଗ ହୋଇଛି। ଏକ ନିର୍ଦ୍ଦିଷ୍ଟ ଶିକ୍ଷାନୁଷ୍ଠାନ ବସ୍ (ଓଡି-୦୫- ସିଜି-୧୪୦୪)ର ପଞ୍ଜୀକରଣ ପ୍ରକ୍ରିୟାରେ ହୋଇଥିବା ଜାଲିଆତି ଏବେ ପରିବହନ ବିଭାଗର ସ୍ୱଚ୍ଛତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଗତ ୨୧ଜାନୁଆରୀ ୨୦୨୬ରେ 'ସାଇ ଏଜୁକେସନାଲ ଟ୍ରଷ୍ଟ' କେନ୍ଦୁଝରର ଜଣେ ଡିଲରଙ୍କଠାରୁ ଏକ 'ଫୁଲି ବିଲ୍ଟ' (ସମ୍ପୂର୍ଣ୍ଣ ନିର୍ମାଣାଧୀନ) ପ୍ୟାସେଞ୍ଜର ବସ୍ କିଣିଥିଲେ। ତାହାର ଇଞ୍ଜିନ ନଂ ଟିଏମ୍‌ଏସ୍ ୪ ଏଲ ୧୪୭୧୫ ଏବଂ ଚେସିସ୍ ନଂ ଏମଏ୧ଏଚବି୨ଟିଏମଏଚଟି୩ଏ୧୦୦୬୩ ରହିଛି। ନିୟମ ଅନୁଯାୟୀ, ଏହି ଗାଡ଼ିର ପଞ୍ଜୀକରଣ ଅନଲାଇନ୍ ମାଧ୍ୟମରେ ଡିଲର୍ ପଏଣ୍ଟରେ ହେବା କଥା। ମାତ୍ର ସମସ୍ତ ବାଧ୍ୟତାମୂଳକ ନିୟମକୁ ବାଇପାସ୍ କରି କଟକ ଆରଟିଓ କାର୍ଯ୍ୟାଳୟରେ ଏହାକୁ ଅଫଲାଇନ୍‌ରେ ରେଜିଷ୍ଟ୍ରେସନ୍ କରାଯାଇଥିବା ଜଣାପଡ଼ିଛି। ପରିବହନ କମିଶନରଙ୍କ ସର୍କୁଲାର ନଂ ୫/୨୦୨୦ ଅନୁଯାୟୀ, ସମ୍ପୂର୍ଣ୍ଣ ନିର୍ମାଣାଧୀନ ଯାନର ପଞ୍ଜୀକରଣ କେବଳ ବାହାନ ପୋର୍ଟାଲ ମାଧ୍ୟମରେ ଅନଲାଇନ୍‌ରେ ହେବା କଥା। ଅଫଲାଇନ୍ ରେଜିଷ୍ଟ୍ରେସନ୍ ପାଇଁ ଉଦ୍ଦିଷ୍ଟ କୌଣସି ମାନଦଣ୍ଡରେ ଏହି ବସ୍ ଯାଉନଥିଲେ ସୁଦ୍ଧା କଟକ ଆରଟିଓର କିଛି ଅସାଧୁ କର୍ମଚାରୀ, ବିଭାଗୀୟ ଅଧିକାରୀ ଏବଂ ପଞ୍ଜୀକରଣ କର୍ତ୍ତୃପକ୍ଷଙ୍କ ସଲାସୁତୁରାରେ ଏହାକୁ ବେଆଇନ ଭାବେ ପଞ୍ଜୀକୃତ କରାଯାଇଛି। ଏପରିକି, ଅର୍ଡର ନଂ. ୯୬୩୧/ଟିସି (୦୬.୧୧.୨୦୨୦) ର ନିର୍ଦ୍ଦେଶକୁ ଅବମାନନା କରି, କେନ୍ଦୁଝରରୁ ବିନା ରେଜିଷ୍ଟ୍ରେସନ୍‌ରେ ଗାଡ଼ିଟିକୁ କଟକ ଅଣାଯାଇ ଏଠାରେ ଯାଞ୍ଚ ଓ ପଞ୍ଜୀକରଣ କରାଯାଇଛି। ଯାହା ସମ୍ପୂର୍ଣ୍ଣ ରୂପେ ମୋଟର ଯାନ ଆଇନର ବିରୁଦ୍ଧାଚରଣ କରୁଛି।

ସରକାରଙ୍କ ସ୍କୁଲ ଚିଲଡ୍ରେନ ଟ୍ରାନ୍ସପୋର୍ଟ ପଲିସି-୨୦୧୬ ଅନୁଯାୟୀ, ଶିକ୍ଷାନୁଷ୍ଠାନ ବସ୍ କେବଳ 'ସ୍କୁଲ୍' ନାମରେ ପଞ୍ଜୀକୃତ ହୋଇପାରିବ; କୌଣସି ଟ୍ରଷ୍ଟ ବା ସୋସାଇଟି ନାମରେ ନୁହେଁ। କିନ୍ତୁ, ଏହି ମାମଲାରେ ବସ୍‌ଟି 'ସାଇ ଏଜୁକେସନାଲ ଟ୍ରଷ୍ଟ' ନାମରେ ପଞ୍ଜୀକୃତ ହୋଇଛି। ଏହା ସରକାରୀ ନୀତିର ସ୍ପଷ୍ଟ ଉଲ୍ଲଂଘନ। ଆନ୍ଧ୍ରପ୍ରଦେଶର କୁର୍ଣ୍ଣୁଲ୍‌ରେ ଘଟିଥିବା ବସ୍ ଅଗ୍ନିକାଣ୍ଡ ପରେ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି) ଓଡ଼ିଶା ସମେତ ସମସ୍ତ ରାଜ୍ୟକୁ ବସ୍ ସୁରକ୍ଷା ନେଇ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ମୁଖ୍ୟ ଶାସନ ସଚିବଙ୍କୁ ଶପଥ ପାଠ ମଧ୍ୟ ଦାଖଲ କରିବାକୁ ପଡ଼ିଥିଲା। ଏପରି ସ୍ୱର୍ଶକାତର ସମୟରେ କଟକ ଆରଟିଓରେ ସୁରକ୍ଷା ଯାଞ୍ଚ ଓ ନିୟମକୁ ଅଣଦେଖା କରି ଶିକ୍ଷାନୁଷ୍ଠାନ ବସ୍‌କୁ ରେଜିଷ୍ଟ୍ରେସନ୍ ନମ୍ବର ପ୍ରଦାନ କରିବା ପ୍ରଶାସନିକ ସ୍ଥାଣୁତା ଓ ଦୁର୍ନୀତିର ଚରମସୀମାକ ପ୍ରମାଣ କରୁଛି।

ତେବେ ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ମଧ୍ୟ ବର୍ତ୍ତମାନ ସାମ୍ନାକୁ ଆସିଛି। ଅନଲାଇନ୍ ପ୍ରକ୍ରିୟା ଥାଉଥାଉ କାହିଁକି ଅଫଲାଇନ୍ ରେଜିଷ୍ଟ୍ରେସନ୍ କରାଗଲା? ନିୟମ ବିରୁଦ୍ଧରେ ଟ୍ରଷ୍ଟ ନାମରେ ସ୍କୁଲ୍ ବସ୍ କେମିତି ପଞ୍ଜୀକୃତ ହେଲା? କେନ୍ଦୁଝରରୁ କଟକ ପର୍ଯ୍ୟନ୍ତ ବିନା ରେଜିଷ୍ଟ୍ରେସନ୍‌ରେ ଗାଡ଼ିଟି କିପରି ଆସିଲା? ଏହି ସମଗ୍ର ଘଟଣାରେ ମୋଟର ଯାନ ଆଇନ(ଏମଭି ଆକ୍ଟ - ୧୯୮୮) ଏବଂ ସେଣ୍ଟ୍ରାଲ ମୋଟର ଯାନ ରୁଲ୍ସ (ସିଏମଭିଆର-୧୯୮୯) ର ଗୁରୁତର ଉଲ୍ଲଂଘନ ହୋଇଥିବା ସ୍ପଷ୍ଟ ଜଣାପଡୁଛି। ଏହି ଘଟଣାର ତୁରନ୍ତ ତଦନ୍ତ କରାଯାଇ ଦୋଷୀ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏବଂ ବସ୍‌ର ପଞ୍ଜୀକରଣ ରଦ୍ଦ କରିବାକୁ ଦାବି ହେଉଛି।

## ଆଜିର ରାଶିଫଳ

**ମେଷ:** ଆଜିଦିନଟି ଶୁଭଫଳ ପ୍ରଦାନ କରିବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହୋଇପାରେ। ଆୟ ଓ ବ୍ୟୟ ସମାନ ରହିବ। ପରୀକ୍ଷାର୍ଥୀ କୃତକାର୍ଯ୍ୟ ହେବେ।।

**ବୃଷ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପାରିବାରିକ ଜୀବନ ସୁଖମୟ ହେବ। ଆୟ ଓ ବ୍ୟୟ ସମାନ ରହିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**ମିଥୁନ:** ଅଚାନକ ଖୁସି ଖବର ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** କର୍ମ ଚଞ୍ଚଳ ରହିବେ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଗୁରୁଜନଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ଚିନ୍ତିତ ରହିବେ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିପାରନ୍ତି।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜରୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ନିବେଶ କରିବା ପୂର୍ବରୁ ଭଲଭାବେ ଚିନ୍ତା କରନ୍ତୁ।

**ବିଛା:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ଧନୁ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଯୋଜନା ମୁତାବକ କାମ କଲେ ଭଲ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କୁମ୍ଭ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ସରକାରି ଚାକିରିଆଙ୍କ ପାଇଁ ଦିନଟି ଭଲ।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ବିଶେଷ କାର୍ଯ୍ୟରୁ ଲାଭ ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

## ଆଜିର ଇତିହାସ

- ୧୯୧୧- ଆମେରିକାର ଏରିଜୋନାରେ ପ୍ରଥମ ବୃଦ୍ଧାଶ୍ରମ ଖୋଲାଗଲା।
- ୧୯୩୧- ମୋତିଲାଲ ନେହରୁଙ୍କ ଦେହାନ୍ତ।
- ୧୯୫୮ - ମ୍ୟୁନିଖରେ ଏକ ବିମାନ ଦୁର୍ଘଟଣାରେ ୨୧ଲୋକଙ୍କ ପ୍ରାଣହାନି।
- ୧୯୬୭ - ଆଲ୍‌ବାନିଆରେ ବିପ୍ଳବ ଆରମ୍ଭ।
- ୧୯୯୯ - ଦେଶର ପ୍ରଥମ ପେସ୍‌ମେକର୍ ବ୍ୟାଙ୍କ କଲିକତାରେ ସ୍ଥାପିତ ହେଲା।



## ପ୍ରିୟଙ୍କାଙ୍କ ସର୍ତ୍ତ


ଚଳିତବର୍ଷ ଯେଉଁ ଫିଲ୍ମକୁ ନେଇ ଅଧିକ ଚର୍ଚ୍ଚା ହେଉଛି ତାହା ହେଉଛି ଏସ୍. ଏସ୍ ରାଜମୌଲିଙ୍କ 'ବାରାଣସୀ'। ଏଥିରେ ଲିଡ୍ ରୋଲରେ ପ୍ରିୟଙ୍କା ଚୋପ୍ରା, ମହେଶ ବାବୁ, ପୃଥ୍ୱୀରାଜ୍ ସୁକୁମାରନ୍ ନଜର ଆସିବେ। ପ୍ରିୟଙ୍କା ଏହି ଫିଲ୍ମ ଜରିଆରେ ସାତ ବର୍ଷ ପରେ ବଲିଉଡ୍‌କୁ ଫେରୁଛନ୍ତି । ତେବେ ରାଜମୌଲିଙ୍କ ଫିଲ୍ମ ପାଇଁ ହଁ କହିବା ପୂର୍ବରୁ ପ୍ରିୟଙ୍କା ତାଙ୍କ ସମ୍ମୁଖରେ ଏକ ସର୍ତ୍ତ ରଖିଥିଲେ ବୋଲି ନିକଟରେ ଏକ ସାକ୍ଷାତକାରରେ କହିଛନ୍ତି। ପ୍ରିୟଙ୍କା କହିଛନ୍ତି ଯେ, 'ମୁଁ ଦୀର୍ଘ ଛଅ ବର୍ଷ ଧରି କୌଣସି ବଲିଉଡ୍ ଫିଲ୍ମ କରି ନଥିଲି। ରାଜମୌଲି ମତେ ଏହି ଫିଲ୍ମ ଅଫର୍ ଦେଇ କହିଥିଲେ, ଏଥିରେ ନାୟିକାଙ୍କର ବେଶ୍ କୁଲ୍ ଅନ୍ଦାଜ ରହିବ। ତମକୁ ଏହାକୁ କରିବାକୁ ପଡ଼ିବ। ପ୍ରତିବଦଳରେ ମୁଁ ରାଜମୌଲିଙ୍କ ପାଖରେ ଏକ ସର୍ତ୍ତ ରଖିଥିଲି। ମୋତେ ଏହି ଫିଲ୍ମରେ ନୃତ୍ୟ କରିବାକୁ ଦେବେ। କାରଣ ଦୀର୍ଘଦିନ ହେଲାଣି ମୁଁ ଫିଲ୍ମରେ ନାଚି ନାହିଁ। ତେବେ ମତେ ଏକଥା ରାଜମୌଲିଙ୍କୁ ପଚାରିବାର ହିଁ ନ ଥିଲା। କାରଣ ଫିଲ୍ମରେ ପୂର୍ବରୁ ହିଁ ନାଚ ରଖାଯାଇଥିଲା।' ପ୍ରିୟଙ୍କାଙ୍କ କଥା ଉପରେ ମହେଶବାବୁ ପ୍ରତିକ୍ରିୟା ଦେଇ କହିଛନ୍ତି, 'ଏହା ତମ ପାଇଁ ହେଲା। ତମ ପାଇଁ ମୋତେ ମଧ୍ୟ ନାଚିବାକୁ ପଡ଼ିଲା।' 'ବାରାଣସୀ' ଏକ ଆକ୍ସନ୍ ଆଡଭେଞ୍ଚର ଫିଲ୍ମ। ଏହା ଏପ୍ରିଲ୍ ୨୦୨୭ରେ ପରଦାକୁ ଆସିବ।

## ପରିଚାରିକାଙ୍କ ପାଇଁ ଚ୍ୟାଲେଞ୍ଜ



କାନାଡାରେ କାମ କରୁଥିବା ଡେଭନ ନାମ୍ନୀ ଯୁବତୀ ସାମାଜିକ ଗଣମାଧ୍ୟମରେ ଏମିତି କିଛି କଥା ସେୟାର୍ କରିଛନ୍ତି, ଯାହାକି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ତା'ସହ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଡେଭନ ଜଣଙ୍କ ଘରେ ପରିଚାରିକା କାମ କରୁଥିଲେ। ଦିନେ ସେ ଯେତେବେଳେ ନିଜ କାମରେ ପହଞ୍ଚିଲେ, ତାଙ୍କୁ ଘର ମାଲିକ ଲେଖିଥିବା ଏକ ଚିଠି ମିଳିଲା। ସେଥିରେ ଲେଖାଥିଲା, "ଆମ ଘରର ପରିଚାରିକାଙ୍କ ପାଇଁ ଆମେ ଅଲଗା ଅଲଗା ସ୍ଥାନରେ ପ୍ଲାଷ୍ଟିକ୍ ବତକ ଲୁଚାଇଛୁ। ଆମେ ଦେଖିବାକୁ ଚାହୁଁଛୁ ସେ ଘରର ବିଭିନ୍ନ ସ୍ଥାନକୁ ଭଲ ଭାବେ ସଫା କରୁଛି କି ନାହିଁ। ଦିନ ଶେଷ ହେବା ପର୍ଯ୍ୟନ୍ତ ଏହି ବତକଗୁଡ଼ିକୁ ଖୋଜି ତାହାକୁ କାଚ ପାତ୍ରରେ ରଖିବାକୁ ହେବ।" ସେହିପରି ଏହି ବତକଗୁଡ଼ିକ ଫୁଲକୁଣ୍ଡଠାରୁ ଆରମ୍ଭ କରି ଚୌକି ଗୋଡ଼ରେ ଲୁଚେଇ ରଖାଯାଇଥିଲା। ଡେଭନ କିଛି ସମୟ ପର୍ଯ୍ୟନ୍ତ ଏହି ଖେଳ ଖେଳିଲେ ଏବଂ ତାଙ୍କୁ ୭୬ଟି ବତକ ମିଳିଯାଇଥିଲା। ଅବଶ୍ୟ ଏହା ପରେ ସେ ଖେଳକୁ ଅଧାରୁ ଛାଡ଼ି ଘରକୁ ଯିବା ନିଷ୍ପତ୍ତି ନେଲେ। କେବଳ ସେତିକି ନୁହେଁ, ସେ ମଧ୍ୟ ତାଙ୍କ ମାଲିକଙ୍କୁ ଏକ ଚିଠି ଲେଖିଲେ। ଡେଭନ ଲେଖିଥିଲେ ଯେ, "ଆପଣଙ୍କ ଚିଠି ଏବଂ ବତକକୁ ଖୋଜିବା ପରେ ମୁଁ ଏଠାରେ ଆଉ କାମ କରିବାକୁ ଚାହୁଁନି। ଏଠାକୁ ମୁଁ କାମ କରିବାକୁ ଆସିଥିଲି। ମୁଁ ମୋ ଦକ୍ଷତାର ପ୍ରମାଣ ଦେବାକୁ ଆସି ନ ଥିଲି। ଆପଣଙ୍କ ଘରକାମ ପାଇଁ ଅନ୍ୟ କାହାକୁ ଖୋଜି ନେବା ଉଚିତ।" ଅନ୍ୟପଟେ ଏହି ଘଟଣାକୁ ନେଇ ମାଲିକ ଜଣକ ଡେଭନକୁ କ୍ଷମା ବି ମାଗିଲେ ନାହିଁ। ହେଲେ ନିଜ ଭୁଲକୁ ଲୁଚାଇବାକୁ ଯାଇ ସେ ମଜାଥଟ୍ଟା ଉଦ୍ଦେଶ୍ୟରେ ଏପରି କରିଥିବା କହିଥିଲେ। ତେବେ ଲୋକେ ଏହି ଘଟଣା ଉପରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।

## ହୃଦ୍‌ରୋଗୀଙ୍କ ଲାଗି ଉପକାରୀ ସୂର୍ଯ୍ୟାଲୋକ



ଅବ୍ୟବସ୍ଥିତ ଜୀବନଶୈଳୀ, ଅବସାଦ, ଖାଦ୍ୟ ପାନୀୟରେ ଅନିୟମିତତା ଏବଂ ଶାରୀରିକ କାର୍ଯ୍ୟକଳାପର ଅଭାବ ଯୋଗୁଁ ପ୍ରତିବର୍ଷ ହୃଦ୍‌ଘାତ ମାମଲା ବଢ଼ିଚାଲିଛି। ପ୍ରତିବର୍ଷ ଲକ୍ଷାଧିକ ଭାରତୀୟ ହୃଦ୍‌ଘାତର ଶିକାର ହେଉଥିବାବେଳେ ଅନେକ ଏଥିଯୋଗୁଁ ପ୍ରାଣ ମଧ୍ୟ ହରାଉଛନ୍ତି। ଏଭଳି ସ୍ଥିତିରେ ଦିଲ୍ଲୀ ଏମ୍ସର ଏକ ନୂଆ ଗବେଷଣା, ହୃଦ୍‌ଘାତ ରୋଗୀଙ୍କ ଲାଗି ଏକ ନୂଆ ଆଶା ସଞ୍ଚାର କରିଛି। ଗବେଷଣା ଅନୁସାରେ, ନିତିଦିନ ୩୦ ମିନିଟ୍ ସୂର୍ଯ୍ୟାଲୋକରେ ସମୟ ଅତିବାହିତ କରିବା ଦ୍ୱାରା ହୃଦ୍‌ଘାତ ଶିକାର ହୋଇଥିବା ରୋଗୀଙ୍କ ସୁସ୍ଥତା, ନିଦ୍ରା ଏବଂ ମନୋଭାବରେ ଉନ୍ନତି ଆସିଥାଏ। ଏମ୍ସର ଏହି ଗବେଷଣା ୨୦୨୩ ନଭେମ୍ବରରୁ ୨୦୨୫ ଏପ୍ରିଲ ମଧ୍ୟରେ କରାଯାଇଥିଲା। ଗବେଷଣାରେ ଦେଖାଯାଇଥିଲା ଯେ, ହୃଦ୍‌ଘାତ ଶିକାର ହୋଇଥିବା ଯେଉଁ ରୋଗୀମାନେ ନିୟମିତ ଚିକିତ୍ସା ଓ ଫିଜିଓଥେରାପି ସହିତ ସୂର୍ଯ୍ୟାଲୋକରେ କିଛି ସମୟ ଅତିବାହିତ କରୁଥିଲେ, ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥାରେ କେବଳ ଚିକିତ୍ସା ହେଉଥିବା ରୋଗୀଙ୍କ ଅପେକ୍ଷା ଉନ୍ନତି ପରିଲକ୍ଷିତ ହୋଇଥିଲା। ଉକ୍ତ ଗବେଷଣାରେ ୧୮ ରୁ ୮୦ ବର୍ଷୀୟ ହୃଦ୍‌ଘାତ ରୋଗୀଙ୍କୁ ସାମିଲ କରାଯାଇଥିଲା। ତେବେ ୨୦୦ରୁ ଅଧିକ ରୋଗୀଙ୍କ ସ୍କ୍ରିନିଂ ପରେ ୪୦ ରୋଗୀଙ୍କୁ ଚୟନ କରାଯାଇ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଗଲା। ପ୍ରଥମ ଗ୍ରୁପ୍‌କୁ ଚିକିତ୍ସା କରାଯାଇଥିଲା ଏବଂ ଅନ୍ୟ ଏକ ଗ୍ରୁପ୍‌କୁ ସାଧାରଣ ଚିକିତ୍ସା ସହ ପ୍ରାୟ ଦୁଇ ସପ୍ତାହ ପର୍ଯ୍ୟନ୍ତ ସୂର୍ଯ୍ୟାଲୋକରେ ବସିବାକୁ କୁହାଯାଇଥିଲା। ଗବେଷଣା ଅନୁସାରେ, ସୂର୍ଯ୍ୟାଲୋକ ଥେରାପି ନେଇଥିବା ରୋଗୀଙ୍କଠାରେ ନିଦର ଗୁଣବତ୍ତା ଉତ୍ତମ ଥିଲା। କେବଳ ସେତିକି ନୁହେଁ ସେମାନଙ୍କ ମାନସିକ ସ୍ଥିତିରେ ବି ସୁଧାର ଆସିଥିଲା। ନିତିଦିନ କାମରେ ବି ସେମାନଙ୍କର ଆତ୍ମନିର୍ଭରତା ବୃଦ୍ଧି ପାଇଲା। ଅନ୍ୟପକ୍ଷରେ ବିଶେଷଜ୍ଞଙ୍କ କହିବା କଥା, ସୂର୍ଯ୍ୟାଲୋକ ଶରୀରର ଜୈବିକ ଘଡ଼ିକୁ ଠିକ୍ କରିବା ସହ ଶରୀରରେ ଭିଟାମିନ୍-ଡି ବୃଦ୍ଧିରେ ସାହାଯ୍ୟ କରେ। ଏହା ହୃଦ୍‌ଘାତ ପରେ ସୁସ୍ଥ ହେବା ପାଇଁ ପ୍ରଭାବିତ ବୋଲି କୁହାଯାଉଛି।

## ସଞ୍ଜୀବନୀ


## ରକ୍ତ ଶର୍କରା ପରୀକ୍ଷା ପାଇଁ ବିକଳ୍ପ



ମଧୁମେହ ନିୟନ୍ତ୍ରଣରେ ରଖିବାକୁ ରକ୍ତ ଶର୍କରା ପରୀକ୍ଷା କରାଯାଏ। ଏହି ପରୀକ୍ଷା ପାଇଁ ଶରୀରରୁ ରକ୍ତ ନିଆଯାଏ। ହେଲେ ଏବେ ନୂତନ ସେନ୍‌ସର ରକ୍ତ ଶର୍କରା ପରୀକ୍ଷା କରିବ। ଏହା ୭ରୁ ୧୫ ଦିନ ରକ୍ତ ଶର୍କରାସ୍ତରକୁ ନଜର ରଖି ପ୍ରତି ମିନିଟ୍‌ରେ ମୋବାଇଲରେ ଅପଡେଟ ଦେବ। ନିରନ୍ତର ଶର୍କରା ନିରୀକ୍ଷଣ (ସିଜିଏମ୍) କୌଶଳଟି ଅଧିକ ସମୟ କାମ କରିବ। ତେବେ ଏହାକୁ ବାହୁ ପଛପଟେ ଲଗାଯାଏ। ଏହା ହାଲୁକା ଏବଂ ଆରାମ ଦାୟକ। ସେନ୍‌ସର ବ୍ଲୁଟୁଥ୍ ଜରିଆରେ ପ୍ରତି ମିନିଟ୍‌ରେ ରକ୍ତ ଶର୍କରା ସ୍ତରକୁ ରୋଗୀଙ୍କ ମୋବାଇଲକୁ ପଠାଇଥାଏ। ସେନ୍‌ସରରେ ଉଚ୍ଚ ଏବଂ ନିମ୍ନ ଶର୍କରା ପାଇଁ ଏକ ଆଲର୍ଟ ସୁବିଧା ରହିଛି। ଶର୍କରା ସ୍ତର ଅଚାନକ ହ୍ରାସ ବା ବୃଦ୍ଧି ପାଇଲେ, ମୋବାଇଲକୁ ମେସେଜ୍ ଯାଏ। ଇନସୁଲିନ୍ ନେଉଥିବା ବ୍ୟକ୍ତି, ଟାଇପ୍-୧ ଏବଂ ଟାଇପ୍-୨ ମଧୁମେହ ପୀଡ଼ିତଙ୍କ ପାଇଁ ଏହା ଉପଯୋଗୀ।

## କର୍ମଜୀବୀ ମହିଳାଙ୍କ ସ୍ୱାସ୍ଥ୍ୟ ସମସ୍ୟା

**କର୍ମଜୀବୀ ମହିଳାମାନେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଏହା ସେମାନଙ୍କ ବୃତ୍ତିଗତ ଏବଂ ବ୍ୟକ୍ତିଗତ ଜୀବନକୁ ପ୍ରଭାବିତ କରେ। ଏହି ସମସ୍ୟାଗୁଡ଼ିକ ମୁଖ୍ୟତଃ ଶାରୀରିକ ଏବଂ ମାନସିକସ୍ତରରେ ଦେଖାଯାଏ। ତନ୍ମଧ୍ୟରୁ ପ୍ରମୁଖ ସମସ୍ୟା ହେଉଛି ସନ୍ତାନହୀନତା। ତେଣୁ ଏହି ସମସ୍ୟାର କାରଣ ଓ ନିରାକରଣ ବିଷୟରେ ଜାଣିବା।**



କର୍ମଜୀବୀ ମହିଳାଙ୍କ ମୁଖ୍ୟ ସ୍ୱାସ୍ଥ୍ୟ ସମସ୍ୟା ଯଥା -ରକ୍ତହୀନତା, ଚାପ, ପ୍ରଜନନ ସ୍ୱାସ୍ଥ୍ୟ ସମସ୍ୟା (ଅନିୟମିତ ଋତୁସ୍ରାବ, ପିସିଓଡ଼ି ଏବଂ ୟୁରିନାରୀ ଟ୍ରାକ୍ଟ ଇନଫେକ୍ସନ) ପୋଷଣ ଅଭାବ, ଆଖି ଏବଂ ଚର୍ମ ସମସ୍ୟା ଦେଖାଯାଏ। ତେବେ ସନ୍ତାନହୀନତାର ମୁଖ୍ୟ କାରଣ ହେଉଛି:-

**ଅଧିକ ବୟସରେ ବିବାହ:** କ୍ୟାରିୟର ଚକ୍କରରେ ଅନେକ ବିଳମ୍ବରେ ବିବାହ କରୁଛନ୍ତି। ମହିଳାଙ୍କର ଗର୍ଭଧାରଣର କ୍ଷମତା ୨୧ରୁ ୨୯ ବର୍ଷ ମଧ୍ୟରେ ଅଧିକ ଥାଏ। ୩୦ବର୍ଷରୁ ଅଧିକ ହେଲେ ଡିମ୍ବାଣୁର ଗୁଣବତ୍ତା ହ୍ରାସ ପାଏ । ଗର୍ଭଧାରଣର କ୍ଷମତା କମିଯାଏ।

**କାର୍ଯ୍ୟସ୍ଥଳରେ ଚାପ ଓ ଖରାପ ଜୀବନଶୈଳୀ:** ଚାପ ଏବଂ ଚିନ୍ତା ହରମୋନ୍ ସନ୍ତୁଳନକୁ ବିଗାଡ଼େ। ଏହା ଡିମ୍ବାଣୁ ଗୁଣବତ୍ତାକୁ ପ୍ରଭାବିତ କରେ। ବ୍ୟାୟାମ ନ କରିବା, ଅନିଦ୍ରା ଏବଂ ଖାଦ୍ୟପେୟରେ ଅନିୟମିତତା ଡିମ୍ବାଣୁର ଗୁଣବତ୍ତାକୁ ମଧ୍ୟ ପ୍ରଭାବିତ କରେ।

**ବିଳମ୍ବିତ ଗର୍ଭଧାରଣ:** କ୍ୟାରିୟର ପାଇଁ ପିଲା ଜନ୍ମକୁ ପଛକୁ ଘୁଞ୍ଚାଇବା ଦ୍ୱାରା ଯେତେବେଳେ ଗର୍ଭ ଦରକାର ଦମ୍ପତିମାନେ ଗର୍ଭଧାରଣ କରିପାରନ୍ତି ନାହିଁ।

**ସମସ୍ୟାର ସମାଧାନ**

ସଠିକ ସମୟରେ ବିବାହ ଜରୁରି। ବିବାହର ୬ମାସରୁ ବର୍ଷକ ମଧ୍ୟରେ ଇନ୍‌ଫର୍ଟିଲିଟି ଇଭାଲ୍ୟୁସେନ କରିବା ଉଚିତ। ଯୋଗ, ଧ୍ୟାନ କରିବା ଦ୍ୱାରା ଋତୁସ୍ରାବ ନିୟମିତ ହୋଇ ଗର୍ଭଧାରଣରେ ସହାୟକ ହୁଏ ଓ ଚିନ୍ତା ହ୍ରାସ ପାଏ। ଡିମ୍ବାଣୁର ଭଲ ସ୍ୱାସ୍ଥ୍ୟ ପାଇଁ ସବୁଜ ପରିବା ଏବଂ ସନ୍ତୁଳିତ ଖାଦ୍ୟ ଆବଶ୍ୟକ। ଓଜନ ନିୟନ୍ତ୍ରଣ ପାଇଁ ବ୍ୟାୟାମ କରିବା ଉଚିତ। ବର୍ଷକୁ ଥରେ ଡାକ୍ତରଙ୍କ ଦ୍ୱାରା ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାନ୍ତୁ। ଜୀବନଶୈଳୀରେ ପରିବର୍ତ୍ତନ ଚିନ୍ତାରୁ ମୁକ୍ତି ଦିଏ।

**ଆଇୟୁଆଇ ଏବଂ ଏଗ୍ ଫ୍ରିଜିଂ:** ଯେଉଁ ମହିଳାମାନେ ସମୟରେ ସ୍ୱାମୀ ସହ ସହବାସ କରିପାରୁ ନାହାନ୍ତି ସେମାନେ ଇଣ୍ଟ୍ରାୟୁଟେରିନ୍ ଇନ୍ ସେମିନେସନ୍ କରାଇବା ଉଚିତ। ବିଳମ୍ବରେ ବିବାହ କରୁଥିବା ମହିଳାଙ୍କ ପାଇଁ ବର୍ତ୍ତମାନ ଆଇଭିଏଫ୍ ସେଣ୍ଟରମାନଙ୍କରେ ଏଗ୍ ଫ୍ରିଜିଂର ସୁବିଧା ମଧ୍ୟ ଅଛି।

- ଡା.ଦେବେନ୍ଦ୍ର କୁମାର ନାଏକ
ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ
ଭୀମଭୋଇ ମେଡିକାଲ କଲେଜ, ବଲାଙ୍ଗୀର

## ଆୟୁର୍ବେଦରେ ପାନମଧୁରି



**ପାନମଧୁରି କଟୁ, ତିକ୍ତ ଓ ମଧୁର ରସଯୁକ୍ତ, ରୁଚିକର, ଶୁକ୍ରଜନକ, ଦାହନାଶକ ଓ ମୁଖଶୋଷ ନିବାରକ ଅଟେ। ଏହା ଅର୍ଶ , କାଶ, ବାନ୍ତି, ଅଗ୍ନିମାନ୍ଦ୍ୟ ଆଦିରେ ବ୍ୟବହାର କରାଯାଇଥାଏ।**

- ପାନମଧୁରି ୨ ଗ୍ରାମ, ମେଥି ୨ ଗ୍ରାମ, ଜୀରା ୨ ଗ୍ରାମ, ଜୁଆଣୀ ୨ଗ୍ରାମ୍,ଧଣିଆ ୨ ଗ୍ରାମ୍‌କୁ ୨୦୦ ମିଲି ପାଣିରେ ବତୁରାଇ ୧୨ ଘଣ୍ଟା ପରେ ଛାଣି ୫୦ରୁ ୧୦୦ ମିଲି ମାତ୍ରାରେ ପାନ କଲେ, ଅମ୍ଳଦୋଷ, ଅଗ୍ନିମାନ୍ଦ୍ୟ ଆଦିରେ ଉପକାର ହୋଇଥାଏ।
- ପାନମଧୁରିକୁ ହାଲୁକା ଭାଜି, ଚୂର୍ଣ୍ଣ କରି ସେହି ଚୂର୍ଣ୍ଣରୁ ଏକଗ୍ରାମରୁ ତିନିଗ୍ରାମ ମାତ୍ରାରେ ଦୁଇବେଳା ସେବନ କଲେ ଅଜୀର୍ଣ୍ଣ ଓ କୋଷ୍ଠକାଠିନ୍ୟରେ ଉପକାର ହୁଏ।
- ପାନମଧୁରି ଚୂର୍ଣ୍ଣ ୨ ଗ୍ରାମ୍, ଶୁଣ୍ଠି ଚୂର୍ଣ୍ଣ ୧ ଗ୍ରାମ, ଗୁଡ ୩ ଗ୍ରାମ ମିଶାଇ ଦୁଇବେଳା ଖାଇ ଉଷୁମ ପାଣି ପିଇଲେ, ଗ୍ରହଣୀ ରୋଗର ଉପକାର ହୁଏ।

- ଡାକ୍ତର ପ୍ରଦୀପ କୁମାର ମିଶ୍ର
ଆୟୁର୍ବେଦ ଚିକିତ୍ସକ, ମାଛରଙ୍କା, ସିଂଲା, ବାଲେଶ୍ୱର

## ଔଷଧରୁ ଦୂର ହେବ ଆଣ୍ଠୁଗଣ୍ଠି ଯନ୍ତ୍ରଣା

ବୟସ ବଢ଼ିଲେ ମନୁଷ୍ୟ ଶରୀରର ହାଡ଼ ଦୁର୍ବଳ ହୋଇଥାଏ। କାର୍ଯ୍ୟଚାପ କି ଅନ୍ୟାନ୍ୟ କାରଣରୁ ଆଣ୍ଠୁ ଗଣ୍ଠି ବିନ୍ଧା ହୁଏ। ଆଣ୍ଠୁରୁ କାର୍ଟିଲେଜ ଘୋରି ହୋଇଗଲେ କିମ୍ବା ଭାଙ୍ଗିଗଲେ ଆଣ୍ଠୁ ଯନ୍ତ୍ରଣା ସମସ୍ୟା ମଧ୍ୟ ଦେଖାଯାଏ। ଏହା ଏକ ବୟସାଧିକ ରୋଗ। ଏବେ କିନ୍ତୁ କମ୍ ବୟସରୁ ଅନେକ ଏଥିରେ ପୀଡ଼ିତ ହେଉଛନ୍ତି । ଆଣ୍ଠୁଗଣ୍ଠି ଯନ୍ତ୍ରଣା ଦୂର ପାଇଁ କେତେକ କ୍ଷେତ୍ରରେ ଆଣ୍ଠୁ ପ୍ରତିରୋପଣ କରାଯାଇଥାଏ। ହେଲେ ଏବେ ଷ୍ଟାନ୍‌ଫୋର୍ଡର ବୈଜ୍ଞାନିକଙ୍କ ଦ୍ୱାରା ତିଆରି ନୂତନ ଔଷଧଟି କାର୍ଟିଲେଜକୁ ପୁଣି ସତେଜ କରିପାରିବ। ଏହି ଔଷଧଟି ୧୫-ପିଜିଡିଏଚ୍ ନାମକ ପ୍ରୋଟିନକୁ ବ୍ଲକ୍ କରିଥାଏ। ବୟସ ସହିତ ଏହି ପ୍ରୋଟିନ୍ ବଢ଼ିଥାଏ ଏବଂ ଶରୀରରେ ଏକ ଜରୁରିତତ୍ତ୍ୱ ପ୍ରୋଷ୍ଟାଗ୍ଲାଣ୍ଡିନ ଇ୨କୁ ଭାଙ୍ଗି ଦିଏ। ପ୍ରୋଷ୍ଟାଗ୍ଲାଣ୍ଡିନ ଇ୨ ସାଧାରଣତଃ ଆଣ୍ଠୁ ଯନ୍ତ୍ରଣାକୁ ବଢ଼ାଏ। ତେଣୁ ଏହା ନଷ୍ଟ ହେଲେ ଯନ୍ତ୍ରଣା କମିବା ସହ କାର୍ଟିଲେଜ ତିଆରି ହୋଇଥାଏ। ଏନେଇ ବୈଜ୍ଞାନିକମାନେ ପ୍ରଥମେ କିଛି ମୂଷାଙ୍କ ଉପରେ ଗବେଷଣା କରିଥିଲେ। ଏହା ଷ୍ଟେମସେଲ୍‌କୁ ଉପଯୋଗ କରି ମୂଷା ଆଣ୍ଠୁରେ ନୂଆ କାର୍ଟିଲେଜ ତିଆରି ହୋଇଥିବା ବୈଜ୍ଞାନିକମାନେ ଦେଖିବାକୁ ପାଇଲେ । ପରେ ମନୁଷ୍ୟଙ୍କ ଉପରେ ମଧ୍ୟ ଏହି ଔଷଧ ପରୀକ୍ଷଣ କରାଯାଉଛି। ଏହି ଔଷଧଟି ଆଣ୍ଠୁଗଣ୍ଠି ଯନ୍ତ୍ରଣା ଦୂର ସହ ଆଣ୍ଠୁ ଫୁଲା ସମସ୍ୟାରୁ ମୁକ୍ତି ଦେବ। ଔଷଧ ପ୍ରୟୋଗ ସମ୍ପୂର୍ଣ୍ଣ ସଫଳ ହେଲେ ଆଣ୍ଠୁଗଣ୍ଠି ସର୍ଜରୀର ଆବଶ୍ୟକତା କମ୍ ପଡ଼ିପାରେ।

## 'ସକାଳ'ର ସ୍ୱାସ୍ଥ୍ୟ

## ଚର୍ମ ଶୁଷ୍କତା ଓ ପ୍ରତିକାର


**ଶୀତଦିନେ ଚର୍ମ ଶୁଷ୍କତା ବଢ଼ି ଏକ୍‌ଜିମା ହୋଇଯାଏ। ଚର୍ମ କୁଣ୍ଡାଇ ହୋଇ ସେଥିରୁ ରକ୍ତ ବାହାରେ। ଆଉ ଦୀର୍ଘ ଦିନ ଧରି ରହି ଏହା ଇନର ସ୍କିନ୍ ଏକ୍‌ଜିମାରେ ପରିଣତ ହୁଏ। ବିଶେଷ କରି ପିଲା ଏବଂ ବୟସ୍କଙ୍କଠାରେ ଏହା ଅଧିକ ଦେଖାଯାଏ।**

- ନଡ଼ିଆ ତେଲକୁ ହାଲୁକା ଉଷୁମ କରି ଦିନକୁ ୩ ରୁ ୪ ଥର ଲଗାଇଲେ ଉପଶମ ମିଳିଥାଏ । ଗାଧୋଇବା ପୂର୍ବରୁ ଏବଂ ଗାଧୋଇବାର ଦୁଇ ମିନିଟ୍ ପରେ, ଉଷୁମ ନଡ଼ିଆ ତେଲକୁ ଭଲ ଭାବେ ଚର୍ମରେ ମାଲିସ କରି ଲଗାଇବା ଉଚିତ। ଡାକ୍ତରଙ୍କ ପରାମର୍ଶ କରି ଉପଯୁକ୍ତ ଔଷଧ ଓ ମଏଶ୍ଚରାଇଜର କ୍ରିମ୍ ଲଗାଇ ପାରିବେ । ଶୁଷ୍କ ଚର୍ମରେ ସାବୁନ ଲଗାଇବା ଅନୁଚିତ।
- ଗାଧୋଇବାର ଅଧଘଣ୍ଟା ପୂର୍ବରୁ କଞ୍ଚା ଗାଈ କ୍ଷୀର ଲଗାଇ ଉଷୁମ ପାଣିରେ ସ୍ନାନ, ଘି-କୁଆଁରୀ ରସରେ ମହୁ ମିଶାଇ ଲଗାଇ ଉଷୁମ ପାଣିରେ ସ୍ନାନ ହିତକର। ତୁଳସୀ ପତ୍ରରସରେ ସୈନ୍ଧବଲବଣ ମିଶାଇ ରୋଗାକ୍ରାନ୍ତ ଚର୍ମରେ ଲଗାଇଲେ ଉପକାର ହୁଏ।



## ଟି-୨୦ ବିଶ୍ୱକପ୍ ଅପଡେଟ୍

# କଲମ୍ବୋ ଯିବ ଭାରତ



ମୁମ୍ବଇ, ୫ା୨ (ଏଜେନ୍ସି): କଲମ୍ବୋରେ ଫେବୃଆରୀ ୧୫ ତାରିଖ ଭାରତ ସହ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଗ୍ରୁପ୍-ମ୍ୟାଚ୍‌କୁ ବୟକଟ କରିଛି। ସମସ୍ତଙ୍କ ଚେଷ୍ଟା ସତ୍ତ୍ୱେ ପାକିସ୍ତାନ ସରକାର ବୟକଟ୍ ଘୋଷଣା କରିବାର ସପ୍ତାହେ ପାଖାପାଖି ହେଲାଣି, କିନ୍ତୁ କେହି କିଛି ପଦକ୍ଷେପ ଗ୍ରହଣ କରିନାହାନ୍ତି। କେବଳ ଆଲୋଚନା ଓ ପାକିସ୍ତାନ ନ ଖେଳିଲେ, ତାହା ଉପରେ କି ପ୍ରକାର ଆର୍ଥିକ କ୍ଷତି ହେବ ତାହା ଦର୍ଶାଯାଉଛି। ଏ ସମ୍ପର୍କରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ କହିବା ଅନୁଯାୟୀ, ପାକିସ୍ତାନ ଖେଳୁ ନଖେଳୁ ଆମେ କଲମ୍ବୋ ଯିବୁ। ଆମର ଟିକଟ ବୁକ୍ ହୋଇସାରିଛି, ଆମେ ଯିବୁ ବୋଲି ସୂର୍ଯ୍ୟକୁମାର କହିଛନ୍ତି। ବାଂଲାଦେଶକୁ ସମର୍ଥନ କରି ପ୍ରଥମେ ଟୁର୍ଣ୍ଣାମେଣ୍ଟରୁ ଓହରିଯିବାକୁ ଓ ପରେ ଏବେ ଭାରତ ସହ ନ ଖେଳିବାକୁ ଧମକ ଦେଇଛି।

# ସରକାରଙ୍କ ନିଷ୍ପତ୍ତି, ଆମର କିଛି କରିବାର ନାହିଁ: ଆଘା



କଲମ୍ବୋ, ୫ା୨ (ଏଜେନ୍ସି): ଭାରତ ସହ ଟି-୨୦ ବିଶ୍ୱକପ୍ ନ ଖେଳିବାକୁ ପାକିସ୍ତାନ ସରକାର ନିଷ୍ପତ୍ତି ନେଇଛନ୍ତି। ଏହା ଅମା ନିୟନ୍ତ୍ରଣରେ ନାହିଁ। ଆମେ ଐହି ନିଷ୍ପତ୍ତିକୁ ସମ୍ମାନ ଦେଉଛୁ। ସରକାର ଯାହା ନିଷ୍ପତ୍ତି ନେବେ ତାହା ଆମେ ମାନିବାକୁ ବାଧ୍ୟ। ଭାରତ ସହ ସେମିଫାଇନାଲରେ କିମ୍ବା ଫାଇନାଲରେ ପ୍ରବେଶ କଲେ କଲେ ଆମେ ସରକାରଙ୍କ ନିକଟକୁ ଯିବୁ ଓ ସେଠାରୁ ଅନୁମତି ଆଣି ଖେଳିବୁ ବୋଲି ପାକିସ୍ତାନ କ୍ରିକେଟ ଦଳର ଅଧିନାୟକ ସଲମାନ ଅଲି ଆଘା କହିଛନ୍ତି।

# ସୁନ୍ଦରଙ୍କୁ ନେଇ ସନ୍ଦେହ

ମୁମ୍ବଇ, ୫ା୨ (ଏଜେନ୍ସି): ଟି-୨୦ ବିଶ୍ୱକପ୍ ପୂର୍ବରୁ ଏକାଧିକ ଦଳର ପ୍ରମୁଖ ଖେଳାଳି ଆହତ ସମସ୍ୟାରେ ପଡ଼ିଛନ୍ତି। ଏମାନଙ୍କ ମଧ୍ୟରେ ଅଛନ୍ତି ଭାରତୀୟ ଅଲରାଉଣ୍ଡର ୱାଶିଂଟନ ସୁନ୍ଦର। ନ୍ୟୁଜିଲାଣ୍ଡ ସହ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳୁଥିଲାବେଳେ ସୁନ୍ଦର ଆହତ ହୋଇଥିଲେ। ଏହା ପରେ ତାଙ୍କୁ ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ଚିକିତ୍ସିତ ହେଉଥିଲେ। ଆଉ ୨ ଦିନ ପରେ ବିଶ୍ୱକପ୍ ଆରମ୍ଭ ହେବ। କିନ୍ତୁ ସୁନ୍ଦର ଫିଟ୍ ହେବା ନେଇ ସନ୍ଦେହ ରହିଛି। ଗତକାଲି ଦକ୍ଷିଣ ଆଫ୍ରିକା ସହ ଖେଳାଯାଇଥିବା ଅଭ୍ୟାସ ମ୍ୟାଚ୍‌ରେ ସୁନ୍ଦର ଖେଳି ନ ଥିଲେ। ଏଣୁ ସେ ଫିଟ ହୋଇ ନ ଥିବା ସନ୍ଦେହ ଦୃଢ଼ୀଭୂତ ହୋଇଛି। କିନ୍ତୁ ସେ ଦଳରେ ରହିଛନ୍ତି।

# ୨୦୩୦ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା

## ଏଏମ୍‌ସି ଡ୍ରାଫ୍ଟ ବଜେଟରେ କ୍ରୀଡ଼ା ପାଇଁ ୪୩୦.୮୪ କୋଟି

ଅହମ୍ମଦାବାଦ, ୫ା୨ (ଏଜେନ୍ସି): ଅହମ୍ମଦାବାଦ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଅଧିକାର ହାସଲ କରିଛି। ଏହି ମେଗା ଇଭେଣ୍ଟ ଆୟୋଜନକୁ ନଜରରେ ରଖି ଅହମ୍ମଦାବାଦ୍ ମ୍ୟୁନିସିପାଲ କର୍ପୋରେସନ (ଏଏମ୍‌ସି) ପ୍ରସ୍ତୁତି ଆରମ୍ଭ କରିଦେଇଛି। ଏଏମ୍‌ସି ୨୦୨୬-୨୭ ଡ୍ରାଫ୍ଟ ବଜେଟରେ କ୍ରୀଡ଼ାଭିତ୍ତିଭୂମି ପାଇଁ ୪୩୦.୮୪ କୋଟି ଟଙ୍କା ବ୍ୟୟବରାଦ କରିଛି। ଯେଉଁଥିରେ ୨୧୧.୮ କୋଟି ଟଙ୍କା ବ୍ୟୟରେ ୧୧ଟି ନୂଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ସହ ୫ଟି ଜିମ୍ନାସିୟମ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଛି। ନିର୍ମାଣ ହେବାକୁ ଥିବା ୧୧ଟି କ୍ରୀଡ଼ା କମ୍ପ୍ଲେକ୍ସ ମଧ୍ୟରୁ ୬ଟି ବଡ଼ ଓ ୫ଟି କ୍ଷୁଦ୍ର କମ୍ପ୍ଲେକ୍ସ ରହିଛି। ସେହିଭଳି ସହରରେ ୩୫ଟି ଗ୍ରାଉଣ୍ଡ ତିଆରି ପାଇଁ ପ୍ରସ୍ତାବ ରହିଛି। କମନୱେଲଥ ପ୍ରସ୍ତୁତି ପ୍ରଣାଳୀ ସ୍ଥାପନ ପାଇଁ ୧୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହାବାଦ୍ ଏଏମ୍‌ସି କ୍ରୀଡ଼ା ଭଲ୍ୟୁଣ୍ଟିୟର ପ୍ରୋଗ୍ରାମ ଲାଗି ୧୦ କୋଟି ଟଙ୍କା ଖର୍ଚ୍ଚ କରାଯିବ।

## ଦିଲ୍ଲୀର ଦୁର୍ଭାଗ୍ୟ; ପୁଣିଥରେ ଡବ୍ଲ୍ୟୁପିଏଲ୍ ସ୍ୱପ୍ନ ଅଧୁରା

# ଆର୍‌ସିବି ଚାମ୍ପିଅନ୍

ଭଦୋଦରା, ୫ା୨ (ଏଜେନ୍ସି):

ଚଳିତ ମହିଳା ପ୍ରିମିଅର ଲିଗ୍ (ଡବ୍ଲ୍ୟୁପିଏଲ)ର ଚୁତର୍ଥ ସଂସ୍କରଣରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଚାମ୍ପିଅନ ହୋଇଛି। ଗୁରୁବାର ଅନୁଷ୍ଠିତ ଗ୍ରାଣ୍ଡଫାଇନାଲରେ ସ୍ମୃତି ମନ୍ଧାନାଙ୍କ ନେତୃତ୍ୱାଧୀନ ଆର୍‌ସିବି ୬ ୱିକେଟ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ମାତ୍ ଦେଇଥିଲା। ଏଥିସହ ଆର୍‌ସିବି ଦ୍ୱିତୀୟଥର ଲାଗି ଡବ୍ଲ୍ୟୁପିଏଲ୍ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଛି। ୨୦୨୪ରେ ବେଙ୍ଗାଲୁରୁ ପ୍ରଥମଥର ଲାଗି ଚାମ୍ପିଅନ ହୋଇଥିଲା। ଅପରପକ୍ଷରେ ଜେମିମା ରୋଡ୍ରିଗ୍ସଙ୍କ ନେତୃତ୍ୱାଧୀନ ଦିଲ୍ଲୀକୁ ପୁଣିଥରେ ନିରାଶ ହେବାକୁପଡ଼ିଛି। ଏକମାତ୍ର ଦଳ ଭାବେ ସମସ୍ତ ୪ଟି ଯାକ ଫାଇନାଲ ଖେଳିବାର ସୌଭାଗ୍ୟ ଲାଭ କରିଥିବା ଦିଲ୍ଲୀକୁ ପୁଣିଥରେ ଭାଗ୍ୟ ସାଥ୍ ଦେଇ ନ ଥିଲା। ଫଳରେ କ୍ରମାଗତ ୪ର୍ଥ ଥର ଲାଗି ଦିଲ୍ଲୀ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଛି।



### ମନ୍ଧାନା-ଭଲ୍‌ଙ୍କ ମାଡ଼ରେ କ୍ୟାପିଟାଲ୍ସ ଧରାଶାୟୀ

ଗୁରୁବାର କୋଟାମ୍ବିର ବିସିଏ ଷ୍ଟାଡିୟମରେ ଅନୁଷ୍ଠିତ ଏହି ହାଇସ୍କୋରିଂ ମ୍ୟାଚରେ ୨୦୪ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ବେଙ୍ଗାଲୁରୁ ଦ୍ୱିତୀୟ ଓଭରର ପ୍ରଥମ ବଲ୍‌ରେ ବିସ୍ଫୋରକ ଅଷ୍ଟ୍ରେଲୀୟ ଓପନର୍ ଗ୍ରେସ୍ ହାରିସ (୯ ରନ)ଙ୍କ ୱିକେଟ୍ ହରାଇଥିଲା। ଫଳରେ ବେଙ୍ଗାଲୁରୁ ଏହି ବିଶାଳ ଲକ୍ଷ୍ୟ ହାସଲ କରିବା ନେଇ ଆଶଙ୍କା ପ୍ରକାଶ ପାଇଥିଲା। ତେବେ ଅନ୍ୟତମ ଓପନର୍ ତଥା ଅଧିନାୟିକା ମନ୍ଧାନାଙ୍କ ସହ ଅନ୍ୟତମ ଅଷ୍ଟ୍ରେଲୀୟ ଖେଳାଳି ଜର୍ଜିଆ ଭଲ୍ ଯୋଗଦେଇ ସ୍ଥିତି ବଦଳାଇ ଦେଇଥିଲେ। ଉଭୟ ପାର୍ଶ୍ୱରୁ ଭଲ୍ ଓ ମନ୍ଧାନା ଦିଲ୍ଲୀ ବୋଲରଙ୍କୁ ନିର୍ଦ୍ଧୁମ ପ୍ରହାର କରିଥିଲେ। ଦିଲ୍ଲୀର ଅଧିନାୟିକା ଜେମିମା ୭ଜଣ ବୋଲରଙ୍କୁ ବ୍ୟବହାର କରିଥିଲେ ମଧ୍ୟ କେହି ଏହି ଯୋଡ଼ି ଭାଙ୍ଗିପାରି ନ ଥିଲେ। ମନ୍ଧାନା ଓ ଭଲ୍ ଯୋଡ଼ି ଦ୍ୱିତୀୟ ୱିକେଟ୍ ଭାଗୀଦାରିରେ ୯୨ ବଲରୁ ୧୬୫ ରନ ସଂଗ୍ରହ କରି ବେଙ୍ଗାଲୁରୁର ବିଜୟପଥ ପରିଷ୍କାର କରିଦେଇଥିଲେ। ତେବେ ୧୬.୩ ଓଭରରେ ଦଳୀୟ ସ୍କୋର ୧୭୪ ରନ ହୋଇଥିବାବେଳେ ଭଲ୍‌ଙ୍କୁ ଆଉଟ୍ କରି ମିନୁ ମାନୀ ଦିଲ୍ଲୀକୁ ପ୍ରତୀକ୍ଷିତ ବ୍ରେକ-ଥ୍ରୁ ଦେଇଥିଲେ।

ଭଲ୍ ୧୪ ଚୌକା ବଳରେ ୫୪ ବଲରୁ ୭୯ ରନ କରିଥିଲେ। ସେହିଭଳି ମନ୍ଧାନା ୪୧ ବଲରେ ୮୭ ରନ ବିସ୍ଫୋରଣ ଅର୍ଦ୍ଧଶତକୀୟ ପାଳି ଖେଳିବାରୁ ବେଙ୍ଗାଲୁରୁ ୨ ବଲ୍ ଓ ୬ ୱିକେଟ୍ ବଳକାଥାଇ ବିଜୟୀ କରାଇଥିଲେ। ପୂର୍ବରୁ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦିଲ୍ଲୀ ୪ ୱିକେଟ୍‌ରେ ୨୦୩ ରନର ବିଶାଳ ସ୍କୋର କରିଥିଲା। ଅଧିନାୟିକା ଜେମିମା ୩୭ ବଲରେ ସର୍ବାଧିକ ୫୭ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲୌରା ଓଲଭାର୍ଟ ୪୪, ଲିଜେଲ ଲି ୩୭, ଶେଫାଳି ବର୍ମା ୨୦ ଓ ଚିନେଲୀ ହେନରୀ ୧୫ ବଲରେ ୩୫ ରନ କରିଥିଲେ।

### ସଂକ୍ଷିପ୍ତ ସ୍କୋର

**ଦିଲ୍ଲୀ କ୍ୟାପିଟାଲ୍ସ: ୨୦୩/୪, ୨୦ ଓଭର** (ଲିଜେଲ ଲି- ୩୭, ଶେଫାଳି - ୨୦, ଲୌରା - ୪୪, ଜେମିମା - ୫୭, ହେନରୀ- ଅପରାଜିତ ୩୫, ସାୟଲୀ- ୧/୪୬, ଅରୁନ୍ଧତୀ- ୧/୪୦)।

**ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ: ୨୦୪/୪, ୧୯.୪ ଓଭର** (ମନ୍ଧାନା- ୮୭, ଜର୍ଜିଆ ଭଲ୍- ୭୯, ରିଚା- ୬, ରାଧା ଯାଦବ- ୧୨)।

## ଟି-୨୦ ବିଶ୍ୱକପ୍ ୱାର୍ମଅପ୍ | ଓମାନଙ୍କୁ ଜିତାଇଲେ ଜତିନ୍ଦର, ଜିତେନ

କଲମ୍ବୋ, ୫ା୨ (ଏଜେନ୍ସି): ଦୁଇ ଭାରତୀୟ ବଂଶୋଦ୍ଭବ ଖେଳାଳି ତଥା ଅଧିନାୟକ ଜତିନ୍ଦର ସିଂହଙ୍କ ଅର୍ଦ୍ଧଶତକ ଓ ଜିତେନ ରାମଚଣ୍ଡୀଙ୍କ ବିସ୍ଫୋରକ ବ୍ୟାଟିଂ ଯୋଗୁଁ ଏଠାରେ ଗୁରୁବାର ଅନୁଷ୍ଠିତ ଟି-୨୦ ବିଶ୍ୱକପ୍‌ର ୱାର୍ମ ଅପ୍ ମ୍ୟାଚ୍‌ରେ ଓମାନ ୪ ୱିକେଟରେ ଜିମ୍ବାୱେକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ବ୍ରିଆନ ବେନେଟଙ୍କ ୫୬ ଓ ତାସିଙ୍ଗା ମୁସେକିୱାଙ୍କ ଅପରାଜିତ ୫୪ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଜିମ୍ବାୱେ ୭ ୱିକେଟରେ ୧୮୭ ରନ୍ କରିଥିଲା। ଜବାବରେ ଜତିନ୍ଦର ୩୩ ବଲ୍‌ରେ ୫୫ ଓ ହାମଦ ମିର୍ଜା ୩୫ ରନ୍ କରି ମୂଳଦୁଆ ପକାଇଥିଲେ। ଶେଷ ଭାଗରେ ଜିତେନ ରାମଚଣ୍ଡୀ ୧୮ ବଲ୍‌ରେ ଅପରାଜିତ ୩୪, କରଣ ସୋନାଭାଲେ ୧୪ ବଲ୍‌ରେ ୧୫ ଓ ବିନାୟକ ଶୁକ୍ଲା ୫ ବଲ୍‌ରେ ୧୦ ରନ୍‌ର ସହାୟତା ଦେବା ଫଳରେ ୪ଟି ବଲ ଓ ୪ଟି ୱିକେଟ ବାକିଥାଇ ଓମାନ ଏହି ମୁକାବିଲାକୁ ଜିତିନେଇଥିଲା।

## କାନାଡାକୁ ହରାଇଲା ନେପାଳ

ଚେନ୍ନଇ, ୫ା୨ (ଏଜେନ୍ସି): ଟି-୨୦ ବିଶ୍ୱକପର ଅନ୍ୟ ଏକ ମୁକାବିଲାରେ ନେପାଳ ୬ ୱିକେଟରେ ଦୀଲପ୍ରୀତ୍ ବାଜୱାଙ୍କ ନେତୃତ୍ୱରେ ଗଠିତ କାନାଡାକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି କାନାଡା ୬ ୱିକେଟରେ ୧୬୧ ରନ୍ କରିଥିଲା। ଦଳ ପକ୍ଷରୁ ନବନୀତ ଧାଲିୱାଲ ସର୍ବାଧିକ ୪୧ ଓ ୱିକେଟକିପର ଶ୍ରେୟସ ମୋଭା ୩୮ ରନ୍ କରିଥିଲେ। ଜବାବରେ ନେପାଳ ୧୮ ଓଭରରେ ୪ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲେ।

## ଅଷ୍ଟ୍ରେଲିଆ-ନେଦରଲାଣ୍ଡସ ମ୍ୟାଚ୍ ବାତିଲ

କଲମ୍ବୋ, ୫ା୨ (ଏଜେନ୍ସି): କ୍ରମାଗତ ବର୍ଷା ଓ ପରେ ଓଦା ପଡ଼ିଆ ଯୋଗୁଁ ଅଷ୍ଟ୍ରେଲିଆ ଓ ନେଦରଲାଣ୍ଡସ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌ଟି ବାତିଲ କରିବାକୁ ପଡ଼ିଛି। ଏହି ଟୁର୍ଣ୍ଣାମେଣ୍ଟରେ ଆଘାତ ଜନିତ କାରଣରକୁ କିଛି ଶ୍ରେଷ୍ଠ ଖେଳାଳି ଭାଗ ନେଇ ପାରି ନାହାନ୍ତି। ଫଳରେ ପାକିସ୍ତାନ ନିକଟରୁ ଦଳ ୩-୦ରେ ସିରିଜ୍ ହାରିଛି।

### ସନ୍ତୋଷ ଟ୍ରଫି

## କେରଳ-ସର୍ଭିସେସ୍ ଫାଇନାଲ ଲଢ଼େଇ

ଗୌହାଟୀ, ୫ା୨ (ଏଜେନ୍ସି): ଭାରତୀୟ ଘରୋଇ ଫୁଟ୍‌ବଲର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ସନ୍ତୋଷ ଟ୍ରଫି ୭୯ତମ ସଂସ୍କରଣର ଫାଇନାଲ ଲାଇନଅପ୍ ସ୍ପଷ୍ଟ ହୋଇଛି। ୨୦୨୩-୨୪ ସିଜନର ବିଜେତା ସର୍ଭିସେସ ଓ ଗତ ସଂସ୍କରଣର ଉପବିଜେତା କେରଳ ମଧ୍ୟରେ ରବିବାର ଗ୍ରାଣ୍ଡଫାଇନାଲ ଖେଳାଯିବ। ଗୁରୁବାର ଶିଳାପଥର ଫୁଟବଲ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ସର୍ଭିସେସ୍ ୨-୦ ଗୋଲ୍‌ରେ ରେଳବାଇକୁ ପରାସ୍ତ କରିଥିଲା। ସେହିଭଳି ଦ୍ୱିତୀୟ ସେମିରେ କେରଳ ୪-୦ ଗୋଲ୍‌ରେ ପଞ୍ଜାବକୁ ହରାଇ କ୍ରମାଗତ ଦ୍ୱିତୀୟଥର ଫାଇନାଲରେ ପହଞ୍ଚିଥିଲା।

### ଏଫ୍‌ଆଇଏଚ୍ ପ୍ରୋ ଲିଗ୍

## ଭାରତୀୟ ଦଳରେ ଓଡ଼ିଶାରୁ ୫ ଖେଳାଳି

ନୂଆଦିଲ୍ଲୀ, ୫ା୨ (ଏଜେନ୍ସି): ବିଶ୍ୱ ହକିର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଆଗାମୀ ସଂସ୍କରଣ ଲାଗି ଭାରତୀୟ ଦଳ ଘୋଷଣା କରାଯାଇଛି। ପ୍ରୋ ଲିଗ୍‌ରେ ଭାରତ ଫେବୃଆରୀ ୧୧ରୁ ରାଉରକେଲା ଲେଗ୍ (ଚରଣ)ରେ ବେଲ୍‌ଜିୟମ ଓ ଆର୍ଜେଣ୍ଟିନା ବିପକ୍ଷରେ ଦୁଇଟି ଲେଖାଏ ମ୍ୟାଚ୍ ଖେଳି ଅଭିଯାନ ଆରମ୍ଭ କରିବ। ଏହି ରାଉରକେଲା ଲେଗ୍ ଲାଗି ଗୁରୁବାର ୨୪ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ହରମନପ୍ରୀତ୍ ସିଂହଙ୍କ ନେତୃତ୍ୱରେ ଘୋଷିତ ଦଳରେ ଓଡ଼ିଶାରୁ ୫ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଅଭିଜ୍ଞ ଡିଫେଣ୍ଡର ଅମିତ୍ ରୋହିଦାସ, ନୀଲମ ସଞ୍ଜୀପ ଖେସ୍, ଅମନଦୀପ ଲାକ୍ରା, ଫରୱାର୍ଡରେ ଶିଳାନନ୍ଦ ଲାକ୍ରା ଓ ରୋଶନ କୁଜୁର ରହିଛନ୍ତି। ପ୍ରଥମଥର ଲାଗି ରୋଶନ ଭାରତୀୟ ସିନିଅର ଦଳରେ ସ୍ଥାନ ପାଇଛନ୍ତି। ୨୧ ବର୍ଷୀୟ ଏହି ମଧ୍ୟଭାଗ ଖେଳାଳି ଗତବର୍ଷ ଚେନ୍ନଇରେ ଅନୁଷ୍ଠିତ ଜୁନିଅର ବିଶ୍ୱକପ୍‌ରେ କାଂସ୍ୟ ବିଜୟୀ ଭାରତୀୟ ଦଳର ସଦସ୍ୟ ଥିଲେ। ସେହିଭଳି ନିକଟରେ ଶେଷ ହୋଇଥିବା ହକି ଇଣ୍ଡିଆ ଲିଗ୍‌ରେ ରୋଶନ ବେଦାନ୍ତ କଳିଙ୍ଗ ଲାନ୍ସର୍ସକୁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।




**ଭାରତୀୟ ଦଳ:** ସୂରଜ କରକେରା, ପବନ (ଉଭୟ ଗୋଲ୍‌କିପର), ଅମିତ୍ ରୋହିଦାସ, ଜରମନପ୍ରୀତ୍ ସିଂହ, ଯୁଗରାଜ ସିଂହ, ହରମନପ୍ରୀତ୍ ସିଂହ, ସୁମିତ, ସଞ୍ଜୟ, ନୀଲମ ସଞ୍ଜୀପ ଖେସ, ଅମନଦୀପ୍ ଲାକ୍ରା (ସମସ୍ତେ ଡିଫେଣ୍ଡର), ରାଜିନ୍ଦର ସିଂହ, ମନମୀତ୍ ସିଂହ, ବିବେକ ସାଗର ପ୍ରସାଦ, ହାର୍ଦ୍ଦିକ ସିଂହ, ମୋଇରାଙ୍ଗଥେମ ରବିଚନ୍ଦ୍ର ସିଂ, ନୀଳକାନ୍ତ ଶର୍ମା, ରୋଶନ କୁଜୁର (ସମସ୍ତେ ମିଡ୍‌ଫିଲ୍ଡର), ଅଭିଷେକ, ସୁଖଜିତ୍ ସିଂହ, ଶିଳାନନ୍ଦ ଲାକ୍ରା, ସେଲଭମ କାର୍ତ୍ତି, ମନଦୀପ୍ ସିଂହ, ଅରାଇଜିତ୍ ସିଂହ ହୁଣ୍ଡାଲ, ଆଦିତ୍ୟ ଅର୍ଜୁନ ଲାଲାଗେ (ସମସ୍ତେ ଫରୱାର୍ଡ)।

**ରାଉରକେଲାରେ ଭାରତର କାର୍ଯ୍ୟସୂଚୀ**

| | | |
|---|---|---|
| ୧୧ ।୨ | ଭାରତ-ବେଲ୍‌ଜିୟମ | ରାତି ୭ଟା ୩୦ |
| ୧୨ ।୨ | ଭାରତ-ଆର୍ଜେଣ୍ଟିନା | |
| ୧୪ ।୨ | ଭାରତ-ବେଲ୍‌ଜିୟମ | |
| ୧୫ ।୨ | ଭାରତ-ଆର୍ଜେଣ୍ଟିନା | |

ସମସ୍ତ ମ୍ୟାଚ୍ ଷ୍ଟାର ସ୍ପୋର୍ଟ୍ସ ଖେଲ୍‌ରେ ପ୍ରସାରିତ ହେବ

## ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲ ଆଜିଠୁ

ନୂଆଦିଲ୍ଲୀ, ୫ା୨ (ଏଜେନ୍ସି): ଚଳିତ ରଣଜୀ ଟ୍ରଫିର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଶୁକ୍ରବାରଠାରୁ ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେବାକୁଯାଉଛି। ଜାମସେଦପୁରର କିନାନ ଷ୍ଟାଡିୟମରେ ଘରୋଇ ଝାଡ଼ଖଣ୍ଡ ଓ ଉତ୍ତରାଖଣ୍ଡ ମଧ୍ୟରେ ପ୍ରଥମ କ୍ୱାର୍ଟର ଖେଳାଯିବ। ସେହିଭଳି ମଧ୍ୟପ୍ରଦେଶ ଏବଂ ଜମ୍ମୁ ଓ କାଶ୍ମୀର ଦ୍ୱିତୀୟ କ୍ୱାର୍ଟରରେ ପରସ୍ପରକୁ ଭେଟିବେ। ଏହି ମ୍ୟାଚ୍ ଇନ୍ଦୋରର ହୋଲକର ଷ୍ଟାଡିୟମରେ ଅନୁଷ୍ଠିତ ହେବ। ବେଙ୍ଗଲ ଓ ଆନ୍ଧ୍ର ପ୍ରଦେଶ ମଧ୍ୟରେ ୩ୟ ଏବଂ ସର୍ବାଧିକ ୪୨ଥରର ବିଜେତା ମୁମ୍ବଇ ଓ କର୍ଣ୍ଣାଟକ ମଧ୍ୟରେ ଚତୁର୍ଥ କ୍ୱାର୍ଟର ଫାଇନାଲ ଖେଳାଯିବ। ଶରଦ ପାୱାର କ୍ରିକେଟ୍ ଏକାଡେମୀ ଗ୍ରାଉଣ୍ଡରେ ଘରୋଇ ମୁମ୍ବଇ ଓ କର୍ଣ୍ଣାଟକ ମଧ୍ୟରେ ହେବାକୁ ଥିବା କ୍ୱାର୍ଟର ଲଢ଼େଇ ବେଶ୍ ସଂଘର୍ଷପୂର୍ଣ୍ଣ ରହିବ ବୋଲି ଆଶା କରାଯାଉଛି। ଦୃଢ଼ ବ୍ୟାଟିଂ ଲାଇନଅପ୍‌କୁ ନେଇ ଦୁଇଦଳ ବେଶ୍ ଶକ୍ତିଶାଳୀ ରହିଛନ୍ତି। ଦେବଦତ୍ତ ପାଡିକଲଙ୍କ ନେତୃତ୍ୱାଧୀନ କର୍ଣ୍ଣାଟକ ଦଳରେ ଲୋକେଶ ରାହୁଲ, ମୟଙ୍କ ଅଗରୱାଲ, କରୁଣ ନାୟାର, ସ୍ମରଣ ରବିଚନ୍ଦ୍ରନ ଭଳି ଦକ୍ଷ ବ୍ୟାଟର ମୁମ୍ବଇ ବୋଲରଙ୍କୁ କଡ଼ା ଟକ୍କର ଦେବାକୁ ପ୍ରସ୍ତୁତ। ସେହିଭଳି ଶାର୍ଦ୍ଦୁଳ ଠାକୁର ଓ ଯଶସ୍ୱୀ ଜୟସ୍ୱାଲ ମୁମ୍ବଇ ଦଳରେ ସାମିଲ ହୋଇଛନ୍ତି। ଶାର୍ଦ୍ଦୁଳଙ୍କୁ ନେତୃତ୍ୱ ଭାର ମଧ୍ୟ ଦିଆଯାଇଛି। ଦଳରେ ଅନ୍ୟମାନଙ୍କ ମଧ୍ୟରେ ସର୍ଫରାଜ ଖାନ, ମୁସିର ଖାନ, ସିଦ୍ଧେଶ ଲାଡ, ସାମ୍ସ ମୁଲାନୀ, ତୁଷାର ଦେଶପାଣ୍ଡେ ପ୍ରମୁଖ ରହିଛନ୍ତି।

### ୧୯ ବର୍ଷରୁ କମ୍ ବିଶ୍ୱକପ୍ କ୍ରିକେଟ

# ଭାରତ-ଇଂଲଣ୍ଡ ଫାଇନାଲ ଆଜି

ହରାରେ, ୫ା୨ (ଏଜେନ୍ସି):

ଭାରତ ଓ ଇଂଲଣ୍ଡ ମଧ୍ୟରେ ୨୦୨୬ ସଂସ୍କରଣର ୧୯ ବର୍ଷରୁ କମ୍ ବିଶ୍ୱକପ୍ କ୍ରିକେଟ ଫାଇନାଲ ମୁକାବିଲା ଆସନ୍ତାକାଲି ସ୍ଥାନୀୟ ସ୍ପୋର୍ଟ୍ସ କ୍ଲବ୍ ପରିସରରେ ଖେଳାଯିବ। ଫଳରେ ଆସନ୍ତାକାଲି ଭବିଷ୍ୟତ ବିଶ୍ୱଚାମ୍ପିଅନ କିଏ ହେବେ ତାହା ସ୍ପଷ୍ଟ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ଗତକାଲି ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଭାରତ ୭ ୱିକେଟରେ ଆଫଗାନିସ୍ତାନକୁ ପରାସ୍ତ କରିଥିଲା। ପୂର୍ବରୁ ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ସେମିରେ ଇଂଲଣ୍ଡ ୨୭ ରନ୍‌ରେ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆକୁ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଭାରତ ଓ ଇଂଲଣ୍ଡ ମଧ୍ୟରେ ଟାଇଟଲ ମୁକାବିଲା ଏଠାରେ ଫେବୃଆରୀ ୬ ତାରିଖ ଶୁକ୍ରବାର ଖେଳାଯିବ।

ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ୧୦ଥର ଫାଇନାଲ ଖେଳିଛି। ଏଠାରେ ମଧ୍ୟ ଭାରତ କ୍ରମାଗତ ଷଷ୍ଠଥର ସକାଶେ ଫାଇନାଲରେ ପ୍ରବେଶ କରିଛି। ଚଳିତ ସଂସ୍କରଣକୁ ମିଶାଇ ମୋଟରେ ୧୦ଥର ଫାଇନାଲରେ ପ୍ରବେଶ କରିଥିବା ଭାରତ ୫ଥର ଟାଇଟଲ ଜିତିବାରେ ସମର୍ଥ ହୋଇଛି। ଅନ୍ୟପକ୍ଷରେ ସିନିଅର ଦଳ ଭଳି ଇଂଲଣ୍ଡ ମଧ୍ୟ ଥରେ ବିଶ୍ୱକପ୍‌ରେ ଚାମ୍ପିଅନ ହୋଇଛି। ଚଳିତଥର ଦଳରେ କିଛି ଦମ୍‌ଦାର ଖେଳାଳି ରହିଛନ୍ତି ଓ ସେମାନେ ଯୁବ ପିଢ଼ିର ଆଶା ଓ ଆଶଙ୍କା ପୂରଣ କରିବେ ବୋଲି ଆଶା କରାଯାଉଛି।




**ଖେଳ ଆରମ୍ଭ : ଦିନ ୧ଟା**

**ପ୍ରସାରଣ : ଷ୍ଟାର୍‌ସ୍ପୋର୍ଟ୍ସ ନେଟ୍‌ୱର୍କ**

**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**

ଏହି ଟୁର୍ଣ୍ଣାମେଣ୍ଟରେ ଉଭୟ ଦଳ ଭଲ ଖେଳ ପ୍ରଦର୍ଶନ କରିଛନ୍ତି। ବିଶେଷକରି ଶେଷ ୫ଟି ମୁକାବିଲାରେ ଉଭୟ ଦଳ ବିଜୟୀ ହୋଇଛି। ଏଭଳି ସ୍ଥିତିରେ କିଛି ଶ୍ରେଷ୍ଠ ଖେଳାଳିଙ୍କଠାରୁ ଶ୍ରେଷ୍ଠ ଆଶା କରିବା ସ୍ୱାଭାବିକ୍। ଭାରତୀୟ ଦଳରେ ଏକାଧିକ ପ୍ରଭାବଶାଳୀ ଖେଳାଳି ଥିଲେ ମଧ୍ୟ ୨୬୪ ରନ୍ କରିଥିବା ବୈଭବ ସୂର୍ଯ୍ୟବଂଶୀ ସମସ୍ତଙ୍କ ନଜରରେ ରହିଛନ୍ତି। ତାଙ୍କୁ ଆଉଟ କରିବା ଅର୍ଥ ଅଧା ମ୍ୟାଚ୍‌କୁ କବ୍‌ଜା କରିବା। ଓପନର ଆରୋନ ଜର୍ଜ, ଉପଅଧିନାୟକ ବିହାନ ମାଲହୋତ୍ରା, ବେଦାନ୍ତ ତ୍ରିବେଦୀ ପ୍ରମୁଖ ରହିଛନ୍ତି। ଟେଲଏଣ୍ଡରେ ମଧ୍ୟ ବ୍ୟାଟିଂ ଭଲ ରହିଛି। ବୋଲିଂରେ ସ୍ପିନର ହେନିଲ ପଟେଲ ୧୪ଟି ଓ ଖିଲନ ପଟେଲ ୧୨ଟି ୱିକେଟ ପାଇ ଶୀର୍ଷରେ ରହିଛନ୍ତି। ଇଂଲଣ୍ଡର ଅଧିନାୟକ ଜେମ୍ସ ରିଉ ଭଲ ପ୍ରଦର୍ଶନ କରିଛନ୍ତି। କିନ୍ତୁ ବ୍ୟାଟିଂରେ ବେନ୍ ମାୟେସ୍ ଓ ବେନ୍ ଡାୱକିନ୍ସ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ମାୟେସ ୩୯୯ ଓ ଡାୱକିନ୍ସ ୩୩୦ ରନ୍ କରିଛନ୍ତି। ବୋଲିଂରେ ମ୍ୟାନି ଲୁମ୍ସଡେନ୍ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୧୫ଟି ୱିକେଟ ନେଇ ପ୍ରଭାବ ବିସ୍ତାର କରିଛନ୍ତି। ୧୪ଟି ୱିକେଟ ନେଇ ଫରହାନ ଅହମ୍ମଦ ଦ୍ୱିତୀୟ ବୋଲରଭାବେ ଇଂଲଣ୍ଡକୁ ବେଶ ସହାୟତା ଦେଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଭାରତର ବ୍ୟାଟିଂ ଓ ଇଂଲଣ୍ଡର ବୋଲିଂ ବେଶ ପ୍ରଭାବଶାଳୀ ସାବ୍ୟସ୍ତ ହୋଇଛି। ଆସନ୍ତାକାଲି ଅପରାହ୍ଣ ୧ଟା ରୁ ଏହି ମୁକାବିଲା ଆରମ୍ଭ ହେବ।

## ସଚିବାଳୟ କ୍ୟାରମ ପ୍ରତିଯୋଗିତା ଉଦ୍‌ଯାପିତ



ଭୁବନେଶ୍ୱର, ୫ା୨ (ସମିସ): ଆୟୋଜକ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଚଳିତବର୍ଷର ସଚିବାଳୟ କ୍ୟାରମ୍ ପ୍ରତିଯୋଗିତାରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ପାନୀୟ ଜଳବିଭାଗ ପ୍ରଥମ ଉପବିଜେତା, କୃଷି ଓ କୃଷକ ବିଭାଗ ଦ୍ୱିତୀୟ ରନର୍ସଅପ୍ ହୋଇଛି। ସଚିବାଳୟର ୧୯ଟି ବିଭାଗରୁ ୮୦ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ଶେଷରେ ସଚିବାଳୟ ସାଂସ୍କୃତିକ ପରିଷଦର ଉପଦେଷ୍ଟା ବିପିନ ବିହାରୀ ହାଁସ୍‌ଦା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ବିଜେତାମାନଙ୍କୁ ଟ୍ରଫି, ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

■ ଆଇପିଏଲ୍‌ରୁ ବିଦା; ପିଏସ୍‌ଏଲ୍‌ରେ ୨ କୋଟି

## ଲାହୋର ପାଇଁ ଖେଳିବେ ମୁସ୍ତାଫିଜୁର

ଲାହୋର, ୫ା୨ (ଏଜେନ୍ସି): ସୁରକ୍ଷାଜନିତ କାରଣ ଦର୍ଶାଇ ବାଂଲାଦେଶର ଅଭିଜ୍ଞ ବାମହାତୀ ଦ୍ରୁତ ବୋଲର ମୁସ୍ତାଫିଜୁର ରହେମାନଙ୍କୁ ଆଇପିଏଲ୍‌ରୁ ବିଦା କରାଯାଇଥିଲା। ଯାହାକୁ ନେଇ ଆଗାମୀ ଟି-୨୦ ବିଶ୍ୱକପ୍‌ରେ ଏକାଧିକ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ପ୍ରଥମେ ବାଂଲାଦେଶ ବିଶ୍ୱକପ୍ ନ ଖେଳିବା ଲାଗି ନିଷ୍ପତ୍ତି ନେଇଥିଲା। ଏବେ ଭାରତ ବିପକ୍ଷ ଗ୍ରୁପ ମ୍ୟାଚ୍ ନ ଖେଳିବା ଲାଗି ପାକିସ୍ତାନ ମଧ୍ୟ ଘୋଷଣା କରିସାରିଛି। ଏପରିସ୍ଥିତିରେ ମୁସ୍ତାଫିଜୁରଙ୍କୁ ପାକିସ୍ତାନ କ୍ରିକେଟ୍ ଲିଗ୍ (ପିଏସଏଲ)ରେ ଖେଳିବାର ସୁଯୋଗ ମିଳିଛି। ପିଏସ୍‌ଏଲ୍‌ର ଲାହୋର କ୍ୱାଲାଣ୍ଡର୍ସ ଫ୍ରାଞ୍ଚାଇଜ ୨.୩୦ ଲକ୍ଷ ଡଲାର (ଭାରତୀୟ ମୁଦ୍ରାରେ ୨ କୋଟି ୭ ଲକ୍ଷ)ରେ ରହେମାନଙ୍କୁ ନିଜ ଦଳରେ ସାମିଲ କରିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS